ଅସ୍ୱୀକୃତ ହୋଇ କଲେକ୍ଟର ସାହେବଙ୍କ ନିକଟରେ ଦରଖାସ୍ତ କରିବାରୁ କଲେକ୍ଟର ତାହାକୁ ବନ୍ଦୋବସ୍ତ ଜମାରେ ପଟ୍ଟାଦେବାକୁ ଆଜ୍ଞାଦେଲେ ଏବଂ ତହିଁର ଏହି ହେତୁ ଦର୍ଶାଇଲେ ଯେ ପ୍ରକୃତ ଦଖଲକାର ବ୍ୟକ୍ତିକୁ ରଇତ ସ୍ୱରୂପ ଗ୍ରହଣ କରିବାର ସାଧାରଣ ନିୟମ ବର୍ତ୍ତମାନ ବନ୍ଦୋବସ୍ତରେ ପ୍ରଚଳିତ ହୋଇଅଛି ଏବଂ ସ୍ୱହରର ଘରବାଡ଼ି ଜମିପ୍ରତି ଆ ୧୦ ଇନ ନ-ଅଟିବାରୁ ଦଖଲୀ ସ୍ୱତ୍ୱ ହୋଇ ନ ପାରେ ସୁତରାଂ ଉକ୍ତ ସ୍ୱତ୍ୱ ଉପରେ କେହି ଦାବୀ ସ୍ଥାପନ କରି ପାରିବ ନାହିଁ । ଏହା ବୋଲି ସେ ସିକମୀ ରଇତର ଦଖଲୀ ଜମିକୁ ତାହାକୁ ପଟ୍ଟାଦେଇ ତାହାର ଉପରସ୍ଥ ପଟ୍ଟାଦାରର ପଟ୍ଟାରୁ ସେ ଜମିକୁ ମିହା ଦେଲେ । ପଟ୍ଟାଦାର କମିଶ୍ନରରେ ଅପିଲ କଲେ ଏବଂ କମିଶ୍ନର ବିଗତ କଲେ କି ଗତ ବନ୍ଦୋବସ୍ତ ସମୟରୁ ପଟ୍ଟାଦାର ମାଲିକ ସ୍ୱରୂପ ରେଜିଷ୍ଟରରେ ଦର୍ଜ ଥିବାରୁ ତାହାର ସ୍ୱତ୍ୱ ଏପରି ଉପେକ୍ଷିତ ହୋଇ ନ ପାରେ । ସମସ୍ତ ଜମିର ପଟ୍ଟା ତାହାକୁ ଦିଆଯିବ କିନ୍ତୁ ସିକମୀ ରଇତ କେତେ ଖଜଣା ଦେବ ତାହା ନିର୍ଣ୍ଣୟ କରିଦେବା କଲେକ୍ଟରସାହେବଙ୍କର ଅଧିକାର ଅଛି ଏବଂ ତାହା ସେ ବର୍ତ୍ତମାନ କରିବେ ।

ଆମ୍ଭେମାନେ ପୁନଃପୁନ ଯାହା କହିଆସିଅଛୁଁ କି ସିକମୀ ପ୍ରଜାମାନେ କେତେ କରଦେବେ ତାହା ବନ୍ଦୋବସ୍ତ କର୍ତ୍ତାଙ୍କର ସ୍ଥିର କରିବା ଉଚିତ ଥିଲା ଅର୍ଥାତ୍ ଯେଉଁ ଜମି ଉପରେ ଯେତେ କର ବନ୍ଦୋବସ୍ତକର୍ତ୍ତା ଉଚିତ ବୋଲି ଧାର୍ଯ୍ୟକଲେ ତାହା ପ୍ରକୃତ ଦଖଲକାର ଦେବ ବୋଲି ନିୟମ କରି ତହିଁର ଉପରସ୍ଥ ପଟ୍ଟାଦାରର ଯେ ସ୍ୱତ୍ୱ ସ୍ଥିର କରନ୍ତେ ତଦନୁସାରେ ତାହାକୁ ମାଲିକାନା କାଟିଦେଇ ଅବଶିଷ୍ଟ ଟଙ୍କା ସରକାରର ପ୍ରାପ୍ୟ ବୋଲି ସ୍ଥିର କରିଥାନ୍ତେ । କମିଶ୍ନରସାହେବ ଏତେବେଳେ ସେହିକଥା ବୁଝି ସୁଦ୍ଧା ତହିଁରେ କିଞ୍ଚିତ ଗୋଳ ଲଗାଇ ଦେଇ ଅଛନ୍ତି । ତାହାଙ୍କର ଅଭିପ୍ରାୟ ଏହିପରି ଜଣାଯାଏ ଯେ ଚୌହଦୀ ନିରଖ ଅନୁସାରେ ଦଖଲକାର ବ୍ୟକ୍ତି କି ଯାହାକୁ ସାହେବ ପ୍ରଶଂସିତ ସିକମୀ ପ୍ରଜା କହୁ ଅଛନ୍ତି ଯେତେ ଖଜଣା ଦେବାର ସ୍ଥିର ହୋଇଅଛି ତହିଁରୁ ସେ କିଛି ଅଧିକ ଦେବ ଯେ ଉକ୍ତ ଅଧିକା ଟଙ୍କା ତାହାର ଉପରସ୍ଥ ପଟ୍ଟାଦାର ମାଲିକାନା ସ୍ୱରୂପ ପାଇବ ଅଥଚ ସେ କି ପ୍ରକାର ମାଲିକ ଓ ତାହାର କେତେ ମାଲିକାନା ପାଇବାର ଉଚିତ ତାହା କିଛି ନିର୍ଦ୍ଦେଶ କରି ନାହାନ୍ତି । ସବୁ ବନ୍ଦୋବସ୍ତରେ ପଟ୍ଟାଦାରର କି ସ୍ୱତ୍ୱ ଥିଲା ଓ ତାହା ବର୍ତ୍ତମାନ ବନ୍ଦୋବସ୍ତରେ କିଛି ଏବଂ କି ପରିମାଣରେ ପରିବର୍ତ୍ତିତ ହୋଇଅଛି କି ନା ଏ ସମସ୍ତ କମିଶନର ସାହେବ ବିଗତ କରି ସମ୍ପୂର୍ଣ୍ଣ ନିଷ୍ପତ୍ତି କରି ଦେଇଥିଲେ ଅନେକ ଭ୍ରମ ନିବୃତ୍ତ ହୋଇଥାନ୍ତା । ପରନ୍ତୁ କମିଶନର ସାହେବଙ୍କର ଉକ୍ତ ବିଗତ ସାଧାରଣ ବିବେଚନାରେ ଉଚିତ ହେଉ କି ନ ହେଉ ଅନ୍ତତଃ ଯେତେବେଳେ ସେ ଜାଣିଲେ ଯେ ଏହି ଏହି ପରିମାଣରେ ବନ୍ଦୋବସ୍ତ ଅନ୍ୟାୟ ବା ଦୋଷଯୁକ୍ତ ହୋଇଅଛି ସେତେବେଳେ ସକଳ ସ୍ଥଳରେ ତାହା ସଂଶୋଧନ କରିବା କାରଣ କଲେକ୍ଟର ସାହେବଙ୍କ ପ୍ରତି ଆଦେଶ ଦେବାର ଉଚିତ ଥିଲା ତାହା ନ କରିବାରୁ ଅନର୍ଥକ ଏପ୍ରକାର ସମସ୍ତ ବ୍ୟକ୍ତିଙ୍କୁ ମୋକଦ୍ଦମା କରିବା କାରଣ ସେ ବାଧିତ କରୁଅଛନ୍ତି ଏବଂ ଏହା ଯେ ଅତ୍ୟନ୍ତ କ୍ଳେଶକର ଏବଂ ଅନ୍ୟାୟ କାର୍ଯ୍ୟ ତାହା ବୋଲିବା ବାହୁଲ୍ୟ ଅଟଇ ।

# ସାପ୍ତାହିକସଂବାଦ ।

ଗତ ବୁଧବାର ଗଡ଼ଜାତର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସ ମୟୂରଭଞ୍ଜରୁ ଏ ନଗରକୁ ପ୍ରତ୍ୟାଗମନ କରିଅଛନ୍ତି ।

କନ୍ଧା ତହସିଲଦାରଙ୍କ ମୋକଦ୍ଦମା ଗତ ସୋମବାର ତରଫେସ ହୋଇ କେବଳ ପ୍ରାଣକୃଷ୍ଣ ବାବୁ ଡେପୁଟୀଙ୍କ ଜୋବାନବନ୍ଦୀ ହୋଇ ଆଗାମୀ ତା ୨୭ ରିଖ ପର୍ଯ୍ୟନ୍ତ ମୂଲତବ ରହିଲା । ମୁଦେଇ ପକ୍ଷର ଆଉ ଏକଜଣ ଗୁହା ଜୋବାନବନ୍ଦୀ ହେବାର ଅଛି । ସେ ହାଜର ନ ହେବା ମୂଲତବର କାରଣ ଅଟଇ । ଯେପରି ଧରମ୍ ପକ୍ଷର ଅଧିକ ଟଙ୍କା ଖର୍ଚ୍ଚ ହେବ ତହିଁର ସମସ୍ତ ଉପାୟ ହୋଇଅଛି ।

କଥିତ ହୁଅଇ ଯେ ମଧ୍ୟ ପ୍ରଦେଶର ପ୍ରଧାନ କମିଶ୍ନର ମରିସ ସାହେବ ଅଗାମୀ ବର୍ଷ କର୍ମ ତ୍ୟାଗ କରି ପେନସନ ନେବେ ଏବଂ ଆସାମର ପ୍ରଧାନ କମିଶ୍ନର ଇଲିଅଟ ସାହେବ ଉକ୍ତ ପଦରେ ନିଯୁକ୍ତ ହେବେ ।

ସିମଲାର ସରକାରୀ କଚେରିମାନ ଟେଲିଫୋନ ଯନ୍ତ୍ରଦ୍ୱାରା ସଂଯୁକ୍ତ ହେବାରୁ କାର୍ଯ୍ୟର ବଡ଼ ସୁବିଧା ହୋଇଅଛି । କଚେରିମାନ ପରସ୍ପରଠାରୁ ଦୂରରେ ଅବସ୍ଥିତ ହୋଇଥିଲେ ସୁଦ୍ଧା ଏହି କଳଦ୍ୱାରା ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଚଳୁଅଛି ।

ଭାରତବର୍ଷରେ ଗତବର୍ଷ ଶେଷ ପର୍ଯ୍ୟନ୍ତ ୧୮୨୦୯ ମାଇଲ ତାରଡାକ ବସିଥିଲା । ଏହି ସମୟ ପର୍ଯ୍ୟନ୍ତ ଇଂଲଣ୍ଡରେ ୨୩୧୪୭ ରୁଷିଆରେ ୪୭୧୭୦ ଏବଂ ଆମେରିକାରେ ୫୩୧୪୪୯୯୧ ମାଇଲ ତାରଡାକ ବସିଥିଲା ବୋଲି ଦେଖ

…ନିପରିମାଣ ଉନ୍ନତ ଲାଭ କରିଅଛି ଏଥିରୁ ପାଠକମାନେ ଅନୁମାନ କରନ୍ତୁ ।

ବାଲ୍ୟ ବିବାହ ନିବାରଣ ଉଦ୍ଦେଶରେ ପୁନା ନଗରରେ ଗୋଟିଏ ସଭା ସଂସ୍ଥାପିତ ହୋଇଅଛି । ସେଠାର ଉନ୍ନତ ହିନ୍ଦୁମାନେ ଏହାର ନେତା ଅଟନ୍ତି । ଏପରି ସମାଜ ଯେତେ ଅଧିକ ଏବଂ ଯେତେ କୃତକାର୍ଯ୍ୟ ହେବ ଭାରତବର୍ଷର ସେତେ ମଙ୍ଗଳ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଆଜ୍ଞା କ୍ରମେ ଏକାଉଣ୍ଟାଣ୍ଟ ଜେନରଲଙ୍କ ଅଧୀନ ଭିନ୍ନ ମହକୁମାର କର୍ମଚାରୀଙ୍କ ସଂଖ୍ୟା ବିସ୍ତର ଊଣା ହେଉଅଛି । ଏକାଉଣ୍ଟାଣ୍ଟ ଜେନରଲ ସମସ୍ତଙ୍କର ଦାନ୍ତ କାଟୁଥାନ୍ତି ତାହାଙ୍କ କଚେରୀର କର୍ତ୍ତନ ଶୁଣିବାକୁ ସୁଖକର ଅଟଇ ।

ଅଲଟଇସ୍ପାରେ ଅରବମାନେ ଟେଲିଗ୍ରାଫ୍ ଇନ୍ସପେକ୍ଟର ବ୍ରନ୍ସାର୍ଡ ଏବଂ ଜ ୨୭ ଣ ଲୋକଙ୍କୁ ହତ୍ୟା କରିଅଛନ୍ତି । ଏପରି ଦୁଷ୍କର୍ମର କାରଣ କିଛି ଜଣାଯାଇ ନାହିଁ ।

ହୟାତ ଖାନଙ୍କ ମୋକଦ୍ଦମା ଗବର୍ଣ୍ଣମେଣ୍ଟ ଇଣ୍ଡିଆରୁ ନିଷ୍ପତ୍ତି ହୋଇଅଛି । ତହିଁର ଫଳ ଏହି କି ହୟାତ ଖାନଙ୍କ ଉପରେ ଯେଉଁ ଅଭିଯୋଗମାନ ହୋଇଥିଲା କମିଶ୍ନରଙ୍କ ବିବେଚନାରେ ତାହା ଅମୂଲକ ନ ଥିବାରୁ ସନ ୧୮୫୧ ସାଲର ୩୭ ଆଇନହାସ କମିଶ୍ନରମାନେ ନିଯୁକ୍ତ ହୋଇ ବିଧିମତ ଉକ୍ତ ମୋକଦ୍ଦମାର ବିଗତ କରିବେ । ସୁତରାଂ ହୟାତ ଖାନଙ୍କ ଦୁର୍ଦ୍ଦଶା ମୋଚନ ହେଲା ନାହିଁ ।

ବରିଶାଲର ବ୍ରାହ୍ମସମାଜ ବ୍ରାହ୍ମଧର୍ମ ପ୍ରଚାର ବିଷୟରେ ଗୋଟିଏ ଅଭିନବ କାର୍ଯ୍ୟ କରିଅଛନ୍ତି । ଗତମାସ ତା୧୪ରିଖରେ ଉକ୍ତ ସଭାର ସମ୍ପାଦକ ବାବୁ ଚଣ୍ଡିଚରଣ ସେନ୍ ଦୁଇଜଣ ପ୍ରଚାରକ ନିଯୁକ୍ତ କଲେ ଯଥା ଏକଜଣ ବାବୁ କାଳୀମୋହନ ଦାସ ଏବଂ ଅନ୍ୟଜଣ ଶ୍ରୀମତୀ ମନୋରମା ମଜୁମଦାର ଏଥିପୂର୍ବେ କୌଣସି ସ୍ତ୍ରୀ ଧର୍ମପ୍ରଚାର କାର୍ଯ୍ୟରେ ନିଯୁକ୍ତ ହୋଇ ନ ଥିଲେ ।

ଲାହୋର ବନ୍ୟାରୁ ରେଲ୍ୱେ ଯାଇଥିବା ଟ ୩୫୦୦୦ ଙ୍କା ମଧ୍ୟରୁ ଟ ୨୩୦୦ ଙ୍କା ପ୍ରାପ୍ତ ହୋଇଅଛି ଏବଂ ଆଉ କିଛି ଟଙ୍କା ମିଳିବାର ସମ୍ଭାବନା ଅଛି । ମାତ୍ର ସମସ୍ତ ଆଦାୟ ହେବ ନାହିଁ ।

ଟିକାର ରାଜ ମୋକଦ୍ଦମାରେ ମୁଦାଲା ପକ୍ଷରୁ ୬୨୦୦ଣ ଗୁହାର ଉପମନବସ୍ ଦାଖଲ ହୋଇଅଛି । ଏହିପରି ମୋକଦ୍ଦମାରେ ଯେତେ ଲୋକର ଲାଭ ଅଛି ତାହା କୋଷ ଯାଇ ନ ପାରେ ।

ଇଡ଼ୱାର୍ଡ ଫିଲ୍ଡଙ୍କ ଚିତ୍ରପଟ ଏଥିମଧ୍ୟରେ ଜଣେ ଶିଳ୍ପକର ପ୍ରସ୍ତୁତ କରିବାରୁ ପାର୍ଲିମେଣ୍ଟର ଜଣେ ମେମ୍ବର ସ୍ମିଥସାହେବ ତାହା ୬୦ ହଜାର ଟଙ୍କାରେ କ୍ରୟ କରିଅଛନ୍ତି । ଖଣ୍ଡିଏ ଚିତ୍ରପଟର ମୂଲ୍ୟ ଏତେ ତହିଁରେ କେତେ ଶିଳ୍ପକୌଶଳ ହୋଇ ନ ଥିବ ।

ଭରତପୁରର ଠାକୁର କି ସେ ସମ୍ପ୍ରତି ଜ, ସି, ଏସ୍ ଆଇ ପଦ ପାଇ ଅଛନ୍ତି ଏବଂ ତାହାଙ୍କର ବୟସ କେବଳ ୨୩ବର୍ଷ ଅଟଇ ଏଥିମଧ୍ୟରେ ଉନ୍ନତପ୍ରକାରର ବଦାନ୍ୟତା ପ୍ରକାଶ କରି ସୁଖ୍ୟାତ ଅର୍ଜନ ଅଛନ୍ତି । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଭରତପୁରଠାରୁ ସ୍ୱଜକୋଟକୁ ଗୋଟିଏ ରେଲବାଟ ନିର୍ମାଣ କରିଅଛନ୍ତି ଏବଂ ତହିଁରେ ସ୍ୱଚ୍ଛକୋଟଠାରେ ଯେଉଁ ସଙ୍ଖ ନିର୍ମାଣ କରିଅଛନ୍ତି ଏହା ତହିଁର ବ୍ୟୟ ଟ ୧୧୨୦୦୦ ଙ୍କା ଅଟଇ ।

ମେଦିନୀପୁର ଜିଲ୍ଲାରେ ଜଲଜୁର ଏକଜଣ ପ୍ରଜା ଉପରେ ଅତ୍ୟନ୍ତ ଅତ୍ୟାଚାର କରିଥିବାରୁ ତହିଁର ନାଲିଶ ଦାଏର ହୋଇ ମକଦ୍ଦମା ବିଚାରାଧୀନରେ ଅଛି । ମାଲିକର ଜଣେ

Split by PDF Splitter

Digitized by srujanika@gmail.com

Split by PDF Splitter



## ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ବରାବରେଷୁ!

ମହାଶୟ !

କିଛିଦିନ ପୂର୍ବେ ଦଗ୍ଧବୃଦ୍ଧି ଯୋଗେ ଆମ୍ଭର ଉଦରାଦ ପୀଡ଼ା ଉତ୍ପନ୍ନ ହୋଇ ଅତ୍ୟନ୍ତ ବ୍ୟଥା ଜନ୍ମାଇ ଥିଲା ଆମ୍ଭେ କଟକ ଉତ୍କଳ ଆୟୁର୍ବେଦୀୟ ଔଷଧାଳୟର ଚିକିତ୍ସକ ଏବଂ ତତ୍ତ୍ୱାବଧାରକ ପଣ୍ଡିତ ତ୍ରିପାଠିଙ୍କ ନିକଟକୁ ରୋଗର ଲକ୍ଷଣ ପତ୍ରଦ୍ୱାରା ଲେଖିବାରୁ ସେ ବିଚାରପୂର୍ବକ ଅର୍କ ଓ ତୈଳ ପଠାଇ ତହିଁର ସେବନ ବିଧି ଯେପ୍ରକାର ଲେଖିଥିଲେ ତଦନୁସାରେ ବ୍ୟବହାର କରିବାରୁ ଆମ୍ଭେ ଅଳ୍ପଦିନ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲୁଁ । ଆଉ ସେ ଅର୍କଦ୍ୱାରା ବିଶେଷ କ୍ଷୁଧା ବୃଦ୍ଧି ହୋଇ ଓ ଆହାରାଦି ପରିପାକ ଏବଂ ଶରୀର ସ୍ୱାସ୍ଥ୍ୟ ହେଲା ।

ଏକ ବାଳକ ଗରିଷ୍ଟ ଅତି ସାର ରୋଗରେ ଅତିଶୟ ଦୁର୍ବଳ ହେବାରୁ ତାହାର ପିତାମାତା ବିଶେଷ କାତର ହୋଇ ଆମ୍ଭଙ୍କୁ ଜଣାଇବାରେ ଆମ୍ଭେ ଉକ୍ତ ବୈଦ୍ୟଙ୍କ ନିକଟକୁ ଲେଖିଲୁଁ । ସେ ପଠାଇବା କୁମୁଦାକର ବଟିକା ତାଙ୍କ ଲିଖିତ ଅନୁପାନାଦି ଅନୁସାରେ ସେବନ କରାଇବାରୁ ଦୁଇ ତିନିଦିନ ମଧ୍ୟରେ ସେ ପିଲା ଆରୋଗ୍ୟ ଲଭିଲା । ଏପରି ଅନ୍ୟାନ୍ୟ ରୋଗୀଙ୍କ ପାଇଁ ମଧ୍ୟ ଏହିଠାରୁ ଔଷଧ ଅଣାଇବାରେ ସେମାନଙ୍କର ରୋଗ ଉତ୍ତମରୂପେ ଉପଶମ ହୋଇଅଛି ।

କ । ପଟ୍ଟଥା

୫।୭।୮୯ ଶ୍ରୀ ରାଜେ ଦିବ୍ୟସିଂହ ଦେବ

---

ମହାଶୟ !

ମୟୂରଭଞ୍ଜପତ୍ରିକାରେ ପଶୁହିଂସା ମହାପାପ ମତ୍ସ୍ୟମାଂସ ନିଷେବଣ କଲେ ନୂତନ ସେଥିରୁ ରୋଗମାନେ ହୁଅନ୍ତି ବିଧବାମାନେ ଆମିଷ ତ୍ୟାଗ କରିବାରୁ ନିରୋଗ ଶତାୟୁଷ୍ୟ ହୁଅନ୍ତି ବୋଲି ପୁନଃ୨ ଲେଖୁଛନ୍ତି !!! ଖାଦ୍ୟପଶୁମାନଙ୍କୁ ମାରିବାରେ ଯଦି ପାପ ଲାଗେ ପୂର୍ବକାଳର ଋଷିମାନେ ମାଂସ ଭକ୍ଷଣ କଲେ ପରି ମହାଧାର୍ମିକ ହେବା ଶ୍ରୀରାମ ଲକ୍ଷ୍ମଣ ମଧ୍ୟ ଆମିଷ ଭକ୍ଷଣ କଲେ ପରି ରାମାୟଣ ମହାଭାରତାଦି ପୁରାଣମାନଙ୍କରେ କିଆଁ ଲେଖିଅଛନ୍ତି ଶ୍ରାଦ୍ଧଯୋଗ୍ୟ ଆମିଷ ବୋଲି ମଧ୍ୟ ଲେଖିଅଛନ୍ତି । ହତଶ୍ରାଦ୍ଧଂ ନିରାମିଷଂ ଅଥଚ ଜୀବହିଂସା ଅକର୍ତ୍ତବ୍ୟ ବୋଲିବା ସ୍ଥାବର-ଜଙ୍ଗମ ଦ୍ୱିବିଧଜୀବ, ଉଦ୍ଭିଜ୍ଜସ୍ତରୁଗୁଳ୍ମାଦ୍ୟାଃ ପକ୍ଷିସର୍ପାଦୟୋ ଽଣ୍ଡଜାଃ । ସ୍ୱେଦଜାଃ କୃମିଦଂଶାଦ୍ୟା ନୃଗବାଦ୍ୟା ଜରାୟୁଜାଃ । ଇତି ବଚନାତ୍ ନବଧାନ୍ୟ ଏବଂଚ ବାଗିଣିଆଦି ବୃକ୍ଷମାନଙ୍କର ଜୀବ ଅଛି ସେ ଫଳମାନଙ୍କ ବୀଜଦ୍ୱାରା ଅନେକ ବୃକ୍ଷମାନେ ଜାତ ହୋଇ ପାରନ୍ତି ତାହାଙ୍କୁ କାଟି କୁଟି ଘୋଟି ମନୁଷ୍ୟମାନେ ଯାହା ଖାଉଛନ୍ତି ଜୀବହିଂସା ପାପ ହେଲା ବୋଲିବା କି? ସେହିପରି ଈଶ୍ୱର ନିର୍ମାଣରେ ଖାଦ୍ୟପଶୁମାନଙ୍କୁ କାଟିବାରେ କି ଦୋଷ ଅଛି? ଆମିଷ ଭୋଜନରୁ ରୋଗୋତ୍ପତ୍ତି ବୋଲିବା, ସଦ୍ୟୋବଳକର ହିଣିବାର ବାରତରିଂ ପୟଃ । ଅପିଚ, ଅନ୍ନାଦଷ୍ଟଗୁଣଂ ପୂପଂ ପୂପାଦଷ୍ଟଗୁଣଂ ପୟଃ । ପୟସୋ ଽଷ୍ଟଗୁଣଂ ମାଂସଂ ଇତ୍ୟାଦି ବଚନମାନଙ୍କରୁ ଆମିଷ ରୋଗକର ବୋଲିବାର ଜଣା ନ ଗଲା ।

ବିଧବାମାନେ ନିରାମିଷ ଭକ୍ଷଣରୁ ନିରୋଗୀ ବୋଲି ଯାହା ଲେଖନ୍ତି ସେ ବୃଥା, ପଞ୍ଚଦ୍ରାବିଡ଼ ବ୍ରାହ୍ମଣମାନେ ମଧ୍ୟ ଆମିଷ ନିଷେବଣ ନ କରନ୍ତି ସେମାନଙ୍କୁ ତ କୁଷ୍ଠବୃଦ୍ଧି କ୍ଷୟାଦିରୋଗମାନେ ଜାତ ହେବାର ଦେଖାଯାଉଅଛି ଏ ହେତୁରେ ଆମିଷର ଦୋଷ କିଛି ନାହିଁ ମାତ୍ର ବିଧବା ବୈରାଗୀ ଯତି ସନ୍ନ୍ୟାସିମାନେ ଜିତେନ୍ଦ୍ରିୟ (ଊର୍ଦ୍ଧ୍ୱରେତା) ହେବାରୁ ସେମାନଙ୍କୁ ଶୀଘ୍ରରେ ରୋଗାକ୍ରମଣ କରି ପାରୁ ନାହିଁ, ଇଉରୋପୀୟମାନେ ତ ସଦା ମାଂସାଶୀ ଭାରତବର୍ଷୀୟମାନଙ୍କ ପରି ରୋଗ ପୀଡ଼ା କାହିଁ ମାତ୍ର ଭାରତବାସିମାନେ ମିଥ୍ୟାହାର ମିଥ୍ୟା ବିହାର ବିଶେଷରୂପେ କରନ୍ତି, ବୟଃ ସଂପୂର୍ଣ୍ଣ ନ ହେଉଁ ସ୍ତ୍ରୀ ସଂପର୍କରେ ଜଡ଼ିତ ହୁଅନ୍ତି ଏହି ହେତୁମାନଙ୍କରୁ ରୋଗମାନଙ୍କର ପ୍ରବଳ ନ ଆମିଷର ଦୋଷ କିଛିମାତ୍ର ନାହିଁ ।

ଆମ୍ଭେ ସକଳରୂପେ ଅନୁମାନ କରୁଁ ଯେ ଅମ୍ଭ ଓଡ଼ିୟାମାନେ ଯାହା ନିଠାଇ ଖାଆନ୍ତି, ଯାହା ଆଚରଣ କରନ୍ତି ତାହାଠାରୁ ଅତ୍ୟନ୍ତ ନିନ୍ଦା କରୁଥାନ୍ତି, କିମାଶ୍ଚର୍ଯ୍ୟ ମତଃପରଂ !

ତା ୫ ରିଖ ଜୁନ ମାସ ସନ୧୮୮୯ମସିହା ।

ଯଥାର୍ଥବାଦୀ ଶ୍ରୀ ନାରାୟଣବଡ଼ଯେନାସାନ୍ତ ମଞ୍ଜୁଷାର ହେଡ଼ଦେଓ୍ୱାନ ।

---

## କନ୍ଧମାଳ

(ପୂର୍ବପ୍ରକାଶିତ ଉତ୍ତାରୁ)

ଯେତେବେଳେ ମିଃ ମିଲ୍ସ ସାହେବ ଓଡ଼ିଶାର କମିଶ୍ନର ଥିଲେ ସେତେବେଳେ ବୌଦ ଅନ୍ତର୍ଗତ କନ୍ଧମାଳର ନରବଳୀ ପ୍ରଥା ରହିତ ହେବାର ସୂତ୍ରପାତ ହୁଏ, ବୌଦର ରାଜା କନ୍ଧମାଳ ଶାସନରେ ବିରକ୍ତ ହୋଇ ଇଂରାଜଙ୍କ ହସ୍ତରେ କନ୍ଧମାଳ ଅର୍ପଣ କଲେ । ଅଜ କାଲି ନରବଳି ସମ୍ପୂର୍ଣ୍ଣ ରହିତ ହୋଇଅଛି, ତେବେ ମନୁଷ୍ୟ ପରିବର୍ତ୍ତରେ ପୋଦ୍ଦୁଅ ବଳି ଦେବାର କେତେକ ସ୍ଥାନରେ ଆମ୍ଭେମାନେ ଦେଖୁଅଛୁଁ । ବଳିର ଅପର ନାମ ମେରିୟା । କନ୍ଧମାନେ ପର୍ବତ ଆଉ ଭୂମିକୁ ଦେବତାସ୍ୱରୂପ ପୂଜା କରନ୍ତି ଆଉ ସେମାନଙ୍କର ବିଶ୍ୱାସ ଯେ ଭୂଦେବତା ମେରିୟା ପାଇଲେ ଶସ୍ୟଦାୟିନୀ ହୁଏ । ଲୋକେ ଏହି ମେରିଆକୁ ହଳଦୀ ବିଲରେ ଦିଆ ଯାଉ ଥିବାର ବିଶ୍ୱାସ କରନ୍ତି କିନ୍ତୁ ତାହା ନୁହେ ସବୁପ୍ରକାର ଭୂମିରେ ଦିଆ ଯାଏ । କେହି ନୂତନ ଭୂମି କ୍ରୟ କଲେ ସେଠାରେ ମେରିୟା ଦେବାକୁ ହୁଏ, ତାହା ସେମାନଙ୍କର ରେଜେଷ୍ଟ୍ରି ସ୍ୱରୂପ । ପୂର୍ବେ କନ୍ଧମାଳସ୍ଥ ପାଣମାନେ କନ୍ଧମାଳର ପ୍ରାନ୍ତସୀମାମାନଙ୍କରୁ କୌଣସି୨ ବ୍ୟକ୍ତିଙ୍କୁ ଧରି ଆଣି ମେରିଆସ୍ୱରୂପ ବିକ୍ରୟ କରୁଥିଲେ ପ୍ରାପ୍ତ ନ ହେଲେ ଅଥବା ଟଙ୍କା ଆବଶ୍ୟକ ହେଲେ ଆପଣାର ସନ୍ତାନକୁ ବିକ୍ରୟ କରୁଥିଲେ କନ୍ଧମାନେ ସେହି ମନୁଷ୍ୟକୁ କ୍ରୟ କରି ନେଇ ଆପଣା ଘରେ ଖାଇବାକୁ ଦେଇ ତାକୁ ଦେବତାତୁଲ୍ୟ ମାନ୍ୟ କରନ୍ତେ ଯଦି ସେହି ମନୁଷ୍ୟ କୌଣସି ଲୋକର ସ୍ତ୍ରୀ ସହିତ ପାପାଚାର କରେ ତେବେ ଦୋଷାନ୍ୱିତ ହୁଏ ନାହିଁ । ତାହାଙ୍କୁ କେତେକ ଦିନ ରଖି ମେରିଆ ଦେବାର ଦିନ ନିର୍ଣ୍ଣୟ କରନ୍ତେ, ସେହି ଦିନକୁ ବନ୍ଧୁମାନଙ୍କର ଆମନ୍ତ୍ରଣ ହୁଏ । ସମାରୋହସହିତ ମେରିଆ ମୁଣ୍ଡରେ ତେଲ ତାଳ୨ ସମସ୍ତ ବିଲରେ ତାକୁ ବୁଲାଇ ଆଣି ମେରିଆ ଦେବା ସ୍ଥାନରେ ଉପସ୍ଥିତ କରି ତାହାର ମାଂସ ଜୀବତ ଆଉ୨ କର୍ତ୍ତନ କରି ନଥନ୍ତେ ଆଉ ସେହି ମାଂସ ଆପଣା୨ ଭୂମିରେ ପୋତନ୍ତେ ଏଥିରେ ସେମାନଙ୍କର ନାନାପ୍ରକାର ପ୍ରଚଳିତ ବିଧି ଅଛି ।

କନ୍ଧମାନେ ଦେଖିବାକୁ ବଦାକାର ଆଉ ସବଳକାୟ, ସେମାନଙ୍କର ଖାଦ୍ୟ ପରିଷ୍କାର ନୁହେ ସେମାନେ ମଦ୍ୟପାନାନୁରାଗୀ, ସେମାନଙ୍କର ଗୀତ ନାଚ ଦେଖିଲେ ମନୁଷ୍ୟସମାଜର ଆଦିମ ଅବସ୍ଥାର ଲକ୍ଷଣ ସମସ୍ତ ଲକ୍ଷିତ ହୁଏ, ଯେତେବେଳେ ଆମ୍ଭେମାନେ ସେମାନଙ୍କର ଆଚାର ବ୍ୟବହାର ଦେଖି ଭୂତତ୍ତ୍ୱ ପଣ୍ଡିତମାନଙ୍କୁ ସ୍ମରଣ କରୁଅଛୁଁ ସେତେବେଳେ ଉକ୍ତ ମହାଶୟମାନଙ୍କର ଅନୁସନ୍ଧାନକୁ ଧନ୍ୟବାଦ କରି ମନାନନ୍ଦରେ ମଗ୍ନ ହେଉଅଛୁଁ । କ୍ରମଶଃ

୨୨।୫।୮୯ ବଶମ୍ବଦ

ଶ୍ରୀ ——

☞ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

124

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ ଗ
ସଂ ୨୬ ସଂଖ୍ୟା

ତା ୨୪ ଜୁନ ମାହେ ଜୁନ ସନ ୧୮୮୯ ମସିହ । ମୁ । ଆଷାଢ଼ ଦ ୧୩ ଜ ସନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଁଇ ଡାକମାସୁଲ ଟ ୧୲୵

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ନିଷ୍ପତ୍ତି କରିଅଛନ୍ତି କି ଆଗାମୀ ଅର୍ଥାତ୍ ସନ ୧୮୮୬ ସାଲ ଆରମ୍ଭରେ ବରୋଦାର ଗାଇକୁଆଁର ଆପଣା ରାଜ୍ୟର ଶାସନ ଭାର ଗ୍ରହଣ କରିବେ । ଗାଇକୁଆଁରଙ୍କ ବୟସ ସେ ସମୟରେ ପ୍ରାୟ ବ ୧୯ ବର୍ଷ ହେବ ସେ ସମୟରେ ବରୋଦାରେ ଭାରି ସମାରୋହ ଏବଂ ମହୋତ୍ସବ ହେବ ।

---

ଗତ ସପ୍ତାହରେ ବାୟୁର ଅବସ୍ଥା ଅତ୍ୟନ୍ତ କଷ୍ଟକର ହୋଇଥିଲା । ପୂର୍ବ ସପ୍ତାହର ବୃଷ୍ଟି ଛାଡ଼ିଯିବା ସଙ୍ଗେ ୨ ଗତ ଶନିବାରଠାରୁ ଏମନ୍ତ ରୌଦ୍ର ଏବଂ ଗ୍ରୀଷ୍ମ ହେଲା ଯେ ଲୋକେ ବ୍ୟାକୁଳ ହୋଇଗଲେ । ଏହିପାଞ୍ଚ ଦିନ ଅହୋରୀ ମେଘ ଦେଖାଗଲା ନାହିଁ ଅଣସର ଗୁଳିଗୁଳ ପ୍ରକୃତରୂପେ ଲୋଗ ହେଲା । ସୁଖର ବିଷୟ ଯେ ଏପରି ରୌଦ୍ର କୃଷି ପକ୍ଷରେ ବିଶେଷ ଉପକାର କରିଅଛି ଏବଂ ଆହୁରି ଆନନ୍ଦର ବିଷୟ ଏହି ଯେ ଅଦ୍ୟାପି କୌଣସି ରୋଗର ପ୍ରାଦୁର୍ଭାବ ହୋଇ ନାହିଁ । ଗତ ଗୁରୁବାରଠାରୁ ପୁନର୍ବାର ବୃଷ୍ଟି ଆରମ୍ଭ ହୋଇ ଲୋକଙ୍କର କଷ୍ଟ ଅନେକ ପରିମାଣରେ ନିବୃତ୍ତ କରିଅଛି । ଏଥର ପ୍ରକୃତ ବର୍ଷାକାଳ ଆରମ୍ଭ ହେବାର ବୋଧହେବ ।

---

ସମ୍ପ୍ରତି ବିଦ୍ୟାର ଗତ ପରୀକ୍ଷାର ଫଳ କଲିକତା ଗେଜେଟରେ ବାହାରି ଅଛି । ତହିଁରେ ଦେଖାଗଲା ଯେ ଏଥର ଜ ୩୦ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ତନ୍ମଧ୍ୟରେ କାବ୍ୟରେ ଜ ୧୬ ଣ ଏବଂ ସ୍ମୃତିରେ ଜ ୧୦ ଣ ଅପର ଗୁଇଜଣ ଦର୍ଶନ ଏବଂ ସାଂଖ୍ୟରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ବଡ଼ ସୁଖର ବିଷୟ ଯେ ପୁରୀର ଜଣେ ଛାତ୍ର କାବ୍ୟରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏହାଙ୍କର ନାମ ଯୋଗେନ୍ଦ୍ର ମିଶ୍ର ଅଟଇ ରାଜା ଶ୍ୟାମ ନନ୍ଦ ଦେଙ୍କ ପ୍ରଦତ୍ତ ଟ ୪୦୲ ଙ୍କା ଏବଂ ବାବୁ ଗୌରୀଶ୍ୟାମ ଚୌଧୁରୀଙ୍କ ଟ ୩୦୲ ଙ୍କା ପୁରସ୍କାର ଏହି ମହାଶୟ ପାଇଅଛନ୍ତି ଏବଂ ଏହାଙ୍କର ଶିକ୍ଷକ ଗୋପୀନାଥ ମିଶ୍ର ମଧ୍ୟ ଟ ୫୦୲ ଙ୍କା ପାରିତୋଷିକ ଗବର୍ଣ୍ଣମେଣ୍ଟରୁ ପାଇଅଛନ୍ତି ।

---

ଫରାସୀ ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରିଅଛନ୍ତି କି ଜ ୨ ଣ ଏଦେଶୀୟ ଲୋକଙ୍କୁ ସରକାରୀ ଖର୍ଚ୍ଚାରେ ଉକ୍ତ ରାଜ୍ୟକୁ ନେଇ ଯାଇ ସେଠାରେ କୌଣସି କଲେଜରେ ପଢ଼ାଇବେ ଓ ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଏ ଦେଶ ତଥା ଏ ଦେଶର ସଂଲଗ୍ନ ଅନ୍ୟାନ୍ୟ ଫରାସୀ ଅଧିକୃତ ରାଜ୍ୟରେ ସରକାରୀ କର୍ମରେ ନିଯୁକ୍ତ ହୋଇ ପାରିବେ । ଫରାସୀ ଗବର୍ଣ୍ଣମେଣ୍ଟଙ୍କର ଏ ପ୍ରସ୍ତାବ ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ଏବଂ ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ଏଥିର ଅନୁକରଣ କରିବା ଉଚିତ । ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଏକସମୟରେ ସିଭିଲସରଭିସ ନିମିତ୍ତ ଏପରି ଗୋଟିଏ ପ୍ରସ୍ତାବ କରିଥିଲେ ମାତ୍ର ବୋଧ ହୁଅଇ ସ୍ୱଦେଶୀୟଙ୍କର ଅନ୍ୟାୟ ଅନୁରୋଧରେ ତାହା ଶୀଘ୍ର ଅନ୍ୟଥା କରିଦେଲେ ।

---

ଦଶପଲ୍ଲାର ପ୍ରଜାମାନେ ନୂତନ ଦେବାନ ବାବୁ ମଦନମୋହନ ପଟ୍ଟନାୟକଙ୍କ ପ୍ରତି ଅନୁରକ୍ତ ହୋଇ ନ ଥିବାର ଜଣାଯାଏ କେତେଗୁଡ଼ିଏ ପ୍ରଜା ବର୍ତ୍ତମାନ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଏକ ମାମଲାରେ ଶୁଣାଣି କରିବାକୁ ଆସିଅଛନ୍ତି ଏବଂ ସେମାନେ ଉଭୟ ରାଜା ଏବଂ ଦେବାନଙ୍କ ବିରୁଦ୍ଧରେ କେତେ କଥା କହନ୍ତି । ମୋକଦମାର ବିଚାର ଶେଷ ହେଲେ କାହାର କିଛି ଅବା କି ପରିମାଣରେ ଦୋଷ ଅଛି କି ନାହିଁ ତାହା ଜଣାପଡ଼ିବ । ଆମ୍ଭେମାନେ ଆଶା କରୁଁ କି ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏ ମୋକଦମାକୁ ଉତ୍ତମରୂପେ ବିଚାର କରିବେ ଯେମନ୍ତ କି ପ୍ରକୃତରେ ଦେବାନଙ୍କର ଅବିବେଚନା କିମ୍ବା ପ୍ରଜାଙ୍କର ଅନ୍ୟାୟ ଆଚରଣରୁ ଏକାଣ୍ଡ ହୋଇଅଛି ତାହା ନିର୍ଦ୍ଦିଷ୍ଟରୂପେ ପ୍ରକାଶ ପାଇବ ।

---

ମଇମନସିଂହର ମାଜିଷ୍ଟ୍ରେଟ ଅଲେକଜଣ୍ଡର ସାହେବ ବଡ଼ ପ୍ରତାପୀ ମାଜିଷ୍ଟ୍ରେଟ ଅଟନ୍ତି । ଏକ ମୋକଦମାରେ ସେ ଦୁଇଜଣ ପୁଲିସ ଇନସ୍ପେକ୍ଟରଙ୍କୁ ସରକାରୀ ବହି କାଟକୁଟ କରିବା ଅପରାଧରେ ଦୋଷୀ ସୁପର୍ଦ୍ଦ କରି ଥିଲେ । ସେସନ ଜଜ କର୍ଡ଼ି ସାହେବ ସେମାନଙ୍କୁ ଦଣ୍ଡ ଦେଲେ ମାତ୍ର ହାଇକୋର୍ଟରେ ଅପୀଲ କରି ସେମାନେ ଖଲାସ ପାଇଲେ । ଏଥି ଉତ୍ତାରୁ ସେମାନେ ଆପଣା କର୍ମରେ ନିଯୁକ୍ତ ହେବା କାରଣ ମାଜିଷ୍ଟ୍ରେଟସାହେବଙ୍କ ନିକଟରେ ଦରଖାସ୍ତ ଦେବାରେ ଶ୍ରୀଯୁତ ଅଲେକଜଣ୍ଡର

Digitized by srujanika@gmail.com

Split by PDF Splitter



ସାହେବ ସେମାନଙ୍କର ପ୍ରାର୍ଥନା ଅଗ୍ରାହ୍ୟ କଲେ ଏବଂ ଏହି ସ୍ପଷ୍ଟ ଲେଖିଲେ ଯେ ହାଇକୋର୍ଟର ଜଜମାନେ ମୋକଦ୍ଦମାର ପ୍ରକୃତ ଘଟନାମାନ ବୁଝି ନ ପାରିବାରୁ ସେମାନଙ୍କର ନିଷ୍ପତ୍ତି ଭ୍ରମଯୁକ୍ତ ଅଟଇ । ସୁତରାଂ ତାହା ରଦ କରି ଗଲା । ମାଜିଷ୍ଟ୍ରେଟ ହାଇକୋର୍ଟର ଆଜ୍ଞାକୁ ରଦ କରିବାର ବ୍ୟବସ୍ଥା ଏହି ପ୍ରଥମ ଶୁଣାଗଲା । ଗବର୍ଣ୍ଣମେଣ୍ଟ ଏଥିର କି ବିଚାର କରିବେ ଦେଖା ଯିବ ।

———

ସରକାରୀକର୍ମଚାରୀଙ୍କର ବେତନ କୋଡ଼ିବା ବିଷୟରେ ଗବର୍ଣ୍ଣମେଣ୍ଟ ଗୋଟିଏ ନୂତନ ନିୟମ କରିଥିବାର ହିନ୍ଦୁପେଟ୍ରିଅଟ ଶୁଣି ଅଛନ୍ତି ଉକ୍ତ ନିୟମ ଏହି କି ଯେଉଁ ସରକାରୀ ଚାକର-ଙ୍କର ବେତନ ଟ ୫୦ଙ୍କାରୁ ଊଣା ସେମାନଙ୍କର ବେତନ ଦେବାଣୀ ଅଦାଲତରେ ଉକ୍ତାଜାରି ନିମନ୍ତେ ଆଦୌ କୋରକ ହେବ ନାହିଁ ଏବଂ ଯାହାଙ୍କର ବେତନ ଟ ୫୦ଙ୍କାରୁ ଊର୍ଦ୍ଧ୍ୱ ସେମାନଙ୍କର ବେତନର କେବଳ ଚତୁର୍ଥାଂଶ କୋରକ ହୋଇ ପାରିବ । ଏ ନିୟମ ପ୍ରଚଳିତ ହେଲେ ଋଣଗ୍ରସ୍ତ ଅମଲାଙ୍କର ଭାରି ବିପଦ ଉପସ୍ଥିତ ହେବ କାରଣ ଉକ୍ତି କାରି କେବଳ ତାହାଙ୍କ ଗିରସ୍ତି ସକାଶେ ହୋଇପାରେ ଏବଂ ତହିଁର ଅର୍ଥ ଓ୍ବଦର ଯିବା । ଆମ୍ଭେମାନେ ବୋଧ କରୁଁ କି ଏ ନିୟମଦ୍ୱାରା ମୋଟରେ ସରକାରୀ ଚାକରମାନଙ୍କର ମଙ୍ଗଳ ହେବ କିନ୍ତୁ ଯେଉଁ ସ୍ଥାନରେ ଋଣ ଅନିବାର୍ଯ୍ୟ ସେସ୍ଥାନରେ ଗବର୍ଣ୍ଣମେଣ୍ଟଙ୍କର କିଛି ବିଚାର କରିବା ଉଚିତ ନୋହିଲେ ଅଳ୍ପ ବେତନ ଭୋଗୀ ଚାକରମାନଙ୍କର ନିର୍ବାହ ହେବାର କଠିନ ହେବ । ସରକାରୀ ସମସ୍ତ ଚାକରମାନେ ଯେବେ ସେବାଂଶବାଙ୍କର ଉପଯୁକ୍ତ ଆଶ୍ରୟ ନେବେ ତାହା ହେଲେ ସେମାନଙ୍କର ଅନେକ ଅସୁସାର ବହୁରତ ହେବ ସନ୍ଦେହ ନାହିଁ । ମାତ୍ର ଦୁଃଖର ବିଷୟ ଯେ ଏ ଦଗଲୁ କାହାର ମନ ଅବଧି ଯାଇ ନାହିଁ ।

———

ପୁରୀର ସ୍ନାନଯାତ୍ରା ପର୍ବ ଗତତ ମାସ ତା ୧୬ ରଖରେ ନିର୍ବିଘ୍ନରେ ନିର୍ବାହ ହୋଇ ଗଲା । ଠାକୁରମାନେ ଅତି ପ୍ରାତଃକାଳରେ ସ୍ନାନ ମଣ୍ଡପକୁ ପହଣ୍ଡି ବିଜେ କଲେ । ଏବଂ ଅପରାହ୍ଣ ସୂର୍ଯ୍ୟବନ୍ଧାବେଳେ ହାତିବେଶ ଏବଂ କ୍ଷେତଡ଼ି ଭୋଗ ଶେଷ ହେଲା । ସନ୍ଧ୍ୟା ସମୟରେ ମଣ୍ଡପରୁ ବିଜେ କରି ରାତ୍ର ଘ ୧୦ ଣ୍ଟା ମଧ୍ୟରେ ଠାକୁରମାନେ ମନ୍ଦିରରେ ପ୍ରବେଶ କଲେ । ଦେଶୀ ବିଦେଶୀୟ ଯାତ୍ରିଙ୍କ ସଂଖ୍ୟା ପ୍ରାୟ ପଞ୍ଚାଶହଜାର ହୋଇଥିଲା ।

ଗବର୍ଣ୍ଣମେଣ୍ଟ ଆଦେଶ କରି ଅଛନ୍ତି କି ରଥଯାତ୍ରା ଦଶ ଦିନ ଥାଉଁ ରଥମାନ ପ୍ରସ୍ତୁତ ହେବାର ସମ୍ବାଦ ମାଜିଷ୍ଟ୍ରେଟ ସାହେବଙ୍କୁ ଦିଆଯିବ । ମାତ୍ର ରଥ ନିର୍ମାଣ ଅବଧି ଶେଷ ହୋଇ ନାହିଁ ଏବଂ ମାଜିଷ୍ଟ୍ରେଟ ସାହେବ ଏ ବିଷୟରେ ରାଣୀକୁ କୈଫିୟତ ତଲବ କରି ଅଛନ୍ତି ।

ରଥ ତଦାରଖି କର୍ମରେ ବାଲେଶ୍ୱରମାଷ୍ଟ୍ରାରୀ ଇଲାକାରୁ ସୁପରଭାଇଜର ବାବୁ ରାଜକୃଷ୍ଣ କୁମର ନିଯୁକ୍ତ ହୋଇଅଛନ୍ତି । ବାବୁ ମହୋଦୟ ପ୍ରତିଦିନ ରଥଠାରେ ଉପସ୍ଥିତ ହୋଇ ଯେପରି ଯାହା କରିବାକୁ ହେବ ତାହା ବଢ଼େଇମାନଙ୍କୁ କହି ଦେଉଅଛନ୍ତି ଗତବର୍ଷ ଯେଉଁ ବ୍ରେକ କାଠ (Break) ଯୋଗ୍ନ ଏତେ ଉପଦ୍ରବ ହୋଇଥିଲା ତାହା ବାବୁ ନାପସନ୍ଦ କରି କହିଲେ ଯେ ଏଥିରେ ରଥ ଲାଗିଯିବା ବା ଦୁରଦଗମ ହେବାର ସମ୍ଭବ ଏ ହେତୁ ସେ ରେଲୱେରେ ଯେପରି ବ୍ରେକ ବ୍ୟବହାର ହୁଏ ସେହି ପରି ହାଲୁକା ବ୍ରେକ ତିଆରି କରାଉଅଛନ୍ତି ।

———

ତାରଡାକ ଯୋଗେ ସମ୍ବାଦ ପଠାଇବା କାର୍ଯ୍ୟ ଅଧିକ ପରିମାଣରେ ବିସ୍ତାର କରିବା ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କଠାରେ ପ୍ରଧାନ ୨ ବଣିକମାନେ ପ୍ରାର୍ଥନା କରିଥିଲେ । ଗବର୍ମେଣ୍ଟ ଏ ସମ୍ପର୍କରେ କେତେକ ଜାଣିବା ଲୋକଙ୍କ ମତ ଗ୍ରହଣ କଲେ ଉତ୍ତାରୁ ଗତ ମଇ ମାସ ତା ୩୦ ରିଖରେ ଏକ ନିର୍ଦ୍ଧାରଣ ପତ୍ର ପ୍ରକାଶ କରିଅଛନ୍ତି । ତହିଁରୁ ପ୍ରକାଶ ଯେ ଟେଲିଗ୍ରାଫ ଯୋଗେ ସମ୍ବାଦ ପଠାଇବାର ଖର୍ଚ୍ଚା ଏହିରୂପ ନିର୍ଣ୍ଣୟ ହୋଇଅଛି ଯେ କୌଣସି ସମ୍ବାଦ ଗୋ ୭ ଟି କଥାରୁ ଊର୍ଦ୍ଧ୍ୱ ନ ହେଲେ ତହିଁ ସକାଶ ବର୍ତ୍ତମାନ ପରି ଏକଟଙ୍କା ଖର୍ଚ୍ଚା ଲାଗିବ ଏବଂ ତହିଁରୁ ଅଧିକ ଯେତେ କଥା ହେବ ପ୍ରତ୍ୟେକ କଥା ସକାଶେ ଟ ୦।୵ ଲେଖାଏ ଅଧିକା ଖର୍ଚ୍ଚା ଦେବାକୁ ହେବ । ଅର୍ଥାତ୍ କୌଣସି ସମ୍ବାଦ ଆଠ କଥାରେ ହେଲେ ପ୍ରଥମ ଛଅକଥାକୁ ଟ ୧୵ ଙ୍କା ଏବଂ ଅନ୍ୟ ଦୁଇ କଥାକୁ ଟ ୦।୵ ଏପରି ଟ ୧।୵ ପଡ଼ିବ । ବର୍ତ୍ତମାନ ନିୟମରେ ତହିଁରେ ଟ ୨୵ ଙ୍କା ଲାଗୁଅଛି । ଏ ନିୟମ ଆଗାମୀ ଜୁଲାଇ ମାସ ତା ୧ ରିଖରୁ ପ୍ରଚଳିତ ହେବ । ମହାମାନ୍ୟ ଲର୍ଡ଼ରିପନ ଟେଲିଗ୍ରାଫର ଦର ଏପରି ଊଣା କରି ଯାହା ସାଧାରଣ ଉପକାର କରିଅଛନ୍ତି ସନ୍ଦେହ ନାହିଁ । ଯେଉଁମାନେ ସର୍ବଦା ତାର୍‌ଯୋଗେ ସମ୍ବାଦ ପଠାନ୍ତି ସେମାନଙ୍କ ପକ୍ଷରେ ବଡ ସୁବିଧା ହେଲା ମାତ୍ର ଯେଉଁମାନେ ଏକ ଟଙ୍କା ଖର୍ଚ୍ଚାକୁ ଅଧିକ ଜ୍ଞାନ କରି ତାରଯୋଗେ ସମ୍ବାଦ ପଠାଇବାକୁ କ୍ଷାନ୍ତ ରହନ୍ତି ସେମାନଙ୍କର କିଛି ଉପକାର ହେଲା ନାହିଁ । ସର୍ବ ନ୍ୟୂନ ଦର ଟ ୦।୵ ହୋଇଥିଲେ ଏମାନଙ୍କର ଉପକାର ହୁଅନ୍ତା ।

———

ନଦୀଘାଟର ଅତ୍ୟାଚାର

ବର୍ଷାକାଳ ଏବଂ ନଦୀ ବୃଦ୍ଧି ଆରମ୍ଭ ସଙ୍ଗେ ୨ ଘାଟପାରିର ଅତ୍ୟାଚାର ଆରମ୍ଭ ହୋଇଅଛି ଏବଂ ଆମ୍ଭେମାନେ ନିୟମିତ ବ୍ରତାନୁସାରେ ଅଦ୍ୟ ସେ ପ୍ରସଙ୍ଗ ପ୍ରତି କର୍ତ୍ତୃପକ୍ଷଙ୍କର ମନୋଯୋଗ ପ୍ରାର୍ଥନା କରୁଅଛୁଁ । ଘାଟ ପାରି ଅତ୍ୟାଚାର ବିଷୟରେ ଏତେ କଥା କୁହା ଯାଇଅଛି ଏବଂ ତାହା ଏତେ ଅଧିକ ସଂଖ୍ୟକ ଲୋକ ଅନୁଭବଦ୍ୱାରା ବୁଝି ଅଛନ୍ତି ଯେ ତହିଁର ବିଶେଷ ବର୍ଣ୍ଣନା କେବଳ ସମୟ ନଷ୍ଟ କରିବା ଅଟଇ । କି ପରି ଏ ଅତ୍ୟାଚାର ନିବାରଣ ହେବ ଏତିକି ବିଚାରର କଥା । ଯାତ୍ରିମାନେ ଅଧିକାଂଶରେ ଘାଟର ଅତ୍ୟାଚାର ସହ୍ୟ କରନ୍ତି । ମାତ୍ର ସେମାନେ ନାଲିଶ କରିବେ ନାହିଁ । ସେଥିରେ କାଳ ବିଳମ୍ବ ହେବ ଏବଂ ଅନେକଙ୍କର ବିଶ୍ୱାସ ମତେ ଧର୍ମ ନଷ୍ଟ ହେବ ଅର୍ଥାତ୍ ଧର୍ମ କରିବାକୁ ଆସି କପରି କୌଣସି ଲୋକ ନାମରେ ନାଲିଶ କରି ତାହାକୁ ଦଣ୍ଡ ଦିଆଇବେ । ଅବଶ୍ୟ ଏ ବିଶ୍ୱାସ ନିତାନ୍ତ ଅଯୌକ୍ତିକ ଅଟଇ ମାତ୍ର ବିଶ୍ୱାସଟି ରହିଅଛି । ତେ ଦୁଇ ତିନଦିନ ତଳେ ମହାନଦୀରେ ପ୍ରତେ୍ୟକ ଶଗଡ଼ ଉପରେ ମାସୁଲ ଛଡ଼ା ଅଠଅଣା ଲେଖାଏ ନାଉରିଆମାନେ ଆଦାୟ କରି ନେବାର ଦେଖି ଏ ନଗରସ୍ଥ ଜଣେ ଭଦ୍ରଲୋକ କେତେକ ଜଣ ଯାତ୍ରିଙ୍କୁ ନାଲିଶ କରିବା କାରଣ ଉପଦେଶ ଦେଲେ ମାତ୍ର ସେମାନେ ସମ୍ମତ ହେଲେ ନାହିଁ । ଯାତ୍ରିମାନେ ଶୀଘ୍ର ପାରି ହେବାପାଇଁ କେତେ ସ୍ଥଳରେ ଇଚ୍ଛା ପୂର୍ବକ ସୁଦା ନାଉରିଆଙ୍କୁ ଖୁସି ଦଅନ୍ତି ଏବଂ ଯାହାଙ୍କଠାରୁ ନାଉରିଆ ଅତ୍ୟାଚାର କରି ନେଇ ଥାଏ ସେମାନେ ସୁଦା ଆର ପାରିକୁ ଆସିଲେ ସେ ଅତ୍ୟାଚାର ପାସୋରି

Digitized by srujanika@gmail.com

Split by PDF Splitter



ଯାନ୍ତି । ଏ ପ୍ରକାର ସ୍ଥଳେ ନାଲିଶଦ୍ୱାରା ଘାଟ ଇଜାରଦାରମାନେ ଶାସିତ ହେବେ ଏମନ୍ତ ଆଶା କରିବା ବୃଥା ଅଟଇ । ବାସ୍ତବରେ ଅନ୍ୟାଯ୍ୟ ଉପାର୍ଜ୍ଜନର ଯେମନ୍ତ ସୁଯୋଗ ଘାଟ ପାରିରେ ଅଛି ଅନ୍ୟତ୍ରରେ କ୍ୱଚିତ୍ ଦେଖାଯାଏ । ଏ ଅତ୍ୟାଚାର ନିବାରଣ କରିବାର ଏକମାତ୍ର ଉପାୟ ହାକିମଙ୍କ ହାତରେ ସେ ଯେବେ ସ୍ୱୟଂ ଅନୁସନ୍ଧାନ କରିବାକୁ ପ୍ରବୃତ୍ତ ହେବେ ତେବେ କେଏ କେମନ୍ତ ଇଜାରଦାର ତାହା ଜାଣି ପାରିବେ ଏବଂ କୌଣସି ସମୟରେ ଏମନ୍ତ ଅପରାଧ ପ୍ରମାଣ ହୋଇଯିବ କି ଯହିଁରେ ଇଜାରଦାର ବିଲକ୍ଷଣ ଶାସ୍ତି ପାଇବ । ମାତ୍ର ସେ ଭଳି ହାକିମ କାହାନ୍ତି ? ମାଜିଷ୍ଟ୍ରେଟ କି ଦୁଇ ଚାରିଦିନେ ଥରେ ନଦୀଘାଟକୁ ବୁଲି ଯିବେ ନା ବାଟରେ ଚାଲି ଯାଉଥିବା ଯାତ୍ରିଙ୍କୁ ଘାଟ କଥା ପଚାରିବେ । ଏପରି କରି ପାରିଲେ ବଡ଼ ଭଲ ହୁଅନ୍ତା ସନ୍ଦେହ ନାହିଁ ଓ ଯେବେ ତାହା ହୋଇ ନ ପାରେ ତେବେ ଅନ୍ତତଃ ପୁଲିସର ଇନ୍ସପେକ୍ଟର ଓ ସବ୍‌ଇନ୍ସପେକ୍ଟରଙ୍କ ପ୍ରତି ( ତଳ ପାୟାର ପୁଲିସମାନେ କେବଳ ଇଜାରଦାରଠାରୁ ଭାଗ ନେବାକୁ ତତ୍ପର ) ଦୃଢ଼ରୂପେ ଆଦେଶ ଥାଉ କି ସେମାନେ ସର୍ବଦା ଘାଟ ଉପରେ ଦୃଷ୍ଟି ରଖିବେ କେହି ଅତ୍ୟାଚାର କଲେ ତାହାକୁ ଗିରଫ୍‌ତାର କରିବେ ଏବଂ ଘାଟ ପାରିର ଅବସ୍ଥା ସର୍ବଦା ମାଜିଷ୍ଟ୍ରେଟଙ୍କୁ ଜଣାଉଥିବେ । ବର୍ତ୍ତମାନ ରଥଯାତ୍ରା ସମୟରେ ପୁରୀରୁ ଯାତ୍ରିମାନେ ଫେରି ଯିବା ପର୍ଯ୍ୟନ୍ତ ଜଣେ ପୁଲିସ ଇନ୍‌ସପେକ୍ଟରଙ୍କୁ ଘାଟ ପାରି ଦେଖିବା କାରଣ ନିଯୁକ୍ତ କରିବା ଆବଶ୍ୟକ ତାହା ହେଲେ ଯାତ୍ରିମାନେ ଅକ୍ଲେଶରେ ବାହାରି ଯିବେ । ଯେଉଁଠାରେ ସର୍ବଦା ଅତ୍ୟାଚାରର ଶଙ୍କା ସେଠାରେ କର୍ତ୍ତୃପକ୍ଷଙ୍କର ବିଶେଷ ଦୃଷ୍ଟିର ଆବଶ୍ୟକ ।

---

କିଲ୍ଲେ ବାଙ୍କୀ ।

ଏହି କିଲ୍ଲାକୁ ଖୋର୍ଦ୍ଧା ସଙ୍ଗେ ମିଶାଇବାକୁ ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ବୋଲି ପାଠକମାନଙ୍କୁ ଏଥି ପୂର୍ବରୁ ଜଣାଇଅଛୁଁ । ସମ୍ପ୍ରତି ଏହିଁର ଉପଯୁକ୍ତ ଘୋଷଣାପତ୍ର ବାଙ୍କୀ କିଲ୍ଲାର ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଅଛି ଏବଂ ତାହା ଜ୍ଞାତ ହୋଇ ସେଠା ଲୋକେ କି ପର୍ଯ୍ୟନ୍ତ ଚିନ୍ତିତ ଓ କ୍ଷୁବ୍ଧ ହୋଇଅଛନ୍ତି, ତାହା ଅକଥନୀୟ ଅଟଇ । ଲୋକଙ୍କୁ ଉପଯୁକ୍ତ ପରିମାଣରେ ସୁଖସ୍ୱଚ୍ଛନ୍ଦତା ପ୍ରଦାନ କରିବା ଆଇନର ମୋଖ୍ୟ ଉଦ୍ଦେଶ୍ୟ ସୁତରାଂ ଫଳ ଏହି ପଡ଼ଲା କି ଯେଉଁଠାରେ ସକଳ ପ୍ରକାର ଆଇନ ପ୍ରଚଳିତ ସେଠା ପ୍ରଜାମାନେ ଅଧିକ ପରିମାଣରେ ସୁଖସ୍ୱଚ୍ଛନ୍ଦତା ଭୋଗ କରନ୍ତି । ଅତଏବ ବାଙ୍କୀ ପ୍ରଜାମାନେ ଯେ ଆଇନ ପ୍ରଚଳିତ ରାଜ୍ୟଭୁକ୍ତ ହେବାକୁ ଦୁଃଖ ଓ ଭୟର କାରଣ ମନେ କରନ୍ତି ଏହା ଆପାତତଃ ଆଶ୍ଚର୍ଯ୍ୟ ବୋଧ ହେଉଅଛି ମାତ୍ର ସ୍ଥିର ଭାବରେ ବିବେଚନା କଲେ ସେମାନଙ୍କର ଭୟ ଯେ ଅକାରଣ ନୁହଇ ଏହା ପ୍ରତ୍ୟକ୍ଷ ଜଣାଯିବ । ଗବର୍ଣ୍ଣମେଣ୍ଟ କେବଳ କଳ୍ପନାଦ୍ୱାରା ଦେଖୁଅଛନ୍ତି ଯେ ବାଙ୍କୀ ଆଇନ ପ୍ରଚଳିତ ଦେଶର ଅନ୍ତର୍ଗତ ହେଲେ ସେଠା ନିବାସିଙ୍କର ସମସ୍ତ ମଙ୍ଗଳ ହେବ ଏହି ଉଦ୍ଦେଶରେ ଗବର୍ଣ୍ଣମେଣ୍ଟ ଉକ୍ତ କିଲ୍ଲା ଖୋର୍ଦ୍ଧାକୁ ନିକଟ ହେବାରୁ ତାହା ସଙ୍ଗେ ଯୋଗ କରିବାର ପ୍ରସ୍ତାବ କରିଅଛନ୍ତି କିନ୍ତୁ ବାଙ୍କୀବାସିମାନେ ଖୋର୍ଦ୍ଧାକୁ ଅନାଇଲେ ମାତ୍ରକେ ତାହାଙ୍କର ଦେହର ରକ୍ତ ପାଣି ହୋଇ ଯାଉଅଛି । ଖୋର୍ଦ୍ଧା ବହୁକାଳରୁ ଆଇନ ପ୍ରଚଳିତ ଦେଶ ହୋଇଅଛି ଓ ଗବର୍ଣ୍ଣମେଣ୍ଟ ସ୍ୱୟଂ ସେଠାର ଜମିଦାର ଅଟନ୍ତି କିନ୍ତୁ ଖୋର୍ଦ୍ଧାର ବର୍ତ୍ତମାନାବସ୍ଥା କିପରି ? ନୂତନ ବନ୍ଦୋବସ୍ତ ପ୍ରଜାଙ୍କର ଆଣ୍ଠୁ ଭାଙ୍ଗି ଦେଇଅଛି ଏବଂ ଏ ବର୍ଷ ଧାନ ଚାଉଳ ଶସ୍ତା ହେବାରୁ ଖଜଣା ଆଦାୟ କରିବା କେମନ୍ତ କଠିନ ହୋଇଅଛି ତାହା ସେମାନେ ଜାଣନ୍ତି ଯହିଁରେ ପୁଣି ଜଙ୍ଗଲବାସିନ୍ଦା ସାହେବଙ୍କ ଦାଉ ଏମନ୍ତ ଯେ ବଣରେ ଥାଇ ସେମାନେ ରାନ୍ଧି ଖାଇବାକୁ କାଠ ପାଉ ନାହାନ୍ତି ଏବଂ ଦାନ୍ତକାଠି ଖଣ୍ଡେ ଭାଙ୍ଗିଲେ ଘୋର ଅପରାଧରେ ଚଲାଣ ହେଉଅଛନ୍ତି । ଯେବେ ଆଇନ ଜାରି ରାଜ୍ୟର ଅବସ୍ଥା ଏପରି ହେଲା ତେବେ କେଉଁ ଲୋକ ତାହାକୁ ଆଦର କରିବ ? ଖୋର୍ଦ୍ଧା ଓ ବାଙ୍କୀ ପରସ୍ପର ସଂଲଗ୍ନ ଦେଶ ସୁତରାଂ ପରସ୍ପରର ଅବସ୍ଥା ଜାଣିବାକୁ ବାକି ନାହିଁ । ଏ ସ୍ଥଳେ ବାଙ୍କୀବାସିମାନେ ଖୋର୍ଦ୍ଧାର ଏପ୍ରକାର ଶୋଚନୀୟ ଅବସ୍ଥା ଦେଖି ଦେଖି କି ପ୍ରକାରରେ ସେମାନଙ୍କ ସଙ୍ଗରେ ଯୋଗ ହୋଇ ସୁଖୀ ହେବେ ବୋଲି ଆପଣା ମନକୁ ପ୍ରବୋଧ ଦେବେ । ଗବର୍ଣ୍ଣମେଣ୍ଟ ଆପଣା ଶାସନ ପଦ୍ଧତିର ଯେତେ ଉତ୍କୃଷ୍ଟତା କଳ୍ପନା କରିପାରନ୍ତୁ କରନ୍ତୁ ଏବଂ ଆମ୍ଭେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଅଛୁଁ ଯେ ଯୁକ୍ତିଦ୍ୱାରା ତାହା ଅତ୍ୟନ୍ତ ଭଲ ଅଟଇ ମାତ୍ର ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ଆଇନ କରିବାକୁ ଯେମନ୍ତ ତତ୍ପର ହେଉଅଛନ୍ତି ତଦନୁସାରେ କାର୍ଯ୍ୟ ହେଉଅଛି କି ନାହିଁ ତାହା ଦେଖିବାକୁ ତେମନ୍ତ ନୁହନ୍ତି । ପ୍ରକୃତରେ ଦେଖାଯାଏ ଯେ ଆଇନର ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରଜାଙ୍କ ସୁଖସ୍ୱଚ୍ଛନ୍ଦତା ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ହ୍ରାସ ହେଉଅଛି । ପୂର୍ବେ ଏତେ ଆଇନ ନ ଥିଲା ସୁତରାଂ ଏତେ ଅତ୍ୟାଚାର ମଧ୍ୟ ନ ଥିଲା । ବର୍ତ୍ତମାନ ଆଇନ ପ୍ରଚଳିତ ଖୋର୍ଦ୍ଧାଠାରୁ ଆଇନ ବହିର୍ଭୂତ ବାଙ୍କୀରେ ପ୍ରଜାମାନେ ଅଧିକ ସୁଖସ୍ୱଚ୍ଛନ୍ଦତାରେ ବାସ କରୁଅଛନ୍ତି ବୋଲି ବିନା ପ୍ରସ୍ତାବିତ ପରିବର୍ତ୍ତନରେ ସେମାନଙ୍କର ଭୀତ ଜାତ ହୋଇଅଛି ନୋହିଲେ ସେମାନେ ଆଗ୍ରହ ପୂର୍ବକ ଆପଣା ରାଜ୍ୟକୁ ଆଇନ ପ୍ରଚଳିତ ଦେଶ ଭୁକ୍ତ କରିବାକୁ ପ୍ରାର୍ଥନା କରନ୍ତେ । ଗବର୍ଣ୍ଣମେଣ୍ଟ ଯାହା ଏରୂପ ଶୋଚନୀୟ ଅବସ୍ଥାକୁ ହୃଦୟଙ୍ଗମ କରି ପାରୁଁ ନାହାନ୍ତି ବଡ ଦୁଃଖର ବିଷୟ ଅଟଇ ।

## ସାପ୍ତାହିକସଂବାଦ ।

ଅମ୍ଭମାନଙ୍କ ଜଜ ସାହେବ ବାଲେଶ୍ୱରର ଦୌରା ମୋକଦ୍ଦମା ନିଷ୍ପତ୍ତି ନିମିତ୍ତ ଅଦ୍ୟ ଅପରାହ୍ନ କାଳରେ ସେଠାକୁ ଯାତ୍ରା କରିବେ । ଏଥର ସେଠାରେ ଗୋଟିଏ ମାତ୍ର ଦୌରା ମୋକଦ୍ଦମା ଅଛି ସୁତରାଂ ଏକ ସପ୍ତାହ ମଧ୍ୟରେ ଫେରି ଆସିବାର ସମ୍ଭାବନା ।

ଏଠା କଲେକ୍ଟର ଗ୍ରାଣ୍ଟ ସାହେବ ବଗାଘରକୁ ଗସ୍ତ ସକାଶେ ଯାଇଥିଲେ ଗତ ଶୁକ୍ରବାର ଫେରି ଆସି ଅଛନ୍ତି ।

ସୁରଙ୍ଗୀ ଅନ୍ତର୍ଗତ । କି । ଖେଡଙ୍ଗ କୋର୍ଟଅଫ୍‌ଓ୍ୱାର୍ଡସ ମାହାଲର ନାବାଳଗ ବକ୍‌ସୀ ନାରାୟଣ ବିଦ୍ୟାଧର ମହାପାତ୍ରଙ୍କର ବିବାହ । ଜି । କଟକ କେନ୍ଦ୍ରାପଡ଼ା ନିବାସୀ ବାବୁ ଜଗନ୍ନାଥ ଭ୍ରମରବର ରାୟଙ୍କ କନ୍ୟା ସହିତ ହେବାର ମଞ୍ଜୁରୀ ବୋର୍ଡରୁ ଡାଇରେକ୍ଟ ଯୋଗେ ଆସିଥିବାରୁ ନାବାଳଗ ଏଠାରୁ ଗତ ବୁଧବାରଦିନ ପ୍ରସ୍ଥାନ କଲେ ଯେ ଏହାଙ୍କ ସଙ୍ଗେ ଅନେକ ପାଇକ ବାଜଦାର ଘୋଡ଼ା ପାଲଙ୍କୀ ଓ ହାତୀ ଯାଇଅଛି । ସରକାର ତରଫରୁ ସଦରକାନୁନଗୋଇ ଯାଇଅଛନ୍ତି । ଏ ବିବାହରେ କନ୍ୟାପିତାଙ୍କର ଯିବା ଆସିବା ଆଦି ଯେ ଖର୍ଚ୍ଚ ହେବ ତାହା ବେବାକ ଚଳାଇବେ ଓ ବିବାହପରେ ନାବାଳକର ବିଦ୍ୟାଶିକ୍ଷାରେ ଯେ ଖର୍ଚ୍ଚ ହେବ ତାହା ଦେବେ । ଆଠହଜାରଠାରୁ ଦଶହଜାର ପର୍ଯ୍ୟନ୍ତ ମୂଲ୍ୟରେ ଜମିଦାରୀ କିଣିଦେବେ ଓ ଘରଡ଼ିହାର ସକାଶେ ପାଞ୍ଚଶ ଟଙ୍କା ଦେବେ ପ୍ରାୟ ପାଞ୍ଚହଜାର ଟଙ୍କାର ଯୌତୁକ ଦେବେ । ଏ ବିବାହରେ ଜଗନ୍ନାଥବାବୁଙ୍କ ପ୍ରାୟ କୋଡ଼ିଏ ହଜାର ଟଙ୍କା ଖର୍ଚ୍ଚ କରିବାକୁ ହେବ ।

ପଙ୍ଖା ଟାଣିବାର ଗୋଟିଏ ନୂତନ କଳ ପ୍ରସ୍ତୁତ ହୋଇ କଲିକତା ଦମଦମା ମଧ୍ୟରେ ଥିବା ସୈନ୍ୟାବାସରେ ଲାଗିଅଛି । ଶୀଘ୍ର ଏହି କଳଦ୍ୱାରା ପଙ୍ଖା ଟଣାଯିବ ଏବଂ ତଦ୍ୱାରା ପ୍ରତିମାସ ଟ ୫୦୦୧ଙ୍କା ଓ ଟ ୭୦୦୧ଙ୍କା ଭିତରେ ଖର୍ଚ୍ଚା ଉଣା ପଡ଼ିବ । ଏପରି କଳ ପ୍ରସ୍ତୁତ କରିବା କାରଣ ଅନେକ ଇଞ୍ଜିନିୟର ବହୁତ ଦିନରୁ ଚେଷ୍ଟା କରୁଥିଲେ ।

Digitized by srujanika@gmail.com

Split by PDF Splitter



ପଞ୍ଜାବରେ ଏଣିକି ଇଂରାଜୀ ଶିକ୍ଷା ଦେବା ଗବର୍ଣ୍ଣମେଣ୍ଟଙ୍କର ମତ ନୁହଇ ବୋଲି ଜଣାଯାଏ । କାରଣ କର୍ତ୍ତୃପକ୍ଷମାନେ ନିୟମ କରିଅଛନ୍ତି କି ଯେଉଁମାନେ ଇଂରାଜୀ ଶିକ୍ଷା କରିବେ ସେମାନଙ୍କୁ ବୃତ୍ତି ମିଳିବ ନାହିଁ ଏବଂ ତାହାଙ୍କଠାରୁ ସ୍କୁଲ ଫିସ ଟ ୨୧ ଙ୍କା ଠାରୁ ଟ ୧୦୧ ଙ୍କା ପର୍ଯ୍ୟନ୍ତ ଗୃହୀତ ହେବ ।

ସନ ୧୮୭୫ ସାଲରେ ମାନ୍ଦ୍ରାଜରେ ୨୭୬ କମ୍ପେନିରେ ୧୦୧୬ ବଙ୍ଗଳାରେ ୧୩୧୧ ଉତ୍ତର ପଶ୍ଚିମ ପ୍ରଦେଶରେ ୫୪୧ ଏବଂ ପଞ୍ଜାବରେ ୧୨୬ ପ୍ରକାର ପୁସ୍ତକ ବାହାରି ଥିଲା । ପୁସ୍ତକ ପ୍ରଣୟନ କାର୍ଯ୍ୟରେ ବଙ୍ଗ ପ୍ରଦେଶ ଭାରତବର୍ଷ ମଧ୍ୟରେ ସର୍ବୋଚ୍ଚସ୍ଥାନ ପାଇଅଛି ।

କଲିକତାର ମହାରାଜା ନରେନ୍ଦ୍ରକୃଷ୍ଣଙ୍କ ପୁତ୍ର କୁମାର ମାନବେନ୍ଦ୍ର କୃଷ୍ଣ ଆଇନ ଶିକ୍ଷା ନିମିତ୍ତ ବିଲାତକୁ ଯାଇଅଛନ୍ତି । ସେଠାରେ ଯେଉଁ ପ୍ରବେଶିକା ପରୀକ୍ଷା ହୋଇଥିଲା ତହିଁରେ ସେ ଇଂରାଜୀ ଭାଷା ଏବଂ ଇଂରାଜୀ ଇତିହାସରେ ପ୍ରଥମ ସ୍ଥାନ ପାଇଥିଲେ । ଶୋଭା ବଜାରର ରାଜବଂଶ ପ୍ରତି ଏହା ସାମାନ୍ୟ ସୁଖ୍ୟାତିର ବିଷୟ ନୁହଇ । କୁମାର ବିଦ୍ୟା ସରିକରି ଫେରି ଆସି ସ୍ବଜାତୀୟଙ୍କ ସଙ୍ଗେ ମିଶିଗଲେ ବିଲାତକୁ ଯିବାଦ୍ୱାରା ଜାତି ଧ୍ୱଂସ ହେବାର ପ୍ରସଙ୍ଗ ଭ୍ରମରୂପେ ନିଷ୍ପତ୍ତି ହୋଇଯିବ ।

ହାଇକୋର୍ଟ ବିଚାର କରିଅଛନ୍ତି କି ଯେଉଁ ଅନରେରି ମାଜିଷ୍ଟ୍ରେଟମାନେ ମିଉନିସିପଲ କମିଶ୍ନର ଥିବେ ସେମାନେ ମିଉନିସିପଲ ଆଇନ ସମ୍ପର୍କୀୟ ମୋକଦମାର ବିଚାର କରି ପାରିବେ ନାହିଁ । ମୋଫସଲର ସକଳ ସ୍ଥାନରେ ଏ ନିୟମ ପ୍ରଚଳିତ ହେଲେ ଅନେକ ଅସୁବିଧା ଘଟି ପାରେ କାରଣ ମୋଫସଲର ଅନେକ ମିଉନିସିପଲ କମିଶ୍ନର ଅନରେରି ମାଜିଷ୍ଟ୍ରେଟ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ଲିବରପୁଲ ଟାଉନହଲ (ସାଧାରଣ ସଭା ଗୃହ) କୁ ଅଗ୍ନି ଲଗାଇ ଦେବାକୁ ଫିନିୟନମାନେ ଚେଷ୍ଟା କରିଥିଲେ ମାତ୍ର ସଫଳ ହୋଇ ପାରିଲେ ନାହିଁ । ଦୁଇଜଣ ଅପରାଧୀ ଅଗ୍ନିସଂଯୋଗ ଧରା ପଡ଼ିଅଛନ୍ତି ।

ଦକ୍ଷିଣ ଅମେରିକାରୁ ସମ୍ବାଦ ଆସିଅଛି କି ପେରୁ ମଧ୍ୟରେ ଥିବା ଶାନ୍ତିରେସା ନାମକ ସ୍ଥାନରେ ଏକ ସହସ୍ର ଚୀନର ଲୋକଙ୍କୁ ସେଠାର କୃଷ୍ଣବର୍ଣ୍ଣ ଲୋକମାନେ ହତ୍ୟା କରିଅଛନ୍ତି । ଏପରି ଭୟଙ୍କର ହତ୍ୟାକାଣ୍ଡର କାରଣ କିଛି ଜଣା ପଡ଼ିନାହିଁ ।

ଗତମାସ ତା ୪ ରିଖଠାରୁ ତା ୮ ରିଖ ପର୍ଯ୍ୟନ୍ତ ଚାରିଦିନ ମଧ୍ୟରେ ଅନ୍ୟୂନ ପଞ୍ଚଶତ ହିନ୍ଦୁଙ୍କର ବିବାହ ପୁନା ନଗରରେ ହୋଇଥିଲା । ଆଜିକାଲି କି ଭାରତବର୍ଷର ସର୍ବତ୍ର-ରେ ବିବାହର ଧୂମ ଲାଗିଅଛି । ଦାନା ଶସ୍ତା ହେବାରୁ ପ୍ରାୟ ଏତେ ବିବାହ ହେଉଅଛି ।

ଲାହୋର ଖଜଣାଖାନାରୁ ଯେଉଁ ଟ ୩୫୦୦୦ ଙ୍କା ଚୋରି ଯାଇଥିଲା ତହିଁମଧ୍ୟରୁ ଟ ୮୦୦୦ ଙ୍କା ପ୍ରାପ୍ତ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କର କପାଳ ଭାବିଛି ।

ବମ୍ବେର ଏକ ସମ୍ବାଦପତ୍ରରେ ଲେଖାଅଛି କି ଜୟପୁରର ଖଜଣାଖାନାରୁ ତିନି ଲକ୍ଷରୁ ଅଧିକ ଟଙ୍କା ଅପହୃତ ହୋଇଥିବାର ପ୍ରକାଶ ପାଇଅଛି । ଯାହା ରଖିଥିବ ଖଣ୍ଡିକୁ ।

ସିର୍ଓଦ୍ୱୀପରେ ଗତ ଅପ୍ରେଲମାସ ତା ୩ ରିଖରେ ଯେଉଁ ଭୂମିକମ୍ପ ହୋଇଥିଲା, ତହିଁରେ ଅଠହଜାର ଲୋକ ହତ ଏବଂ ଚାରିହଜାର ଲୋକ ଆହତ ହୋଇଥିଲେ ଅବଶିଷ୍ଟ ନଗର କେବଳ ଭଗ୍ନମୟ ଦୃଶ୍ୟ ହେଉଅଛି ଏ ଲୋକେ ଘର ଅଭାବରେ ସଡ଼କରେ ରହୁଅଛନ୍ତି ।

ମହୀଶୁରର ମହାରାଜା ଏଥିମଧ୍ୟରେ ଆପଣା ଯୋଗ୍ୟତା ଦେଖାଇବାର ଆରମ୍ଭ କଲେଣି । ସେ ସମସ୍ତ ପ୍ରଧାନ ରାଜ୍ୟ ପ୍ରଚଳିତ ହେବାର ଅବଶ୍ୟକ ହୁଅଇ ସେ ସମସ୍ତ ପ୍ରଥମେ ତାହାଙ୍କ ନିକଟକୁ ପ୍ରେରିତ ହୁଅଇ ସେ ତାହା ଦେଖି କୌଣସି ପରିବର୍ତ୍ତନ ଆବଶ୍ୟକ ଜ୍ଞାନ କଲେ ତାହା କରି ଉପରୁ ଦସ୍ତଖତ କରି ପଠାଇ ଦିଅନ୍ତି । ଏଥିରୁ ଅନୁମାନ ହୁଅଇ ଯେ ଅଳ୍ପଦିନ ମଧ୍ୟରେ ସେ ଜଣେ ଆଦର୍ଶ ମହାରାଜା ହେବେ । ସୁଶିକ୍ଷାର ଫଳ ଏହିପରି ଅଟଇ ।

ସୁଲଭ ସମାଚାରରେ ଲେଖାଅଛି କି ସେଦିନ ଶ୍ରୀଯୁକ୍ତ କେଶବଚନ୍ଦ୍ର ସେନ ମହାଶୟଙ୍କର ଘରର ଉପାସନାଳୟରେ ନୂତନ ରକମର ହୋମ ହୋଇଥିଲା । ଉପାସନା ସମୟରେ ଗୋଟିଏ ଅଗ୍ନିକୁଣ୍ଡ କରି ତହିଁରେ କାଷ୍ଠ, ଘୃତ ଓ ଚାଉଳ ଆହୁତି ଦିଆ ହୋଇଥିଲା । ଈଶ୍ୱରଙ୍କର ଉପାସନା ଓ ଗୁଣ କୀର୍ତ୍ତନ ଖୁବ ହୋଇଥିଲା । ବାସ୍ତବିକରେ ମନର ପାପ ରୂପ ଅସୁର ଜ୍ଞାନ କରି ପବିତ୍ର ଅଗ୍ନିରେ ସେ ସବୁକୁ ଦଗ୍ଧ କରା ଯାଇଥିଲା । ଖୁବ ବିଶ୍ୱାସ ଭକ୍ତି ଓ ନିଷ୍ଠା ସହିତ ଭଗବାନଙ୍କ ନିକଟରେ ତଦ୍‌ଗତଚିତ୍ତରେ ପ୍ରାର୍ଥନା କରି ତାଙ୍କ ସମ୍ମୁଖରେ ପବିତ୍ରଭାବର ସହିତ ଏହିରୂପ ହୋମ କରି ପାରିଲେ ହୋମର ଅଗ୍ନି ଈଶ୍ୱରଙ୍କର ପୁଣ୍ୟାଗ୍ନି ହୋଇଯାଏ । ପୂର୍ବ କାଳର ଋଷିମାନେ ଏହିପରି ହୋମ କରୁଥିଲେ ତାହାହିଁ ବୁଝା ଯାଉ ଅଛି ।

୧ । ସୁଲଭସମାଚାରରୁ ଅବଗତ ହେଲୁଁ ଲାହୋରର କେତେକଜଣ ବ୍ରାହ୍ମଣସନ୍ତାନ ସମ୍ପ୍ରତି ପୈତା ଫୋପାଡ଼ି ଦେଇ ଅଛନ୍ତି । ଆମ୍ଭମାନଙ୍କୁ ବୋଧହୁଏ ଏହା ଦୟାନନ୍ଦ ସରସ୍ୱତୀଙ୍କର ଧର୍ମଶିକ୍ଷାରଫଳ ଅଟଇ ।

୨ । ରୁଷିୟାର ବର୍ତ୍ତମାନ ସମ୍ରାଟଙ୍କ ଦେହରେ ଉନ୍ମାଦ ରୋଗ ଘଟିଛି । ଟାଇମ୍‌ସ ପତ୍ରର ଜଣେ ସମ୍ବାଦଦାତା କହନ୍ତି, ସେ ସ୍ୱଚକ୍ଷୁରେ ଦେଖିଅଛନ୍ତି ସମ୍ରାଟ୍ ଥରେ ଗୋଟିଏ ଘୋଡ଼ାର ଲାଗ ନେଇ ଦୁଇହାତରେ ତାହାର ଦୁଇମୁହଁ ଟାଣି ଚିରା କରିଦେଇ ଅଛନ୍ତି ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁତ ଶ୍ରୀ ଉତ୍କଳଦୀପିକାସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ !

ଅନୁଗ୍ରହ ପୂର୍ବକ ନିମ୍ନଲିଖିତ କେତେକ ସମ୍ବାଦ ଆପଣଙ୍କ ସୁବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନଦାନ କରି ବାଧିତ କରିବା ହେବେ ।

କେନ୍ଦ୍ରାପଡ଼ା ସବ୍‌ଡିଭିଜନସ୍ଥ କଣିବାଙ୍କ ନାମକ ଗ୍ରାମରେ ଏକବ୍ୟକ୍ତି ରାତ୍ରି ପ ୭ ଘଡ଼ି ସମୟରେ ଲୁଣି ନଦୀକୁ ଗୋଟିଏ ପୋଳୁହ ନେଇ ମାଛ ଧରିବାକୁ ଏକା ଆସି ଥିଲା ସେ ନଦୀରେ କୁମ୍ଭୀର ଅନେକ ଦୁର୍ଭାଗ୍ୟ ବଶତଃ ଗୋଟିଏ କୁମ୍ଭୀର ଉପରେ ପୋଳୁହ ପଡ଼ି ଯିବାରୁ ତାକୁ ମାଛ ଜ୍ଞାନ କରି ଯେପରି ଧରିବାକୁ ଗଲା କୁମ୍ଭୀର ତା ହାତକୁ କାମୁଡ଼ି ଅସ୍ତବ୍ୟସ୍ତ କଲା କିଛିକ୍ଷଣ ଦୁହିଙ୍କ ଝିଙ୍ଗାପଟା ଲାଗି ଅବଶେଷରେ ସେ ବ୍ୟକ୍ତିକୁ ମାରି ପକାଇଲା ଏହି ଘଟଣା ତା ୭ ରିଖ ରାତ୍ରରେ ଘଟିଅଛି ମୃତ ବ୍ୟକ୍ତିର ବୟସ ବ ୪୦ ବର୍ଷ ସେ ଜାତିରେ ଖଣ୍ଡାୟତ ।

ଏ ସବ୍‌ଡିଭିଜନରେ ଗୃହୋଲ ନାମକ ଗ୍ରାମରେ ଯେଉଁ ମଧ୍ୟମଶ୍ରେଣୀ ସ୍କୁଲ ଅଛି ତାହା ଅନେକଦିନ ପର୍ଯ୍ୟନ୍ତ ଦୁରବସ୍ଥାରେ ଥିଲା ବର୍ତ୍ତମାନ ଉକ୍ତ ଗ୍ରାମ ନିବାସୀ ବାବୁ କୃଷ୍ଣମୋହନ ଚକ୍ରବର୍ତ୍ତୀ ମହାଶୟଙ୍କ ଯତ୍ନରେ ସୁଚାରୁରୂପେ ଏହାର କାର୍ଯ୍ୟ ଚଳୁଅଛି ଏହି ମହାଶୟଙ୍କ ଯତ୍ନରେ ଏଠାରେ ସ୍କୁଲ ସ୍ଥାପିତ ହୁଏ ଏହାଙ୍କର ଶୈଥିଲ୍ୟରେ ଏହାର ଦୁରବସ୍ଥା ହୋଇଥିଲା ବର୍ତ୍ତମାନ କେତେକଦିନ ହେଲା ତାଙ୍କ ନାନାବିଧ ଉପାୟ ଓ ଉଦ୍‌ଯୋଗଦ୍ୱାରା ସ୍କୁଲର ଅନେକ ଶ୍ରୀ ବୃଦ୍ଧି [illegible] ଛାତ୍ର ସଂଖ୍ୟା ଦିନ୨ ଉନ୍ନତ ହେଉଅଛି ମଧ୍ୟ ସେ ଅଞ୍ଚଳରେ ଲେଖା ପଢ଼ାର ଆସ୍ଥା କୃଷ୍ଣମୋହନ ବାବୁଙ୍କ ଯୋଗରେ କହିବାକୁ ହେବ । ଏ ମହାଶୟ କେତେକ ମୁଦ୍ରା ବ୍ୟୟ କରି ସ୍କୁଲର ମଙ୍ଗଳ ସାଧନ କରୁଅଛନ୍ତି ଏବଂ ସ୍କୁଲ ନିମନ୍ତେ ଗୋଟିଏ ଘର ଗୃହୋଲ ଡାକ୍ ନିକଟରେ ନେଇ ଅଛନ୍ତି ଏପରି ସମ୍ପାଦକମାନେ ସ୍କୁଲ ଉନ୍ନତିର ସୋପାନ ସ୍ୱରୂପ ।

କେନ୍ଦ୍ରାପଡ଼ା ସ୍କୁଲର ସେକେଣ୍ଡ ମାଷ୍ଟର ବାବୁ ଲକ୍ଷ୍ମୀନାରାୟଣ ଦାସ ନିଜ ହସ୍ତରୁ ଟ ୧ ଙ୍କାର ଅଧିକ ମୂଲ୍ୟର କ୍ଷୁଦ୍ର୨ ପୁସ୍ତକମାନ କ୍ରୟ କରି ତ୍ରୈମାସିକ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ପୁରସ୍କାର ଦେଇଅଛନ୍ତି । ଏପରି କାର୍ଯ୍ୟ ସେ ପୂର୍ବରୁ ଆଉ କେତେକ ଥର କରିଥିଲେ ଯାହା ହେଉ ଏପ୍ରକାର ନିଃସ୍ୱାର୍ଥ ଏବଂ ମହତ ଇଚ୍ଛା ତାଙ୍କ ହୃଦୟରେ ଏହି ପରି ଅବହମାନ କାଳ ଥାଉ ଏଥିରେ ବାସ୍ତବିକ ବାଳକମାନଙ୍କର ଉତ୍ସାହ ବୃଦ୍ଧି ହେଉଅଛି ସନ୍ଦେହ ନାହିଁ ଅନ୍ୟାନ୍ୟ ସ୍କୁଲରେ ଏପରି ହୁଏ କି ଆମ୍ଭେମାନେ ଜାଣିବାକୁ ଇଚ୍ଛା କରୁଁ ।

ଏକାନ୍ତ ବଶମ୍ବଦ

ଶ୍ରୀ ଭଗବତୀଚରଣ ଦାସ ।

## ବିଜ୍ଞାପନ ।

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ !

ଏହା କୁଇନାଇନ ସଲଫେଟର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ଆଉ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ [illegible]ରେ ଯଥା;

ଡାକମାସୁଲ ସହିତ ୪ଆଉନ୍‌ସକୁ ଟ ୨ ଙ୍କା । ୮ଆଉନ୍‌ସକୁ ଟ ୧୧ଙ୍କା । ୧୬ ଅଉନ୍‌ସକୁ ଟ ୨୦୳ ଙ୍କା । ମୂଲ୍ୟ ଅଗ୍ରିମ ।

## ମୂଲ୍ୟପ୍ରାପ୍ତି ।

ବାବୁ ବିଦ୍ୟାଧର ମାହାନ୍ତି ଦଣ୍ଡମାଳ ବର୍ଷକୁ [illegible]

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଗ
ସ ୨୭ ଖ୍ୟା

ତା ୨ ରଖ ମାହେ ଜୁଲାଇ ସନ ୧୮୮୧ ମସିହା । ମୁ । ଆଷାଢ଼ ତ ୨୦ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୬।୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୭।୦
ମଫସଲଙ୍କପାଇ ଡାକମାସୁଲ ଟ ୧୵

କଲିକତା ହାଇକୋର୍ଟରେ ଆଉ ଦୁଇ ଜଣ ଦେଶୀୟ ଜଜ ନିଯୁକ୍ତ ହେବାର କଥା ହେଉଅଛି ଏବଂ ତହିଁ ସମ୍ପର୍କରେ ବ୍ରାହ୍ମ ପବଲିକ ଓପିନିୟନ ଲେଖିଅଛନ୍ତି କି କଲିକତାର ମାଜିଷ୍ଟ୍ରେଟ ଅମୀରଅଲି ସାହେବ କିଛୁକାଳ ନିମିତ୍ତ ହାଇକୋର୍ଟର ଜଣେ ଜଜ ସ୍ୱରୂପ ନିଯୁକ୍ତ ହେବେ ଏବ ବି, ଏଲ୍, ଗୁପ୍ତ ସାହେବ ତାହାଙ୍କ ପଦରେ ନିଯୁକ୍ତ ହେବେ । ଅମୀରଅଲି ସାହେବ ଜଣେ ଅତି ଯୋଗ୍ୟ ହାକିମ ଅଟନ୍ତି ଏହାଙ୍କର ପଦୋନ୍ନତି ହେବା ସାଧାରଣ ଆନନ୍ଦର ବିଷୟ ଅଟଇ ।

---

ଡେଲିନ୍ୟୁସ ବୋଲନ୍ତି କି ସରଦାର ଅବଦୁଲ୍ଲା ଖାନ ଗତ ମାସ ତା ୧୧ ରଖର ଯୁଦ୍ଧରେ ହତ ହୋଇ ଥିବାର ଯାହା ଲେଖା ଅଛି ତାହା ସହଜରେ ବିଶ୍ୱାସ ଯୋଗ୍ୟ ନୁହଇ ସରଦାରଙ୍କର ମୃତ୍ୟୁ ସମ୍ବାଦ ଏଥି ପୂର୍ବେ ଆଉ ଥରେ ପ୍ରକାଶିତ ହୋଇ ଥିଲା । ଉକ୍ତ ପତ୍ରିକାର ସମ୍ପାଦକଙ୍କର ମତ ଏହି ଯେ କାବୁଲରେ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ କେହି ଲୋକ ନ ଥିବାରୁ ଅମୀରଙ୍କ ସରଦାର ଯେତେବେଳେ ଯେମନ୍ତ ସୁବିଧା ବିବେଚନା କରନ୍ତି ତେତେବେଳେ ତେମନ୍ତ ଲେଖି ଦିଅନ୍ତି ।

---

ବାବୁ ଦ୍ୱାରିକାନାଥ ଚକ୍ରବର୍ତ୍ତିଙ୍କ ଓଡ଼ିଆ ଶିକ୍ଷାବିଧାନର ନୂତନ ସଂସ୍କରଣ ବାଲେଶ୍ୱର ଉତ୍କଳପ୍ରେସରୁ ବାହାର ଅଛି ଏବଂ ଆମ୍ଭେମାନେ ତହିଁରୁ ଏକଖଣ୍ଡ ଉପହାର ପାଇଥିବାର କୃତଜ୍ଞତା ସ୍ୱୀକାର କରୁଅଛୁଁ । ଭୂମିକାରୁ ଜଣାଯାଏ ଯେ ଏଥର ଅନେକ ପରିବର୍ଦ୍ଧିତ ଏବଂ ସଂଶୋଧିତ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ଏଥିପାଇଁ ଟ ୧୫୦୯ଙ୍କା ସାହାଯ୍ୟଦାନ କରିଅଛନ୍ତି । ଏଥିର ତାତ୍ପର୍ଯ୍ୟ କିଛି ବୁଝି ପାରିଲୁ ନାହିଁ । ଯେବେ ଊଣା ମୂଲ୍ୟରେ ପୁସ୍ତକ ବିକ୍ରୟ ହେବା ଉଦ୍ଦେଶ୍ୟରେ ହୋଇ ଥାଏ ତେବେ ଉତ୍ତମ ଅଟଇ କିନ୍ତୁ ଗବର୍ଣ୍ଣମେଣ୍ଟରୁ କୌଣସି ମୂଲ୍ୟ ନିରୂପଣ ହୋଇଥିବାର ପ୍ରକାଶ ପାଉ ନାହିଁ ।

---

ଅମ୍ଭମାନଙ୍କ ପୁରୀସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଗତମାସ ତା ୨୪ ରଖ ଶୁକ୍ରବାର ରାତ୍ରି ଘ ୧୦ ଟାରେ ଶ୍ରୀଜଗନ୍ନାଥଙ୍କର ଅନ୍ନ ଭୋଗ ହେଲା ଏବଂ ତହିଁଉତ୍ତାରୁ ଯାତ୍ରିମାନେ ମହାପ୍ରସାଦ କିଣିକରି ଭୋଜନ କଲେ । ଅନେକ ଯାତ୍ରି ମହାପ୍ରସାଦ ବିନା ଅନ୍ୟ ଅନ୍ନ କ୍ଷେତ୍ରମଧ୍ୟରେ ଭୋଜନ କରନ୍ତି ନାହିଁ ସୁତରାଂ ସେମାନଙ୍କୁ ସେ ପର୍ଯ୍ୟନ୍ତ ଉପବାସ ରହିବାକୁ ହୋଇଥିଲା । ଏହି ସବୁ କାରଣରୁ ଯାତ୍ରିଙ୍କର ପୀଡ଼ା ହୁଅଇ ମାତ୍ର ଦୁଃଖର ବିଷୟ ଯେ କେହି ଦେଖିବାକୁ ନାହିଁ । ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ନିଯୋଗ ବିଷୟରେ ଗବର୍ଣ୍ଣମେଣ୍ଟ ଯେତେ ବିଲମ୍ବ କରୁଅଛନ୍ତି ତେତେ ସାଧାରଣ ଅନିଷ୍ଟ ହେଉଅଛି ଗତବର୍ଷ ରାମପ୍ରସାଦ ବାବୁଙ୍କ ତତ୍ତ୍ୱାବଧାରଣରେ ଏପ୍ରକାର ଘଟନା ହୋଇପାରି ନ ଥିଲା । ସ୍ଥାନୀୟ ହାକିମଙ୍କର ଏ ବିଷୟରେ ବିଶେଷ ଦୃଷ୍ଟି ରଖିବାର ଆବଶ୍ୟକ ।

---

ଏ ନଗରର ଜେଲଖାନାରେ କଲଦ୍ୱାରା କାଗଜ ପ୍ରସ୍ତୁତ ହେବାର ସ୍ଥିର ହୋଇ ବିଲାତରୁ ଗୋଟିଏ କଲ ଆମଦାନି ହୋଇଅଛି । ଗତମଙ୍ଗଳବାର ଉକ୍ତ କଲ ଏଠାରେ ପହୁଞ୍ଚିଲା ଓ ପ୍ରାୟ ତିନିଟାକ ଉକ୍ତକଲର ଦ୍ରବ୍ୟମାନ ଗାଡ଼ିରେ ବୁହା ଲାଗିଥିଲା । ଶୁଣିଲୁଁ ଏହାର ମୂଲ୍ୟ ପ୍ରାୟ ଦଶହଜାରଟଙ୍କା ଅଟଇ ଆପାତତଃ ମନୁଷ୍ୟ ବଳରେ ଉକ୍ତକଳ ଚଳିବ ଏବଂ ତଦ୍ୱାରା କାର୍ଯ୍ୟ ବିସ୍ତାର ହେଲେ ଏ ଉତ୍ତାରୁ ଧୂଆଁ କଳ ବସିପାରେ । କଲଦ୍ୱାରା କିମାତ୍ର କେତେ କାଗଜ ପ୍ରସ୍ତୁତ ହେବ ତାହା ଆମ୍ଭେମାନେ ବୁଝି ନାହୁଁ ମାତ୍ର ଯେବେ ଅନ୍ତତଃ ବାଲିକାଗଜପରି କାଗଜ ପ୍ରସ୍ତୁତ ହେବ ଓ ତହିଁର ମୂଲ୍ୟ ସୁଲଭ ହେବ ତେବେ ଭରସା ହୁଅଇ ଯେ ସମସ୍ତ ଓଡ଼ିଶା ଏବଂ ସମ୍ବଲପୁର ପ୍ରଭୃତିରେ ଯେତେ କାଗଜ ଖର୍ଚ୍ଚ ହୁଅଇ ଏହି କଲ ସେ ସମସ୍ତ ଯୋଗାଇବାକୁ ସମର୍ଥ ହେବ । ଆମ୍ଭେମାନେ ଆପଣା ହାତରେ ବନି କାଗଜ କିଣିପାରିବୁଁ ବୋଲି ବଡ଼ ଆନନ୍ଦିତ ଅଛୁଁ ।

---

ପୁରୀ ରଥଯାତ୍ରାର ତତ୍ତ୍ୱାବଧାରଣ ନିମିତ୍ତ ଏ ବର୍ଷ ସେଠାର ଏକ୍‌ଟିଂ କଲେକ୍ଟର ଶ୍ରୀଯୁକ୍ତ ଗଡଫ୍ରେ ସାହେବ ଡେପୁଟୀ କଲେକ୍ଟର ବାବୁ ହରେକୃଷ୍ଣ ଦାସଙ୍କୁ ନିଯୁକ୍ତ କରିଅଛନ୍ତି ଏବଂ

Digitized by srujanika@gmail.com

Split by PDF Splitter



ତାହାଙ୍କ ସାହାଯ୍ୟ ନିମିତ୍ତ ଫଉଜଦାରୀର ହେଡ କ୍ଲର୍କ ଏବଂ କଲେକ୍ଟରୀର ନାଜରଙ୍କୁ ଦେଇ ଅଛନ୍ତି । ପୂର୍ବେ ପୁରୀର ସମସ୍ତ ମହକୁମାର ଭାବଗ୍ରାହୀ ସରକାରୀ କର୍ମକାରକ ଏବଂ ସ୍କୁଲର ଶିକ୍ଷକମାନେ ସୁଦ୍ଧା ଏ କାର୍ଯ୍ୟରେ ନିଯୁକ୍ତ ହେଉଥିଲେ ବୋଧ ହୁଅଇ ନୂତନ କଲେକ୍ଟରଙ୍କୁ ତାହା ଜଣା ନ ଥିବାରୁ ଏ ବର୍ଷ ଉପର ଲିଖିତ ସଂକ୍ଷେପ ବନ୍ଦୋବସ୍ତ ହୋଇଅଛି । ଯାହା ହେଉ ରଥଯାତ୍ରାର ସମ୍ପୂର୍ଣ୍ଣ ବିବରଣ ଅମ୍ଭେମାନେ ଅବଧି ପାଇ ନ ଥିବାରୁ ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ ହେଲୁଁ । କେବଳ ଏତିକି କହି ପାରୁଁ ଯେ ଶ୍ରୀଗୁଣ୍ଡିଚା ଦିନ ସନ୍ଧ୍ୟାର କିଞ୍ଚିତ ପୂର୍ବେ ଠାକୁରମାନେ ରଥରେ ବସିଲେ ଯାତ୍ରିଙ୍କ ଭିଡ଼ ଅତ୍ୟନ୍ତ ହୋଇଥିଲା ଏବଂ ସୁଖର ବିଷୟ ଯେ କୌଣସି ଦୁର୍ଘଟନା ହୋଇ ନାହିଁ । ସମ୍ପ୍ରତି ଯାତ୍ରିମାନେ କୁଶଳରେ ଫେରି ଆସୁଅଛନ୍ତି ।

—*—

ନପାପାର ଘାଟ ଇଜାରଦାରଙ୍କ ଅତ୍ୟାଚାର କଥା ଗତ ସପ୍ତାହରେ ଅମ୍ଭେମାନେ ଲେଖିଥିଲୁଁ । ଉକ୍ତ ପ୍ରସ୍ତାବ ବାହାରିବା ପୂର୍ବ ବାବୁ ଦୀନନାଥ ବାନର୍ଯ୍ୟା ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ଉକ୍ତ ବିଷୟରେ ଖଣ୍ଡିଏ ପତ୍ର ଲେଖିବାରୁ ସାହେବ ପ୍ରଶଂସିତ ତାହା ଆଦର ପୂର୍ବକ ଗ୍ରହଣ କରି ତହିଁର ଯଥାର୍ଥ ପ୍ରତିବିଧାନ କରିଅଛନ୍ତି । ସେହି ପତ୍ରକୁ ସେ ପୁଲସ ଜନଟକୁ ପଠାଇ ଦେଇ ସ୍ୱୟଂ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏ ଅତ୍ୟାଚାର ନିବାରଣ କରିବା ଏବଂ ଦୋଷିବ୍ୟକ୍ତିକୁ ଦଣ୍ଡ ଦିଆଇବା ପକ୍ଷରେ ଯତ୍ନ କରିବା କାରଣ ସମୁଚିତ ଆଜ୍ଞା ଦେଇଅଛନ୍ତି ଏବଂ ତହିଁ ସଙ୍ଗେ ଦୀନୁ ବାବୁଙ୍କୁ ତାହାଙ୍କ ପତ୍ରର ଉତ୍ତର ପ୍ରଦାନ କରିବାକୁ ବିସ୍ମୃତ ହୋଇ ନାହାନ୍ତି ତହିଁରେ ଦୀନୁବାବୁଙ୍କୁ ସାଧାରଣ ହିତ ଚେଷ୍ଟା ନିମିତ୍ତ ଧନ୍ୟବାଦ ଦେଇଅଛନ୍ତି ଏବଂ ଅନ୍ୟାନ୍ୟ ଲୋକମାନେ ଏହିପ୍ରକାର ସାଧୁକାର୍ଯ୍ୟରେ ବ୍ରତୀ ହେଉନ୍ତୁ ଏପରି ଇଚ୍ଛା ପ୍ରକାଶ କରିଅଛନ୍ତି । ନୂତନ ମାଜିଷ୍ଟ୍ରେଟ ସାହେବଙ୍କର ଏପ୍ରକାର କର୍ତ୍ତବ୍ୟ ଜ୍ଞାନର ପରିଚୟ ପାଇ ଅମ୍ଭେମାନେ କୃତାର୍ଥ ହୋଇଅଛୁଁ ଏବଂ ତାହାଙ୍କୁ ଧନ୍ୟ ଧନ୍ୟ ବୋଲୁଅଛୁଁ । ଏପରି ବିବେକ, ବିଚକ୍ଷଣ ଏବଂ କର୍ତ୍ତବ୍ୟପରାୟଣ ହାକିମ ଭାଗ୍ୟରୁ ମିଳଇ ।

---

ଏଥି ମଧ୍ୟରେ ୟାକୁବ ଖାନ ଏବଂ ଅମୀରଙ୍କ ସୈନ୍ୟ ମଧ୍ୟରେ ଆଉ ଗୋଟିଏ ଯୁଦ୍ଧ ହୋଇ ଯାଇଅଛି । ୟାକୁବଙ୍କ ପକ୍ଷର ସରଦାର ମହମ୍ମଦ ହସନ ଖାନ ସ୍ୱଗବରେ ଥିବା ଅମୀରଙ୍କ ଖାସାଦାର ମଧ୍ୟରୁ ଗୋପନ ଭାବରେ ଆକ୍ରମଣ କରି ଜ ୫୦ ଜଣକୁ ନିଅସ୍ତ୍ର କଲେ । ଅମୀରଙ୍କ ସରଦାର ଏ ସମ୍ବାଦ ଶୁଣି ଗତ ଜୁନ ମାସ ତା ୧୧ ରଖରେ ଗିରିସ୍କର ଛାଉଣୀରୁ ଦୁଇପଲଟନ ଅଶ୍ୱାରୋହୀ ଏକପଲଟନ ପଦାତିକ ଏବଂ ଦୁଇଗୋଟା ତୋପ ନେଇ ଚଢ଼ାଉ କଲେ । ବାଟରେ ସରଦାର ମହମ୍ମଦ ହସନ ଏବଂ ଅବଦୁଲ୍ଲା ଖାନଙ୍କ ଅଧୀନରେ ଅନେକ ସୈନ୍ୟଙ୍କ ସହିତ ଭେଟ ହେବାରୁ ସେମାନଙ୍କୁ ଆକ୍ରମଣ କଲେ । ପ୍ରାୟ ତିନଘଣ୍ଟା ପର୍ଯ୍ୟନ୍ତ ଭାରି ଯୁଦ୍ଧ ହେଲା ଏବଂ ପରିଶେଷରେ ହାରିତମାନେ ପରାସ୍ତ ହେଲେ । ସେମାନଙ୍କ ମଧ୍ୟରୁ ୧୩୦ ଜଣ ହତ ଓ ଆହତ ହୋଇଅଛନ୍ତି ଏବଂ ଏହା ଛଡ଼ା ଅନେକ ସୈନ୍ୟ ବନ୍ଦୀ ହୋଇ ଅଛନ୍ତି । ମୃତ ବ୍ୟକ୍ତିଙ୍କ ମଧ୍ୟରେ ସରଦାର ଅବଦୁଲ୍ଲା ଖାନ ଏବଂ ଆଉ କେତେ ଗୁଡ଼ିଏ ସୈନିକ କର୍ମଚାରୀ ଅଛନ୍ତି । ସରଦାର ମହମ୍ମଦ ହସେନ ଖାନ ମଧ୍ୟ ଗୁରୁତର ଆଘାତ ପାଇ ଅଛନ୍ତି । ଯୁଦ୍ଧ ସ୍ଥଳରେ ସରଦାର ହାସେମ ଖାନ ଉପସ୍ଥିତ ନ ଥାଇ ତହିଁ ପୂର୍ବରୁ ଦାଓଜାଦରେ ଡେରା ପକାଇ ଥିଲେ । ସରଦାର ଅବଦୁଲ୍ଲା ଖାନଙ୍କ ପିନ୍ଧଲା ଲୁଗା ମଧ୍ୟରୁ ଅନେକ ଗୁଡ଼ିଏ ପତ୍ର ପାଆଯାଇ ଗଲା, ସେ ସବୁର ମର୍ମ ଏହି କି ସେ ଶୀଘ୍ର କାନ୍ଦାହାର ଉପରେ ଚଢ଼ାଉ ନ କରିବାରୁ ୟାକୁବ ଖାନ ତାହାଙ୍କୁ ବିସ୍ତର ତିରସ୍କାର କରିଅଛନ୍ତି ।

କଥିତ ହୁଅଇ ଯେ ୟାକୁବ ଖାନ ଦଶ ବାରହଜାର ସୈନ୍ୟ ସଂଗ୍ରହ କରିଅଛନ୍ତି ଏବଂ ଏହି ଯୁଦ୍ଧଦିନ ୯୦୦ ଅଶ୍ୱାରୋହୀ ତାହାଙ୍କ ସେନା ମଧ୍ୟରେ ଥିଲେ । ସେ ହୀରାଠାରୁ କେବଳ ଦୁଇଦିନ ବାଟ ବାହାରି ଅସିଅଛନ୍ତି । ଅମୀର ଅବଦୁର ରହମାନ ଖାନ ଅବଧି କାବୁଲରେ ଅଛନ୍ତି । ଏହି ମାସ ତା ୧୫ ରିଖରେ କାନ୍ଦାହାରକୁ ଯାତ୍ରା କରିବେ ବୋଲି ସ୍ଥିର ହୋଇଅଛି ମାତ୍ର ତାହା କାର୍ଯ୍ୟରେ ଘଟିବାର ଆଶା ନାହିଁ । ଏଥି ମଧ୍ୟରେ ସେ କାନ୍ଦାହାରକୁ ଅନେକ ସୈନ୍ୟ ପଠାଇବାର ବନ୍ଦୋବସ୍ତ କରୁଅଛନ୍ତି ।

---

## କିଲ୍ଲା ବାଙ୍କୀ ।

ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ କିଲ୍ଲା ବାଙ୍କୀର ଶାସନ ପ୍ରଣାଳୀ ସମ୍ପର୍କରେ ଯେଉଁ ନୂତନ ପରିବର୍ତ୍ତନ ଘଟିବାର ପ୍ରସ୍ତାବ ହୋଇଅଛି ତହିଁରେ ସେଠା ନିବାସିମାନେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ କରିବା କାରଣ ସ୍ଥିର କରିଅଛନ୍ତି ଏବଂ ଦରଖାସ୍ତ ଛପା କରାଇବା ଏବଂ ପଠାଇବା କାରଣ ସେମାନଙ୍କ କାରପରଦାଜମାନେ ଏ ନଗରକୁ ଆସି ତହିଁର ନକଲ କରୁଅଛନ୍ତି । ଦରଖାସ୍ତକାରମାନଙ୍କର ପ୍ରାର୍ଥନା ଏହି କି ଅନ୍ତତଃ ଚଳିତ ବନ୍ଦୋବସ୍ତ ଶେଷ ଅର୍ଥାତ ସନ ୧୮୮୭ ସାଲ ପର୍ଯ୍ୟନ୍ତ ପ୍ରସ୍ତାବିତ ପରିବର୍ତ୍ତନଟି ସ୍ଥଗିତ ରହୁ ଏବଂ ଯଦ୍ୟପି ସେମାନଙ୍କୁ ଏତେ ତରତର ହୋଇ ସଭ୍ୟ କରିବାକୁ ଏକାନ୍ତ ଇଚ୍ଛା ଯେ ଆଉ ଛଅବର୍ଷ କାଳ ସମ୍ଭାଳି ନ ପାରନ୍ତି ତେବେ ବାଙ୍କୀକୁ ପୁରୀ ଅନ୍ତର୍ଗତ ନ କରି କଟକ ସହିତ ଯୋଗ କରନ୍ତୁ । ବାଙ୍କୀ ପ୍ରଜାମାନଙ୍କର ପ୍ରାର୍ଥନା ଯେ ନିତାନ୍ତ ଯୁକ୍ତିସଙ୍ଗତ ତହିଁରେ ଦ୍ୱିରୁକ୍ତି ନାହିଁ । ଏତେ କାଳ ଗଲା ଆଉ ଛଅବର୍ଷ ବିଳମ୍ବ ହେଲେ କି କ୍ଷତି ହେବ ଅମ୍ଭେମାନେ ବୁଝି ପାରୁ ନାହୁଁ । କିଲ୍ଲାଟି ସ୍ୱତନ୍ତ୍ର ଥିବାରୁ ପ୍ରଜାମାନେ କୌଣସି ପ୍ରକାର କଷ୍ଟ ଭୋଗ କରୁ ନାହାନ୍ତି କିମ୍ବା ସେପରି ଶୁଣାଯାଇ କେବେ ହୋଇ ନାହିଁ । ପ୍ରଚଳିତ ବନ୍ଦୋବସ୍ତ ଶେଷ ହେବାକୁ ମଧ୍ୟ ଦୀର୍ଘକାଳ ବିଳମ୍ବ ନାହିଁ ତେବେ ଏଥି ମଧ୍ୟରେ ତାହାଙ୍କୁ ବିରକ୍ତ କରିବାର ପ୍ରୟୋଜନ କି ? ପ୍ରଧାନ ପ୍ରଧାନ ଆଇନ ସମସ୍ତ ସେଠାରେ ଜାରି ହୋଇଅଛି ଆଉ ଯେବେ ଅଧିକ କିଛି ଥାଏ ତାହା କରି ଦେଲେ ମନା ନାହିଁ ବରଂ ଘରେ ବସି ସେ ସମସ୍ତ ଶିକ୍ଷା କରିଥିଲେ ପଛକୁ ସୁବିଧା ହେବ । ତହସିଲଦାରଙ୍କ ହୁକୁମର ଅପିଲ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ବୁଝିବାକୁ ପଡ଼ୁଅଛି ଆଇନ ଜାରି ହେଲେ ତେତେକ ଅନ୍ୟ ମହକୁମାକୁ ବାହାରି ଯିବ ଅତଏବ ଅମ୍ଭେମାନେ କହୁଅଛୁଁ ଯେ କଟକ ସାମିଲ କରି ଦେଲେ ସେ ଅପିଲମାନ କଟକ କଲେକ୍ଟର ଏବଂ ଜଜଙ୍କ ନିକଟରେ ହେବ ଏବଂ ତହିଁରେ ଲୋକଙ୍କର ଅଧିକ କ୍ଲେଶ କିଛି ହେବ ନାହିଁ । ତାହା ନ କରି ଖୋରଧା ପୁରୀ ଏବଂ କଟକ ତିନ ମୁକାମକୁ ପ୍ରଜାଙ୍କୁ ଦୌଡ଼ାଇବା କୌଣସି ମତେ ଯୁକ୍ତିଯୁକ୍ତ ନୁହଇ । ପୂର୍ବର କମିଶନରମାନେ ବାଙ୍କୀକୁ

Digitized by srujanika@gmail.com

କଟକ ସଙ୍ଗେ ଯୋଗ କରିବାର ପ୍ରସ୍ତାବ କରିଥିଲେ ବାସ୍ତବରେ କଟକ ସଙ୍ଗେ ବାଙ୍କୀର ସମସ୍ତ ପ୍ରକାର କାରବାର ଅଛି ଖୋରଧା କ ସୁଖ ସଙ୍ଗେ କିଛି ନାହିଁ । ଅମ୍ଭେମାନେ ଏକାନ୍ତ ପ୍ରାର୍ଥନା କରୁଁ ଯେ ଶ୍ରୀଯୁକ୍ତ ସ୍ମିଥ ସାହେବ ଆପଣା ପୂର୍ବମତ ପରିତ୍ୟାଗ କରି ବାଙ୍କୀକୁ କଟକ ସଙ୍ଗେ ଯୋଗ କରିବାର ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେଉନ୍ତୁ ।

---

## ମଧ୍ୟପ୍ରଦେଶର ରାଜସ୍ୱ ଆଇନ ।

ମଧ୍ୟପ୍ରଦେଶ ଆଇନ ବହିର୍ଭୂତ ରାଜ୍ୟ ଥିବାରୁ ଏତେ କାଳ କୌଣସି ଭୂମି ସମ୍ପର୍କୀୟ ଆଇନ ସେ ପ୍ରଦେଶ ନିମିତ୍ତ ଜାରି ହୋଇ ନ ଥିଲା । ଏଥିରେ ସେଠା ଲୋକଙ୍କର ବହୁତ ଅସୁବିଧା ଘଟୁଥିଲା । ସମ୍ପ୍ରତି ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ବ୍ୟବସ୍ଥାପକ ସଭାରୁ ମଧ୍ୟପ୍ରଦେଶର ଭୂମି ରାଜସ୍ୱ ବିଷୟକ ଗୋଟିଏ ଆଇନ ପ୍ରସ୍ତୁତ ହୋଇଅଛି । ଆଇନଟି ଆବଶ୍ୟକ ମତେ ଅତ୍ୟନ୍ତ ଦୀର୍ଘ ହୋଇଅଛି ଏବଂ ଏଥିରେ ରାଜସ୍ୱ ବନ୍ଦୋବସ୍ତର ନିୟମ ଜମିଦାର ଏବଂ ଅନ୍ୟାନ୍ୟ ସତ୍ତ୍ୱବାନ୍ ବ୍ୟକ୍ତିଙ୍କ ସତ୍ତ୍ୱର ବିବରଣ, ରାଜସ୍ୱ ଆଦାୟ କରିବାର ବିଧି ଏବଂ ରାଜସ୍ୱ ହାକିମଙ୍କର କର୍ତ୍ତବ୍ୟ କାର୍ଯ୍ୟର ବିବରଣ ବାହୁଲ୍ୟରୂପେ ଲେଖା ଅଛି । ଅମ୍ଭେମାନେ ଏ ଆଇନର ଅନେକାଂଶ ପାଠକରି ଦେଖିଅଛୁଁ ଯେ ତହିଁରେ ସନ୍ନିବେଶିତ ହୋଇଥିବା ରାଜସ୍ୱ ବନ୍ଦୋବସ୍ତ ଏବଂ ଆଦାୟର ସ୍ଥୂଳ ନିୟମମାନ ଉତ୍ତମ ହୋଇଅଛି ଏବଂ ଏ ପ୍ରଦେଶର ପ୍ରଚଳିତ ନିୟମରୁ ଅଧିକ ବିଭିନ୍ନ ନାହିଁ । କେତେଗୁଡିଏ ନୂତନ ନିୟମ ତହିଁରେ ହୋଇଅଛି ଯେ ତହିଁ ମଧ୍ୟରେ ପ୍ରତ୍ୟେକ ଗ୍ରାମ ସକାଶେ ଜଣେ ମୋକଦ୍ଦମ ନିଯୁକ୍ତ ହେବା ଗୋଟିଏ ଅଟଇ । ଆଇନାନୁସାରେ ଜମିଦାର ପ୍ରଭୃତିଙ୍କର କେତେଗୁଡିଏ କର୍ତ୍ତବ୍ୟ କାର୍ଯ୍ୟ ଅଛି । ଯେଉଁ ଜମିଦାର ଆପଣା ଜମିଦାରୀରେ ନ ଥାଇ ଭିନ୍ନସ୍ଥାନରେ ରହି ଥାଏ ଏବଂ ଯେଉଁ ଜମିଦାରୀର ଅଂଶିଙ୍କ ସଂଖ୍ୟା ଅଧିକ ତାହାଙ୍କଦ୍ୱାରା ସେ କାର୍ଯ୍ୟମାନ ସୁଚାରୁରୂପେ ହୋଇ ପାରଇ ନାହିଁ ବୋଲି ମୋକଦ୍ଦମର ସୃଷ୍ଟି ହୋଇଅଛି । ମୋକଦ୍ଦମ ଗ୍ରାମର ସରଦାର ବା ପଧାନ ତୁଲ୍ୟ ଅଟଇ । ସେ ଗ୍ରାମର ଭଲ ମନ୍ଦ ସବୁ ସରକାରଙ୍କୁ ଜଣାଇବ ଏବଂ ଜମିଦାରଙ୍କଠାରୁ ବେତନ ପାଇବ । ବେତନର ପରିମାଣ ଜମା ଉପରେ ଶତକରା ଟ ୫୲ ଙ୍କାରୁ ଅଧିକ ହେବ ନାହିଁ । ଏହି ମୋକଦ୍ଦମଙ୍କ ସମ୍ପର୍କରେ ଆଇନର ବିଧିମାନ କିଛି କଠିନ ହୋଇଅଛି କାରଣ ଜମିଦାର ତାହାଙ୍କର ବେତନ ଦେବ କିନ୍ତୁ ସରକାରରୁ ସେ ନିଯୁକ୍ତ ହେବ । ଅନ୍ତତଃ ଯେତେବେଳେ ସେ ଗ୍ରାମବାସିଙ୍କ ସରଦାର ହେବ ଗ୍ରାମବାସିଙ୍କଦ୍ୱାରା ତାହାର ନିଯୋଗ ହେବା ଉଚିତ ଥିଲା । ଗ୍ରାମବାସିମାନେ ଯାହାକୁ ସରଦାରରେ ବରଣ କରିବେ ସେହି ସିନା ସେ ପଦର ଯୋଗ୍ୟ । ସରକାରୀ କର୍ମକାରକ ନିଯୁକ୍ତ କଲେ ସେ ଲୋକଙ୍କର ସରଦାର ହୋଇ ନ ପାରେ । ପୁଣି ଏ ମୋକଦ୍ଦମମାନଙ୍କୁ ଗ୍ରାମର ସ୍ୱାସ୍ଥ୍ୟରକ୍ଷାର ଭାର ଦିଆଯାଇଅଛି ଏବଂ ତହିଁରେ ଯାହା ବ୍ୟୟ ହେବ ତାହା ଗ୍ରାମବାସିଙ୍କଠାରୁ ସେ ଆଦାୟ କରିବ ଏମନ୍ତ କ୍ଷମତା ସୁଦ୍ଧା ତାହାକୁ ଦିଆଯାଇଅଛି । ଆମ୍ଭମାନଙ୍କର ଭୟ ହେଉଅଛି ଯେ ଏହାଦ୍ୱାରା ଗ୍ରାମବାସିଙ୍କର ସମୟ୨ରେ କଷ୍ଟ ହୋଇ ପାରେ । ଏକ୨ ଜଣ କଲେକ୍ଟରଙ୍କର ଯେପରି ସ୍ୱାସ୍ଥ୍ୟ ବିଧାନ କରିବାର ଇଚ୍ଛା ହେବ ତାହା ସେ ମୋକଦ୍ଦମକୁ କରିବା ସକାଶେ କହିବେ ଏବଂ ମୋକଦ୍ଦମ ଆପଣା ମୁରବିର ମନ ଯୋଗାଇବା କାରଣ ପ୍ରଜାଙ୍କର ଅବସ୍ଥା ପ୍ରତି ବିଚାର ନ କରି ସେ କାର୍ଯ୍ୟ କରିବ ଏବଂ ତହିଁର ବ୍ୟୟ ଅଧିକ ହେଲେ ପ୍ରଜାଙ୍କର ସର୍ବନାଶ ହେବ । ପ୍ରଜାମାନଙ୍କଠାରୁ ଏ ବିଷୟରେ ବର୍ଷ ମଧ୍ୟରେ ଯେତେ ଆଦାୟ କରିବା ଉଚିତ ତହିଁର ଗୋଟିଏ ଉଚ୍ଚସୀମା ଆଇନରେ ନିରୂପିତ ହୋଇଥିଲେ ଉତ୍ତମ ହୋଇଥାନ୍ତା ତାହା ହୋଇ ନ ଥିବାରୁ ହାକିମଙ୍କର ସ୍ୱେଚ୍ଛାଚାର କାର୍ଯ୍ୟର ସମ୍ପୂର୍ଣ୍ଣ ସୁଯୋଗ ରହିଲା ଏବଂ ତାହା ଅତ୍ୟନ୍ତ ଅନ୍ୟାୟ ହୋଇଅଛି ।

---

# ସାପ୍ତାହିକସଂବାଦ ।

ଏଠା ଅବକାରୀ ଦାରୋଗା ଓ କରଣୀ ସସପେଣ୍ଡ ହୋଇଅଛନ୍ତି । ସେମାନଙ୍କର ଦୋଷ ଏହି ଯେ ବଙ୍ଗ ଦେଶସ୍ଥ କୌଣସି ଗୋଲରୁ ବାର ମହଣ ଗଞ୍ଜା ଏଠାକୁ ଆସିବାର ଏଠା ଚାଲାଣମାନୀ ନକ୍ସାରେ ଲେଖା ହୋଇଥିଲା । ସେ ଗୋଲର ନକ୍ସାରେ ତାହା ଲେଖା ନ ଥିବାରୁ ବୋର୍ଡ ତଦାରକ ତଲବ କଲେ । ଏଠାରେ ତହିଁର ପାସ ତଲାସ କରିବାରୁ ପାସ୍ ନ ଗଲା । ଚୋର ଅମଦାନୀର ସନ୍ଦେହରେ ଉପର୍ଯ୍ୟୁକ୍ତ କର୍ମଚାରୀମାନେ ସସପେଣ୍ଡ ହୋଇ ତଦନ୍ତ ହେଉଅଛି ।

ଗତ ଶୁକ୍ରବାର ଦିନ କାଠଯୋଡି ନଦୀ ସ୍ଥଳ ହୋଇ ଯିବାରୁ ଯାତ୍ରୀଙ୍କ ପକ୍ଷରେ ବଡ଼ ସୁବିଧା ହୋଇଗଲା ।

ଯାଜପୁରଠାରୁ ସମ୍ବାଦ ଆସିଅଛି ଯେ ସେଠାରେ ପ୍ରତିଦିନ ସାମାନ୍ୟ ପ୍ରକାର ବୃଷ୍ଟି ହେଉଅଛି ଏବଂ ଏ ପର୍ଯ୍ୟନ୍ତ ଫସଲ ଅବସ୍ଥା ଉତ୍ତମ ଦେଖାଯାଏ ।

ଯାଜପୁର ଥାନା ଅନ୍ତର୍ଗତ ଦେଙ୍କୀହାର ମଉଜାରେ ଶ୍ରୀ ବିରୋଜା ଠାକୁରାଣୀଙ୍କ ସେବକ ବ୍ରାହ୍ମଣ ଏକଜଣ ଆପଣା କନ୍ୟାକୁ ବିବାହ ଦେବା ସକାଶ ଏକ ବ୍ୟକ୍ତିଠାରୁ କିଛି ଅର୍ଥ ଗ୍ରହଣ କରି ଦୃଢ଼ରୂପେ ଜବାବ ଦେଇଥିଲା ଓ ଆଷାଢ଼ମାସ ତା ୧୨ ନ ବିବାହ ତାରିଖ ନିର୍ଣ୍ଣୟ ହୋଇଥିବାରୁ ସେ ଦିନ ବର ବିଧିମତେ କନ୍ୟା ଘରଠାରେ ପହୁଞ୍ଚିବାମାତ୍ର କନ୍ୟାର ପିତା ଉକ୍ତ ବରକୁ ଅପଣା ଘରୁ ବାହାର କରି ଦେଇ ଅନ୍ୟ ଏକ ବ୍ୟକ୍ତିକୁ ବରଣ କରି ଆଣି ଝିଅକୁ ବିବାହ କରିଦେଲା ପ୍ରଥମ ବର ବିବାହ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ସେହି ସ୍ଥାନରେ ପଡିରହି ଶେଷରେ ଶିଶୁପାଳ ହୋଇ ଅପଣା ଗୃହକୁ ଫେରି ଗଲା ।

ଯେଉଁ ବ୍ୟକ୍ତି ଖୁରହାରି ଗତଡ଼ ବେକରେ ଗୁରୁତର ଆଘାତ କରିଥିବା ଏଥିପୂର୍ବେ ଲେଖା ହୋଇଥିଲା ସେ ବ୍ୟକ୍ତି ବିଚାରରେ ଦୌରା ସୁପୋର୍ଦ୍ଦ ହୋଇଅଛି ।

ଶୁଣିଲୁଁ ଯେ ଯାଜପୁରର ସବ୍‌ଡିପୋଟୀ ମୁନସୀ ବାବୁ ବିକାସ ଦୁଇ ମାସର ଛୁଟୀ ନେଉଥିବାରୁ କଲେକ୍ଟର ସାହେବ ପ୍ରସ୍ତାବ କରିଅଛନ୍ତି ଯେ ତାଙ୍କ କର୍ମ ଚଳାଇବା ସକାଶ ଏଠାରୁ ବାବୁ ବଳରାମ ଦାସ ସବ୍‌ଡିପୋଟୀ ଯାଜପୁରକୁ ଯିବେ ଓ କଲେକ୍ଟରୀ ସିରସ୍ତାଦାର ବାବୁ ଜଗନ୍ମୋହନ ଲାଲଙ୍କୁ ଡିପୋଟୀର କ୍ଷମତା ଦିଆଯିବ ଯେ ସେ ବଳରାମ ବାବୁଙ୍କ ପରିବର୍ତ୍ତେ ଦାଖଲଖାରିଜ ମକଦ୍ଦମା କରିବେ ଓ ପେସ୍କାର ସିରସ୍ତାଦାରୀ ଓ ପେସ୍କାରି ଉଭୟ କର୍ମ ନିର୍ବାହ କରିବେ । କେହି କିଛି ଅଧିକା ବେତନ ବା ଭତା ପାଇବେ ନାହିଁ । ସରକାରଙ୍କର ଯଥା ଲାଭ !

ଶଗର ପକ୍ଷରେ ଗର୍ହିତକାରକ ମହାପ୍ରସାଦ ବିକ୍ରୟ କରିବା ଅପରାଧରେ ଅନେକଗୁଡିଏ ଲୋକ ପୁରୀରେ ଗ୍ରେପ୍ତାର ହେବାର ସଂବାଦ ଏଥି ପୂର୍ବେ ଅମ୍ଭେମାନେ ଲେଖିଥିଲୁଁ । ସମ୍ପ୍ରତି ଅବଗତ ହେଲୁଁ ଯେ ତହିଁ ମଧ୍ୟରୁ ୧୯ଣ ଲୋକଙ୍କ ଉପରେ ଅର୍ଥଦଣ୍ଡ ହୋଇଅଛି ଏବଂ ଅବଶିଷ୍ଟ କେତେ ନମ୍ବର ମକଦ୍ଦମା ବିଚାରାଧୀନରେ ଅଛି ।

ଲୁଣ ଚୋରାଣୀ ସମୟରେ ଗ୍ରେପ୍ତ ନିବାରଣ ଏବଂ ଗ୍ରେପ୍ତଙ୍କୁ ଧରିବା କାରଣ ଚୋରାଣୀ ସ୍ଥାନରେ ବିଶେଷ ପୁଲିଶ ନିଯୁକ୍ତ ହୁଅନ୍ତି । ପୁରୀ ଏଲାକାର ଏପରି ଚୋରାଣୀ ସ୍ଥାନରେ ନିଯୁକ୍ତଥିବା ଦୁଇଜଣ କନଷ୍ଟବଲ ଲୁଣ ଗ୍ରେପ୍ତ କରିବା ଅପରାଧରେ ଚାଲାଣ ହୋଇଥିଲେ ଏବଂ ତାହା ପ୍ରମାଣ ହେବାରୁ ମାଜିଷ୍ଟ୍ରେଟ ସାହେବ ସେମାନଙ୍କୁ ତିନିମାସ କାରାବାସ ଦଣ୍ଡର ଆଜ୍ଞା ଦେଲେ । ଯେ ରକ୍ଷକ ସେ ଭକ୍ଷକ ଏଥିକୁ ଆଉ କାହାର ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାଲେଶ୍ୱରର ଜଣେ ପ୍ରଧାନ ଜମିଦାର ଏବଂ ମ୍ୟୁନିସିପାଲିଟୀର କମିଶ୍ନର ବାବୁ ରାଧାଶ୍ୟାମ ଦାସ ଅପଣା ପୁତ୍ରଙ୍କ ବିବାହ ଉପଲକ୍ଷରେ ରାତ୍ର ଘ୧୧ଟା ଉତ୍ତାରୁ ଦାଣ୍ଡରେ ବାଜା ବଜାଇ ଯାଉଥିବାରୁ ପୁଲିସ ସବ୍‌ଇନସ୍‌ପେକଟରଙ୍କ ରିପୋର୍ଟ ମତେ ମାଜିଷ୍ଟ୍ରେଟ ତାହାଙ୍କୁ ଫଉଜଦାରୀ ସୁପର୍ଦ୍ଦ କରିଅଛନ୍ତି । ଘ୧୧ଣିଆ ଆଇନ ଲୋକଙ୍କପ୍ରତି କେଡ଼େ କଷ୍ଟକର ଏଥର କମିଶ୍ନରମାନେ ଅନୁଭବ କରନ୍ତୁ ।

ଡେଲିନ୍ୟୁସ ଶୁଣିଅଛନ୍ତି କ ବ୍ରହ୍ମଦେଶର ରାଜା ଥିବାଙ୍କ ସ୍ତ୍ରୀ ତାହାଙ୍କୁ ବିଷ ଖୁଆଇ ମାରିବାର ଚେଷ୍ଟା କରିଥିଲା । ରାଣୀ

କଛ ମିଶ୍ରାଙ୍କ ସ୍ୱୟଂ ପ୍ରସ୍ତୁତ କରିଅଛନ୍ତି ବୋଲି କହି ରାଜାଙ୍କ ନିକଟକୁ ପଠାଇ ଦେଲେ ମାତ୍ର ରାଜା ତାହା ନ ଖାଇ ଅପଣା ଶାଶୁକୁ ଡାକ ଖାଇବାକୁ ଦେବାରେ ସେ ତତ୍କ୍ଷଣାତ ମରିଗଲେ । ରାଜା ଥିବ ଶତଶତ ପ୍ରାଣୀ ନାଶ କରିଅଛନ୍ତି ସେ ସହଜରେ ମରିବାର ପାତ୍ର ନୁହନ୍ତି ।

ସରକାରି କାଗଜରୁ ଜଣାଯାଏ କି ସମସ୍ତ ଭାରତବର୍ଷ ନିମିତ୍ତ ଜଣେ କୃଷି କାର୍ଯ୍ୟର ଡାଇରେକ୍ଟର ଜେନରଲ ନିଯୁକ୍ତ ହେବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଶ୍ରୀଯୁକ୍ତ ବକ ସାହେବ ଏ ପଦରେ ପ୍ରଥମେ ନିଯୁକ୍ତ ହେବେ ବୋଲି ସ୍ଥିର ହୋଇଅଛି । ଏହାଙ୍କଦ୍ୱାରା କୃଷିର ଉନ୍ନତ କେତେମାଣରେ ହେବ ଦେଖାଯିବ ।

ଅଲବାରର ମହାରାଜା ଅପଣା ରାଜ୍ୟ ମଧ୍ୟରେ ଗୋଟିଏ ଶିଳ୍ପ ବିଦ୍ୟାଳୟ ସଂସ୍ଥାପନ କରିବାକୁ ଚେଷ୍ଟା କରୁଅଛନ୍ତି ଏବଂ ତହିଁର ପରାମର୍ଶ ନିମିତ୍ତ ଲାହୋର ଶିଳ୍ପ ବିଦ୍ୟାଳୟର ଅଧ୍ୟାପକଙ୍କୁ ଅପଣା ରାଜ୍ୟକୁ ଆମନ୍ତ୍ରଣ କରିଅଛନ୍ତି । ଏପ୍ରକାର କାର୍ଯ୍ୟରେ ଦେଶୀୟ ରାଜାମାନେ ଯେତେ ଚେଷ୍ଟିତ ହେବେ ସେତେ ଦେଶର ମଙ୍ଗଳ ହେବ ।

ରଙ୍ଗୁନରେ ଭୂମିର ମୂଲ୍ୟ ଏପରି ହୋଇଅଛି ଯେ ଏକଖଣ୍ଡ ଭୂମି ଏକ ବ୍ୟକ୍ତି ପ୍ରତିବର୍ଗଫୁଟକୁ ଟ ୨୯ ଙ୍କା ମୂଲ୍ୟରେ ଖରିଦ କଲା ।

ସନ ୧୮୭୫ ସାଲରେ ପଞ୍ଜାବରୁ ଟ ୩,୨୨,୩୨,୧୫୦ଙ୍କା ରାଜସ୍ୱ ଅଦାୟ ହୋଇଥିଲା । ତହିଁ ପୂର୍ବବର୍ଷ ଏଥିରୁ ଦଶଲକ୍ଷ ଟଙ୍କା ଅଧିକ ଅଦାୟ ହୋଇଥିଲା । ଲବଣ ଓ କଷ୍ଟମ ମାସୁଲରେ ଊଣା ପଡିଥିବାର କଥିତ ହୁଅଇ ।

ସୁରାଟରେ ଲୋକସଂଖ୍ୟା କାଗଜ ଶତସ୍ୱୀକ କରିବା କାରଣ ପାଞ୍ଚଶତ ମୋହରର ନିଯୁକ୍ତ ହୋଇଥିଲେ । ସେମାନଙ୍କର କର୍ମ ଶେଷ ହେବାରୁ ଜୁଲାଇ ମାସ ପ୍ରଥମରୁ ବରଖାସ୍ତ ହେଲେ ।

ଶ୍ରୀଯୁକ୍ତ ସି, ଏଚ୍, ଟି, କ୍ରସ୍‌ଥ୍ୱେଟ ସାହେବ ମଧ୍ୟପ୍ରଦେଶର ଯୁଡିସିଅଲ କମିଶ୍ନର ଛଅ ମାସର ଛୁଟୀ ନେଇ ବିଲାତକୁ ଯାଇଅଛନ୍ତି ।

କଥିତ ହୁଅଇ ଯେ ବସ୍ତି ରେଜେଷ୍ଟ୍ରି କରିବାର ଶର୍ତ୍ତା ଗୃହଅଣା ସ୍ଥଳରେ ଦୁଇଅଣା ହେବାର ପ୍ରସ୍ତାବ ହୋଇଅଛି । ଏହାଦ୍ୱାରା ସର୍ବସାଧାରଣଙ୍କର ଅତି ଗୋଟିଏ ଉପକାର ହେବ ।

କଲିକତା ନିକଟ ଶିବପୁରର ଜଣେ ଜମିଦାର ବାବୁ ମନ୍ମଥ କାନ୍ଜୁଲୀ ଫ୍ରିମେସନଙ୍କ ଦଳଭୁକ୍ତ ହୋଇଅଛନ୍ତି । ଦେଶୀୟ ଲୋକମାନେ ଏ ସମ୍ପ୍ରଦାୟ ମଧ୍ୟରେ ପୂର୍ବେ ଗୃହୀତ ହେଉ ନ ଥିଲେ ।

ଢାକା କଲେଜର ଦୁଇଜଣ ଶିକ୍ଷକ ଅପଣା୨ କର୍ମରେ ଇସ୍ତଫା ଦେଇ ଓକାଲତି କରିବା କାରଣ ପ୍ରାର୍ଥନା କରିଅଛନ୍ତି ।

ସୁଲଭସମାଚାରରୁ ଅବଗତ ହେଲୁଁ ଯେ, ପ୍ରାଚୀନକାଳରେ ଭାରତବର୍ଷର ସ୍ତ୍ରୀମାନେ ପୁରୁଷମାନଙ୍କ ଆଗରେ କାହାରି ଯଥେଚ୍ଛା ଭ୍ରମଣ କରି ପାରୁ ନ ଥିଲେ । କିନ୍ତୁ ଧର୍ମକାର୍ଯ୍ୟରେ ବ୍ରତୀ ହୋଇ ପ୍ରକାଶ୍ୟରେ ବାହାରୁଥିଲେ । ସମାଯୁଣ ମହାଭାରତ ସ୍ମୃତି ଶାସ୍ତ୍ରାଦି ତା ୧ ରଖ ଆଷାଢର "ତତ୍ତ୍ୱବୋଧିନୀ" ଏହା ସପ୍ରମାଣ କରିଅଛନ୍ତି, ସ୍ତ୍ରୀସ୍ୱାଧୀନତା କଥାଟା ଲଢ଼ିଥିବାରୁ ଉଠାଇଦେଲେ ଭଲ ହେବ । କାହାଂରକୁ କାହାରିବାର ଯେ ସ୍ୱାଧୀନତା ଏହା ଚିଏ କହିଲା ? ପୂର୍ବରୁ ଆର୍ଯ୍ୟମାନେ ସ୍ତ୍ରୀମର୍ଯ୍ୟାଦାଶୂନ୍ୟ ନ ଥିଲେ ।

୨ । ଇଂରାଜଙ୍କ ସହିତ ଯୁଦ୍ଧ ଉତ୍ତାରୁ ଟିପୁସୁଲତାନଙ୍କର ଯଥେଷ୍ଟ ଅର୍ଥବ୍ୟୟ ହୋଇଥିଲା । ଯୁଦ୍ଧ ଉତ୍ତାରୁ ଟିପୁସୁଲତାନଙ୍କର ଐଶ୍ୱର୍ଯ୍ୟ ଗଣନାଦ୍ୱାରା ସ୍ଥିର ହେଲା ଯେ, ନଗଦ ମୁଦ୍ରା ଓ ସ୍ୱର୍ଣ୍ଣ ମୁଦ୍ରା ମଣିମାଣିକ୍ୟ ସହିତ ତାହାଙ୍କର ୮୦ କୋଟି ଟଙ୍କା, ୨୦୦ ହାତୀ ୬୦୦ ଓଟ, ୧୧ ହଜାର ଘୋଡା ୪ ଲକ୍ଷ ଗୋରୁ ୧ ଲକ୍ଷ ମହିଷ ଏବଂ ୬ ଲକ୍ଷ ମେଣ୍ଢା ଥିଲା ତଦ୍‌ଭିନ୍ନ ଯୁଦ୍ଧର ଅସ୍ତ୍ରଶସ୍ତ୍ରାଦି ମଧ୍ୟ ଥିଲା, ଏତେ ଐଶ୍ୱର୍ଯ୍ୟ ଥିଲେହେଁ ଟିପୁସୁଲତାନଙ୍କୁ ତରବାର ସିଂହାସନ ଉପରେ ରକ୍ଷା କରି ନ ପାରିଲା । ତାହାଙ୍କୁ ନଜରବନ୍ଦୀ କାରାବାସାବସ୍ଥାରେ ଜୀବନ ଶେଷ କରିବାକୁ ହୋଇଥିଲା । ଧର୍ମହିଁ ମନୁଷ୍ୟକୁ ଶେଷଦିନ ପର୍ଯ୍ୟନ୍ତ ରକ୍ଷା କରେ, ଧନ ଓ ଜନର ସେ କ୍ଷମତା ନାହିଁ ।

୩ । ତ୍ରିବାଙ୍କୁରରେ ଗୋଟିଏ ନୂତନ ରକମର ଅନୁଷ୍ଠାନ ହୋଇଥିଲା । ଭୂତପୂର୍ବ ମହାରାଜା ମରିବା ପୂର୍ବରେ ତାଙ୍କର ପାପର ପ୍ରାୟଶ୍ଚିତର ପ୍ରୟୋଜନ ହେଲା । ୧୦ ହଜାର ଟଙ୍କା ଦେଇ ଜଣେ ବ୍ୟକ୍ତିଙ୍କୁ ଅଣାଇଲେ । ସେ ବ୍ୟକ୍ତି ରାଜାର ସମସ୍ତ ପାପ ଘର ନେବାକୁ ସମ୍ମତ ହେଲା; ଅନୁଷ୍ଠାନ ସମ୍ପନ୍ନ ହେଲାରୁ ମହାରାଜା ସେହି ପରମହିତକର ବନ୍ଧୁ ସହିତ ସସ୍ନେହରେ ପ୍ରେମାଲିଙ୍ଗନ କଲେ ପରେ ସେ ବ୍ୟକ୍ତିକୁ ଟେନେରେଲକୁ ପଠାଇଲା । ସେ ଏ ଜନ୍ମରେ ଆଉ ତ୍ରିବାଙ୍କୁର ଫେରି ଆସି ପାରିବ ନାହିଁ ।

୪ । ମାନ୍ଦ୍ରାଜର ମୃତ ଯାଷ୍ଟଙ୍କ ସ୍ତ୍ରୀ ମୁଣ୍ଡର ବାଳ ଗୋଟିଏମାତ୍ର ପାଚିଲା ନ ଥିଲା । କିନ୍ତୁ ତାହାଙ୍କ ସ୍ୱାମୀର ମୃତ୍ୟୁଉତ୍ତାରୁ ଏହି କେତେକ ଦିନ ମଧ୍ୟରେ ତାଙ୍କ ମୁଣ୍ଡର ଅଧିକାଂଶ ବାଳ ପାଚି ଯାଇଅଛି । ଶୋକ ଦୁଃଖରେ ସହିତ ବାଳ ପାଚିବାର ଗୂଢ ସମ୍ବନ୍ଧ ଅଛି ।

ମିରର ପତ୍ରିକା ଲେଖିଅଛନ୍ତି, କେତେକ ଶୁଭ ଉଦ୍ୟୋଗ ସେଓଡାଫୁଲିଠାରୁ ତାରକେଶ୍ୱର ପର୍ଯ୍ୟନ୍ତ ଗୋଟିଏ ରେଲୱେ ପ୍ରସ୍ତୁତ କରିବା ନିମନ୍ତେ ଜମିଦାର ମହାଜନ ଓ ସଉଦାଗରପ୍ରଭୃତ ଧନଲୋକମାନଙ୍କ ନିକଟରେ ପ୍ରାର୍ଥନା କରିଅଛନ୍ତି । ଉଭୟ ସ୍ଥାନର ଦୂରତ୍ୱ ୨୫ ମାଇଲ ସେହି ୨୫ ମାଇଲ ରେଲୱେ ପ୍ରସ୍ତୁତ କରିବା ନିମନ୍ତେ ୫ ଲକ୍ଷ ଟଙ୍କା ବ୍ୟୟ ହେବାର ଅନୁମାନ ହୋଇଅଛି । ଦେଶୀୟ ଲୋକମାନଙ୍କ ଯତ୍ନ ଓ ବ୍ୟୟରେ ସେହି ରେଲୱେ ପ୍ରସ୍ତୁତ ହେବ । ଏହା ଉଦ୍‌ଯୋଗକାରୀମାନଙ୍କର ସଙ୍କଳ୍ପ ସେହି ରେଲୱେଦ୍ୱାରା ଲଣାର ଡେପୁଟି କମିଶ୍ନର କଟ୍ରୋଲ ଶାକରେ ଉପସ୍ଥିତ ହୋଇଅଛନ୍ତି ।

ଢାକା ନଗରର ଅନ୍ତଃପାତ ଗ୍ରାମମାନଙ୍କରେ ଅତ୍ୟନ୍ତ ମନ୍ଦ ପ୍ରକାରର ସଂକ୍ରାମକଜ୍ୱର ଉପସ୍ଥିତ ହୋଇଅଛି ।

---

## ପ୍ରେରିତ ପତ୍ର ।

ଶ୍ରୀ ମଦୁତ୍କଳଦୀପିକା ସମ୍ପାଦକ ମାନ୍ୟ ମହାଶୟେଷୁ ।

ମହାଶୟ !

ଏତନ୍ନିମ୍ନଲିଖିତ କେତେକ ପଂକ୍ତିମାନଙ୍କୁ ଆମ୍ଭ ପାଠକ ଭ୍ରାତମାନଙ୍କ ବିନୋଦ ଶ୍ରବଣାର୍ଥେ ଆପଣଙ୍କ ପତ୍ରିକା ରତ୍ନରେ ସ୍ଥାନଦାନ ଦେଇ ବାଧିତ କରିବା ହେବେ ।

ଆହା ଈଶ୍ୱରଙ୍କର କି ଚିତ୍ର ରଚନା ! ଯାହାକୁ ଯାହା ଶକ୍ତି ଦେଇଛନ୍ତି ତାହା ସେ ଅନୁଭବ ନ କରିବାକୁ ଆୟତ୍ତ ନାହିଁ । ଆମ୍ଭ ନିଜ ଗଡ଼ନିବାସୀ ଗୋପିନାଥ ନାମକ ଶୂଦ୍ରବ୍ୟକ୍ତି ଜଣେ ନ୨ମ୍ବର ରେଜିମେଣ୍ଟ ପାଞ୍ଚଅଳ କମ୍ପେନୀରେ ସିପାହୀ ଶ୍ରେଣୀ ରହି ପଲଟନ ସହିତରେ ମୋର୍ମେନରେ ଅଛି । ସେ ଆମ୍ଭ ନାମରେ ଚିଟି ଲେଖିଅଛି କି ଉକ୍ତ ମୋର୍ମେନ୍‌ନଗରବାସୀ ବର୍ମୀ ଜାତୀୟ ମନୁଷ୍ୟମାନେ ବିଶେଷ ଧନୀ ଅଙ୍ଗ୍ରେଜୀ ବିଦ୍ୟାରେ ପାରଙ୍ଗମ ଏମନ୍ତ ହେଲେ ମଧ୍ୟ ସେମାନଙ୍କ ମରଣାବସ୍ଥା ହେଲେ ଶବମାନଙ୍କୁ ମଧୁଦ୍ରୋଣିରେ ଛଅମାସ ପର୍ଯ୍ୟନ୍ତ ରଖି ତତ୍ପରେ ଦହନକ୍ରିୟା କରନ୍ତି ସେମାନେ କୁମ୍ଭକର୍ଣ୍ଣକୁ ବଡ଼ ଦେବତା ବୋଲି ପୂଜା କରନ୍ତି ଯାବନ୍ତ ବେଙ୍ଗମାନଙ୍କୁ ଯାବନ୍ତ ସାପମାନଙ୍କୁ ଭର୍ଜାର କରି ଭକ୍ଷଣ କରନ୍ତି । ଯାବନ୍ତ ମାଛମାନଙ୍କୁ ଧରି ପୋତିଆ କରି ରଖନ୍ତି ସେଥିରେ ଯେଉଁ କୀଟମାନେ ଉତ୍ପନ୍ନ ହୁଅନ୍ତି ସେ ଗୁଡିକ ଆଣି ଖରାରେ ଶୁଖାଇ ଗରମ ମସଲା ମିଶାଇ କୁଟାକୁଟି କରି ଗୁଳାଟମାନ କରି ସାଇତି ଦେଇଥାନ୍ତି ସେଇଥିରୁ ସକଳ ବ୍ୟଞ୍ଜନରେ କଛି୨ ପକାଇ କୁମ୍ଭକର୍ଣ୍ଣ ଦେବତାଙ୍କୁ ଭୋଗ ଲଗାଇ ଖାଇ ଦଅନ୍ତି । ଏ ଚଟାଉ ଦେଖି ମହାଶ୍ଚର୍ଯ୍ୟ ହେଲୁଁ । ଦେଶ ବିଭାଗରେ ମନୁଷ୍ୟମାନଙ୍କର ଭାଷା ଭୋଜନକ୍ରିୟା ବେଗଲ୨ କରି ଈଶ୍ୱର ସର୍ଜନା କରି ଅଛନ୍ତି ।

ତା୨୧ରଖ ଜୁନ ୧୮୮୧

ଈଶ୍ୱରେଚ୍ଛା ନିରଙ୍କୁଶା ।

ଶ୍ରୀ ନାରାୟଣ ବଡ଼ଯେନା ସାନ୍ତ ମଞ୍ଜୁଷାର ଦେଉ ଦର୍ଓ୍ୱାନ ।

---


## NOTICE.

Is hereby given that fresh supplies of Bibles and Testaments from the London Bible Society, and books from the Religious Tract Society, including Illustrated presentation books, Picture cards, &c. have been received, and they are exposed for sale at the Christian Book Room, which is open daily from 7 to 10 o'clock A. M. and from 4 to 7 P. M. Sundays excepted.

N. B. Bibles and Testaments, with various other books in the Oriya, Bengali, and other Indian languages, are also for sale.

CUTTACK, 30th. June 1881. W. Miller.


---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହରେକୃଷ୍ଣଦାସ | ଶୋରୋ | ଅଗ୍ରୀମ | ଟ ୫ଃ୶/୨ |
| ଶ୍ରୀ ଶ୍ରୀ ରାଜା ବଡ଼େ ବୋଦ | | ବକାୟା | ଟ ୭ଃ୶ |

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

# ଅତିରିକ୍ତ

ଉତ୍କଳଦୀପିକା ତା ୬ ରଖ ମାହେ ଜୁଲାଇ ସନ ୧୮୮୯ ମସିହା ।

ପ୍ରେରିତପତ୍ର ।

ଶ୍ରୀଯୁତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଅସ୍ମମାନଙ୍କର ଭୂତପୂର୍ବ ମୃତ ମହାରାଜାଙ୍କର ଏପରି ଇଚ୍ଛା ଥିଲା ଯେ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କରି ତାଙ୍କୁ ବ୍ରତ କରିବେ, ଏଥିକୁ ଜଗତ୍ପିତା ଜଗଦୀଶ୍ୱରଙ୍କ କୃପାରୁ ବୌଦ ମହାରାଜାଙ୍କ କନିଷ୍ଠ ସନ୍ତାନ ପୋଷ୍ୟପୁତ୍ର ହେବା ବିଷୟରେ ବରଣ ହୋଇ ଶୁକ୍ଳପକ୍ଷ ଶଶଧର ପ୍ରାୟ ଢେଙ୍କାନାଳକୁ ଆଲୋକିତ କରି ଦୀନଦରିଦ୍ର ଲୋକମାନଙ୍କର ଦୁଃଖ ହରଣ କରିବାରୁ ଦୀନବନ୍ଧୁ ନାମ ଧାରଣ କଲେ । ଏ ମହାଶୟଙ୍କର ବ୍ରତ କର୍ମ ଅନେକ ଦିନୁ ଶେଷ ହୁଅନ୍ତାନ, କେବଳ ଦୈବ ପ୍ରତିବନ୍ଧକ ବଶତଃ ନ ଫୁଟିବାରୁ ଆଜପର୍ଯ୍ୟନ୍ତ ରହିଗଲା । ଉପରୋକ୍ତ ମୃତ ମହାରାଜା ଜୀବିତାବସ୍ଥାରେ ଆଉ ଏହି ମଙ୍ଗଳକାର୍ଯ୍ୟଟି ଆପଣା ହସ୍ତରେ ସମ୍ପାଦନ କରିଥାନ୍ତେ ତାହା ହେଲେ ତାଙ୍କର ମନକାମନା ପୂର୍ଣ୍ଣ ହୋଇଥାନ୍ତା ମଧ୍ୟ ଦେଶର ଭାଗ୍ୟ ଫଳିଥାନ୍ତା, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ଘଟିପାରିଲା ନାହିଁ । ଏହିମାତ୍ର ସମସ୍ତଙ୍କ ମନରେ ଅପସୋସ ରହିଗଲା । ଏପରି ଗୋଟିଏ ନୂତନ ମହତ୍କାର୍ଯ୍ୟ ଆଜପର୍ଯ୍ୟନ୍ତ ଏଠାରେ ଘଟି ନ ଥିଲା ତେବା ଭାବୀକୁ ଘଟିବାର ଆଶା ନ ଥିଲା, ବର୍ତ୍ତମାନ୍ ଯେ ଢେଙ୍କାନାଳ ଭାଗ୍ୟରେ ଏପରି ଘଟିଉଠିଲା ଏହାକୁ ଅବଶ୍ୟ ଢେଙ୍କାନାଳର ପୂର୍ବ ତପସ୍ୟାର ଫଳ ବୋଲିବାକୁ ହେବ, ଏଥିରେ କୌଣସି ସନ୍ଦେହ ନାହିଁ । ଏହି ବ୍ରତକାର୍ଯ୍ୟ ସକାଶେ ଗବର୍ଣ୍ଣମେଣ୍ଟ ଯେଉଁ ଟ ୫୦୦୦୯ ଙ୍କା ମଞ୍ଜୁର କରିଥିଲେ ତହିଁରେ ରୋଷନାଇ ଇତ୍ୟାଦ ବାଜେ କାର୍ଯ୍ୟ କରିବାର ତେଣେ ଥାଉ ବ୍ରତଘରର ଆବଶ୍ୟକୀୟ କାର୍ଯ୍ୟ ଆଉ ଗଡ଼ଜାତର ପୂର୍ବରୀତି କୀର୍ତ୍ତି ଅନୁସାରେ ରାଜଧାନୀମାନଙ୍କ ବେଶର ଇତ୍ୟାଦ ତକାଇବା ବିଷୟରେ କର୍ତ୍ତୃପକ୍ଷୀୟମାନେ କସୋଟରେ ଚଳାଇବାକୁ ଚେଷ୍ଟା କଲେ ସୁଦ୍ଧା କିଛି ଟାଣଟୁଣ ପଡିଥିଲା । ଏତେ ବଡ଼ ମହତ୍କାର୍ଯ୍ୟରେ ରୋଷନାଇ ନ ହେଲେ କୌଣସିରୂପେ ଭଲ ହେବ ନାହିଁ । ଏପରି ଭାବି ପ୍ରଜାମାନଙ୍କ ଅନ୍ତଃକରଣରେ ଉଦୟ ହେବାରୁ ପ୍ରାୟ ଟ ୨୦୦୦୯ ଙ୍କା ଆପଣା ହସ୍ତରୁ ଖର୍ଚ୍ଚ କରି ଐକାନ୍ତିକ ଯତ୍ନ ଓ ପରିଶ୍ରମ ସହକାରେ ଆପଣାର ମାନସିକ କ୍ରିୟାଟି କାର୍ଯ୍ୟପଦରେ ସଫଳ କରିଅଛନ୍ତି, ଏତଦ୍ଦ୍ୱାରା ପ୍ରଜାମାନଙ୍କର ଯେ କେତେଦୂର ପର୍ଯ୍ୟନ୍ତ ରାଜଭକ୍ତିର ପରିଚୟ ମିଳୁଅଛି ତାହା ବୋଲିଯାଇ ନ ପାରେ, ଏଥି ନିମିତ୍ତ ଅବଶ୍ୟ ସେମାନଙ୍କୁ ଧନ୍ୟବାଦ ଦେବାକୁ ହେବ । ରୋଷନାଇ କାର୍ଯ୍ୟଟି ଏପରି ସୁରୁଚିରୂପେ ସମ୍ପନ୍ନ ହେବ ତାହା ମୁହୂର୍ତ୍ତକ ସକାଶେ ଭରସା କରିଯାଇ ପାରି ନ ଥିଲା । କାରଣ ଜମିକ ବର୍ଷାର ଉପକ୍ରମ ଦେଖି ସମ୍ପୂର୍ଣ୍ଣ ହତାଶ ଓ ନିରୁତ୍ସାହ ହେବାକୁ ହୋଇଥିଲା । କିନ୍ତୁ ସୌଭାଗ୍ୟରୁ ଇନ୍ଦ୍ରଦେବତା ଗରିବମାନଙ୍କ ଗୁହାରି ଶୁଣି ବହୁ କଷ୍ଟରେ କଣ୍ଠିତ ସଦୟ ହୋଇ ରୋଷନାଇ କରିବା ନିମନ୍ତେ କେବଳ ଫୁରସତ ଦେବାରୁ କିଛି ସ୍ୱାର୍ଥ ହେଲା । ତାହାର ପରଦିନଟି ଟିକିଏ ଅନୁଗ୍ରହ ଆଉ ଇନ୍ଦ୍ରମହାରାଜା କରିଥିଲେ ଏବେ କେ ଅସ୍ମମାନଙ୍କ ମନକାମନା ପୂର୍ଣ୍ଣ ହୋଇ ଥାନ୍ତା ଆଉ ଏତେ ବିଳାପ କରିବାକୁ ନ ଥାନ୍ତା । ମଜଲିସ ଗୃହ ନିର୍ମାଣ କରିବାରେ ଟ ୫୦୦୯ ଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ହୋଇ ସୁନ୍ଦରରୂପେ ମଣ୍ଡନ ହୋଇଥିଲା କ୍ରମାଗତ ବର୍ଷା ହେବାରୁ ତାହାଦ୍ୱାରା କୌଣସି କାର୍ଯ୍ୟ ହୋଇ ନ ପାରି ସକଳ ପରିଶ୍ରମ ବ୍ୟର୍ଥ ହୋଇଗଲା । ନ୍ୟୂନାଧିକରେ ଆଉ ୨ କାର୍ଯ୍ୟ ଯାହା କିଛି ହୋଇଅଛି, ବୃଦ୍ଧମାନଙ୍କ ମୁଖରୁ ଶୁଣିଲୁଁ ଯେ ସେମାନେ କହନ୍ତି କି ଏପରି କାର୍ଯ୍ୟ ଆମ୍ଭେମାନେ କୌଣସି ଗଡ଼ଜାତରେ କିମ୍ବା ଅନ୍ୟ କୌଣସି ସ୍ଥଳରେ ହେବାର ଦେଖି ନାହୁଁ କିମ୍ବା ଶୁଣି ନାହୁଁ । ସଡକ ଦୁଇପାର୍ଶ୍ୱରେ କୋଶକ ପର୍ଯ୍ୟନ୍ତ ବାଡ଼ାବନ୍ଦୀ ହୋଇ ହରେକ ରକମର ଫୁଲର ଝାଡ଼, ପତାକା, ଶାଖା, ଫାନୁସ ରାସ୍ତାର ଦୁଇପାଖେ ସାଡମଡି ସୁସଜ୍ଜିତ ହୋଇ ଚତୁର୍ଦ୍ଦିଗ ଆଲୋକମୟ ହୋଇଥିଲା । ଠାଏ ୨ ନହବତ, ତମ୍ବୁରୁ, ତୁରୀ, ଭେରୀ, କାହାଳୀଆଦ ଦେଶୀୟ ବାଦ୍ୟ ଧ୍ୱନିରେ ଅହୋରାତ୍ର ଭଜନ ପର୍ଯ୍ୟନ୍ତ କମ୍ପମାନ ହେଉ ଥିଲା । ଆଉ ବାଣର ଗର୍ଜ୍ଜନରେ କର୍ଣ୍ଣ ସ୍ତବ୍ଧ ହୋଇ ଯାଉଥିଲା । କାହାରିକଥା କାହାରିକୁ ଶୁଭୁ ନ ଥିଲା, ଅନେକ ଆଉ ଅନେକ ପ୍ରକାର ନାଚବାଲା ଆସି ରାସ୍ତାର ଜାଗାବରଜାଗା ନୃତ୍ୟ କରିବାରେ ରାତ୍ରି ଭୋର କରି ଦେଇଥିଲେ, ପ୍ରାୟ ଏକଶତ ପଞ୍ଝାରୁ କମ ନାଚ ହେବ ନାହିଁ । ମହାରାଜା ଅମାରରେ ଭ୍ରମଣକୁ ବିରାଜମାନ ହେବା ସମୟରେ ଦୁଇପାର୍ଶ୍ୱରେ ଧାଙ୍ଗଡ଼େ ବାଈମାନଙ୍କର ଛକଡ଼ା ଉପରେ ନୃତ୍ୟ ହୋଇଥିଲା । ଆଉ ୨ ଉପକରଣମାନ ଯାହାକିଛି ଗହଣରେ ଥିଲା ତାହା ଅଥଯା ବାଟ ପର୍ଯ୍ୟନ୍ତ ବିସ୍ତାରିତ ହୋଇ ସୁଦୃଶ୍ୟ

Split by PDF Splitter

Digitized by srujanika@gmail.com

Split by PDF Splitter



ଓ ମନୋହରରେ ପଟୁଆର ହୋଇଥିଲା । ସହରର ଦୂରପାର୍ଶ୍ୱ ସ୍ୱେଚ୍ଛାଚାର ଓ ଶାନ୍ତିରକ୍ଷା ଜଗିବା ସ୍ୱଳାଶେ ଯଦବା ଜାଗା୨ ପୁଲିସ ଓ ସିପାହୀର ବନ୍ଦୋବସ୍ତ ହୋଇଥିଲା, ତଥାପି ମନୁଷ୍ୟ ଏତେ ଭିଡ଼ ହୋଇଥିଲା ଯେ ଶେଷରେ ସିପାହୀମାନେ ଆପଣା ଦେହ ସମ୍ଭାଳ ରଖିବା କଷ୍ଟକର ହୋଇ ଉଠିଲା । ଏହି ଅବସରରେ ଅନେକ ମହମବତ୍ତି ଓ ତେଲ ଲୁଟପାଟ ହୋଇ ଗଲା ।

ଅନୁମାନରେ ୭୦ ହଜାର ଲୋକରୁ କମ ହୋଇ ନ ଥିଲେ ଏଥିମଧ୍ୟରୁ ସ୍ୱଦେଶ ଛଡ଼ା ବିଦେଶରୁ ଅନେକ ଦେଖଣାହାରୁ ଆସିଥିଲେ ବ୍ରହ୍ମପୁରର ହଳ ମନୁଷ୍ୟରେ ଏତେ ଭିଡ଼ ହୋଇଥିଲା ଯେ ଖୁମ୍ବରୁ କୌଣସି ମତେ ଦେବଦର୍ଶନକୁ ଯାଇ ନ ପାରି କେତେକ ଯାଇ ସ୍ଥାନସ୍ଥ ସିଂହବାଟୀରୁ ଫେରି ଆସିଲେ, ସଙ୍ଗରୁ ମଧ୍ୟ ଏ ଗୋଳମାଳରେ ଭଗ୍ନ ହୋଇ ଚୂର୍ଣ୍ଣୀଭୂତ ହୋଇଗଲା । ଏ ବଡ଼ ଈଶ୍ୱର ଦୟା ଯେ ଏତେବଡ଼ ଗୋଳମାଳରେ କାହାର ପ୍ରତି କେହି ଅତ୍ୟାଚାର କରିପାରି ନାହିଁ । ଦମ୍ପା କାହାର କିଛି ଅନିଷ୍ଟ ହୋଇ ନାହିଁ ଏପରି ଦଶଭାଗର ଓ ଅନ୍ୟାନ୍ୟ ଭଦ୍ରଲୋକମାନଙ୍କ ନିମିତ୍ତ ଉତ୍ତମ ବସାଗୃହ ଓ ଉପଯୁକ୍ତ ଖାଦ୍ୟସାମଗ୍ରୀ ଯାଗା୨ ପ୍ରସ୍ତୁତ ହୋଇ ଏମାନଙ୍କୁ ଚର୍ଚ୍ଚା କରିବା ନିମିତ୍ତ ଉପଯୁକ୍ତ ଲୋକ ବେଶି ପୂର୍ବରୁ ନିଯୁକ୍ତ ହସ ଯାଇଥିଲା । ମହାରାଜାଙ୍କ ହୋମହଲ ଗୃହଟି ଦଲେର ଝାଡ଼ ଇତ୍ୟାଦିରେ ସୁସଜ୍ଜିତ ହୋଇ ଅଷ୍ଟମଙ୍ଗଳା ପର୍ଯ୍ୟନ୍ତ ବେଶ ଜାକଜମକରେ ମଜଲିସ ହେଉଥିଲା । ହାରମୋନିଅମ ଆଉ କେତେକ ଇଂରେଜି ବାଜାର ସ୍ୱର ବିଶେଷରେ କର୍ଣ୍ଣ କୁହରକୁ ପବିତ୍ର କରୁଥିଲା । ନାନାପ୍ରକାର ଅତର ଓ ବାସନା ଦ୍ରବ୍ୟମାନ ଅଧିକ ପରିମାଣରେ ବ୍ୟବହୃତ ହେଉଥିଲା ।

ବିଶେଷରେ ସ୍ୱେଷଣ କାର୍ଯ୍ୟ ମଧ୍ୟରେ କହିବାକୁ ଗଲେ ଛକଯାଗାମାନଙ୍କରେ ଯେଉଁ ଫାଟକର ବନ୍ଦୋବସ୍ତ ହୋଇଥିଲା। ଏବଂ ଏହାର ଦୁଇପାର୍ଶ୍ୱରେ ସୁନ୍ଦର୨ ପ୍ରତିମାମାନ ସାଜ ସରଧାନ କରି ଦଣ୍ଡାୟମାନ ହୋଇଥିବାରୁ ହାରଟିମାନ ବଡ଼ ଚମତ୍କାର ହୋଇଥିଲା । ଅନ୍ୟାନ୍ୟ କାର୍ଯ୍ୟ ଅପେକ୍ଷା ଏହି କାର୍ଯ୍ୟଟି ଲୋକମାନଙ୍କ ମନକୁ ବିଶେଷରୂପେ ଆକର୍ଷଣ କରିଥିଲା ଏହିରୂପ ଗୋ୧୧ଟି ଫାଟକ ହୋଇଥିଲା ଏଥିମଧ୍ୟରୁ ସଦର ଦରଜା ଫାଟକ ସବାପେକ୍ଷା ଶ୍ରେଷ୍ଠ ହୋଇଥିଲା । ଏଥିମଧ୍ୟରେ ପାଣ୍ଡସମାଗୋଇସ୍ଥି ନାମକ ଏକପ୍ରକାର ତାମାସା ହୋଇଗଲା ଏ ତାମାସାଟି ବଡ଼ କୌତୁହଳଜନକ ଅଟେ । ଅନେକପ୍ରକାର ଆମୋଦ ପ୍ରମୋଦରେ ସମସ୍ତ ଲୋକ ଏତେଦୂର ପର୍ଯ୍ୟନ୍ତ ରତ ଥିଲେ ଯେ ସେମାନଙ୍କର ଛଜର ଗୃହକାର୍ଯ୍ୟ କରିବାର ଫୁରସତ ଥିଲା ନାହିଁ । ମଧ୍ୟ ଆହାର ଓ ନିଦ୍ରା ଏକାବେଳେକେ ପାସୋରି ପକାଇଲେ ଯାହା ହେଉ ପରମେଶ୍ୱରଙ୍କ କୃପାରୁ ଏହି ମଙ୍ଗଳ କାର୍ଯ୍ୟଟି ଏକପ୍ରକାର ନିର୍ବିଘ୍ନ ଓ ନିରାପଦରେ ନିର୍ବାହ ହୋଇଗଲା ।

ଉପସଂହାର ସ୍ଥଳେ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟଙ୍କ ଆଉଁ ପ୍ରାର୍ଥନା ଯେ ମହାରାଜାଙ୍କ ମଙ୍ଗଳକାର୍ଯ୍ୟ ସମୟରୁ ଯେପରି ଉତ୍ତମ କର୍ମ କରିବେ ଇତି ।

୨୩।୨।୮୯ } ସମ୍ପାଦକ
ଢେଙ୍କାନାଳ } ବ୍ରଜବିହାରୀ ଦାସ ।

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମାଦପତ୍ରିକା

ଭା ୧୬ ଶ
ସଂ ୨୮ ଖ୍ୟା

ତା ୯ ରିଖ ମାହେ ଜୁଲାଇ ସନ ୧୮୮୧ ମସିହା । ମୁ । ଅଷାଢ଼ ବ ୨୬ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲପାଇଁ ଡାକମାସୁଲ ଟ ୧୪୵

କେନ୍ଦ୍ରାପଡ଼ା ନାଳର ଶାଖା ଜମ୍ବୁଲକ୍ ପ୍ରସ୍ତୁତ ହୋଇ ଚଳିତ ମାସ ଆରମ୍ଭଠାରୁ ସାଧାରଣ କାରବାର ନିମିତ୍ତ ଫିଟିଅଛି । ଏଥିର ଇଂରାଜୀ ବିଜ୍ଞାପନ ସ୍ଥାନାନ୍ତରରେ ଦିଆଗଲା । ନାଳ ମାସୁଲର ବିବରଣ ସନ ୧୮୮୦ ମସିହା ଅଗଷ୍ଟ ମାସ ତା ୧୧ ରିଖ କଲିକତା ଗଜେଟର ପୃ ୬୦୬ ଷ୍ଠରେ ଲେଖାଅଛି । ଏହାଦ୍ୱାରା ବତାଘରକୁ ଯିବା ଆସିବାର ଅନେକ ସୁବିଧା ହେଲା ।

---

ତୁରଷ୍କର ପୂର୍ବ ସମ୍ରାଟ୍ ସୁଲତାନ ଅବଦୁଲ ଅଜିଜଙ୍କୁ ତାହାଙ୍କର କେତେକ ଚାକରବାକର ମିଶି ହତ୍ୟା କରିଥିଲେ । ଏତେ ଦିନରେ ସେ କଥା ପ୍ରକାଶ ପାଇଲା । ମିଧତପାସା ଏବଂ ଆଉ ଏଗାର ଜଣଙ୍କ ଉପରେ ଅପରାଧ ପ୍ରମାଣ ହୋଇଅଛି । ତହିଁ ମଧ୍ୟରୁ ମିଧତପାସା ମହମ୍ମଦପାସା ନୁରୀପାସା ଏବଂ ଆଉ ଜ ୬ ଣଙ୍କ ଉପରେ ପ୍ରାଣ ଦଣ୍ଡର ଆଜ୍ଞା ହୋଇଅଛି ଏବଂ ଅବଶିଷ୍ଟ ଦୁଇଜଣ ଦଶବର୍ଷ ଲେଖାଏଁ କାରାବାସ ଦଣ୍ଡ ପାଇଅଛନ୍ତି ।

---

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଶତକରା ବାର୍ଷିକ ଟ ୪୯ ଙ୍କା ଲେଖାଏଁ ସୁଧରେ ତିନକୋଟି ଟଙ୍କା ଋଣ କରିବାର ବିଜ୍ଞାପନ ଦେଇଅଛନ୍ତି ଯେଉଁମାନେ ଏହି ଉପାୟଦ୍ୱାରା ଟଙ୍କା ଜମା କରିବାକୁ ଇଚ୍ଛୁକ ଅଛନ୍ତି ସେମାନଙ୍କୁ ଚଳିତ ମାସ ତା ୨୫ ରିଖରେ ଦରଖାସ୍ତ କରିବାକୁ ହେବ । ଦରଖାସ୍ତର ଫାରମ ଏବଂ ତତ୍ସମ୍ପର୍କୀୟ ଅନ୍ୟାନ୍ୟ ନିୟମମାନ ସରକାରୀ ଗଜେଟରେ ପ୍ରକାଶିତ ହୋଇଅଛି । ଯେଉଁମାନେ ନିରର୍ଥକ ଅନେକ ଟଙ୍କା ଆପଣା ଘରେ ବନ୍ଦ କରି ରଖିଅଛନ୍ତି ସେମାନଙ୍କର ଏ ସୁଯୋଗ ତ୍ୟାଗ କରିବା ଉଚିତ ନୁହଇ ।

---

ସହରର ଝାଡ଼ୁଆଦ୍ୱାରା ଗୋଟିଏ ପୋଖରୀକୁ ପୋତିବା ଏବଂ ତଦ୍ୱାରା ଅସହ୍ୟ ଦୁର୍ଗନ୍ଧମୟ ବାଷ୍ପ ଜାତ କରାଇବା ଅଭିଯୋଗରେ କଲିକତାବାସୀ ଏକବ୍ୟକ୍ତି ସେଠା ମିଉନିସପଲ କମିଶ୍ନରଙ୍କ ନାମରେ ଫଉଜଦାରୀରେ ଅଭିଯୋଗ କରିଅଛି ମୋକଦ୍ଦମାର ବିଚାର ଶେଷ ହୋଇ ନାହିଁ ବୋଧ ହୁଅଇ ମିଉନିସପାଲ କର୍ମଗୃହମାନେ ଏହାଦ୍ୱାରା ଉତ୍ତମ ଶିକ୍ଷା ପାଇବେ ଏବଂ ତଦ୍ୱାରା ବସ୍ତିର ସାଧାରଣ ଉପକାର ହେବ । ଆମ୍ଭେମାନେ ଆଶା କରୁଁ କି ଅସ୍ମଦ୍ଦେଶୀୟ ଲୋକମାନେ ଏଥିରୁ ମିଉନିସିପାଲିଟିର ଦାୟିତ୍ୱ କଳନା କରି ପାରି ଉପଯୁକ୍ତ ପ୍ରତୀକାରର ଚେଷ୍ଟା କରିବେ ।

---

ଗତ କେତେକଦିନ ମଧ୍ୟରେ ଭାରତ ବର୍ଷରେ ଗୋଟିଏ ଅଥବା ଯୋଡ଼ିଏ ଧୂମକେତୁ ବା ଲାଞ୍ଜତାରା ଦୃଶ୍ୟ ହେବାର ସମ୍ବାଦ ଚତୁର୍ଦ୍ଦିଗରୁ ଆସୁଅଛି ଏବଂ ଏଠାରେ ମଧ୍ୟ ଅନେକ ଲୋକ ଦେଖିଅଛନ୍ତି । ପ୍ରଥମେ ପ୍ରଭାତୀ ନକ୍ଷତ୍ର ସଙ୍ଗରେ ଏହି ଧୂମକେତୁ ଉତ୍ତର ପୂର୍ବ ପାର୍ଶ୍ୱରେ ଦେଖାଗଲା । ତହୁଁତାରୁ ସଞ୍ଜପହରେ ଉତ୍ତର ପଶ୍ଚିମ ପାଖରେ ଦେଖାଗଲା । ଏହି ଉଭୟ ଧୂମକେତୁ ଗୋଟିଏ କିମ୍ବା ପୃଥକ୍ ଦୁଇଟି ଅଟଇ କେହି ଜ୍ୟୋତିଷ ଅବଧି ନିରାକରଣ କରି କହି ନାହାନ୍ତି । ଯାହା ହେଉ ଧୂମକେତୁ ଉଦୟ ହେବାର ଦେଖି ଲୋକେ ନାନାପ୍ରକାର ଅମଙ୍ଗଳର ଆଶଙ୍କା କରୁଅଛନ୍ତି ।

---

ବିଲାତରୁ ତାରଡାକ ଯୋଗେ ସମ୍ବାଦ ଆସିଅଛି କି ଶ୍ରୀଯୁକ୍ତ ଗ୍ରାଣ୍ଟଡଫ ସାହେବ ମାନ୍ଦ୍ରାଜର ଗବର୍ଣ୍ଣରୀ ପଦ ଗ୍ରହଣ କରିଅଛନ୍ତି ଏବଂ ଶୀଘ୍ର ସେ ତହିଁରେ ନିଯୁକ୍ତ ହେବେ । ଏଥି ମଧ୍ୟରେ ଉକ୍ତ ପଦ ଉଠାଇ ଦେଇ ମାନ୍ଦ୍ରାଜରେ ଜଣେ ଲେଫ୍ଟେନାଣ୍ଟ ଗବର୍ଣ୍ଣର ନିଯୁକ୍ତ କରିବାର ପ୍ରସ୍ତାବ ହୋଇଥିଲା ମାତ୍ର ତହିଁକି ସେକ୍ରେଟାରୀ ଅବଷ୍ଟେଟ କହିଅଛନ୍ତି ଏହା କରିବାକୁ ହେଲେ ଖଣ୍ଡିଏ ନୂତନ ଆଇନର ଆବଶ୍ୟକ ଓ ତାହା ଜାରୀ ହେବାରେ ବିଲମ୍ବ ହେବ ସୁତରାଂ ତେତେକାଳ ଉକ୍ତ ପଦ ଶୂନ୍ୟ ରହି ପାରେ ନାହିଁ । ମାନ୍ଦ୍ରାଜ ଏବଂ ବମ୍ବେଇରେ ବଙ୍ଗଳା ତୁଲ୍ୟ ଲେଫ୍ଟେନାଣ୍ଟ ଗବର୍ଣ୍ଣର ନିଯୁକ୍ତ ହେଲେ ଅନେକ ବ୍ୟୟ ଊଣା ହେବାର ସମ୍ଭାବନା ଅଛି ଅଥଚ କାର୍ଯ୍ୟର କ୍ଷତି ହେବାର ଆଶଙ୍କା ନାହିଁ ।

---

କନିକା ତହସିଲଦାର ବାବୁ ହରେକୃଷ୍ଣ

Digitized by srujanika@gmail.com

Split by PDF Splitter

136



ମିତ୍ରଙ୍କ ମୋକଦ୍ଦମା ଗତ ସୋମବାର ଦିନ କେନ୍ଦ୍ରାପଡ଼ାର ଜଏଣ୍ଟ ମାଜିଷ୍ଟ୍ରେଟ ଗୁପ୍ତ ସାହେବ ନିଷ୍ପତ୍ତି କଲେ । ସେ ଅସାମିକୁ ଦୋଷୀ ସାବ୍ୟସ୍ତ କରି ତାହା ଉପରେ ଦୁଇବର୍ଷ କାରାବାସ ଏବଂ ଟ ୫୦୦୲ ଙ୍କା ଅର୍ଥଦଣ୍ଡ ନ ଦେଲେ ଆଉ ଛମାସ କାରାବାସ ଦଣ୍ଡବିଧାନ କରିଅଛନ୍ତି । ଦୁଇବର୍ଷ କାରାବାସ ମଧ୍ୟରୁ ପ୍ରଥମ ଛମାସ କଠିନ ପରିଶ୍ରମ ସହିତ ଏବଂ ଅବଶିଷ୍ଟ କାଳ ବିନା ପରିଶ୍ରମରେ ଅଟଇ । ମୋକଦ୍ଦମାର ରାୟ ନ ଦେଖି କିଛି କହି ନ ପାରୁଁ କିନ୍ତୁ ସାଧାରଣ ବିବେଚନାରେ ଦଣ୍ଡ ଅତ୍ୟନ୍ତ କଠିନ ହୋଇଅଛି । ଅଭିଯୋଗରୁ ଜଣା ଯାଉଅଛି ଯେ କେବଳ ସଲାମୀ ଓ ବ୍ୟବହାର ନେଇଥିଲେ କାହାର ଭଲ ମନ୍ଦ କରିବା କାରଣ କାହାରିଠାରୁ କିଛି ନେବାର କେହି କହି ନାହିଁ ବରଂ କନିକାର ପ୍ରଜାମାନେ ଅଦ୍ୟାପି ତାହାଙ୍କଠାରେ ଅନୁରକ୍ତ ରହିଥିବାର ସେମାନଙ୍କ କଥାରୁ ଜଣା ଯାଏ ।

---

ହିନ୍ଦୁପେଟ୍ରିଅଟରେ ପାଠକଲୁଁ କି ବାବୁ ପ୍ରତାପଚନ୍ଦ୍ର ରାୟ ଆପଣା ବ୍ୟୟରେ ଏକ ଦଳ ପଣ୍ଡିତ ନିଯୁକ୍ତ କରି ଏବଂ ଏକ ଛାପାଖାନା ବସାଇ ସମ୍ପୂର୍ଣ୍ଣ ମହାଭାରତ ପୁସ୍ତକ କ୍ରମେ ଅନୁବାଦ ଓ ଖ ୨୫୦୦ ଣ୍ଡ ଛାପା କରାଇ ବିନା ମୂଲ୍ୟରେ ବିତରଣ କରିଅଛନ୍ତି । ଏ ମହାଶୟ ହୋସ ବଡ଼ଲୋକ ନୁହନ୍ତି ମାତ୍ର ଏହାଙ୍କର ମନ ବଡ଼ ଏବଂ କେବଳ ଶ୍ରଦ୍ଧା ଓ ସାଧାରଣ ଉପକାର ସଙ୍କାଶେ ଏପରି ମହତ କାର୍ଯ୍ୟଟି ସାଧନ କରିଅଛନ୍ତି । ଏହିପରି ରାମାୟଣର ବଙ୍ଗ ଅନୁବାଦ ବାହାର କରିବା ତାହାଙ୍କର ଇଚ୍ଛା ହୋଇଅଛି । ଅନେକ ଲୋକ ମନେ କରନ୍ତି ଯେ ତାହାଙ୍କର ଟଙ୍କା ନାହିଁ ବୋଲି ସେ ବାଞ୍ଛିତ ସାଧାରଣ ହିତକାର୍ଯ୍ୟର ଅନୁଷ୍ଠାନ କରି ପାରୁ ନାହାନ୍ତି । ସେମାନଙ୍କୁ ଏପରି ଉଦାହରଣମାନ ଉତ୍ତମରୂପେ ଆଲୋଚନା କରିବାର ଉଚିତ । ପ୍ରକୃତ କଥା ଏହି ଯେ ମନମୂଳ । ମନ ହେଲେ ଉଦ୍ୟମ ହେବ ଏବଂ ଉଦ୍ୟମ ବ୍ୟର୍ଥ ହେବାର କ୍ୱଚିତ ଦେଖା ଯାଏ ।

---

ଆଗାମୀ ମଙ୍ଗଳବାର ପ୍ରାତଃକାଳରେ ଭିର୍-ଟେଣ୍ଟେସ ଅଟ୍ଟାଳିକା ସମ୍ବନ୍ଧରେ ଗୋଟିଏ ସଭା ଶ୍ରୀଯୁକ୍ତ କଲେକ୍ଟର ସାହେବ ଆହୁତ କରିଅଛନ୍ତି । ବିଜ୍ଞାପନର ଆଶୟରୁ ବୋଧ ହୁଅଇ ଅଟ୍ଟାଳିକା ସଙ୍କାଶେ ସ୍ୱାକ୍ଷରିତ ଚେଦା ମଧ୍ୟରୁ ଉସୁଲ ହୋଇଥିବା ପ୍ରାୟ ଟ ୭୦୦୦୲ ଙ୍କା ଅନ୍ୟ କୌଣସି କାର୍ଯ୍ୟରେ ଲଗାଇବାର ପ୍ରସ୍ତାବ ହେବ । ଅଟ୍ଟାଳିକା ନିର୍ମାଣ ପ୍ରସ୍ତାବଟି ପାଞ୍ଚ ବର୍ଷରୁ ଉପସ୍ଥିତ ହୋଇ ଅଦ୍ୟାପି କାର୍ଯ୍ୟରେ ପରିଣତ ହୋଇ ନ ଥିବା ଯଦ୍ୟପି କି ଦୁଃଖ ଏବଂ ଲଜ୍ଜାର ବିଷୟ ଅଟଇ ତଥାପି ଓଡ଼ିଶାର ଅବସ୍ଥା ଦୃଷ୍ଟିରେ କିଛି ଛାଡ଼ି ଦେବା ଉଚିତ ହେଉଅଛି ଏବଂ ଆମ୍ଭେମାନେ ଆନନ୍ଦ ସହିତ ଦେଖୁଁଅଛୁଁ ଯେ ଚେଦା କ୍ରମଶଃ ବଢ଼ୁଅଛି । ଅଳ୍ପଦିନ ମଧ୍ୟରେ ଅନ୍ତତଃ ୧୫ । ୧୬ ହଜାର ଟଙ୍କା ପ୍ରାପ୍ତି ହେବ ଏବଂ ତହିଁରେ ଅନାୟାସରେ ଗୋଟିଏ ଉତ୍ତମ ଘର ହୋଇ ପାରେ ଏବଂ ତହିଁରେ ପୁସ୍ତକାଳୟ ପ୍ରତିଷ୍ଠିତ ହୋଇ ଏ ନଗରର ଗୋଟିଏ ମହତ ଅଭାବ ପୂର୍ତ୍ତି କରିବ । ଅତଏବ ଏ ଟଙ୍କାକୁ ଅନ୍ୟ କୌଣସି ମତେ ନିଯୋଗ କରିବା ଉଚିତ ନୁହଇ ଏବଂ ଆମ୍ଭେମାନେ ଆଶାକରୁଁ କି ନଗରବାସୀ ଚେଦା-ଦାତାମାନେ ସଭାରେ ଉପସ୍ଥିତ ହୋଇ ଆପଣା ସଙ୍କଳ୍ପ ଦୃଢ଼ରୂପେ ରକ୍ଷା କରିବେ ।

— * —

ଶିବପୁର ଇଞ୍ଜିନିୟରିଂ କଲେଜର ଯେଉଁ ଛାତ୍ରମାନେ ବହିଷ୍କୃତ ହୋଇ ଥିଲେ ସେମାନେ କ୍ଷମା ପ୍ରାର୍ଥନା କରିବାରୁ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରି ଆଗାମୀ ନବମ୍ବର ମାସରୁ ପୁନର୍ବାର କଲେଜରେ ଭରତି କରିବାର ଆଜ୍ଞା ଦେଇଅଛନ୍ତି । ଏ ସମ୍ବନ୍ଧରେ ଡିରେକ୍ଟର ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ କରିଥିଲେ ଏବଂ ମାନ୍ୟବର ଇଡେନ ସାହେବ ଲେଫ୍‌ଟେନଣ୍ଟ-ଗବର୍ଣ୍ଣର ତହିଁର ଯେଉଁ ଉତ୍ତର ଦେଇଅଛନ୍ତି ସେ ସମସ୍ତ କଲିକତା ଗେଜେଟରେ ପ୍ରକାଶ ହୋଇଅଛି । ଯଦ୍ୟପି କି ଛାତ୍ରମାନେ ଏକତ୍ରେ ମିଶି ଦରଖାସ୍ତ କରିଥିବାରୁ କଲେଜର ନିୟମ ଲଙ୍ଘନ କରିଥିଲେ ଏବଂ କିୟତ୍ ପରିମାଣରେ ଉଦ୍ଧତପଣିଆ ଦେଖାଇଥିଲେ ମାତ୍ର ଡିରେକ୍ଟରଙ୍କ ପତ୍ରରୁ ଜଣାଯାଏ ଯେ ସେମାନଙ୍କର ଗୁହାରି କରିବାର କାରଣ ଥିଲା । ଗବର୍ଣ୍ଣମେଣ୍ଟ ସେ ବିଷୟରେ କିଛି ବିଚାର ନ କରି କେବଳ ବାଳକମାନଙ୍କ ଉପରେ ସବୁ ଦୋଷ ଢାଳି ଦେଲେ ଏବଂ ଶିକ୍ଷକଙ୍କର ପ୍ରଶଂସା କରିବାରୁ ସ୍ପୃହା ତ୍ରୁଟି କଲେ ନାହିଁ । ଇଡେନ ସାହେବଙ୍କର ଏପରି ବିଚାରରେ ସର୍ବସାଧାରଣ ଦୁଃଖିତ ହୋଇଅଛନ୍ତି । ସେ ଯେମନ୍ତ ବାଳକମାନଙ୍କୁ ତିରସ୍କାର କଲେ ସେପରି ଅଧ୍ୟାପକମାନଙ୍କ କାର୍ଯ୍ୟ ସମ୍ପର୍କରେ ଯଥାର୍ଥ ମତ ପ୍ରକାଶ କରିଥିଲେ ସମସ୍ତଙ୍କର ମନ ବୋଧ ହୋଇ ଥାଆନ୍ତା ଏବଂ ଭବିଷ୍ୟତକୁ ଆଉ ଏପରି ଘଟନ୍ତା ନାହିଁ । ବାସ୍ତବରେ ନିରପେକ୍ଷ ବିଚାର ନ ହେଲେ ମନ ମାନଇ ନାହିଁ । ବଳପୂର୍ବକ ଶାସନ କଦାପି ହୃଦୟ ଗ୍ରାହୀ ନୁହଇ ।

---

ମୟୂରଭଞ୍ଜପତ୍ରିକାରୁ ଅବଗତ ହେଲୁଁ ଯେ ମହାରାଜା ଜଣେ ନୂତନ ମନ୍ତ୍ରୀ ନିଯୁକ୍ତ କରିଅଛନ୍ତି ଏବଂ ତାହାଙ୍କର ପରିଚୟ ସମ୍ପାଦକ ଏହି ପ୍ରକାରରେ ଦେଇଅଛନ୍ତି ଯଥା;—

"ଏହାଙ୍କର ନାମ କୋଦଣ୍ଡପାଣି; ବୟସ ପ୍ରାୟ ଷାଠିଏରୁ କିଛି ଏପାଖ କି ସେପାଖ, ନିବାସ ଏହି ଦେଶ ଅନ୍ତର୍ଗତ ବହାଣ୍ଡା ପରଗନା, ଜାତିରେ ବ୍ରାହ୍ମଣ । ଏମହାଶୟ ଅନେକ କାଳରୁ ଅନୁସରଣୀୟ ସ୍ୱରୂପେ ରାଜଦରବାରରେ ଅଛନ୍ତି ଭଲରେ ମନ୍ଦରେ, ମାଲରେ ମକଦ୍ଦମାରେ, [illegible] ଅବସରରେ ଯାତାୟାତ ଅସାଧାରଣରୂପରେ ସର୍ବଦା ପଦେ ଅଧେ କହି ଥାଆନ୍ତି କେତେ କେତେ ବା ମହାରାଜାଙ୍କ କଥାର ପୋଷକରେ ପ୍ରତିଧ୍ୱନି ବା ଏକତାନ କରନ୍ତି । ଯାହା ହେଉ ସେ ସର୍ବଦା ମହାରାଜାଙ୍କର ଓ ମୟୂରଭଞ୍ଜର କୁଶଳ କାମନା କରୁଥିବାର ପ୍ରକାଶ କରନ୍ତି ମୟୂରଭଞ୍ଜର ଗତ [illegible] ଗୋଳମାଳ କାଣ୍ଡରେ ଅର୍ଥାତ୍ ଷୋଡ଼ଶଏକାଙ୍କ ସେ ବହୁ ପରିଶ୍ରମ କରି ନେଣ୍ଟାଳ ଦେଇଥିବାର ପ୍ରକାଶ କରନ୍ତି । ବାସ୍ତବ ସେସମୟରେ ସେ ରାଜ ତର୍ଫି ଅନେକ ଦୌଡ଼ାଦୌଡ଼ି କରିଥିଲେ । ସମ୍ପ୍ରତି ମହାରାଜା ତାଙ୍କର କାର୍ଯ୍ୟ ଦକ୍ଷତା ଓ ଗୁଣଗ୍ରାମର ପରିଚୟ ପ୍ରାପ୍ତ ହୋଇ ତାହାଙ୍କୁ " ତତ୍ପର ଦକ୍ଷଶ୍ରୀ " ବୋଲି ଉପାଧି ପ୍ରଦାନ କରି ଆପଣାର ଜଣେ ପାରିଷଦ ନିଯୁକ୍ତ କରିଅଛନ୍ତି ।"

ପାତି ମହାଶୟ ନିଯୋଗପତ୍ରକ ଶିରୋପା ପାଇ ସବାନ୍ଧବ ମହା ସମାରୋହ ସହିତ ହସ୍ତୀ ଆରୋହଣ ପୂର୍ବକ ଦେବତା ଦର୍ଶନ ଛଳରେ ନଗର ଭ୍ରମଣ କରି ଏଥିର ଘୋଷଣା ଦେଇଅଛନ୍ତି କେବଳ ବେତନ ପାଇବେ କି ନାହିଁ କିମ୍ବା କେତେ ପାଇବେ ସ୍ଥିର ହୋଇ ନାହିଁ ।

ଆମ୍ଭେମାନେ ଅନୁମାନ କରୁଁ ମହାରାଜା ପାତିଙ୍କ ସହିତ କୌତୁକ ଅଥବା କିନା ବ୍ୟଙ୍ଗରେ ତାହାଙ୍କର ବାଞ୍ଛା ପୂର୍ଣ୍ଣ କରିଥିବେ । ଯେବେ ପ୍ରକୃତ କୌଣସି କ୍ଷମତା ଦିଆଯାଇ ଥାଏ ତାହା ହେଲେ ମହାରାଜା ସ୍ୱୟଂ କୌତୁକର ସ୍ଥଳ ହୋଇଅଛନ୍ତି ଏବଂ ଏଥିରୁ ଅନିଷ୍ଟ ଆଶଙ୍କା କରିବା ମଧ୍ୟ ଅସଙ୍ଗତ ନୁହଇ ।

—o][o—

## ପୁରୀର ରଥଯାତ୍ରା ।

ଏବର୍ଷ ଏ ଯାତ୍ରା ବଡ଼ ସୁଖରେ ନିର୍ବାହ ହୋଇଅଛି । ରଥ ନିର୍ମାଣ ଏବଂ ଟଣା ହେବା

Digitized by srujanika@gmail.com

ଓ ଠାକୁରଙ୍କ ନୀତିରେ କୌଣସି ବ୍ୟାଘାତ ବା ଦୁର୍ଘଟଣା ହୋଇ ନାହିଁ ଏବଂ ଯାତ୍ରିଙ୍କ ସଂଖ୍ୟା ଅନ୍ୟାନ୍ୟ ବର୍ଷାପେକ୍ଷା ଅଧିକ ହୋଇଥିଲେହେଁ କୌଣସି ମାରି ଭୟ ପ୍ରକାଶ ହୋଇ ନାହିଁ । ଏଥର ବିଦେଶୀୟ ଯାତ୍ରିଙ୍କ ସଂଖ୍ୟା ଅଧଲକ୍ଷରୁ ଅଧିକ ହୋଇଥିଲା ଏବଂ ଦେଶୀୟ ଯାତ୍ରୀ ମିଶି ଗୁଣ୍ଡିଚାଦିନ ପ୍ରାୟ ଲକ୍ଷେ ଲୋକର ଜନତା ବଡ଼ ଦାଣ୍ଡରେ ହୋଇଥିଲା । କଲେକ୍ଟର ଗଡଫ୍ରେ ସାହେବ ସମସ୍ତ ବନ୍ଦୋବସ୍ତ ଏବଂ ତତ୍ତ୍ୱାବଧାରଣ ଅତ୍ୟନ୍ତ ଯତ୍ନ ଓ ସୁବିଚାର ପୂର୍ବକ କରିଅଛନ୍ତି । କଲେକ୍ଟରୀ ସିରସ୍ତାଦାରଙ୍କ ଜଣାଇବା ମତେ ପ୍ରଥମ ଆଜ୍ଞା ରହିତ କରି ପୂର୍ବ ନିୟମାନୁସାରେ ସମସ୍ତ ଅମଲଙ୍କୁ ମନ୍ଦିରରେ ନିଯୁକ୍ତ କଲେ ଏବଂ ଆପେ ଓ ପୁଲିସ ସାହେବ ଅନୁକ୍ଷଣେ ମନ୍ଦିର ଓ ରଥ ନିକଟରେ ଉପସ୍ଥିତ ରହି ସକଳ କାର୍ଯ୍ୟ ଉତ୍ତମରୂପେ ସମାଧା କରାଇଲେ ।

ନବଯୌବନ ଯାତ୍ରାର ଦର୍ଶନ କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକରୂପେ ସମାଧା ହେଲା । ରବିବାର ରାତ୍ର ତିନପ୍ରହରଠାରେ କବାଟ ଫିଟାଇ ଦିଆ ଗଲା ଓ ତହିଁର ଆରଦିନ ସକାଳ ଆଠ ଘଣ୍ଟା ପର୍ଯ୍ୟନ୍ତ ସମସ୍ତେ ଦର୍ଶନ ପାଇଲେ ।

ତା ୨୭ ରଖ ଜୁନ ସୋମବାର ଅପରାହ୍ନ କାଳରେ ରଥ ସବୁ ସିଂହଦ୍ୱାରକୁ ଟଣା ହେବାର ଆରମ୍ଭ ହେଲା ଏବଂ ତହିଁ ଆରଦିନ ଅର୍ଥାତ୍ ତା ୨୮ ରଖ ମଙ୍ଗଳବାର ଗୁଣ୍ଡିଚାଦିନ ସକାଳେ ସମସ୍ତ ରଥ ସିଂହଦ୍ୱାର ଯଥାସ୍ଥାନରେ ପ୍ରସ୍ତୁତ ରହିଲା । ଠାକୁରମାନଙ୍କର ଅପରାହ୍ନ କାଳରେ ପହଣ୍ଡି ବିଜେ ହେଲା ସନ୍ଧ୍ୟା ପୂର୍ବ ରଥରେ ବସିଲେ । ଏ ଦିନ ରଥ ଟଣା ହୋଇ ନାହିଁ ।

ତା ୨୯ ରଖ ସକାଳୁ ରଥ ଟଣା ଆରମ୍ଭ ହୋଇ ସେହି ଦିନ ବଳଭଦ୍ରଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲା । ଗତ ମାସ ତା ୩୦ ରଖ ଓ ଚଳିତ ମାସ ତା ୧ ରଖରେ ସୁଭଦ୍ରା ଏବଂ ଜଗନ୍ନାଥଙ୍କ ରଥମାନ ଟଣା ହୋଇ ଶେଷ ଦିନ ସନ୍ଧ୍ୟା ପର୍ଯ୍ୟନ୍ତ ସବୁ ରଥ ଗୁଣ୍ଡିଚାମନ୍ଦିରଠାରେ ପ୍ରବେଶ ହେଲେ ଏବଂ ଚଳିତ ମାସ ତା ୨ ରଖ ଶନିବାର ଅପରାହ୍ନରେ ଠାକୁରମାନେ ଗୁଣ୍ଡିଚାମନ୍ଦିରରେ ପ୍ରବେଶ କଲେ । ଏହି ପହଣ୍ଡି ବିଜେ ସମୟରେ ଭାରି ବୃଷ୍ଟି ହୋଇଥିଲେହେଁ ମାଜିଷ୍ଟ୍ରେଟ ଏବଂ ପୁଲିସ ସାହେବମାନେ ଉକ୍ତ ଏ ଗୁରୁତର କାମକୁ ଶେଷ କରିବାରେ ମାତିଥିଲେ । ରାଣୀଙ୍କ କର୍ମଚାରୀମାନେ ବିଶେଷ ତ୍ରୁଟି କରିଥିବାର ମଧ୍ୟ ପ୍ରକାଶ ହୋଇ ନାହିଁ । କେବଳ ଶନିବାର ଦିନ ସକାଳେ ରାଣୀଙ୍କର ଲୋକ ପ୍ରସ୍ତୁତ ନ ଥିବାରୁ ସାହେବମାନେ ପହଣ୍ଡି ବିଜେ କରାଇବାକୁ ଆସି ଫେରି ଯାଇଥିଲେ ନୋହିଲେ ଆଉ କିଛି ନାହିଁ ଏବଂ ଶୀଘ୍ର ଠାକୁରମାନେ ଗୁଣ୍ଡିଚାମନ୍ଦିରରେ ପହଞ୍ଚିବାରୁ ସ୍ପଷ୍ଟ ଜଣା ଯାଉଅଛି ଯେ ହାକିମ ଏବଂ ରାଣୀଙ୍କ କର୍ମଚାରୀମାନେ ଐକ୍ୟଭାବରେ ସମସ୍ତ କାର୍ଯ୍ୟ କରିଅଛନ୍ତି । ଏକତ୍ସଂ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଗଡଫ୍ରେ ସାହେବଙ୍କ ପକ୍ଷରେ ଏହା ଅତ୍ୟନ୍ତ ପ୍ରଶଂସାୟ ଅଟଇ ।

---

ଦୁର୍ନୀତ ଅତ୍ୟାଚାରର ଶାସ୍ତି ।

ମହନ୍ତ ଭାଗବତରାମାନୁଜ ଦାସଙ୍କ କାରପରଦାଜ ଦୈତାରି ଦାସ ବାଟରେ ମାଡ ଖାଇବା ପ୍ରସଙ୍ଗ ଏଥିପୂର୍ବେ ସଂକ୍ଷେପରେ ଲେଖିଥିଲୁଁ ସେ ମୋକଦ୍ଦମା ବର୍ତ୍ତମାନ ନିଷ୍ପତ୍ତି ପାଇଅଛି । ବାଦୀ ବିଧି ଅନୁସାରେ ବେଞ୍ଚରେ ନାଲିଶ କରିଥିଲା ମାତ୍ର ବାବୁ କାଳପଦ ବାନର୍ଯ୍ୟାଙ୍କ ଯୋଗେ ମାରପିଟ ହୋଇଥିବା ଓ ସେ ବେଞ୍ଚରେ ଜଣେ ଅବୈତନିକ ମେଜିଷ୍ଟ୍ରର ଥିବାରୁ ସେଠାରେ ଯଥାର୍ଥ ବିଚାର ହୋଇ ନ ପାରିବାର ବେନାମୀ ଦରଖାସ୍ତ କମିଶନରରେ ପଡିବାରୁ ମୋକଦ୍ଦମା ବେଞ୍ଚରୁ ଖାରଜ ହୋଇ ବାବୁ ଜଗନ୍ମୋହନ ରାୟ ଡେପୁଟୀ ମେଜିଷ୍ଟ୍ରରଙ୍କୁ ଅର୍ପିତ ହେଲା । ବାଦୀର ଗୁହାରି ଏହି ମୋହର ମୁନିବ ଓ ମଧୁସୂଦନ ଦାସ ମଧ୍ୟରେ ଅଦାଲତରେ ମୋକଦ୍ଦମା ଚଳୁଅଛି କାଳବାବୁ ମଧୁର ମୁରବି ହୋଇ ଟଙ୍କା ଋଣ ଦେବା ଇତ୍ୟାଦି ପ୍ରକାରରେ ତାହାର ସାହାଯ୍ୟ କରୁଅଛନ୍ତି ମାରପିଟର ଚାରିଦିନ ପୂର୍ବେ କଚେରୀରେ କାଳବାବୁ ମୋତେ ଧମକାଇ ଥିଲେ ଘଟଣାଦିନ ସକାଳେ ଓକିଲର ମୋହରିର ବସାକୁ ଯାଉଥିଲି ବାଟରେ ଜଣେ ଅପରିଚିତ ବ୍ୟକ୍ତି ମୋତେ ପ୍ରଥମେ ଚାପୁଡ଼ା ଓ ତତ୍ପରେ ଜୋତାରେ ମାରି ପଳାଇ ଗଲା । ମୋହର ଜ୍ଞାତିମାନେ ସନ୍ଧାନ ପୂର୍ବକ ଏହି ମୁଦାଲା ଗୋପୀ ସିଂହକୁ କୌଣସି ଛଳନାରେ ଆଣି ମୋତେ ଦେଖାଇବାରୁ ମୁଁ ଚିହ୍ନିଲି ଯେ ଏହି ମୋତେ ମାରିଅଛି ବାଦୀର ମାନୀତ ସାକ୍ଷିମାନଙ୍କଦ୍ୱାରା ପ୍ରତିବାଦୀର ପରିଚୟ ଓ ମାରପିଟ ଉତ୍ତମରୂପେ ପ୍ରମାଣ ହେଲା । ପ୍ରତିବାଦୀ ଉତ୍ତର ଦେଲା ବାଦୀକୁ ହାଡ ମାରିବାର ଜନରବ ହେବାରୁ ସେ ମୋତେ ଡାକି କହିଲା ମୋହର ନାଭିରେ ବିଛା ଆସୁଅଛି ତୁ ପାଞ୍ଚଟଙ୍କା ନେଇ କହ ଯେ ମୁଁ ମାରିଅଛି ତୁ ଏହା କହିଲେ ମୁଁ ଉଦ୍ଧାର ପାଇ ଯିବି ମୁଁ ଏଥିରେ ଅସମ୍ମତ ହେବାରୁ ସେ ମୋହ ନାମରେ ମିଥ୍ୟା ନାଲିଶ କରିଅଛି । ଏକଥା ଅତି ଅସଙ୍ଗତ ଅସମ୍ଭବ ଓ ଏଥିର ପ୍ରମାଣ ମଧ୍ୟ ବିଶ୍ୱାସ ଯୋଗ୍ୟ ନ ହେଲା । ମିଉନିସପାଲ ଜମାଦାର ବିଶ୍ୱେଶ୍ୱର ସିଂହ ପ୍ରତିବାଦୀ ପକ୍ଷରେ ସାକ୍ଷ ଦେଇଥିଲା ମାତ୍ର ସେ ବାଦୀ ପ୍ରତିବାଦୀ କାହାରିକୁ ଚିହ୍ନ ନ ଥିବାର କହିଲେହେଁ ପ୍ରତିବାଦୀର ଖଲାସୀ ପକ୍ଷରେ ସଚେଷ୍ଟ ଥିବାର ପ୍ରକାଶ ହେବାରୁ ତାହାର ସାକ୍ଷ ଅକର୍ମଣ୍ୟ ହେଲା । ଆହୁରି ପ୍ରକାଶ ହେଲା ଯେ ବିଶ୍ୱେଶ୍ୱର ନିଜେ ହାଡ ମାଡର କଥା ଉଠାଇଅଛି କାରଣ ସେ ଓ ଗୋପୀ ସିଂହ ଦୁହେଁ ମାରପିଟର ମୁହୂର୍ତ୍ତିକ ଉତ୍ତାରେ କାଳବାବୁଙ୍କଠାକୁ ଯାଇ କହିଲେ ଦୈତାରି ଦାସକୁ ଜଣେ ହାଡ ବାଡେଇ ପଳାଇ ଗଲା ତହୁଁ କାଳବାବୁ ଓ ସେ ଦୁଇଜଣ ଉଠି ଯାଇ ଗୋପନରେ କଥୋପକଥନ କଲେ । ଏହି ପ୍ରକାରରେ ସଫାଇ ଅପ୍ରମାଣ ଓ ବାଦୀର ଗୁହାରି ସପ୍ରମାଣ ହେବାରୁ ଅପରାଧର ଗୁରୁତ୍ୱ ଦୃଷ୍ଟିରେ ଡେପୁଟୀ ମେଜିଷ୍ଟ୍ରର ଗୋପୀ ସିଂହ ପ୍ରତିବାଦୀକୁ ତିନିମାସ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ଦେଲେ । ଏ ଦଣ୍ଡାଜ୍ଞା ଯେ ଅତି ଯଥାର୍ଥ ହୋଇଅଛି ଏହା ବୋଲିବା ବାହୁଲ୍ୟ । ଶ୍ରେଣିଆଁ ମାଡର ଏହି ପରି ଶାସ୍ତି ଉଚିତ ଅଟେ ।

ମାରପିଟର କାରଣ ବିଷୟରେ ଡେପୁଟୀ ମେଜିଷ୍ଟ୍ରର ବୋଲନ୍ତି ଯେ କୌଣସି ବ୍ୟକ୍ତି ଗୁପ୍ତରେ ଥାଇ ଗୋପୀ ସିଂହଦ୍ୱାରା ବାଦୀକୁ ମାଡ ମରାଇବାରେ କିଛି ସନ୍ଦେହ ନାହିଁ । ଏଥିକୁ ବାଦୀ ଅନୁମାନ କରେ ଯେ କାଳବାବୁ ତାକୁ ମାଡ଼ ମରାଇଅଛି । କାରଣ ବାବୁ ମଧୁକୁ ଟଙ୍କା ଦେଉଅଛନ୍ତି ଓ ସେ ମକଦ୍ଦମା ଜିଣିଲେ ବାବୁ ଟଙ୍କା ପାଇବେ ବାଦୀ ତାହାର ମୁନିବ ପକ୍ଷରେ ଉଦ୍ୟୋଗ କରୁଅଛି ସେ କ୍ଷାନ୍ତ ରହିବ ଏହି ଅଭିପ୍ରାୟରେ ତାକୁ ମାଡ ମରାଇଅଛନ୍ତି କାଳୀ ବାବୁଙ୍କୁ ଏ ମକଦ୍ଦମାରେ ତଲବ ନାହିଁ ଓ ସେ କିଛି ଉତ୍ତର ଦେଇ ନାହାନ୍ତି ଏସ୍ଥଳେ ଏ ବିଷୟରେ ଆମ୍ଭେ ମନ୍ତବ୍ୟ ପ୍ରକାଶ କରି ନ ପାରୁଁ କିନ୍ତୁ ବାଦୀର ଅନୁମାନ ଅମୂଳକ ବୋଧ ହେଉ ନାହିଁ । ଜନରବ ଯେ

Split by PDF Splitter
Digitized by srujanika@gmail.com

Split by PDF Splitter



ଜାଇ ବାବୁ ଏକାଣ୍ଡ ହୋଇଅଛନ୍ତି କିନ୍ତୁ ତାହା କେତେ ଦୂର ସତ୍ୟ ଆମ୍ଭେମାନେ କହି ନ ପାରୁଁ ମାତ୍ର ତାଙ୍କ ଉପରେ ସନ୍ଦେହ କରିବାର ଯଥେଷ୍ଟ କାରଣ ଅଛି । ଏ ମକଦ୍ଦମାରେ ମ୍ୟୁନିସିପାଲ ଜମାଦାରର ଆଚରଣ ମଧ୍ୟ ଦୋଷଯୁକ୍ତ ବୋଧ ହେଉଅଛି । ଏ ମକଦ୍ଦମା ସେନ ଏ ନଗରରେ ଆନ୍ଦୋଳନ ହୋଇଥିବାରୁ ତାହା ସବିଶେଷ ଲେଖିବାର ଆବଶ୍ୟକ ବୋଧ ହେଲା ।

———

ଆମ୍ଭମାନଙ୍କ କେନ୍ଦ୍ରାପଡ଼ାସ୍ଥ ସମ୍ବାଦଦାତା ନିମ୍ନଲିଖିତ ସମ୍ବାଦମାନ ପଠାଇଅଛନ୍ତି ଯଥା—

ଏବର୍ଷ ବର୍ଷା ସକାଶେ ଏଠା ରଥଯାତ୍ରାରେ ବିଶେଷ ଯାତ୍ରୀ ହୋଇ ନାହାନ୍ତି ପ୍ରାୟ ୩।୪ ହଜାର ପର୍ଯ୍ୟନ୍ତ ହୋଇ ପାରେ । ଯାହାହେଉ ଏ ସମୟରେ ଗୋଟିଏ ବଡ଼ ଶୋଭା ହୋଇଥିଲା ଠାକୁରଙ୍କ ପହଣ୍ଡି କଲାବେଳେ ଆମ୍ଭମାନଙ୍କ ମାନ୍ୟସ୍ପଦ ସ୍ମିଥ ସାହେବଙ୍କ ନିକଟରେ ପଣ୍ଡାମାନେ ଗୋଟିଏ ଫୁଲମାଳ ପକାଇଥିଲେ ଏବଂ ସେ ତାହା ଆହ୍ଲାଦପୂର୍ବକ ଧାରଣ କରିଥିଲେ ।

ଜମ୍ବୁରେ ୫୦୦୦ ନଡ଼ିଆ ଗଛ ନିଲାମ ହେବାରେ ବର୍ତ୍ତମାନ ସିନା ତାହା କିଣି ନେଇଅଛନ୍ତି ।

ଗୋଲବହାଟରେ ଅତି ସକାଳର ଯେଉଁ ରଥ ହୁଏ, ଦେଖିଲାଠାରୁ ଶୁଣିଲୁଁ ସେ ସମୟରେ ୪ ଜଣ ଲୋକ ଆହତ ହୋଇଅଛନ୍ତି ।

କେନ୍ଦ୍ରାପଡ଼ାର ଜମିଦାର ମାନ୍ୟବର ଶ୍ରୀଯୁତ ସାମନ୍ତ ଜଗନ୍ନାଥ ଭ୍ରମରବରଙ୍କ କନ୍ୟାର ପାଣିଗ୍ରହଣ ଉପଲକ୍ଷରେ ନାନା କାର୍ଯ୍ୟମାନ ହୋଇଥିଲା ଅତ୍ୟନ୍ତ ଭଦ୍ରବ୍ରାହ୍ମଣ, କରଣ, ମହାଜନ ଏବଂ ଅନ୍ୟାନ୍ୟ ଗ୍ରାମସ୍ଥ ଲୋକମାନଙ୍କୁ ଆମନ୍ତ୍ରଣ କରି ଅପର ସହିତ ମିଷ୍ଟାନ୍ନ ଭୋଜନ କରାଇଥିଲେ ବର ଆସିବା ସମୟରେ ସେପରି ବାଣ, ଆତସବାଜି ଓ ନୃତ୍ୟ ବାଦ୍ୟରେ ମାର୍ଗଟି ଜନାକୀର୍ଣ୍ଣ ହୋଇଥିଲା । ବରାହର ପରିବାର ବାବୁଙ୍କ କୋଠାରେ ମଜଲିସ ହୋଇ ନାନାପ୍ରକାର ନୃତ୍ୟ ଗୀତାଦି ହୋଇଥିଲା ।

ଏ ସବଡିଭିଜନର ତନ୍ମନଗର ନିକଟବର୍ତ୍ତୀ ଦୋସିଥ ନାମକ ଗ୍ରାମରେ ଗତମାସ ତା ୨୪ ରଖ ସମୟରେ ଓଲାଉଠା ବଡ଼ ପ୍ରବଳ ହୋଇଥିଲା ।

ଅତଦାର ଗ୍ରାଣ୍ଡଲାଇନ ବାଟ ଉତ୍ତମ ମରାମତ ହେଉଅଛି ସ୍ଥାନେ ୨ ପୋଲ ପ୍ରସ୍ତୁତ ହେଉଅଛି ମାତ୍ର ବର୍ଷା ସମୟରେ ମାଟି ପଡ଼ିବାରୁ ଯାତାୟାତର ବଡ଼ କଷ୍ଟ ।

ଅତଏବ ଏ ଅଞ୍ଚଳରେ ଅନେକ ଲୋକଙ୍କ ଜ୍ୱର ହେଉଅଛି ବସନ୍ତ ମଧ୍ୟ କୌଣସି ୨ ଠାରେ ପ୍ରବଳ ।

ଆମ୍ଭମାନଙ୍କ ମାନ୍ୟବର ଡଏଲ ମାଜିଷ୍ଟ୍ରେଟଙ୍କ କୃପାରୁ ଏ ସବଡିଭିଜନର ଅନେକ ସ୍ଥାନରେ ସଡ଼କ ପ୍ରସ୍ତୁତ ହେଉଅଛି ବାଣିଜ୍ୟର ଅବସ୍ଥା ମଧ୍ୟ ଏଠାରେ ପ୍ରୀତିକର ।

# ସାପ୍ତାହିକସଂବାଦ ।

ଗତ ପୂର୍ବଦିନଠାରୁ ଏ ନଗରରେ ଓଲାଉଠା ରୋଗ ମାଡ଼ିଅଛି । ଯାତ୍ରିମାନଙ୍କଠାରୁ ଏହା ବାହାରିଅଛି । ଯାତ୍ରିମାନେ ପ୍ରାୟ ବାହାର କଲେଣି ମାତ୍ର ସେବେ ସନ୍ ବାବୁଙ୍କର ବିଶେଷ ଉଦ୍ୟମରେ ମାଜିଷ୍ଟ୍ରେଟ ସାହେବ ମ୍ୟୁନିସି- ବସ୍ତ କରି ନ ଥାନ୍ତେ ତାହା ହେଲେ ଅବଶ୍ୟ ସମସ୍ତ ଯାତ୍ରୀ ପାର ହୋଇ ନ ଥାନ୍ତେ ଏବଂ ରୋଗର ଉତ୍ପାତ ଆଉ କେତେ ବୃଦ୍ଧି ହୋଇଥାନ୍ତା କଳନା କରିବା କଠିନ ।

ବାବୁ ଶ୍ରୀନାଥଚକ୍ରବର୍ତ୍ତୀ କଟକ ମେନଜର ପଦରେ ଓ ତାଙ୍କ କର୍ମରେ ବାବୁ ଗଣେଶପ୍ରସାଦ ସିଂହ ନିଯୁକ୍ତ ହେବାର ବୋର୍ଡ ମଞ୍ଜୁର କରିଅଛନ୍ତି । ଗଣେଶ ବାବୁଙ୍କ କର୍ମରେ କଲେକ୍ଟରି ନାଜର ବାବୁ ଯଦୁନନ୍ଦନ ମଜୁମଦାର ନିଯୁକ୍ତ ହେବାର ଯେ କଲେକ୍ଟର ସାହେବ ପ୍ରସ୍ତାବ କରିଥିଲେ ତାହା ଅଗ୍ରାହ୍ୟ ହେଲା କାରଣ ବନ୍ଦୋବସ୍ତ କର୍ମ ଅତି ଶୀଘ୍ର ମାସରେ ଶେଷ ହେବ ଆଉ ଜଣେ ସବଡେପୋଟି ନିଯୁକ୍ତ କରିବାର ଆବଶ୍ୟକ ନାହିଁ ଶ୍ରୀନାଥ ବାବୁ ଦୁଇ କାର୍ଯ୍ୟ କରିବେ ।

ଗତ ମୟୂରଭଞ୍ଜ ପତ୍ରିକାରେ ପାଠ କରୁଅଛୁ ଗତମାସ ତା ୧ ରଖ ସୋମବାର ବଣକାଟ ପରଗଣାର ପୋଲିସଷ୍ଟେସନ ଅନ୍ତର୍ଗତ ଜାନଗଣ୍ଡିପ୍ରା ନାମକ ଗ୍ରାମରେ ସାଲୁକାମାଝି ନାମକ ଜଣେ ସାନ୍ତାଳ ଯୁବା ରତନମାଝି ନାମକ ଅନ୍ୟ ଏକ ବାଳକକୁ ଶଠି ଅପରାଧରେ ବଧ କରିଅଛି । ହତ୍ୟାର ହେତୁ ଏହି ଯଥା — ରତନର ପିତା ମନ୍ତ୍ରମାଝି ଡାକିନୀ ବ୍ୟବସାୟ କରୁଥିବାରୁ ସାଲୁକାର ଦୁଇ ମାସର ଗୋଟିଏ ପୀଡ଼ିତ ପୁତ୍ରସନ୍ତାନକୁ ଚିକିତ୍ସା କରୁଥିଲା । କିନ୍ତୁ ସନ୍ତାନଟି ମରି ପଡ଼ିଲା । ଏଥିରେ ମନ୍ତ୍ର ସନ୍ତାନଟିକୁ ପାଣି ଦେଇଥିବାର ଅର୍ଥାତ୍ ମନ୍ତ୍ରବଳ କରି ବାଣ ମାରିଥିବାର ବିଶ୍ୱାସ କରି ସାଲୁକା ପୁତ୍ର ଶୋକରେ ସେଥିର ପ୍ରତିହିଂସା ନେବାପାଇଁ ମନ୍ତ୍ରର ପୁତ୍ରକୁ ବଧ କଲା । ବର୍ତ୍ତମାନ ସାଲୁକା ଧୃତ ହୋଇ ଦୋଷ ସ୍ୱୀକାର କରୁଅଛି । ଏପ୍ରଦେଶରେ ଅଶିକ୍ଷିତ ଅସଭ୍ୟ ନିବାସୀଙ୍କ ମଧ୍ୟରେ ଡାଆଣି ଅଥବା ବାଣ ସିଙ୍ଗାର ବିଦ୍ୟା ମନ୍ତ୍ର ଆଦିରେ ଲୋକକୁ ବଧ କରିବାର ବିଶ୍ୱାସ ବିଶେଷରୂପେ ରହିଥିବାରୁ ଏହି ସମସ୍ତ ଅନର୍ଥ ଘଟନା ହେଉଅଛି ।

ଶୁଣିଲୁଁ ଯେ ବାଲେଶ୍ୱର ନଗର ଅନ୍ତର୍ଗତ ଗଣତାପଡା ଅଇଟପୋଷ୍ଟର ଜଣେ ଲୋକ ଏଠା ଡିଃ କଲେକ୍ଟର ଓ ଡିଃ ମାଜିଷ୍ଟ୍ରେଟ ବାବୁ କାଶୀନାଥଙ୍କର ସେନଙ୍କ ସ୍ଥାନରେ ଅମ୍ଭମାନଙ୍କର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବିଡନ ସାହେବଙ୍କଠାରେ ଦରଖାସ୍ତ ଦେଇ ଅଛି । ଦରଖାସ୍ତକାରୀ କୌଣସି ମୋକଦ୍ଦମାରେ ସାକ୍ଷୀ ହୋଇ ପ୍ରଶ୍ନର ଉତ୍ତର ଦେଇ ନ ଥିବାରୁ ଡିପୋଟି ବାବୁ ବେଥଇଲା କରି ୨ ଦିନ କଏଦ କରିଥିବାର ଦରଖାସ୍ତରେ ପ୍ରକାଶ କରିଅଛି । ଏ ବିଷୟ ତଦନ୍ତ ହେଉଅଛି ।

ଶୁଣିଲୁଁ ଯେ ବାବୁ ରାଧାଶ୍ୟାମ ଦାସଙ୍କ ବାଜା ବଜାଇବାର ମୋକଦ୍ଦମା ଭାରତବର୍ଷୀୟ ଦଣ୍ଡବିଧି ଆଇନର ୧୮୮ ଦଫା ଅନୁସାରେ ବିଚାର ନ ହୋଇ ୪ ଆଇନର ୩୧ ଓ ୩୨ ଦଫା ଅନୁସାରେ ଆସାମୀ କାଲି ବାବୁ କେଦାରନାଥ ବିଶ୍ୱାସଙ୍କଠାରେ ବିଚାର ହେବ । ମୋକଦ୍ଦମାର ଫଳାଫଳ ଆଗାମୀ ସପ୍ତାହରେ ପ୍ରକାଶ କରିବାର ଇଚ୍ଛା ରହିଲା ।

କାବୁଲରୁ ସଂବାଦ ଆସିଅଛି କି ଅମିର ଅବ୍ଦୁର ରହମାନଙ୍କର ସକଳ ବଳ ଦମନ ସ୍ୱବଳରେ ସଙ୍କଳ୍ପି ଉଦ୍ୟମ କରିବାର ଚେଷ୍ଟା କରୁଅଛି । ଅମିରଙ୍କ ପ୍ରାଣର ଚକ୍ରାନ୍ତରେ ଗୋଟିଏ ଷଡ଼ଯନ୍ତ୍ରରେ ସଂସର୍ଗ ହୋଇ ଥିବା ସନ୍ଦେହ ହେବାରୁ ମହମ୍ମଦ ଅଫଜଲ ଖାଁ ନାମକର ମସ୍ତକ ଛେଦନ ହୋଇଅଛି ଏବଂ ତାହାଙ୍କର ଦୁଇ ପୁଅ ନଜରବନ୍ଦିରେ ଅଛନ୍ତି । ମିରବୁଗ୍ କୋହେସ୍ତାନ ଶତ୍ରୁ ସଙ୍ଗେ ଯୋଗ ଦେଇଥିବାର ସନ୍ଦେହରେ ଅମିରଙ୍କର କୋପ ଦୃଷ୍ଟିରେ ପଡ଼ିଅଛନ୍ତି ।

ଅୟୁବ ଖାଁ ହେରାତ ଏବଂ ଶୋରଗା ଅମିର ଗଣିବା ଭୂଳ ଦେବାହ୍ୱାନ ଅମିର ହ ପଲ୍ଟନ ପଠାଇଛ ଏବଂ ଶ୍ରୁତ ପଲଟନ ଘୋଡ଼ସୁଆର ବୃଦ୍ଧି କରିଅଛନ୍ତି । ଏଥି ମଧ୍ୟରୁ ଦୁଇ ପଲ୍ଟନ ପଦାତିକ କାନ୍ଦାହାରକୁ ଆସିଅଛନ୍ତି ।

ଜୋଧପୁର ଗବର୍ଣ୍ମେଣ୍ଟ ମନସ୍ଥ କରିଅଛନ୍ତି କି ଲବଣର ଟାକ୍ସ ଦ୍ୱିଗୁଣ କରିବେ । ପ୍ରତ୍ୟେକ ଗଡ଼ାକବାଟିକୁ ୦।୫ ଦରରେ ଯେଉଁ ଟାକ୍ସ ଲଗୁଥିଲା ଏବଂ ବାଣ୍ଡୁଗରଙ୍କ ଉପରେ ଲାଇସେନସ୍ ଟାକ୍ସ ବସିବ । ଏ ପ୍ରକାର ପ୍ରସ୍ତାବ ଶୁଣି ସେଠା ଲୋକମାନେ ବଡ଼ ଦୁଃଖିତ ଅଛନ୍ତି ।

ଲାହୋର କଷ୍ଟର ଖଜଣାଖାନାରୁ ଯେଉଁ ଟ ୩୫୦୦୦୲ ଙ୍କା ଗୋଟିଏ ଯାଇଥିଲା ତହିଁ ମଧ୍ୟରୁ କେବଳ ଟ ୫୦୦୦୲ ଙ୍କା ପୁନଃ ପ୍ରାପ୍ତ ହୋଇଅଛି ଏବଂ ପ୍ରାୟ ୨୪ ଜଣ ସିପାହୀ ଅସାମୀ ହୋଇଅଛନ୍ତି ।

ମହାମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡ ରିପନ ସାହେବ ସିମଲାରେ ଗୋଟିଏ ଗିର୍ଜା ନିର୍ମାଣ ନିମିତ୍ତ ଟ ୨୦୦୲ ଙ୍କା ଚେନ୍ଦା ଦେଇଅଛନ୍ତି ।

ଆମ୍ଭେମାନେ ଅବଗତ ହେଲୁଁ ଯେ ଏ ନଗରବାସୀ ବାବୁ ଚନ୍ଦ୍ରମଣି ଘୋଷ ଦର୍ଶନ ଏବଂ ଧର୍ମତତ୍ତ୍ୱ ଅଧ୍ୟୟନ ନିମିତ୍ତ ଇଂଲଣ୍ଡକୁ ଯାତ୍ରା କରିଅଛନ୍ତି । ବାବୁଙ୍କର ଉତ୍ସାହିତା ଏବଂ ସାହସକୁ ଧନ୍ୟ ବୋଲିବାକୁ ହେବ । ତାହାଙ୍କର କାମନା ସିଦ୍ଧ ହେଉ ଆମ୍ଭମାନଙ୍କର ଏହି ପ୍ରାର୍ଥନା ।

ଇଂଲଣ୍ଡରେ ଗତ ଲୋକସଂଖ୍ୟା ତାଲିକାରେ ଦେଖାଗଲା ଯେ, ସେଠାରେ ଯେତେ ସ୍ତ୍ରୀଲୋକ ଅଛନ୍ତି ସେମାନଙ୍କ ମଧ୍ୟରେ ୧୧୨୦୦୦ ଜଣ ପୁଂହକର୍ମ, ୧୨୦୦୦ ଜଣ ଶିଷପ୍ରିଣୀ ୫୧୦୦ ଜଣ ଦପ୍ତରୀ, ୪୫୦୦ ଜଣ କୃତ୍ରିମ ଫୁଲ ପ୍ରସ୍ତୁତ, ୫୮୫୦୦ ଜଣ ସ୍ତ୍ରୀମାନଙ୍କର ଟୋପି, ଓ ପୋଷାକ ପ୍ରସ୍ତୁତ ୧୪୮୦୦ ଜଣ ଦର୍ଜିର, ୨୩୮୦୦ ଜଣ ବନିତ ପ୍ରସ୍ତୁତ ପ୍ରସ୍ତୁତ ୪୮୦୦ ଜଣ ଜୋତା ପ୍ରସ୍ତୁତ ଏବଂ ୧୦୮୦୦ ଜଣ ଧୋବା କାର୍ଯ୍ୟ କରନ୍ତି ।

---

## NOTIFICATION.

The Jumboo or out fall Lock of the Kendraparah Canal is completed and that it will be opened for through traffic from & after the 1st July, 1881.

The toll leviable for passing through this Lock will be charged in accordance with the rate fixed in revised schedule of Canal tolls published at page 707 Part I of the Calcutta Gazette of 11th August, 1881.

JOHN MACMILLAN
*Executive Engineer,*
*Mahanuddy Dn.*

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଦାଶରଥି ସରକାର | କଟକ | ଅଗ୍ରିମ | ଟ ୨୲ |
| „ ଗୋକୁଳରଥ | „ | ବାକିଆ | ଟ ୧୧।୵ |
| „ କୃଷ୍ଣବନ୍ଧୁ ଘୋଷ | „ | „ | ଟ ୨୲ |
| „ ହରମୋହନ ବସୁ | „ | „ | ଟ ୨୲ |
| ଚୌଧୁରୀ କାଳୁଚରଣ ଦାସ | „ | „ | ଟ ୩୲ |
| ବାବୁ ପ୍ରାଣଗୋପ ହଲଦାର | „ | „ | ଟ ୩୲ |

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୯ ରଖ ମାହେ ଜୁଲାଇ ସନ ୧୮୮୧ ମସିହା ।

## ବିଜ୍ଞାପନ ।

ଏଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଆମ୍ଭମାନଙ୍କର ଜମିଦାରୀ ଓଗେର ଭୂମିସମ୍ପତ୍ତି ମଧ୍ୟରୁ କେତେକ ବିକ୍ରୟ କରିବାର ଏବଂ କେତେକ ଇଜରା ଦେବାକୁ ଇଚ୍ଛୁକ ଅଛୁଁ ଯେଉଁମାନଙ୍କର କ୍ରୟ କରିବାର କିମ୍ବା ଇଜରା ନେବାର ଇଚ୍ଛା ହେବ ସେମାନେ ଆମ୍ଭ ସହିତ ସ୍ୱୟଂ ଅଥବା ପତ୍ରଦ୍ୱାରା ବନ୍ଦୋବସ୍ତ କରିବେ ।

ଯେ ସମସ୍ତ ଜମିଦାରୀ ଓଗେର ବିକ୍ରୟ ହେବ ତହିଁର ତାଲିକା ସଦରଜମା ସହିତ ନିମ୍ନେ ଲେଖାଗଲା ଏବଂ ଯେ ସମସ୍ତ ଇଜରା ଦିଆଯିବ ତହିଁର ପୃଥକ୍ ତାଲିକା ମଧ୍ୟ ଦିଆଗଲା ।

ଏ ସମ୍ପର୍କରେ ସମସ୍ତ ଚିଠିପତ୍ର ଆମ୍ଭର ସହର କଟକ ଚାନ୍ଦିବଜାର ବସାକୁ ଏହି ବିଜ୍ଞାପନ ତାରିଖରୁ ଏକମାସ ମଧ୍ୟରେ ପଠାଇବାକୁ ହେବ । ଇତି ।

### ବିକ୍ରୀ ହେବା ଜମିଦାରୀ ଓଗେରର ତାଲିକା ।

| ନାମ ପ୍ରଗନା | ନାମ ମଉଜା | ସଦରଜମା |
|---|---|---|
| । ପ୍ର । ସୁଙ୍ଗଡ଼ା | । ମୌ । କୁସୁମୀ । ବ । ଟି୦୫ | ଟ ୨୧୩। ୪ |
| । ପ୍ର । ଏଜନ | । ମୌ । ମଛଙ୍ଗା | ଟ ୧୦୯୫ |
| । ପ୍ର । ଏଜନ | । ମୌ । ନାରିଜଙ୍ଗ | ଟ ୩୦୫ ୪ |
| । ପ୍ର । ଏଜନ | । ମୌ । ମିରଜାପୁର । ବା । ଟି୦୫ | ଟ ୧୬୩।/୧୦ |
| । ପ୍ର । ଏଜନ | । ମୌ । ହେଡ଼ା । ବ । ଟି୦୫/ | ଟ ୧୬୨୯/୨ |
| । ପ୍ର । ମାଛକଛଜଗର | । ମୌ । ସୁଳାଖଣ୍ଡି | ଟ ୨୪୪୧ ୯ |
| । ପ୍ର । ଏଜନ | । ମୌ । ବରଦୋ । ବା । ଟି୦୫୯ | ଟ ୨୦୪/୧୧ |
| । ପ୍ର । ଏଜନ | । ମୌ । ମାଲକଡପୁର । ବ । ଟି ୦୫/ ୨ | ଟ ୧୫୫/ |
| । ପ୍ର । ଅଲଗି | । ମୌ । ପଣସୁଆପାଲ୍ । ବ । ଟି ୦/ ୮ | ଟ ୩୨୧୫ |
| । ପ୍ର । କରୁଆ | । ମୌ । ଭଥସ୍ । ବ । ଟି ୦/୧୮ | ଟ ୭୮୫/୨ |
| । ପ୍ର । ପଦ୍ମପୁର । ତା । ଜଗତପୁର | । ବ । ଟି ୦/ | ଟ ୨୦୪୯ |
| । ବ । ବିଷ୍ଣୁପୁର । କ । ବିଷ୍ଣୁପୁର | । ବ । ଟି ୦/ | ଟ ୧୧୬୧୦୫ |
| ଛ୦ ଜମିଦାରୀ | | |
| । ପ୍ର । ସୁଗଡ଼ା | । ମୌ । ମିରଜାପୁର ମଜକୁରି । ବ । ଟି ୦ | ଟ ୯୪/୧୦ |
| । ପ୍ର । ପଦ୍ମପୁର । ତା । ଜଗତପୁର | । ମୌ । ପଧାନପଡ଼ା । ବ । ଟି୦/ | ଟ ୨୯୫/୦୫ |
| ଛ୦ ମଜକୁରି | | |
| । ପ୍ର । ଅଲଗି ଆନେ ଅଲମଗିର | । ମୌ । ଦକ୍ଷିଣକୂଳ ସରିବହାର । ବ । ଟି ୦/ | ଟ ୧୦୧/ |
| ଛ୦ | | |

### ଇଜରା ଦେବା ସମ୍ପତ୍ତିର ତାଲିକା ।

| ନାମ ପ୍ରଗନା | ନାମ ମହାଲ |
|---|---|
| । ପ୍ର । ସୁଗଡ଼ା | । ତା । ଗଏସିଙ୍ଗଡ଼ା |
| । ପ୍ର । ବରୁଅଁ | । ତା । ରାଧାମୋହନ ପ୍ରସାଦ |
| । ପ୍ର । ଉତ୍ତରଖଣ୍ଡପୁର | । ତା । ପଦ୍ମଲୋଚନପୁର |
| । ପ୍ର । ଅଲଗି | ଆନେ ଅଲମଗିର |
| । ବ । ହରଶପୁର | । ବ । ହରଶପୁର |
| ଛ୦ | |

ପ୍ରକାଶଥାଉ କି ଇଜରା ନେବା ବ୍ୟକ୍ତିମାନେ ମାହାଲଓ୍ୱାରୀ ଅର୍ଥାତ୍ ଏକ ଏକ ମାହାଲ ସମୁଦାୟ ଇଜରା ନେବାକୁ ଇଚ୍ଛୁକ ନ ହେଲେ ତହିଁରେ କେତେକ ଅଂଶ କିମ୍ବା ଯେବେ ମଉଜ ଇଚ୍ଛା କରନ୍ତି ମଉଜାଓ୍ୱାରୀ ଇଜରା ନେବା ପକ୍ଷରେ କୌଣସି ବାଧା ନାହିଁ । ତା ୮ ରଖ ମାହେ ଜୁଲାଇ ସନ ୧୮୮୧ ମସିହା ।

GOLOC CHUNDER BOSE.
GOPAL CHUNDER BOSE.

[illegible] ମୁଦ୍ରଯନ୍ତ୍ର ।

Digitized by srujanika@gmail.com

Split by PDF Splitter

140

Digitized by srujanika@gmail.com

Split by PDF Splitter
REGISTERED NO. 1


# ଉତ୍କଳ ଦୀପିକା

## ସାପ୍ତାହିକ ସମାଦପତ୍ରିକା

ଭା ୧୭ ଶ
ସଂ ୨୯ ଶଂଖ୍ୟା
ତା ୧୭ ରଖ ମାହେ ଜୁଲାଇ ସନ ୧୮୮୧ ମସିହା । ମୁ । ଶ୍ରାବଣ ଦ ୩ ହ ସନ ୧୨୮୮ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୷୰

ଡାକଘର ଇଲାକାରୁ ବିଜ୍ଞାପନ ବାହାରଅଛି କି ଆଗାମୀ ମାସ ପ୍ରଥମ ତାରଖଠାରୁ ଚିଠି କାର୍ଡ ଇତ୍ୟାଦି ରେଜଷ୍ଟ୍ରୀ କରିବାର ଖର୍ଚ୍ଚା ଗୃରଅଣା ପରିବର୍ତ୍ତରେ କେବଳ ଦୁଇଅଣା ଲେଖାଏ ଲଗାଯିବ । ଏହାଦ୍ୱାରା ଲୋକମାନେ ଆଉ ଗୋଟିଏ ଉପକାର ପ୍ରାପ୍ତ ହେଲେ ଏବଂ ଏଥିପାଇଁ ଡାକଘରର କର୍ତ୍ତାମାନେ ଧନ୍ୟବାଦର ପାତ୍ର ଅଟନ୍ତି । ଭରସା କରୁଁ ପୁସ୍ତକାଦିର ରେଜଷ୍ଟ୍ରୀ ଖର୍ଚ୍ଚା ଏହିପରି ଅଧେ ଊଣା କରିବାର ନିୟମ ଶୀଘ୍ର ପ୍ରଚଳିତ ହେବ ।

---

ଯାଜପୁରର ସବ୍ ଡେପୁଟୀ ମୁନ୍‌ସି ଦାଦର-ବକ୍ସଙ୍କ ଛୁଟୀ ସମୟରେ ତାଙ୍କ କର୍ମ ଚଳାଇବାକୁ କଲେକ୍ଟର ସାହେବ ଯେପରି ପ୍ରସ୍ତାବ କରିଥିଲେ ତାହା କମିଶ୍ନର ସାହେବ ମନୋନୀତ ନ କରି ଆପଣା କଚେରିର କିରାଣୀ ବାବୁ ନିତ୍ୟାନନ୍ଦ ଘୋଷଙ୍କୁ ଦୁଇମାସ ସକାଶେ ଏକଟିଂ ସବ୍ ଡେପୁଟୀ ନିଯୁକ୍ତ କରିବାର ପ୍ରସ୍ତାବ କରିଅଛନ୍ତି । ନିତ୍ୟାନନ୍ଦ ବାବୁଙ୍କର ଆଧୁନିକ ବେତନ ଟ ୭୦୲ ଙ୍କା ଓ ସେ ବି, ଏ, ଉପାଧିଧାରୀ । ସବ୍‌ଡେପୁଟୀ ହେଲେ ଟ ୧୦୦୲ ଙ୍କା ପାଇବେ । ଅତଏବ କଲେକ୍ଟର ସାହେବଙ୍କର କଫାଏତ ବନ୍ଦୋବସ୍ତ ଅପେକ୍ଷା କମିଶ୍ନର ସାହେବଙ୍କର ପ୍ରସ୍ତାବ ଉତ୍ତମ ହୋଇଅଛି ।

---

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ନିୟମ କରଅଛନ୍ତି କି ଗତ ଜୁନମାସ ତା ୧ ରଖଠାରୁ ସେବିଂସବାଙ୍କରେ ଟ ୩୦୦୦୲ ଙ୍କା ପର୍ଯ୍ୟନ୍ତ ସୁଧ ଦିଆଯିବ ଓ ସୁଧର ଦର ଟ ୪୷ ପରିବର୍ତ୍ତରେ ଟ ୩୷ ହେବ । ଯେଉଁମାନଙ୍କର ଟ ୩୦୦୦୲ ଙ୍କାରୁ ଅଧିକ ଟଙ୍କା ବାଙ୍କରେ ଜମା ଅଛି ସେମାନେ ଉକ୍ତ ଅଧିକା ଟଙ୍କା ଫେରନେବା ପର୍ଯ୍ୟନ୍ତ ଜମା ରହିପାରିବ ମାତ୍ର କେବଳ ଟ ୩୦୦୦୲ ଙ୍କା ଉପରେ ସେମାନେ ସୁଧ ପାଇବେ । ସେବିଂସବାଙ୍କ ଅଳ୍ପ ଟଙ୍କା ଜମା କରିବା ବ୍ୟକ୍ତିଙ୍କ ସୁବିଧା ନିମିତ୍ତ ହୋଇଅଛି । ଧନାଢ୍ୟ ଲୋକଙ୍କ ନିମିତ୍ତ ନୁହଇ । ସେମାନଙ୍କ ସକାଶେ ବାଣିଜ୍ୟ ବ୍ୟବସାୟ ପ୍ରମିସରି ନୋଟ ପ୍ରଭୃତି ଅନେକ ଉପାୟ ରହିଅଛି ।

---

ବଙ୍ଗାଳ ଗବର୍ଣ୍ଣମେଣ୍ଟଙ୍କ ହେସାବ ଅନୁସାରେ ହିଜଲି ନାଲକୁ ଓଡିଶାର ନାଲ ସଙ୍ଗେ ସମ୍ବନ୍ଧ କରିଲେ ଯୋଗ କରିବାକୁ ୩୩ ଲକ୍ଷ ଟଙ୍କା ବ୍ୟୟ ହେବ ତହିଁ ମଧ୍ୟରୁ ଏ ବର୍ଷ ଦଶଲକ୍ଷ ଟଙ୍କା ବ୍ୟୟ ହେବାର ମଞ୍ଜୁର ହୋଇଅଛି । ଏରୂପେ ଦେଖାଯାଏ ଯେ ଏ କାର୍ଯ୍ୟ ଶେଷ ହେବାକୁ ଅନ୍ୟୁନଃ ତିନବର୍ଷ ଲାଗିବ । ମାନ୍ୟବର ଇଡନ ସାହେବ ବଙ୍ଗଳାର ଅନ୍ୟ ସମସ୍ତ ଅଞ୍ଚଳରେ ରେଲବାଟ ବିସ୍ତାର କାର୍ଯ୍ୟରେ ବିସ୍ତର ଟଙ୍କା ବ୍ୟୟ କଲେ କିନ୍ତୁ ଓଡିଶା ବେଳକୁ କେବଳ ଗୋଟିଏ ନାଲ ଦେଲେ କି ଯହିଁର ଉପକାରିତା ବିଷୟରେ ସମ୍ପୂର୍ଣ୍ଣ ସନ୍ଦେହ ରହିଅଛି ପୁଣ ତାହା ଦେଖିବାକୁ ପ୍ରାୟ ଆଉ ତିନି ବର୍ଷ ଲାଗିବ ।

---

ନିୟୁୟର୍କରୁ ତାରଡାକ ଯୋଗେ ସମ୍ବାଦ ଆସିଅଛି କି ୟୁନାଇଟେଡ୍‌ଷ୍ଟେଟ୍‌ସର ପ୍ରେସିଡେଣ୍ଟ ଗାରଫିଲ୍‌ଡ ସାହେବ ରେଲଗାଡିରେ ଯାଉଥିବା ସମୟରେ କେହି ଦୁରାତ୍ମା ତାହାଙ୍କୁ ପିସ୍ତଲରେ ଗୁଳି ମାରିବାରୁ ବାହୁ ଏବଂ ଉରୁ ଏହି ଦୁଇସ୍ଥାନରେ ଗୁରୁତର କ୍ଷତମାନ ହୋଇଥିଲା ଏବଂ ତହିଁରୁ ଏତେ ରକ୍ତ ବାହାରଗଲା ଯେ ପ୍ରାଣ ସଙ୍କଟାପନ୍ନ ହୋଇଥିଲା । ସୁଚିକିତ୍ସାରୁ ତାହାଙ୍କର ପୀଡା ଅନେକ ଉପସମ ଏବଂ ଆରୋଗ୍ୟ ହେବାର ସମ୍ପୂର୍ଣ୍ଣ ଭରସା ହୋଇଅଛି । ଯେ ବ୍ୟକ୍ତି ଗୁଳିମାରିଥିଲା ସେ ଧରା ପଡିଅଛି । ସେ ଜଣେ ମାଜୁଲ କର୍ମଚ୍ୟୁତ ବୋଲି କଥିତ ହୁଅଇ । ପ୍ରେସିଡେଣ୍ଟଙ୍କ ପ୍ରାଣ ନେବାର ଚେଷ୍ଟା ସେ କି ସକାଶେ କଲା ଜଣାଯାଉ ନାହିଁ । ଏ ବର୍ଷ ଶାସନକର୍ତ୍ତାଙ୍କର ବଡ ବିପଦ ଦେଖାଯାଏ ।

---

ଗତ ସପ୍ତାହରୁ ଏ ନଗରର ପୁଲିସ ଗୋଟିଏ ଭାରୀ ମୋକଦମା ଧରିବାରେ ଲାଗି ଥିଲେ ଏବଂ ତହିଁର ଚର୍ଚ୍ଚା ଅବଧି ଗୃରଆଡେ ପଡିଅଛି । ଜଣେ ବିଷୟାପନ୍ନ ସଦ୍ବଂଶଜାତ ବିଧବା ରମଣୀ ଉପରେ ଆପଣା ଗର୍ଭ ନଷ୍ଟ କରିବା ଅଥବା ଗର୍ଭ ହେବା କଥା ଲୁଚାଇବା କାରଣ ଉଦ-

Digitized by srujanika@gmail.com

ପେଷ୍କା ଗୁରୁତର ଅପରାଧ କରିବାର ସନ୍ଦେହ ହେବାରୁ ଅଜକୁ ଦଶ ବାରଦିନ ହେବ ଏକ ଦିନ ପ୍ରାତଃକାଳରେ ସିଭିଲସର୍ଜନ ଷ୍ଟିଓ୍ୱାର୍ଟ ସାହେବ ଉକ୍ତ ଥାକୁ ଦେଖି ଆସିଲେ ତହିଁ ଉତ୍ତାରୁ ଦୁଇପ୍ରହର ସମୟରେ ପୁଲିସ ସବ୍ ଇନ୍ସପେକ୍ଟର ସେଖ କାଦର ତଦାରଖ ଆରମ୍ଭ କଲେ । ପୁଲିସ ଦାୟୀଦ୍ୱାର ସ୍ଥିର ଦେହ ଦେଖିଲା ଉତ୍ତାରୁ ଦୋଷ ହୁଅଇ ଅନ୍ୟାନ୍ୟ ତଦାରଖରେ ନିଯୁକ୍ତ ହେଲେ । ସେ ଦିନ ଆଉ କଣ୍ଠ ପ୍ରମାଣ ମିଳିଲା ନାହିଁ ଏବଂ ଆସାମୀଙ୍କୁ ଗ୍ରେପ୍ତାର ନ କରି ଯାମିନରେ ରଖିଲେ । ଏଥି ଉତ୍ତାରୁ ପୁଲିସ ଆଉ କି ଅନୁସନ୍ଧାନ କଲେ ଜଣା ଯାଉ ନାହିଁ କିନ୍ତୁ ଶୁଣାଯାଏ ଯେ ଆଉ ତଦାରଖ ହେବ ନାହିଁ ବୋଲି ମାଜିଷ୍ଟ୍ରେଟ ଆଜ୍ଞା ଦେଇଅଛନ୍ତି । ଅମ୍ଭେମାନେ ଏ ଜନରିବକୁ ଅବିଶ୍ୱାସ କରନ୍ତୁ ମାତ୍ର ପୁଲିସକୁ ନିଶ୍ଚିନ୍ତ ଦେଖି ତାହା ସତ୍ୟ ଥିବାର ଅନୁମାନ କରୁଅଛୁଁ । ଏପରି ଅବସ୍ଥାରେ ତଦାରଖ ଶିଥିଳ ଅବା ଏକକାଳରେ ବନ୍ଦ ହେବା ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ । ଏପରି ଅପରାଧ ଏ ପ୍ରଦେଶରେ ବିସ୍ତର ଘଟନା ହୁଅଇ ଏବଂ ସ୍ୱାଧୀନ ଭାବରେ ରହିଥିବା ବିଷୟୀପଲ ଯନ୍ତ୍ରତ ସ୍ଥାମାନଙ୍କଠାରେ ତାହା ନ ଘଟନ୍ତ ଅସମ୍ଭବ ନୁହଇ ପରନ୍ତୁ ଶୁଣାଯାଏ ଯେ ଏ ନଗରସ୍ଥ ସୈନିକ ଏବଂ ସିଭିଲ ବିଭାଗର ସମସ୍ତ ଡାକ୍ତର ଏହି ରୋଗୀକୁ ସମୟ୨ରେ ଦେଖିଥିଲେ । ଏ ଅବସ୍ଥାରେ ଅନ୍ତତଃ ଏମାନଙ୍କ ଜବାନବନ୍ଦୀ ନ ନେଇ ମୋକଦମାରୁ କ୍ଷାନ୍ତ ରହିବା ନିତାନ୍ତ ଅଯୌକ୍ତିକ ବୋଧ ହେଉଅଛି ଅତଏବ ଅମ୍ଭେମାନେ ଆଶା କରୁଁ ଯେ ମାଜିଷ୍ଟ୍ରେଟ ତାହା କରିବେ ନାହିଁ ।

———

### ଭାରତେଶ୍ୱରୀ ଅଟ୍ଟାଳିକା ।

ଏଥି ନିମିତ୍ତ ଯେଉଁ ସଭା ହେବାର ଥିଲା ଅମ୍ଭେମାନେ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଥିଲୁଁ । ଗତ ମଙ୍ଗଳବାର କଲେଜ ଗୃହଠାରେ ଉକ୍ତ ସଭା ହେଲା ଦୁଃଖର ବିଷୟ ଯେ କେବଳ ୧୦ । ୧୨ ଜଣ ଦେଶୀୟ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ଏବଂ ଇଂରାଜଙ୍କ ମଧ୍ୟରେ କେବଳ ଶ୍ରୀଯୁକ୍ତ ସ୍ମିଥ ସାହେବ କମିଶନର ଥିଲେ । ସ୍ୱୟଂ କଲେକ୍ଟର ଗ୍ରାଣ୍ଟ ସାହେବ ଯେ ସଭା ଆହ୍ୱାନ କରିଥିଲେ ଉପସ୍ଥିତ ହେଲେ ନାହିଁ । ଯାହା ହେଉ ସଭାର କାର୍ଯ୍ୟ ଉତ୍ତମରୂପେ ନିର୍ବାହିତ ହେଲା । ବାବୁ ଜଗମୋହନ ରାୟ ସମସ୍ତଙ୍କ ମନୋନୀତ ମତେ ସଭାପତିର ଆସନ ଗ୍ରହଣ କଲେ ଏବଂ ସଭାର କାର୍ଯ୍ୟାରମ୍ଭ ହେଲା । ଏହି ବିଷୟର ଚେନ୍ଦା ସଂଗ୍ରହ ଇତ୍ୟାଦି ନିମିତ୍ତ ନିଯୁକ୍ତ ହୋଇଥିବା ସବ୍ କମିଟୀଙ୍କ ରିପୋର୍ଟ ପଠିତ ହେଲା ଏବଂ ତହିଁରୁ ଜଣାଗଲା କି ପୂର୍ବେ ଟ ୧୪୦୦୦୲ଙ୍କା ଚେନ୍ଦା ସ୍ୱାକ୍ଷରିତ ହୋଇଥିଲା ତହିଁ ଉତ୍ତାରୁ ଆଉ ଦଶ ହଜାର ପର୍ଯ୍ୟନ୍ତ ଚେନ୍ଦା ସ୍ୱାକ୍ଷରିତ ହୋଇଅଛି ଅଥବା ହେବାର ଅଛି ଏରୂପେ ମୋଟ ଟ ୨୪୦୦୦୲ଙ୍କା ଚେନ୍ଦା ମଧ୍ୟରୁ କେତେକ ଚେନ୍ଦା ଦାତାଙ୍କ ସ୍ଥାନାନ୍ତରିତ ଏବଂ ଅନ୍ୟାନ୍ୟ କାରଣରୁ ପ୍ରାୟ ୪ ହଜାର ଟଙ୍କା କଟି ଗଲେ ସୁଦ୍ଧା ଅନ୍ତତଃ ଟ ୨୦୦୦୦୲ଙ୍କା ଚେନ୍ଦା ଆଦାୟ ହୋଇ ପାରିବ । ମୟୂରଭଞ୍ଜ ଏବଂ କେଉଁଝରର ମହାରାଜାମାନେ ଏବଂ ଅଠମଲ୍ଲିକ ଓ ଆଠଗଡର ରାଜାମାନେ ବିଶେଷ ବଦାନ୍ୟତା ସହିତ ଚେନ୍ଦା ଦେଇଅଛନ୍ତି ଅବା ଦେବେ ।

ସଭାର ବିବେଚନାରେ ଏହି କୋଡିଏ ହଜାର ଟଙ୍କା ମଧ୍ୟରେ ବାଞ୍ଛିତ ଅଟ୍ଟାଳିକା ଏବଂ ତହିଁ ସଂଲଗ୍ନରେ ଉଦ୍ୟାନ ହୋଇ ପାରିବାର ନିଶ୍ଚୟ ହେବାରୁ ତାହା ଧାର୍ଯ୍ୟ ହେଲା ଏବଂ ସ୍ୱାକ୍ଷରିତ ଚେନ୍ଦା ଉସୁଲ, ନୂତନ ଚେନ୍ଦା ସଂଗ୍ରହ ଏବଂ ପ୍ରସ୍ତାବିତ ଅଟ୍ଟାଳିକାର ନକ୍ସା ଏବଂ ଇଷ୍ଟିମେଟ ପ୍ରସ୍ତୁତ କରିବା କାରଣ ସବ୍ କମିଟୀକୁ ଭାର ଦିଆଗଲା । କମିଟୀ ଶୀଘ୍ର ଟଙ୍କା ଉସୁଲ କଲେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଅମ୍ଭେମାନେ ସଭାର କାର୍ଯ୍ୟରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛୁଁ କାରଣ ଯଦ୍ୟପି ଅଟ୍ଟାଳିକାଟି ନ ହେବାର ସ୍ଥିର ହୁଅନ୍ତା ତେବେ ଓଡିଶାର ଗୋଟିଏ ଭାରି କଳଙ୍କ ହୁଅନ୍ତା ସନ୍ଦେହ ନାହିଁ । ଏଥିର ଚେନ୍ଦାଦାତାଙ୍କୁ ପ୍ରାର୍ଥନା ଯେ ସେମାନେ ଶୀଘ୍ର୨ ଆପଣା ସ୍ୱାକ୍ଷରିତ ଟଙ୍କା ପଠାଇ ଦେଉନ୍ତୁ ଏବଂ ଯେଉଁମାନେ ଅବଧି ଚେନ୍ଦା ସ୍ୱାକ୍ଷର କରି ନାହାନ୍ତି ସେମାନେ ଯଥାସାଧ୍ୟ ଦାନ କରିବା ଦ୍ୱାରା ଏ ମହତ ଅନୁଷ୍ଠାନକୁ ସଫଳ କରନ୍ତୁ । ଚେନ୍ଦା ଫର୍ଦ୍ଦ ଆଗାମୀ ସପ୍ତାହରେ ପ୍ରକାଶ କରିବାର ଇଚ୍ଛା ରହିଲା ।

———

### ଆଇନ ଓ ହାକିମ ।

ଏକ ଦିଗରେ ପ୍ରଧାନ ଶାସନକର୍ତ୍ତାମାନେ ବ୍ୟବସ୍ଥାପକ ସଭାର ପରାମର୍ଶ ଏବଂ ସୁଶାସନ ଉଦ୍ଦେଶ୍ୟରେ ନିତ୍ୟ୨ ନୂତନ ଆଇନ ଏବଂ ବିଧିମାନ ଜାରି କରିବାରେ ବ୍ୟସ୍ତ ଏବଂ ଅପର ଦିଗରେ ଯେଉଁମାନଙ୍କ ହାତରେ ଶାସନ କରିବାର ଭାର ଦିଆ ଯାଇଅଛି ସେମାନେ ଆଇନ ଲଙ୍ଘନ କରିବାରେ ବ୍ୟସ୍ତ । ଏଥିରେ ଭାରତବାସିମାନେ ଯେ କେଉଁରି ସୁଖରେ ନିର୍ବାହ ହେବେ ତହିଁର କିଛି ସୂଚନା ଦେଖା ଯାଉ ନାହିଁ । ସେ ଦିନ ଅମ୍ଭେମାନେ ଅଲେକ୍ଜାଣ୍ଡର ସାହେବଙ୍କର କଥା ଲେଖିଥିଲୁଁ । ସମ୍ପ୍ରତି ପୁଣି ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ ଯେ ମୁରଶିଦାବାଦର ମାଜିଷ୍ଟ୍ରେଟ ମୋସଲି ସାହେବ ହାଇକୋର୍ଟର ହୁକୁମକୁ ଅନ୍ୟଥା କରି ଆପଣାର ଜିଦ ରଖିଅଛନ୍ତି । ରମେଶର ନାମରେ ଏକ ବ୍ୟକ୍ତି ମେକି ନୋଟ ବ୍ୟବହାର କରିଥିବା ସନ୍ଦେହରେ ପୁଲିସ ତଦାରଖରେ ଆସିଥିଲା । ସବ୍ଇନ୍ସପେକ୍ଟର ପ୍ରମାଣ ନ ପାଇବାରୁ ତାହାକୁ ଚାଲାନ କଲା ନାହିଁ । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ତାକିଦ କରିବାରୁ ସବ୍ଇନ୍ସପେକ୍ଟର ଉତ୍ତର କଲା କି ପ୍ରମାଣ ନ ଥିବା ସ୍ଥଳରେ ଯେବେ ହଜୁର ହୁକୁମ ଦେବେ ତେବେ ସେ ଚାଲାନ କରିବ ଅତଏବ ହଜୁରିଙ୍କ ଆଜ୍ଞା ପ୍ରାର୍ଥନା କଲା । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏପରି ରିପୋର୍ଟ ପାଇ ସବ୍ଇନ୍ସପେକ୍ଟରକୁ ହୁକୁମ ନ ମାନିବା ଦୋଷରେ ଏକ ମାସର ବେତନ ଜରିମାନା କରି ଏ, ଫାରମ ପଠାଇବାର ଆଜ୍ଞା ଦେଲେ ଏବଂ ତାହା ମାଜିଷ୍ଟ୍ରେଟ ସାହେବଙ୍କ ମଞ୍ଜୁରି ନିମିତ୍ତ ପଠାଇଲେ । ମାଜିଷ୍ଟ୍ରେଟ ମୋସଲି ସାହେବ ଏ ଦଣ୍ଡକୁ ପ୍ରଚୁର ଜ୍ଞାନ ନ କରି ଆଜ୍ଞା ଦେଲେ କି ସବ୍ଇନ୍ସପେକ୍ଟର କେବଳ ମଞ୍ଜୁର ହେବ କିମ୍ବା ତହିଁ ଉପରେ ଫୌଜଦାରୀ ସୁପର୍ଦ୍ଦ ହେବ ଏହା ନିଶ୍ଚୟ ହେବା ପର୍ଯ୍ୟନ୍ତ ସେ ସସପେଣ୍ଡ ରହିବ ସୁପରିଣ୍ଟେଣ୍ଡେଣ୍ଟ ଏ ବିଷୟରେ ରିପୋର୍ଟ କରିବେ । ସୁପରିଣ୍ଟେଣ୍ଡେଣ୍ଟ ରିପୋର୍ଟ କଲେ ଏବଂ ମୋସଲି ସାହେବ ସବ୍ଇନ୍ସପେକ୍ଟରକୁ ଫୌଜଦାରୀ ସୁପର୍ଦ୍ଦ କରି ଆପେ ବିଚାର କରି ପୁଲିସ ଆଇନାନୁସାରେ ଦଣ୍ଡ ଦେଲେ । ଏହିପରି ଆଉ ଏକ ମୋକଦମାରେ ସବ୍ଇନ୍ସପେକ୍ଟର ତିନିମାସ କାରାବାସ ଦଣ୍ଡ ପାଇଲା । ତାହାର ଅପିଲ ଅନୁସାରେ ହାଇକୋର୍ଟ ମାଜିଷ୍ଟ୍ରେଟ ସାହେବଙ୍କ ବିଚାର ଆଜ୍ଞା ରଦ କଲେ । ଏଥି ଉତ୍ତାରୁ ସବ୍ଇନ୍ସପେକ୍ଟର ଆପଣା କର୍ମ ଫେରି ପାଇବାକୁ ପ୍ରାର୍ଥନା କରିବାରେ ମାଜିଷ୍ଟ୍ରେଟ ତାହାକୁ ମଞ୍ଜୁର କଲେ ଏବଂ ସୁପରି-

Split by PDF Splitter
142
Digitized by srujanika@gmail.com

ଷ୍ଟେଟ୍‌ସେକ୍ରେଟେରୀ ସାହେବ ପୂର୍ବରୁ ମଞ୍ଜୁର କରି ନ ଥିବାରୁ ଅନାବଶ୍ୟକ ବୋଲି ବ୍ୟକ୍ତ କଲେ । ଯେବେ ହାକିମମାନେ ଏପରି ଆଇନ ଲଙ୍ଘନ କରିବେ ତେବେ ପ୍ରଜାଙ୍କର ଦୁର୍ଦ୍ଦଶାର ଆଉ କି ସୀମା ରହିଲା । ଆମ୍ଭେମାନେ କହୁଁ କି ସର୍ବୋଚ୍ଚ ଶାସନକର୍ତ୍ତାମାନେ ଆଇନ କରିବାରୁ କ୍ଷାନ୍ତ ହୋଇ ଆଇନ ସଫଳ କରିବାର ଭାର ଯାହାଙ୍କ ହାତରେ ଅଛି ସେମାନଙ୍କ ଚରିତ୍ର ପ୍ରତି ଭଲ କରି ଦୃଷ୍ଟି ରଖନ୍ତୁ ନଚେତ୍ ପ୍ରଜାଙ୍କର ରକ୍ଷା ନାହିଁ ।

---

ନଦୀଘାଟ ଏବଂ ଓଲାଉଠା ।

ସମ୍ପ୍ରତି ଏ ନଗରରେ ଭୟଙ୍କର ଓଲାଉଠା ଲାଗିଅଛି । ରୋଗର ବଳ ଏତେ ଅଧିକ ହୋଇଅଛି କି ଯାହାକୁ ଧରୁଅଛି ଏକଦିନ ବା ଦୁଇଦିନରେ ତାହାକୁ ନେଇ ଯାଉଅଛି । କେହି ବର୍ତ୍ତି ଯିବାର ପ୍ରାୟ ଦେଖା ଯାଉ ନାହିଁ । ତେଲଙ୍ଗାବଜାର ଅଞ୍ଚଳ ଯେନ ପ୍ରଥମେ ରୋଗ ଆରମ୍ଭ ହେଲା ସମ୍ପ୍ରତି ନଗର ମଧ୍ୟକୁ କ୍ରମଶଃ ଅଗ୍ରସର ହେଉଅଛି । ଗୁଣ୍ଡିଚା ଯାତ୍ରୀ ଫେରିବା ପୂର୍ବେ ଏ ରୋଗ ଏଠାରେ ଦେଖା ନ ଥିଲା । ଯାତ୍ରିଙ୍କ ଗହଳ ସଙ୍ଗେ ସଙ୍ଗେ ଏହା ଉପସ୍ଥିତ ହୋଇଅଛି ଏବଂ କଲିକତା ପର୍ଯ୍ୟନ୍ତ ସମୁଦାୟ ଜଗନ୍ନାଥ ସଡ଼କରେ ଏ ରୋଗ ଏତେବେଳେ ଘୋଟି ଯାଇ ଅନେକ ଯାତ୍ରୀ ନାଶ କରିବାର ସମ୍ବାଦ ଆସୁଅଛି ।

ଯାତ୍ରିମାନେ ଯେ ଓଲାଉଠାର ପ୍ରଧାନ ପ୍ରସାରକ ଏ କଥା ନୂତନ ନୁହଇ । ବହୁକାଳରୁ ଗବର୍ଣ୍ଣମେଣ୍ଟ ସୁଦ୍ଧା ଏହା ଜାଣି କେତେବର୍ଷ ହେଲା ଏ ସମୟରେ ଜଗନ୍ନାଥ ସଡ଼କରେ ଠିକା ଡାକ୍ତର ନିଯୁକ୍ତ କରିବାର ନିୟମ କରିଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ରୋଗ ନିବାରଣ ପକ୍ଷରେ ଅଦ୍ୟାପି ସୁବ୍ୟବସ୍ଥା ହୋଇ ନାହିଁ । ଡାକ୍ତରମାନେ କିୟତ୍ପରିମାଣରେ ରୋଗର ଚିକିତ୍ସା କରିପାରନ୍ତି କିନ୍ତୁ ଯେତେବେଳେ ସହସ୍ର ସହସ୍ର ଯାତ୍ରୀ ବାଟେ ଚାଲନ୍ତି ସେତେବେଳେ ଡାକ୍ତରଙ୍କ ସାହାଯ୍ୟ କେତେ ହୋଇ ପାରେ । ପ୍ରତ୍ୟେକ ଚଟିରେ ବଡ଼ ବଡ଼ ବାସଘାଟଳମାନ ପ୍ରସ୍ତୁତ ନ କଲେ ପ୍ରକୃତ ସାହାଯ୍ୟ ହେବା ଦୁଷ୍କର ଏବଂ ଏତେ ବାସଘାଟଳ ବସାଇବା ଏମନ୍ତ ବ୍ୟୟସାଧ୍ୟ ଯେ ତାହା ହେବା ଅସମ୍ଭବ ଅଟଇ । ଅତଏବ ଚିକିତ୍ସା ଅପେକ୍ଷା ରୋଗ ନିବାରଣର ଉପାୟ ନିତାନ୍ତ ଆବଶ୍ୟକ ପୁଣି ଚିକିତ୍ସାଠାରୁ ନିବାରଣ ଭଲ ବୋଲି ପୂର୍ବରୁ ପ୍ରବାଦ ଚାଲି ଆସୁଅଛି ।

ଗବର୍ଣ୍ଣମେଣ୍ଟ ରୋଗ ନିବାରଣ ପକ୍ଷରେ ଉଦାସୀନ ଅଛନ୍ତି ଏପରି ଆମ୍ଭେମାନେ କହୁଁ ନାହୁଁ । ପ୍ରକୃତରେ ଦେଖାଯାଏ ଯେ ପୁରୀରେ ଲଜାଘର ଏବଂ ନଗର ପରିଷ୍କାରର ନିୟମମାନ ପ୍ରଚଳିତ ହେବା ଦିନରୁ ବିସୂଚି ରୋଗର ବିକ୍ରମ ସେଠାରେ ଅନେକ ଊଣା ପଡ଼ିଅଛି । କେବଳ ବାଟରେ ଯାତ୍ରିଙ୍କର ଜନତା ନିବାରଣର କୌଣସି ଭଲ ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟ ଅଦ୍ୟ କରିନାହାନ୍ତି ଏହି ହେତୁ ବିସୂଚି ରୋଗ ଯାତ୍ରିଙ୍କ ସଙ୍ଗ ଛାଡ଼ୁ ନାହିଁ । ଏହି ବର୍ଷ ଅନେକ ଯାତ୍ରୀ ଆସିଥିଲେ । ପୁରୀକୁ ଆସିଲା ବେଳେ କ୍ରମେ କ୍ରମେ ଆସିବାରୁ ବାଟରେ ଜନତା ନ ଥିଲା ସୁତରାଂ ରୋଗର ଦେଖା ନ ଥିଲା । ଫେରିଲା ବେଳେ ଏକତ୍ରରେ ବହୁତ ଯାତ୍ରୀ ଆସିଲେ ଏବଂ ଯଦ୍ୟପି ନଦୀ ପାରିର ଅସୁବିଧା ହେତୁ ଏକସ୍ଥାନରେ ଅଧିକ ଯାତ୍ରୀ ପଡ଼ି ନ ରହନ୍ତେ ତାହା ହେଲେ ପ୍ରାୟ କୌଣସି ଅନିଷ୍ଟ ହୁଅନ୍ତା ନାହିଁ କିନ୍ତୁ ଆମ୍ଭେମାନେ ଦୁଃଖର ସହିତ କହୁଅଛୁଁ କି ନଦୀ ପାର ପକ୍ଷରେ ସ୍ଥାନୀୟ ହାକିମମାନେ ପୂର୍ବରୁ ସାବଧାନ ହୋଇ ନ ଥିବାରୁ ଯାତ୍ରିମାନେ ଘାଟ ପାଖରେ ପଡ଼ି ରହିଲେ ଏବଂ ସେ ସ୍ଥାନକୁ ଏକଦିନ ମଧ୍ୟରେ ଦୁର୍ଗନ୍ଧମୟ କରି ପକାଇଲେ ସୁତରାଂ ରୋଗ ଜାତ ହେଲା । ପୂର୍ବେ ଯାତ୍ରିଙ୍କୁ ପାର କରିବା କାରଣ ଏଠାର ମାଜିଷ୍ଟ୍ରେଟ ଏବଂ ଡେପୁଟୀ ଏବଂ ଆପଣା କଚେରିର ପ୍ରଧାନ ଅମଲାମାନଙ୍କୁ ନିଯୁକ୍ତ କରୁଥିଲେ ଏବଂ ତହିଁରେ ଅନେକ ଉପକାର ହେଉଥିଲା । ଗତ ଦୁଇ ତିନିବର୍ଷଠାରୁ ସେ ପ୍ରଥା ରହିତ ହୋଇ ଗଲା । ଏ ବର୍ଷ ମଧ୍ୟ ସେପରି କିଛି ହୋଇ ନ ଥିଲା ଏବଂ ବାବୁ ଦୀନନାଥ ବାନର୍ଜ୍ଜୀ ମେଜିଷ୍ଟ୍ରର ସାହେବଙ୍କ ମନୋଯୋଗ ଆକର୍ଷଣ କଲେ ସୁଦ୍ଧା ପ୍ରଥମେ ସେ କେବଳ ପୁଲିସ କନଷ୍ଟବଲଙ୍କ ଭରସାରେ ରହି ଗଲେ । ପଶ୍ଚାତ୍ ଯେତେବେଳେ ଆପଣା କର୍ତ୍ତବ୍ୟ କର୍ମରେ ତତ୍ପର ହେଲେ ସେତେବେଳକୁ ରୋଗ ଉପସ୍ଥିତ ହୋଇ ଥିଲା । ରୋଗ ଜାତ ହେଲା ଉତ୍ତାରୁ ସହଜରେ ନିବାରଣ ହୋଇ ନ ପାରେ । ଯେବେ ପୂର୍ବରୁ ମାଜିଷ୍ଟ୍ରେଟ ସାହେବ ଏଥିର ସୁବନ୍ଦୋବସ୍ତ କରି ଥାଆନ୍ତେ ତାହା ହେଲେ ଏପରି ହୁଅନ୍ତା ନାହିଁ । ଅତଏବ ଆମ୍ଭେମାନେ କହୁଁ କି, ଗବର୍ଣ୍ଣମେଣ୍ଟ ଏପରି ଗୋଟିଏ ନିୟମ କରି ଦେଉନ୍ତୁ କି ଓଡ଼ିଶାର ମାଜିଷ୍ଟ୍ରେଟମାନେ ରଥଯାତ୍ରାର ଯାତ୍ରିମାନଙ୍କୁ ଘାଟ ପାରି ବିଷୟରେ ବିଶେଷରୂପେ ଦାୟୀ ହେବେ । ସ୍ୱୟଂ ମାଜିଷ୍ଟ୍ରେଟ ଅଥବା ଡେପୁଟୀ ମାଜିଷ୍ଟ୍ରେଟ ଘାଟ ଉପରେ ଅନୁକ୍ଷଣ ଦୃଷ୍ଟି ନ ରଖିଲେ ଇଜାରଦାର କିମ୍ବା ପୁଲିସର ନିମ୍ନଶ୍ରେଣୀର ଚାକରମାନେ ଏ ସମୟରେ ଲୋକ ସମ୍ଭାଳି ପାରିବେ ନାହିଁ । ଚଟିମାନଙ୍କୁ ପରିଷ୍କାର ରଖିବା ପକ୍ଷରେ ମଧ୍ୟ କଠିନ ବିଧାନ କରିବା ଆବଶ୍ୟକ ।

---

# ସାପ୍ତାହିକସଂବାଦ ।

ଜଣେ ବ୍ୟକ୍ତି ଏଠା ମେଜିଷ୍ଟରିରେ ଦରଖାସ୍ତ ଓ ଇଜାହାର ଦେଇ ଯେ ନାରାୟଣ ସୁରୁଙ୍ଗିର ନାଥ ଜଙ୍ଗବାହାଦୁର ସୁରୁଙ୍ଗି ଓ ଆଉ କେତେକ ଜଣ କଛି କାରଣ ବଶତଃ ତାକୁ ବାଟରେ ଧରି ରାସ୍ତା ବଧାରେ ଅନେକ ମାଡ଼ ମାରିଲେ । ତାହା ବେକସନାରେ ଟିକିଟ ଉଠିଥିଲା ତହିଁରେ ମାଡ଼ ବସିବାରୁ ବିଶେଷ ପ୍ରକୋପ ହୋଇଅଛି । ତହୁଁ ତାକୁ ଡାକ୍ତରଖାନାକୁ ପଠାଇ ଦିଆ ଗଲା । ସେଠାରେ କିଛିଦିନ ରହି ମୃତ୍ୟୁ ପ୍ରାପ୍ତ ହେଲା । ମରଣାପନ୍ନ ଅବସ୍ଥାରେ ମଧ୍ୟ ସେ ବ୍ୟକ୍ତି ପୂର୍ବୋକ୍ତ ପ୍ରକାର ଇଜାହାର ଦେଇଥିଲା କିନ୍ତୁ ଡାକ୍ତର ସାର୍ଟିଫିକେଟ ଦେଲେ ଯେ ମୃତ ବ୍ୟକ୍ତି କେବଳ ଟିକି ରୋଗରେ ମରିଅଛି ଟିକିଟରେ କିଛି ଆଘାତ ଲାଗି ନ ଥିଲା କିମ୍ବା ତାହା ଦେହରେ କୌଣସି ଆଘାତର ଚିହ୍ନ ନ ଥିଲା । ଏଣୁ କରି ମୋକଦ୍ଦମା କେବଳ ମାରପିଟ ଅଭିଯୋଗରେ ଚଳୁଅଛି ।

ଗୋଟିଏ ଗଞ୍ଜା ପାସ ହଜିବା ଦୋଷରେ ଏଠା ଅବକାରୀ କିରାଣି ଓ ଦାରୋଗା ସସପେଣ୍ଡ ହୋଇଥିବା ପ୍ରସଙ୍ଗ ପୂର୍ବେ ଲେଖା ଯାଇଥିଲା । ବର୍ତ୍ତମାନ ଶୁଣୁଅଛୁଁ ଯେ କଲେକ୍ଟର ଗ୍ରାଣ୍ଟ ସାହେବ କିରାଣିକୁ କର୍ମଚ୍ୟୁତ ଓ ଦାରୋଗାକୁ ଛଅ ମାସ ସସପେଣ୍ଡ କରିବାର ବିଚାରିଅଛନ୍ତି ।

ଗତ ଗୁରୁବାରଠାରୁ ଲଗାଣ ଆରମ୍ଭ ହୋଇ ଅନବରତ ଧାରାବୃଷ୍ଟି ହେଉଅଛି । ଏହିଥର ପ୍ରବଳ ନଦୀବଢ଼ି ହେବାର ସମ୍ଭାବନା ।

ଗତ ସପ୍ତାହ ଉତ୍କଳଦର୍ପଣଙ୍କ ପ୍ରେସରୁ ନଗଦ ଟଙ୍କା ଓ ତ୍ରବ୍ୟାଦି ହୋଇ ପ୍ରାୟ ତେଇଶତ ଟଙ୍କାର ମାଲ ଚୋରି ଯାଇଅଛି । ପୁଲିସ ଅଦ୍ୟାପି କୌଣସି ସନ୍ଧାନ ପାଇ ନାହାନ୍ତି । ଦର୍ପଣ ଘରେ ଚୋରି ପୁଣି ତହିଁ ସଙ୍ଗେ ସଙ୍ଗେ ପୁଲିସ ଚୋରର ଅନୁସନ୍ଧାନ କରି ନ ପାରିବା ଦୁଃଖର ବିଷୟ ଅଟେ ।

ବଗତ ଦୌରା ଅଧିବେଶନରେ ବାବୁ ଗୌରମୋହନ ରାୟ ଜାଲ ହୁକୁମ ଜାଲ କରିଥିବା ଅପରାଧରେ କଠିନ ପରିଶ୍ରମ ସହିତ ଦୁଇ ବର୍ଷ କାରାବାସର ଆଜ୍ଞା ପାଇ ଅଛନ୍ତି । କଲେକ୍ଟରର ଖୁଣ ପ୍ରମାଣାଭାବରୁ ଆସାମୀ ଖଲାସ ପାଇ ଅଛି କାହାହାର ଉକ୍ତ ଖୁଣ ହୋଇ ଅଛି ଏଥିନିମନ୍ତେ ପୁଲିସ ଦାୟୀ ଅଟନ୍ତି । ଉ, ଦ,

ବଗତ ମଙ୍ଗଳବାର ପ୍ରାୟ ସନ୍ଧ୍ୟା ୭ ଟା ସମୟରେ ଏଠା ଫୁଲଓର ଘାଟରେ ଯାତ୍ରିମାନେ ପାରି ହେଉଁ ହେଉଁ ନୌକା ବୁଡ଼ିଗଲା । ସୁଖର ବିଷୟ ଯେ ନଦୀଗର୍ଭରେ ପ୍ରାୟ ଘାଟ ଅନତି ଦୂରରେ ନୌକା ବୁଡ଼ି ଯିବାରୁ ଲୋକେ ମଦ ପାଇବା ହୋଇ ।

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୧୬ ରିଖ ମାହେ ଜୁଲାଇ ସନ ୧୮୮୧ ମସିହା ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ସବିନୟ ନିବେଦନଂ

ଅଦ୍ୟ ଅପରାହ୍ଣ ସମୟରେ ପଟ୍ଟାମୁଣ୍ଡେଇ ମଧ୍ୟମଶ୍ରେଣୀ ବିଦ୍ୟାଳୟର ଛାତ୍ରମାନଙ୍କୁ ବାର୍ଷିକ ପୁରସ୍କାର ପ୍ରଦାନ ହେଲା । ପ୍ରଥମେ ବାର୍ଷିକ ବିବରଣ ଓ ଛାତ୍ରମାନଙ୍କ ମୌଖିକ ପାଠ ହେଲା ଏହା ସଭ୍ୟମାନଙ୍କ ମନୋରଞ୍ଜନ କରିଥିଲା ଶ୍ରୀଯୁକ୍ତ ବାବୁ ପ୍ରସନ୍ନକୁମାର ପାଲ ସୁପରିଣ୍ଟେ-ଣ୍ଡେଣ୍ଟ ମହାଶୟ ସଭାପତିର ଆସନ ପରିଗ୍ରହଣ କରିଥିଲେ । ପୁରସ୍କାରର ଯୋଗ୍ୟ ଛାତ୍ରମାନଙ୍କୁ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ପୁରସ୍କାର ବିତରଣ କରି ସ୍ୱୟଂ ପୁରସ୍କାର ପ୍ରାପ୍ତ ଛାତ୍ରମାନଙ୍କ ମଧ୍ୟରୁ ପ୍ରଥମ ଛାତ୍ରଙ୍କୁ ଟ ୨୧ ଙ୍କା ଦାନ କଲେ ଏବଂ ଶ୍ରୀଯୁକ୍ତ ବାବୁ ରାମପ୍ରସାଦ ବସୁ ସ୍କୁଲର ସମ୍ପାଦକ ମହାଶୟ ପ୍ରଧାନ ଶିକ୍ଷକଙ୍କୁ ଟ ୧୧ ଙ୍କା ଦ୍ୱିତୀୟ ଶିକ୍ଷକଙ୍କୁ ଟ ୧୧ ଙ୍କା, ପୁରସ୍କାର ଦେଲେ ପରିଶେଷରେ ସଭାପତି ମହାଶୟ ଗୋଟିଏ ବକ୍ତୃତା କରି ସଭା ଭଙ୍ଗ କଲେ ।

ବର୍ତ୍ତମାନ ବିଦ୍ୟାଳୟର ଛାତ୍ର ସଂଖ୍ୟା ୫୫ ଜଣ ପୂର୍ବାପେକ୍ଷା ଛାତ୍ରସଂଖ୍ୟା ଅଧିକ ହୋଇଅଛି । କନ୍ୟା ସମୟରେ ଏହି ବିଦ୍ୟାଳୟର ଚତୁର୍ଦ୍ଦିଗ ଜଳାକୀର୍ଣ୍ଣ ହେବାରୁ ଯାତାୟତର ପଥ ରୁଦ୍ଧ ହୋଇଯାଏ; ସେ ସମୟରେ ଅନ୍ୟ ସ୍ଥାନରେ ଅଧ୍ୟୟନ ଓ ଅଧ୍ୟାପନା କାର୍ଯ୍ୟ ଅତି କଷ୍ଟରେ ସମ୍ପନ୍ନ ହୁଏ । ସୁଖର ବିଷୟ ଏହି ଯେ ବନ୍ୟା ସମୟରେ ଯାତାୟାତ କରିବା ନିମନ୍ତେ ଗୋଟିଏ ଶୀଘ୍ରବାହୀ ସଡକ ପ୍ରସ୍ତୁତ ହୋଇଅଛି ।

୧।୭।୮୧ }
ପଟ୍ଟାମୁଣ୍ଡେଇ } ଶ୍ରୀଃ

## ବିଜ୍ଞାପନ ।

ଆମ୍ଭେ ବହୁଦିନ ବିଶେଷ ଯତ୍ନ ଓ ପରିଶ୍ରମ କରି କେତେକ କଠିନ ରୋଗର ନିଶ୍ଚିତ ଉପଶମକାରି ନୂତନ ପ୍ରକାରର ଔଷଧମାନ ପ୍ରସ୍ତୁତ ଓ ପରୀକ୍ଷା କରି ସାଧାରଣଙ୍କ ଉପକାର ନିମିତ୍ତ ପ୍ରକାଶ କରୁଅଛୁଁ । ଆମ୍ଭ ନିକଟରେ ପତ୍ର କଲେ ଔଷଧ ମିଳି ପାରିବ । ଔଷଧ ସେବନର ଅନୁପାନ ବିଧି ଔଷଧ ସଙ୍ଗେ ଦିଆଯିବ । ଡାକରେ ନେବା ବ୍ୟକ୍ତିଙ୍କୁ ଡାକମାସୁଲ ପଡିବ ।

### ବିସୂଚି ଅର୍ଥାତ୍ ଓଲାଉଠା ରୋଗର ଔଷଧ ।

### ବିସୂଚିଦର୍ପଦଳନବଟୀ ।

ଏ ବଟିକାରୁ କ୍ରମଶଃ ଏକ ବା ଦୁଇ ବଟୀ ଉଷ୍ଣମାତ୍ରା ସେବନ କରିଲେ ରୋଗୀ ଆରୋଗ୍ୟ ଲଭିବ । ଆଉ ଏ ବଟିକାଦ୍ୱାରା ଅତିସାର, ରକ୍ତାତିସାର, ଗ୍ରହଣୀ ଓ ସଂଗ୍ରହ ଗ୍ରହଣୀ ଏ ରୋଗମାନ ଭଲ ହେବ । ମୂଲ୍ୟ ମା ୭ ଡାକ୍ସୁ ଟ ୧୯

### ବିସୂଚିକାନ୍ତକ ଅର୍କସାର ।

ଏ ଅର୍କରୁ ଏକ ବା ଦୁଇପାନ ସେବନ କରିଲେ ରୋଗୀ ଆରୋଗ୍ୟ ଲଭିବ । ଏ ଔଷଧରେ ଅତିସାର ରୋଗୀ ମଧ୍ୟ ଭଲ ହେବ । ମୂଲ୍ୟ ତୋ ୧ ଡାକ୍ସୁ ଟ° ୩

## ମେହରୋଗର ଔଷଧ ।

### ବୃହଦ୍ବଙ୍ଗେଶ୍ୱରବଟୀ ।

ଏଥିରେ ନୂତନ ବା ପୁରାତନ କଠିନ ମେହରୋଗ ଭଲ ହେବ ଏବଂ ଧାତୁବୃଦ୍ଧି, ବଳବୃଦ୍ଧି ଓ ଅଗ୍ନିବୃଦ୍ଧି ବିଶେଷ-ରୂପେ ହେବ । ଆଉ ଏ ଔଷଧ ଅନୁପାନ ବିଶେଷରେ ସେବନ କଲେ ବିଂଶତିପ୍ରକାର ମେହ, ସ୍ତ୍ରୀଲୋକମାନଙ୍କର ପ୍ରଦର, ସୂତିକା, ଅତିସାର, ଆମାତିସାର, ଗ୍ରହଣୀ, ବିସୂଚିକା, ଅଜୀର୍ଣ୍ଣ, ବଳକ୍ଷୀଣତା, କୃମିକା, ଶୂଳ, ଛର୍ଦ୍ଦି, ଶାନ୍ତ୍ରିଲ୍ୟବାତ ଓ ଉଦରିରୋଗ ଭଲ ହେବ ମା ୧୦ ଡାକ୍ସୁ ଟ ୧୯

୧୩।୭।୮୧ }
ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ }
ଦରଘାବଜାର କଟକ }

ଶ୍ରୀ ପଦ୍ମାକର ତ୍ରିପାଠୀ
କବିରାଜ
ମେନେଜର

## NOTICE.

Wanted a Head master for the middle class English School at the Head quarters of Khorda Sub-Division in the District of Pooree. Candidates should send their applications with copies of testimonials to the undersigned before the 30th of July 1881. The present salary is Rs. 37 with prospects to rise to Rs 40. Preference will be given to the candidate who has passed the B. A. examination.

KHORDA }
7th July 81. }

KOMUL NATH GHOSE
*Sub-Divisional Officer &*
*Hy. Sy. M. C. E. School*

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଏଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଅମ୍ଭମାନଙ୍କର ଜମିଦାରୀ ଓଗେର ଭୂମିସମ୍ପତ୍ତି ମଧ୍ୟରୁ କେତେକ ବିକ୍ରୟ କରିବାର ଏବଂ କେତେକ ଇଜରା ଦେବାକୁ ଇଚ୍ଛୁକ ଅଛୁଁ ଯେଉଁମାନଙ୍କର କ୍ରୟ କରିବାର କିମ୍ବା ଇଜରା ନେବାର ଇଚ୍ଛା ହେବ ସେମାନେ ଅମ୍ଭ ସହିତ ସ୍ୱୟଂ ଅଥବା ପତ୍ରଦ୍ୱାରା ବନ୍ଦୋବସ୍ତ କରିବେ ।

ଯେ ସମସ୍ତ ଜମିଦାରୀ ଓଗେର ବିକ୍ରୟ ହେବ ତହିଁର ତାଲିକା ସଦରଜମା ସହିତ ନିମ୍ନେ ଲେଖାଗଲା ଏବଂ ଯେ ସମସ୍ତ ଇଜରା ଦିଆଯିବ ତହିଁର ପୃଥକ୍ ତାଲିକା ମଧ୍ୟ ଦିଆଗଲା ।

ଏ ସମ୍ପର୍କରେ ସମସ୍ତ ଚିଠିପତ୍ର ଅମ୍ଭର ସଦର କଟକ ଢାଜବଜାର ବସାକୁ ଏହି ବିଜ୍ଞାପନ ତାରିଖରୁ ଏକମାସ ମଧ୍ୟରେ ପଠାଇବାକୁ ହେବ । ଇତି ।

ବିକ୍ରୀ ହେବା ଜମିଦାରୀ ଓଗେରର ତାଲିକା ।

| ନାମ ପ୍ରଗଣା | ନାମ ମଉଜା | ସଦରଜମା |
|---|---|---|
| । ପ୍ର । ସୁଙ୍ଗଡ଼ା | । ମୌ । ଭୁମ୍ବୀ । ଦ । ଟ୦୯ | ଟ ୨୧୩। ୪ |
| । ପ୍ର । ଏଜନ | । ମୌ । ମଉଙ୍ଗା | ଟ ୧୦୯୫।/ |
| । ପ୍ର । ଏଜନ | । ମୌ । ନାଗଇଙ୍ଗ | ଟ ୩୦୫ ୪ |
| । ପ୍ର । ଏଜନ | । ମୌ । ମିରଜାପୁର । ଢା । ଟ୦୯ | ଟ୧୬୪॥/୧୦ |
| । ପ୍ର । ଏଜନ | । ମୌ । ହେଡ଼ା । ଦ । ଟ୦୯/ | ଟ୧୬୨୯।୨ |
| । ପ୍ର । ମାଇକନଗର | । ମୌ । ସୁନାଖଣ୍ଡି | ଟ ୨୪୪୮୯ |
| । ପ୍ର । ଏଜନ | । ମୌ । ବରଦୋ । ଢା ଟ୦୯ | ଟ୨୦୪॥/୧୧ |
| । ପ୍ର । ଏଜନ | । ମୌ । ମାଇକଭପୁର । ଦ । ଟ ୦୯/ ୨ | ଟ ୧୩୯॥/ |
| । ପ୍ର । ଅଲଙ୍ଗ | । ମୌ । ଯଣସୁଆପାଳ । ଦ । ଟ ୦।/ ୮ | ଟ ୩୬୯୩୯ |
| । ପ୍ର । ବରୁଆ | । ମୌ । ବଅସ । ଦ । ଟ ୦।/୧୪ | ଟ ୭୮୯।/୨ |

| ନାମ ପ୍ରଗଣା | ନାମ ମଉଜା | ସଦରଜମା |
|---|---|---|
| । ପ୍ର । ପଦ୍ମପୁର | । ଢା । ଜଗତପୁର । ଦ । ଟ ୦/ | ଟ ୨୦୪୯୫ |
| । ଦ । ବସ୍ତନପୁର | । ଦ । ବସ୍ତନପୁର । ଦ । ଟ ୦/ | ଟ ୧୧୬୯୦୯ |
| ଛଠ ଜମିଦାରୀ | | |
| । ପ୍ର । ସୁଙ୍ଗଡ଼ା | ମୌ । ମିରଜାପୁର ମଲଦନି । ଦ । ଟ ୦। | ଟ ୯୪/୧୦। |
| । ପ୍ର । ପଦ୍ମପୁର | । ଢା । ଜଗତପୁର । ମୌ । ମାଆନସଡ଼ା । ଦ । ଟ୦/ | ଟ ୨୯୦୯/୦୯।/ |
| ଛଠ ମଲଦନି | | |
| । ପ୍ର । ଅଲଙ୍ଗ ଆନେ ଅଲମଗିର | । ମୌ । ଦକ୍ଷିଣକୂଳ ସରବସ୍ତାନ । ଦ । ଟ ୦।/ | ଟ ୧୦୧/୭ |
| ଛଠ | | |

ଇଜରା ଦେବା ସମ୍ପତ୍ତିର ତାଲିକା ।

| ନାମ ପ୍ରଗଣା | ନାମ ମାହାଲ |
|---|---|
| । ପ୍ର । ସୁଙ୍ଗଡ଼ା | । ଢା । ସ୍ୱଏସିଙ୍ଗଡ଼ା |
| । ପ୍ର । ବରୁଆଁ | । ଢା । ରାଧାମୋହନ ପ୍ରସାଦ |
| । ପ୍ର । ଉତ୍ତରଅରଣ୍ୟପୁର | । ଢା । ପଦ୍ମନାଭପୁର |

| ନାମ ପ୍ରଗଣା | ନାମ ମହାଲ |
|---|---|
| । ପ୍ର । ଅଲଙ୍ଗ | ଆନେ ଅଲମଗିର |
| । ଦ । ହରଣପୁର | । ଦ । ହରଣପୁର |
| ଛଠ | |

ପ୍ରକାଶଥାଉ ଯେ ଇଜରା ନେବା ବ୍ୟକ୍ତିମାନେ ମାହାଲଓ୍ୱାରୀ ଅର୍ଥାତ୍ ଏକ ଏକ ମାହାଲ ସମୁଦାୟ ଇଜରା ନେବାକୁ ଇଚ୍ଛୁକ ନ ହେଲେ ତହିଁରେ କେତେକ ଅଂଶ କିମ୍ବା ଯେତେ ମଉଜା ଇଚ୍ଛା କରନ୍ତି ମଉଜାଓ୍ୱାରୀ ଇଜରା ନେବା ପକ୍ଷରେ କୌଣସି ବାଧା ନାହିଁ । ତା ୫ ରଖ ମାହେ ଜୁଲାଇ ସନ ୧୮୮୧ ମସିହା ।

GOLOC CHUNDER BOSE.
GOPAL CHUNDER BOSE.

ମୂଲପଠ ହେଲ ।

Digitized by srujanika@gmail.com

Split by PDF Splitter

REGISTERED NO. 1

147

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୨୪ ଗ
ସଂ ୩୦ ଖ୍ୟା

ତା ୨୩ ଶେ ମାହେ ଜୁଲାଇ ସନ ୧୮୮୯ ମସିହା । ମୁ । ଶ୍ରାବଣ ଦି ୧୦ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୫/

କଥିତ ହୁଅଇ ଯେ ଆଗାମୀ ନବମ୍ବର ମାସରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଆଗ୍ରାଠାରେ ପ୍ରାୟ ଏକମାସ ଡେରା ପକାଇବେ ଏବଂ ସେହି ସମୟ ମଧ୍ୟରେ ଦିଲ୍ଲୀ ଜୟପୁର ଗୁଆଲିଅର ଏବଂ ଅନ୍ୟାନ୍ୟ ସ୍ଥାନମାନ ଦେଖିବେ । ଆଗ୍ରାଠାରେ ପ୍ରକାଶ୍ୟ ଦରବାର ହେବ ନାହିଁ ତେବେ ଦେଶୀୟ ରାଜାମାନେ ତାଙ୍କୁ ସାକ୍ଷାତ କରିବାକୁ ଆସିଲେ ଦେଖା ହେବ ଏବଂ ଯଦ୍ୟପି ଭାରତବର୍ଷୀୟ ନକ୍ଷତ୍ର ଉପାଧି ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହେବ ତେବେ ତହିଁ ନିମିତ୍ତ ସଭା ହୋଇ ପାରେ ।

ଏ ସପ୍ତାହରେ ଏ ନଗରରେ ଓଲାଉଠା ଭୟଙ୍କରମୂର୍ତ୍ତି ଧାରଣ କରିଅଛି ଏବଂ ଏଥିପାଇଁ ଲୋକେ ସଶଙ୍କିତ ହୋଇ ଗ୍ରାମଦେବୀଙ୍କ ଅର୍ଚ୍ଚନା ଇତ୍ୟାଦି ଅନୁଷ୍ଠାନରେ ମଗ୍ନଅଛନ୍ତି । ଗତ ଗୁରୁବାର ଅନ୍ୟାନ୍ୟ କେତେ ଲୋକ ମଧ୍ୟରେ ଏଠା କଲେଜର ଜଣେ ଅଧ୍ୟାପକ ବାବୁ ଅବିନାଶଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଏକମାତ୍ର ପୁତ୍ର ଏବଂ ଦୁଇ କନ୍ୟା ଏହି ରୋଗରେ ମରିପଡ଼ିଲେ । ରୋଗ ଏପ୍ରକାର ତୀକ୍ଷ୍ଣ ହୋଇଅଛି କି ଯାହାକୁ ଧରୁଅଛି ତାହାକୁ ଏକଦିନ ମଧ୍ୟରେ ନେଇ ଯାଉଅଛି । ମୋଫସଲର ନାନାସ୍ଥାନରୁ ମଧ୍ୟ ଏହିପ୍ରକାର ଶୋଚନୀୟ ସମ୍ବାଦ ଆସୁଅଛି । ଅନ୍ୟପ୍ରକାର ଝାଡ଼ା ରୋଗରେ ମଧ୍ୟ ଅନେକ ଲୋକ କାତରଅଛନ୍ତି ।

ବିଲାତର ଗୋଟିଏ କୃଷି ବିଦ୍ୟାର କଲେଜରେ ଅଧ୍ୟୟନ କରିବା ନିମିତ୍ତ ବଙ୍ଗଲା ଗବର୍ଣ୍ଣମେଣ୍ଟ ଏ ପ୍ରଦେଶରୁ ଦୁଇଜଣ ଛାତ୍ରଙ୍କୁ ବୃତ୍ତିଦାନଦ୍ୱାରା ପଠାଇ ଥିବାର ସମ୍ବାଦ ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଥିଲୁଁ । ସମ୍ପ୍ରତି ଗେଜେଟରେ ପାଠ କଲୁଁ ଯେ ସନ ୧୮୮୨ ସାଲ ନିମିତ୍ତ ଆଉର ଦୁଇଗୋଟି ବୃତ୍ତି ଦେବା ପାଇଁ ଗବର୍ଣ୍ଣମେଣ୍ଟ ବଙ୍ଗାଳ ସ୍ଥିର କରିଅଛନ୍ତି । ପ୍ରତ୍ୟେକ ବୃତ୍ତିର ମୂଲ୍ୟ ବାର୍ଷିକ ଟ ୨୦୦୦୲ଙ୍କା ଏବଂ ତାହା ବ ୨୫ ବର୍ଷ ପର୍ଯ୍ୟନ୍ତ ଦିଆ ଯିବ । ଏହାଛଡ଼ା ବିଲାତକୁ ଯିବାର ବାଟଖର୍ଚ୍ଚ ସକାଶେ ଜଣକୁ ଟ ୧୦୦୦୲ଙ୍କା ଲେଖାଏ ଏବଂ ପାଠ ଶେଷ କରି ଫେରି ଆସିବା ସକାଶ ସେହି ପରିମାଣ ଟଙ୍କା ଦିଆ ଯିବ । ବଙ୍ଗଲା ବେହାର ଏବଂ ଓଡ଼ିଶାର ନିବାସିଙ୍କ ମଧ୍ୟରୁ ଯେଉଁମାନେ ବି, ଏ, ପରୀକ୍ଷାର ପଦାର୍ଥବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ସେହିମାନେ ଏ ବୃତ୍ତି ନିମିତ୍ତ ପ୍ରାର୍ଥୀ ହୋଇ ପାରିବେ । ଏହି ଛାତ୍ରମାନେ ସେଠାରେ ଶିକ୍ଷା କରି ଆସିଲା ଉତ୍ତାରୁ ଏ ପ୍ରଦେଶରେ କୃଷିବିଦ୍ୟା ପ୍ରଚାର କରିବେ ଏବଂ ଆଧୁନିକ ବୈଜ୍ଞାନିକ ନିୟମାନୁସାରେ କୃଷିକାର୍ଯ୍ୟ ଚଳାଇବା ଏବଂ ତହିଁର ଉନ୍ନତି ସାଧନ କରିବାକୁ ଏଠା ଲୋକେ ସକ୍ଷମ ହେବେ । ମାନ୍ୟବର ସର ଇଡେନ ସାହେବଙ୍କର ଏହି ମହତକାର୍ଯ୍ୟଟି ଚିରସ୍ମରଣୀୟ ହୋଇ ରହିବ ।

ଆମ୍ଭମାନଙ୍କର ଏକଟିଙ୍ଗ କଲେକ୍ଟର ଶ୍ରୀଯୁକ୍ତ ଗ୍ରାଣ୍ଟ ସାହେବ ସରକାରଙ୍କର କିଛି ଆୟ ହେବାର ଗୋଟିଏ ନୂତନ ବିଧି କରିଅଛନ୍ତି । ତାହା ଏହି—ଚାକିରି ପ୍ରାର୍ଥନାର ଦରଖାସ୍ତରେ ଆଠଅଣିଆ କୋର୍ଟଫିସ ଲାଗିବ । ଏ ଦରଖାସ୍ତମାନ ସାଦାରେ ହେଉଥିଲା ଓ ସାହେବ ପ୍ରଶଂସିତ ମଧ୍ୟ ଏପରି କେତେକ ଦରଖାସ୍ତ ସାଦାରେ ନେଇଥିଲେ ବର୍ତ୍ତମାନ ତାଙ୍କର ଏ ଭାବ ଉଦୟ ହେବାରୁ ସାଦାରେ କର୍ମ ପ୍ରାର୍ଥନାର ଦରଖାସ୍ତ ନେଉ ନାହାନ୍ତି ଓ ନେବାର ନିଷେଧ ଆଜ୍ଞା ପ୍ରଚାର କରିଅଛନ୍ତି । ଏଥିରେ ସରକାରଙ୍କର ଆୟ ଭିନ୍ନ ଆଉ ଗୋଟିଏ ସାମାନ୍ୟ ଲାଭ ଏହି ଯେ କୌଣସି କର୍ମ ଖାଲି ହେଲେ ତହିଁପାଇଁ ଯେ ଅନର୍ଥକ ଅନେକ ଦରଖାସ୍ତ ପଡ଼େ ଓ ସେ ସବୁ ରଖିବା ଇତ୍ୟାଦି କାର୍ଯ୍ୟରେ କର୍ମଚାରୀଙ୍କର କିଛି ପରିଶ୍ରମ ହୁଏ ତାହା ହେବ ନାହିଁ । ତଥାଚ ଆମ୍ଭମାନଙ୍କ ବିବେଚନାରେ ଗ୍ରାଣ୍ଟ ସାହେବଙ୍କର ଅଭିନବ ବିଧିଟି ନ୍ୟାୟ ବା ଯୁକ୍ତିସଙ୍ଗତ ହେଉ ନାହିଁ । କର୍ମ ଖାଲି ହେଲେ ବିଜ୍ଞାପନଦ୍ୱାରା ଦରଖାସ୍ତମାନ ଆହ୍ୱାନ କରାଯାଏ, ଦରଖାସ୍ତ ଆହ୍ୱାନ କରି ତହିଁ ଉପରେ ମାସୁଲ ବସାଇବା ବିହିତ ବୋଧ ହେଉ ନାହିଁ । କୋର୍ଟଫିସ ଆଇନରେ ବାକି ଦରଖାସ୍ତ ସକାଶେ ଆଠଅଣା ରସୁମର ବିଧି ଅଛି ସତ୍ୟ କିନ୍ତୁ ତହିଁ ମଧ୍ୟରେ କର୍ମ ପ୍ରାର୍ଥନାର ଦରଖାସ୍ତମାନ ଆସୁ ନାହିଁ ଏବା ଗ୍ରାଣ୍ଟ ସାହେ-

Digitized by srujanika@gmail.com

ବଙ୍କଠାରେ ଏପରି ଦରଖାସ୍ତ ପଡ଼ୁ ନାହିଁ । ଗବର୍ଣ୍ଣମେଣ୍ଟ, ହାଇକୋର୍ଟ, କମିଶନର ଇତ୍ୟାଦି ସକଳ କଚେରିରେ ଏପରି ଦରଖାସ୍ତମାନ ପଡ଼ୁଅଛି । କୌଣସିଠାରେ ଏପରି ଦରଖାସ୍ତରେ କୋର୍ଟଫିସ ଲାଗୁ ନାହିଁ । ଗ୍ରାଣ୍ଟ ସାହେବଙ୍କ ଖଣ୍ଡରେ ଦରଖାସ୍ତ କଲେ ରସିଦ ଲାଗିବ କାହିଁକି ? ଏପରି ଦରଖାସ୍ତମାନ ଯାହାରେ ପରମ୍ପରା ଚଳି ଆସୁଅଛି ଓ ଯାହାରେ ହେବାର ପ୍ରଚଳିତ ବିଧି ଅଟେ । ଅତଏବ ଗ୍ରାଣ୍ଟ ସାହେବଙ୍କର ଅଭିନବ ବିଧି ଅନ୍ୟାୟ ଅଟେ ଓ ଭରସା କରୁଁ ଶ୍ରୀଯୁକ୍ତ କମିଶନର ସାହେବ ତାହା ରହିତ କରାଇବେ ।

---

## ବୃଷ୍ଟି ଓ ବନ୍ୟା ।

ଗତ ସପ୍ତାହରେ ଯେଉଁ ଝଡ଼ ହୋଇଥିଲା ତହିଁରେ ବ୍ରାହ୍ମଣୀ ବୈତରଣୀ ନଦୀମାନ ଅତ୍ୟନ୍ତ ବୃଦ୍ଧି ହୋଇଥିଲା । ବାଟଘାଟ ସବୁ ବନ୍ଦ ହେବାରୁ ତନଦିନ ଅର୍ଦ୍ଧ ଡାକ ଆସିପାରି ନ ଥିଲା ବଙ୍କୁଲଡାକର ତାର ନଦୀର ସ୍ରୋତରେ ଛିଡ଼ି ଯାଇଥିବାରୁ ଏ ନଗର ଓ କଲିକତା ମଧ୍ୟରେ ତାର ସମ୍ବାଦ ମାନ୍ଦ୍ରାଜବାଟେ ଯାତାୟାତ କଲା ଏବଂ ଅବଧି ସେହିପରି ହେଉଅଛି । ସମ୍ପ୍ରତି ଜଳ କିଛି ଘଟିଅଛି ମାତ୍ର ନିୟମିତରୂପେ ବାଟ ଫିଟି ନାହିଁ । ଏ ବନ୍ୟାଦ୍ୱାରା କେଉଁଠାରେ କି ଅନିଷ୍ଟ ହୋଇଅଛି ତାହା ଏ ପକ୍ଷେ କ୍ରମଶଃ ଜଣାଯିବ । ସମ୍ପ୍ରତି ଅମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଯାହା ଲେଖିଅଛନ୍ତି ତାହା ଏ ଠାରେ ଉଦ୍ଧୃତ କଲୁଁ ଯଥା ;—

"ଚଳିତ ମାସ ତା ୧୫ ଓ ୧୬ ରିଖ ଦୁଇଦିନ ଝଡ଼ ବର୍ଷା ହେବାଦ୍ୱାରୁ ବୈତରଣୀ ନଦୀ ଏପ୍ରକାର ବୃଦ୍ଧି ହୋଇଅଛି ଯେ ସନ ୧୮ ୬୮ ମସିହା ନଦୀ ବୃଦ୍ଧି ସଙ୍ଗେ ତୁଳନା ହେଉଅଛି ଶୀଘ୍ର ଘଟିଗଲେ ଫସଲ ପକ୍ଷରେ କିଛି ଅନିଷ୍ଟ ହେବ ନାହିଁ ନଚେତ୍ ସର୍ବନାଶ ହେବ ଅବଧି ଜଳ କମି ହେବାର ଦେଖାଯାଉ ନାହିଁ ବରଂ ବୃଦ୍ଧି ହେଉଅଛି । ନଗର ମଧ୍ୟରେ କେତେକ ମୌଜାରେ ନଦୀ ଜଳ ପ୍ରବେଶ କରି କେତେକ ଘରର କାନ୍ଥମାନ ପଡ଼ି ଯାଉଅଛି । ମଫସଲରେ ବିଶେଷ କ୍ଷତି ହୋଇଥିବାର ଶୁଣାଯାଏ ମାତ୍ର ସବିଶେଷ ହାଲ ତଦନ୍ତ କରି ରିପୋର୍ଟ କରିବା ସକାଶେ ଅମ୍ଭମାନଙ୍କର ଆସିଷ୍ଟାଣ୍ଟ ମେଜିଷ୍ଟ୍ରେଟ ଶ୍ରୀଯୁତ ବାନ୍ଧେ ସାହେବ ପ୍ରଭୃତି ପ୍ରତି ଆଦେଶ କରି ଅଛନ୍ତି ଓ ନଗର ରକ୍ଷା ସକାଶେ ସାହେବ ମହୋଦୟ ସ୍ୱୟଂ ନଗର ଚତୁଃପାର୍ଶ୍ୱ ଭ୍ରମଣ କରି ବହୁତ ପ୍ରତୀକାର କରୁଅଛନ୍ତି । ଏ ନଗରରେ ବର୍ତ୍ତମାନ ଓଲାଉଠା ରୋଗ ବିଶେଷ ପ୍ରାଦୁର୍ଭାବ ହୋଇ ଅଛି ମାତ୍ର ଅଧିକାଂଶ ମନୁଷ୍ୟ ଆରୋଗ୍ୟ ଲାଭ କରୁଥିବାର ଦେଖାଯାଏ ।" ୧୮ । ୭ । ୯୧

ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତୁତ ବୃଷ୍ଟି ସମ୍ପର୍କୀୟ ବିଜ୍ଞାପନୀରେ ପାଠକଙ୍କୁ କି ଏହି ଦୁଇଦିନ ( ତା ୧୫ ଓ ୧୬ ରିଖ ) ରେ କଟକରେ ୭ ଇଞ୍ଚ ବୃଷ୍ଟି ହୋଇଥିଲା ଏବଂ ଦକ୍ଷିଣ ଗୋପାଳପୁରଠାରୁ ସାଗର ଦ୍ୱୀପ ପର୍ଯ୍ୟନ୍ତ ସମସ୍ତ ଉପକୂଳ ପ୍ରଦେଶରେ ଘୋରବୃଷ୍ଟି ଏବଂ ପ୍ରବଳ ବତାସ ହୋଇଥିଲା । ବଗଘରର ତାରଡାକ ମଧ୍ୟ ଛିଡ଼ି ଗଲା ସମୁଦ୍ରର ତରଙ୍ଗ ଅତ୍ୟନ୍ତ ଉଚ୍ଚ ହୋଇଥିଲା । ବମ୍ବେଇ ଉପକୂଳରେ ସମୁଦ୍ର ତରଙ୍ଗ ଏହି ପ୍ରକାର ଉଚ୍ଚ ହୋଇ ବନ୍ଦରର କେତେକ ଅନିଷ୍ଟ କରିଅଛି । ମହାନଦୀ ପ୍ରଦେଶରେ ଏ ସମୟରେ ବୃଷ୍ଟି ହୋଇଥିଲା ମାତ୍ର ତହିଁର ପରିମାଣ ଅଧିକ ନୁହଇ କାରଣ ମହାନଦୀର ବଢ଼ି ଅଧୂଆଣିରୁ ଅଧିକ ହୋଇ ନାହିଁ ।

—*—

## ବଡ଼ମ୍ବାରାଜା ଏବଂ ବସନ୍ତ ରୋଗ ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ବଡ଼ମ୍ବାର ରାଜା ଗତ ଶୁକ୍ରବାର ଇହଲୋକରୁ ଅପସୃତ ହେଲେ । ରାଜାଙ୍କର ବୟସ ୨୮ ରୁ ଅଧିକ ନ ଥିଲା ସୁତରାଂ ତାହାଙ୍କର ବୟଃପ୍ରାପ୍ତ ଉତ୍ତରାଧିକାରୀ କେହି ନାହିଁ । ତାହାଙ୍କ ପୁତ୍ରର ବୟସ ପ୍ରାୟ ଦେଢ଼ବର୍ଷ ସେ ବର୍ତ୍ତମାନ କୋର୍ଟଅବ୍ଓ୍ୱାର୍ଡ଼ସ ଅଧୀନରେ ରହି ପ୍ରତିପାଳିତ ହେବେ ବାବୁ ନନ୍ଦକିଶୋର ଦାସ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ତହିଁର ଭାର ନେବା କାରଣ ଗତ ମଙ୍ଗଳବାର ସେ କଟକରୁ ଯାତ୍ରା କରିଅଛନ୍ତି ଏବଂ ପୂର୍ବରୁ ସେଠାରେ ଜଣେ ଉପଯୁକ୍ତ ମ୍ୟାନେଜର ଥିବାରୁ ଭରସା ହୁଅଇ ଯେ ନାବାଳଗର କୌଣସିପ୍ରକାର କ୍ଷତି ହୋଇ ନ ଥିବ । ବଡ଼ମ୍ବାରାଜାର ବାର୍ଷିକ ଆୟ ପ୍ରାୟ ଟ ୧୪୦୦୦ ଟଙ୍କା ଅଟଇ ଏବଂ ଦୀର୍ଘକାଳ କୋର୍ଟଅବ୍ଓ୍ୱାର୍ଡ଼ସରେ ରହିବାଦ୍ୱାରା ଏଥିର ଅନେକ ଉନ୍ନତି ହେବାର ସମ୍ଭାବନା । ଶୁଣାଯାଏ ଯେ ରାଜାଙ୍କର ଦୁଇରାଣୀ ବର୍ତ୍ତମାନ ଗର୍ଭବତୀ ଅଛନ୍ତି ।

ରାଜାଙ୍କ ମୃତ୍ୟୁର କାରଣ ବସନ୍ତ ରୋଗ ଅଟଇ । ତାହା କେତେକାଳ ହେବ ମଡ଼କ ସ୍ୱରୂପ ଅନ୍ୟାନ୍ୟ ସ୍ଥାନ ପ୍ରାୟ ସେଠାରେ ଲାଗିଅଛି ମାତ୍ର ଲୋକଙ୍କର ଏମନ୍ତ କୁସଂସ୍କାର ଯେ ସେମାନେ କଦାଚ ଟୀକା ଦେବେ ନାହିଁ । ରାଜାଙ୍କୁ ଇଂରାଜୀ ଟୀକା ଦେବା ସକାଶେ ଅନେକ ଭଦ୍ରଲୋକ ପରାମର୍ଶ ଦେଇଥିଲେ ମାତ୍ର ତାହାଙ୍କ ବଂଶରେ ଟୀକା ନାହିଁ ବୋଲି ସେ ତାହା ନେଲେ ନାହିଁ । ପରିଶେଷରେ ସେହି କୁସଂସ୍କାରର ସମ୍ମୁଖରେ ଆପଣାକୁ ବଳିଦାନ କଲେ ! ଅନେକ ଗଡ଼ଜାତ ରାଜା ଏହି ପ୍ରକାର କୁସଂସ୍କାରର ବଶୀଭୂତ ହୋଇ ଆପେ ଟୀକା ନେନ୍ତି ନାହାନ୍ତି କିମ୍ବା ଆପଣା ପ୍ରଜାଙ୍କୁ ଟୀକା ଦେଉ ନାହାନ୍ତି ଏହା କି ସାମାନ୍ୟ ଅଫସୋସର ବିଷୟ ଅଟଇ । କେଉଁଝରରେ ବର୍ତ୍ତମାନ ବସନ୍ତ ରୋଗର ମଡ଼କ ପ୍ରବଳରୂପେ ଲାଗିଅଛି ଏବଂ ଶୁଣାଯାଏ ଗଡ଼ରୁ ଦୁଇଶତ ଲୋକ ଏହି ରୋଗରେ ନାଶ ଗଲେଣି ତଥାଚ ସେଠା ମହାରାଜା ଟୀକା ନେନ୍ତି ନାହାନ୍ତି କିମ୍ବା ଲୋକଙ୍କୁ ନେବାକୁ ଦେଉ ନାହାନ୍ତି । ଏନଗରରେ ଗବର୍ଣ୍ଣମେଣ୍ଟ କେବଳ ଟୀକା ଦେବା ନିମନ୍ତେ ଗୋଟିଏ ମହକୁମା ବସାଇଅଛନ୍ତି । ରାଜାମାନେ ଇଚ୍ଛା କଲେ ତତ୍କ୍ଷଣାତ୍ ଟୀକା ଦେବା ବ୍ୟକ୍ତି ପାଇବେ ଓ ତହିଁ ପାଇଁ ବହୁତ ବ୍ୟୟ ପଡ଼ିବ ନାହିଁ । ଏପରି ସୁଯୋଗ ଥାଉଁ ଯାହା ସେମାନେ ହେଳା କରୁଅଛନ୍ତି ବଡ଼ ଶୋଚନୀୟ ଅଟଇ । ଇଂରାଜୀ ଟୀକାର ଫଳ ଅମ୍ଭେମାନେ ଏ ପତ୍ରିକାରେ ପୁନଃ ପୁନଃ ଲେଖିଅଛୁଁ ଆଉ ବୋଲିବାର କିଛି ନାହିଁ । ମଡ଼କ ସମୟରେ ରକ୍ଷା ପାଇବାର ଏକମାତ୍ର ଉପାୟ ଇଂରାଜୀ ଟୀକା ଅଟଇ । ଏଣୁ ଅମ୍ଭେମାନେ ଗଡ଼ଜାତ ରାଜାଙ୍କୁ ବିଶେଷ ଅନୁରୋଧ କରୁଅଛୁଁ କି ସେମାନେ କୁସଂସ୍କାର ତ୍ୟାଗ କରି ଏଥିର ଆଶ୍ରୟ ନେଉନ୍ତୁ ।

---

## ତାଳଚେରଗଡ଼ର ରଥ ଯାତ୍ରା ।

ରଥଯାତ୍ରା ଓଡ଼ିଶାର ପ୍ରଧାନ ଯାତ୍ରା ଏବଂ ଯଦ୍ୟପି କି ପୁରୀରେ ଏହା ପ୍ରସିଦ୍ଧ ତଥାଚ ଏ ପ୍ରଦେଶର ସମସ୍ତ ଗଡ଼ଜାତରେ ଏ ଯାତ୍ରା ନ୍ୟୁନାଧିକ ସମାରୋହ ସହିତ ବହୁ କାଳରୁ ହୋଇ ଆସୁଅଛି । ଅନ୍ୟାନ୍ୟ ଗଡ଼ଜାତ ପରି ତାଳଚେରରେ ଏ ପର୍ବ ଯଥା ବିଧାନରେ ପ୍ରତିପାଳନ ହୋଇଥିଲା ଏବଂ ଅମ୍ଭେମାନେ ଅବଗତ ହେଲୁଁ ଯେ ଏ ପର୍ବରେ ଦର୍ଶକଙ୍କର ମନୋରଞ୍ଜନ ଏବଂ ଆପଣା ପ୍ରଜା ପ୍ରଭୃତିଙ୍କ ସହିତ ସଦ୍ଭାବ ସ୍ଥାପନ ଉଦ୍ଦେଶ୍ୟରେ ରାଜା ଗୋଟିଏ ରଙ୍ଗ ସଭା ରଚନା କରିଥିଲେ । ସଭା ନିମନ୍ତେ ଗୋଟିଏ ଗୃହ ପ୍ରସ୍ତୁତ ଏବଂ ତାହା ନାନା ବର୍ଣ୍ଣର ଚିତ୍ରିତ କାଗଜ, ବନାରସୀ ଓ ବିଲାତି ଲୁଗା ଓ ଗଦ କରଣୀ ଇତ୍ୟାଦିରେ ଅତି ସୁନ୍ଦରରୂପେ ମଣ୍ଡିତ ହୋଇଥିଲା । ଏହା ଦେଖିବା

Split by PDF Splitter
Digitized by srujanika@gmail.com

କାରଣ ତାଳଚେର ଖଣ୍ଡା ଅନୁଗୁଳ ଏବଂ ଢେଙ୍କାନାଳରୁ ଅନେକ ପୁରୁଷ ସ୍ତ୍ରୀ ଓ ବାଳକ ଆସିଥିଲେ ରାଜା ସେମାନଙ୍କୁ ମନପୂରେଇ ଦେଖିବାକୁ ଛାଡ଼ ଦେଇ ଥିବାରୁ ସେମାନଙ୍କର ଆନନ୍ଦର ସୀମା ନ ଥିଲା । ରାତ୍ରରେ ବତିର ରୋଷନାଇରେ ଘର ଝଲମଲ ଦିଶୁ ଥିଲା ଏବଂ ଗୋଷ୍ଟପୋ ଲୀଳା ପ୍ରଭୃତି ନାନାପ୍ରକାର ନୃତ୍ୟ ଜାନହୁଣି ତହିଁର ଅଧିକତର ଶୋଭା ବୃଦ୍ଧି ହୋଇଥିଲା ଏବଂ ଅତର ଗୋଲାବ ଓ ଫୁଲର ସୁବାସ ସଭାଘରକୁ ପୂର୍ଣ୍ଣ କରି ବାୟୁ ଯୋଗେ ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଫଳତଃ ସଭା ଗୃହଟି ଯେଉଁ ପ୍ରକାରରେ ମନୋହର ହୋଇ ପାରେ ତହିଁ ପକ୍ଷରେ କିଛିହିଁ ମାତ୍ର ତ୍ରୁଟି ହୋଇ ନ ଥିଲା । ଗଡ଼ଜାତ ଲୋକମାନେ ଏ ସମସ୍ତ ବ୍ୟାପାର ଦର୍ଶନ ଏବଂ ମଧୁର ସଙ୍ଗୀତ ଧ୍ୱନି ଶ୍ରବଣରେ କି ପରିମାଣରେ ଆନନ୍ଦିତ ଏବଂ ମୋହିତ ହୋଇଥିଲେ ତାହା ପାଠକମାନେ ଅନାୟାସରେ ଅନୁଭବ କରି ପାରନ୍ତି । ବର୍ଣ୍ଣନା କରିବା ବାହୁଲ୍ୟ ଅଟଇ । ଏହି ସଭାରେ କଣ୍ଟଡନ ରାଜା ଆପଣା କଣ୍ଟାର ଲୋକଙ୍କ ସହିତ ଆମୋଦ କରି ସଭା ଭଙ୍ଗ ସମୟରେ ଗୋଟିଏ ବକ୍ତୃତା କରି ସମସ୍ତଙ୍କଠାରୁ ବିଦାୟ ଗ୍ରହଣ କରିଥିଲେ । ଆମ୍ଭେମାନେ ଉକ୍ତ ବକ୍ତୃତାଟି ପାଠକମାନଙ୍କ ଜାଣିବା ନିମିତ୍ତ ଏଥି ସଙ୍ଗେ ପ୍ରକାଶ କଲୁଁ । ଏଥିରେ ବିଦ୍ୟା ଶିକ୍ଷାରେ ଲୋକଙ୍କ ପ୍ରବୃତ୍ତି ଏବଂ ଅନର୍ଥକ ମାମଲା ମୋକଦ୍ଦମାରୁ ନିବୃତ୍ତି ଜନ୍ମାଇବାକୁ ଚେଷ୍ଟିତ ଥିବା ଏବଂ ପ୍ରଜାଙ୍କ ହିତ ସର୍ବଦା ଲୋଡ଼ୁ ଥିବାର ପରିଚୟ ପାଇ ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ ।

ଆମ୍ଭେମାନେ ଦେଖୁ ଅଛୁଁ ଯେ ତାଳଚେରର ରାଜା କ୍ରମଶଃ ଉନ୍ନତି ମାର୍ଗରେ ଅଗ୍ରସର ହେଉଅଛନ୍ତି । ଏଥି ମଧ୍ୟରେ ସେ କଟକ କଲେଜରେ ପ୍ରତିବର୍ଷ ଗୋଟିଏ ମେଡ଼ାଲ ଏବଂ ତାହାଙ୍କ ରାଣୀ ବାଳିକା ବିଦ୍ୟାଳୟରେ ପାରିତୋଷିକ ଦେବା ନିମିତ୍ତ ପ୍ରତିବର୍ଷ ଟ ୨୦୧ ଙ୍କା ଦାନ କରିବାକୁ ଅଙ୍ଗୀକାର କରିଅଛନ୍ତି ଏବଂ ଆପଣା ଗଡ଼ରେ ଗୋଟିଏ ଉତ୍ତମ ବିଦ୍ୟାଳୟ ଏବଂ ଗୋଟିଏ ଚିକିତ୍ସାଳୟ ସ୍ଥାପନ କରିବାର ଯତ୍ନ କରୁଅଛନ୍ତି । ଆମ୍ଭେମାନେ ଆଶା କରୁଁ କି ଏହିରୂପେ ରାଜା ଆପଣା ପ୍ରଜାଙ୍କ ପାର୍ଥିବ ଏବଂ ମାନସିକ ଉନ୍ନତିକୁ ଆପଣାର ମୋକ୍ଷ କର୍ମ ବୋଲି ସର୍ବଦା ସ୍ୱୀକାର କରିବେ ।

---

# ସାପ୍ତାହିକ ସଂବାଦ ।

ଏ ନଗରର ଗୋପ ଲଲଙ୍କ ଧର୍ମଶାଳାରେ ଯେଉଁ ବୈରାଗୀ ଆପଣା ସ୍ତ୍ରୀର ରୂପଧନକୁ ହତ୍ୟା କରିଥିବାର ଏଥିପୂର୍ବେ ଲେଖିଥିଲୁଁ ଏସପ୍ତାହରେ ଯେଉଁ ଦୌରାଶେଷହେଲା ତହିଁରେ ତାହାର ମୋକଦ୍ଦମା ପଡ଼ିଥିଲା ଡାକ୍ତର ସାହେବଙ୍କ ଜୋବାନବନ୍ଦୀରୁ ସେ ପାଗଲ ଥିବାର ପ୍ରମାଣ ହେବରୁ ତାହାକୁ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ଅପେକ୍ଷାରେ ପାଗଲଖାନାରେ ରଖା ଯାଇଅଛି ।

ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ଏ ନଗରର ଜଣେ ପ୍ରଧାନ ଉକୀଲ ବାବୁ ରାଜେନ୍ଦ୍ରଲାଲ ମିଶ୍ର ଗତ ବୁଧବାର ଶେଷରାତ୍ରରେ ଏ ସଂସାରରୁ ଚିରକାଳ ନିମିତ୍ତ ବିଦାୟ ହୋଇଗଲେ । ବାବୁ ପ୍ରାୟ ଏକପକ୍ଷ ହେବ ବଡ଼ ପୀଡ଼ିତ ଥିଲେ । ସିଭିଲ ସର୍ଜନ ଷ୍ଟିୱାର୍ଟ ସାହେବ ଡାକ୍ତର ଓ ବାବୁଙ୍କର ବନ୍ଧୁମାନେ ରାତ୍ରଦିନ ଜାଗି ବସି ଅନେକ ଯତ୍ନ କରିଥିଲେହେଁ ପରିଶେଷରେ ଈଶ୍ୱରଙ୍କର ଯାହା ଇଚ୍ଛା ଥିଲା ଘଟିଲା । ବାବୁ ଏଠା ଉକୀଲଖାନାର ରତ୍ନ ଥିଲେ ଏବଂ ତାହାଙ୍କଠାରେ ଅନେକଗୁଡ଼ିଏ ସଦ୍‌ଗୁଣ ଥିଲା । ତାହାଙ୍କ ମୃତ୍ୟୁରେ ଅନେକ ଲୋକ ଦୁଃଖିତ ହୋଇଅଛନ୍ତି ।

ନାରାୟଣ ସୁରୁଙ୍ଗିର ନାଡ ବମବାହାଦୁର ସୁରୁଙ୍ଗିଙ୍କ ନାମରେ ଯେ ମକଦ୍ଦମାର ପ୍ରସଙ୍ଗ ଗତ ସପ୍ତାହରେ ଲେଖା ହୋଇଥିଲା ସେ ମକଦ୍ଦମା ଡିସମିସ ହୋଇ ଗଲା ।

ଜମ୍ମୁରୁ ତୁକଚୋଲ ପର୍ଯ୍ୟନ୍ତ ସାତମାଇଲ ଟେଲିଫୋନ ବସିଅଛି ଓ ଉଭୟ ସ୍ଥାନ ମଧ୍ୟରେ କଥାବାର୍ତ୍ତାର ବଡ଼ ସୁବିଧା ହୋଇଅଛି । ତାରଡାକ ଅପେକ୍ଷା ଏଥିର ବ୍ୟୟ ଅଳ୍ପ । ପୁରୀ ଓ କଟକ ମଧ୍ୟରେ ଟେଲିଫୋନ ବସିଲେ ଭଲ ହୁଅନ୍ତା ।

ଅମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା;—

୧ । ଏ ଦେଶରେ ପ୍ରତିଦିନ ମେଘାଡ଼ମ୍ବର ହୋଇ ଅଳ୍ପ ବୃଷ୍ଟି ହେଉଅଛି ଓ ସମସ୍ତ ନଦୀମାନ ବୃଦ୍ଧି ହୋଇଅଛି ।

୨ । ଏଠା ଜେଲଖାନାର ଦୁଇଜଣ ଓ୍ୱାର୍ଡ଼ର ଏକହାଜତି ସ୍ତ୍ରୀ ସହିତ ପାପପ୍ରଣୟ କରିବାର ପ୍ରକାଶ ହେବାରୁ ଉକ୍ତ ଓ୍ୱାର୍ଡ଼ରମାନଙ୍କୁ ବରଖାସ୍ତ ଓ ହେଡ଼ଓ୍ୱାଡ଼ରଙ୍କୁ ସ୍ଥାନାନ୍ତର କରିବା ସକାଶେ ଅମ୍ଭମାନଙ୍କ ସବ୍‌ଡିବିଜନ ଭାରପ୍ରାପ୍ତ ଶ୍ରୀଯୁତ ରକେଟ ସାହେବ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ରିପୋର୍ଟ କରିଅଛନ୍ତି ।

୩ । ଗତ ବାହୁଡ଼ା ଦଶମୀଦିନ ବାରଓ୍ୱାରି ଦେବତାମାନଙ୍କ ବିସର୍ଜନପାଇଁ ଜଳକୁ ଗଲେ ମାତ୍ର ଅର୍ଥାଭାବରୁ ଦଶହରାକାର୍ଯ୍ୟର ଆଡ଼ମ୍ବର ହୋଇ ନ ଥିଲା ।

୪ । ଏ ନଗରର ଏକଟସା ମଫସଲ ଗ୍ରାମ ନିବାସୀ ଏକ ବ୍ୟକ୍ତିଠାରୁ ଉତ୍କଚରୂପେ ଟ୧୦୦ଙ୍କା ନେଇ ଆପଣାର ବିଧବା ଭଉଣୀକୁ ତାକୁ ବିବାହ କରି ଦେଇଅଛି । ଦିନ ପରେ ଉକ୍ତସ୍ତ୍ରୀ ବିଧବାଥିବାର ପ୍ରକାଶ ହେବାରୁ ବରର କୁଟୁମ୍ବମାନେ ବର ଗୃହରେ ଆହାର କରିବାର ନିଷେଧ କରିଅଛନ୍ତି ।

୫ । ଏ ନଗରରେ ମଦଦଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ହେବାରୁ ବିଶେଷ କ୍ଲେଶ ହେଉଅଛି ଯେଉଁମାନଙ୍କର ନଡ଼ିଆ ଓ କଦଳୀ ବଗିଚା ଅଛି ସେମାନେ ଭୋଗ କରିବାରୁ ବଞ୍ଚିତ ହୋଇଅଛନ୍ତି ।

ଅମ୍ଭମାନଙ୍କ କେନ୍ଦ୍ରାପଡ଼ାସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା;—

୧ । ଯାତ୍ରୀ ଗୋଲମାଲ ସକାଶେ ପୂର୍ବଅଂଶ ଗନ୍ଧୋଲ ପ୍ରଭୃତି ସ୍ଥାନରେ ଘର ଝାଡ଼ା ବାନ୍ତିର ଉପକ୍ରମ ହୋଇଥିଲା ବର୍ତ୍ତମାନ ଊଣା ପଡ଼ିଅଛି ।

୨ । କେନ୍ଦୁପଟ୍ଟଣାରୁ ଜଣେ ଲୋକ କୃତ୍ରିମ ମୁଦ୍ରା ଚଳାଇବା ଅପରାଧରେ ଧରା ହୋଇଅଛି ଏମୁଦ୍ରା କେନ୍ଦ୍ରାପଡ଼ା କଚେରୀରେ ଧରା ପଡ଼ିଥିଲା ସେଠା ମୁନସି ଏହା ଉକ୍ତମୁକାମରୁ ଗିରଫ କରିଅଛନ୍ତି ।

୩ । ଗନ୍ଧୋଲଠାରୁ ସଲଙ୍ଗ ପର୍ଯ୍ୟନ୍ତ ଯେଉଁ ବାଟ ହେବାର ଏଠା ରୋଡ଼ସେସ କମେଟିରୁ ହୁକୁମ ହୋଇଥିଲା ତାହା ଅଦ୍ୟପର୍ଯ୍ୟନ୍ତ ନ ହେବାରେ ଲୋକମାନଙ୍କର ବଡ଼ କଷ୍ଟ ହେଉଅଛି ।

୪ । ବେଲନାମକ ଗ୍ରାମରେ ଜଣେ ଅବଧାନ ସେଠା ଗ୍ରାମବାସିମାନଙ୍କ ଉପରେ ଟ୨୧ଙ୍କା ଦରମା ବାକିର ନାଲିଶ କରିଅଛି ସେ ମକଦ୍ଦମା ବର୍ତ୍ତମାନ ବିଚାର ହେଉଅଛି ଈଶ୍ୱରେଚ୍ଛାରେ ଡିଗ୍ରି ହେଲେ ମଫସଲର ସରବ ଅବଧାନମାନଙ୍କର ଗୋଟିଏ ବାଟ ହେବ ଏବଂ ପାଠଶାଳ ମାନ ମଧ୍ୟ ବିଶେଷ ଉନ୍ନତ ବା ପ୍ରକୃତାବସ୍ଥାରେ ଆସିବ ।

୫ । ଦେଖିଲୁଁ ସଡ଼କ ମରାମତି ପ୍ରାୟ ବର୍ଷାଦିନରେ ହୁଏ ଅନ୍ୟ ସମୟରେ କି ଏହି ଇଲକା କର୍ମଚାରୀମାନେ ଶୋଇ ଥାନ୍ତି ? ମାଟିସଡ଼କ ବର୍ଷାକାଳରେ ମରାମତି କରିବା କେବଳ ପଥିକଙ୍କୁ କଷ୍ଟ ଦେବା ଅଟଇ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ଗତ ସ ୧୧ ଖା ଉତ୍ସବରୁ ବାଜା ବଜାଇବା ମୋକଦ୍ଦମାରେ ରାଧାଶ୍ୟାମ ବାବୁଙ୍କ ଉପରେ ବାଲେଶ୍ୱର ଡେପୁଟି ମାଜିଷ୍ଟ୍ରେଟ ବାବୁ କେଦାରନାଥ ଦତ୍ତ ସ ଟ ୨୦୧ଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ବାଲେଶ୍ୱରବାସିମାନେ ବାଜା ବଜାଇବା ଆଜ୍ଞା ଶିଥିଲ କରିବା ନିମିତ୍ତ ସେଠା ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାର ବିଗ୍ରହ କରୁଅଛନ୍ତି । ବିଡନ ସାହେବ କାହିଁକି ଏପରି କଠିନ ଆଜ୍ଞା ଦେଇ ଲୋକଙ୍କର ଅପ୍ରିୟ ହୋଇଅଛନ୍ତି ବୁଝି ପାରୁ ନାହୁଁ ।

ଲାହୋରର ଏକ ସଂବାଦପତ୍ରରେ ଲେଖାଅଛି ଯେ ଅମିର ଅବଦୁଲ ରହମାନ ଖାଁ ପଳାୟନ କରିବାର ଉଦ୍ୟମରେ ଅଛନ୍ତି । ଏହି ଉଦ୍ଦେଶରେ ସେ ଗବର୍ଣ୍ଣମେଣ୍ଟରୁ ପାଇଥିବା ୩୧ ଲକ୍ଷ ଟଙ୍କାର ଅଧିକାଂଶ ତୁରକସ୍ଥାନକୁ ପଠାଇ ଦେଇଅଛନ୍ତି । ଏ ଛଡ଼ା ପ୍ରଜାଙ୍କଠାରୁ ବଳପୂର୍ବକ ଅନେକ ଟଙ୍କା ନେଇଅଛନ୍ତି । ଯେବେ ଅମିର ପଳାଇ ଯିବେ ତେବେ 'ବଡ଼ କୌତୁକର କଥା ହେବ ଏବଂ ପ୍ରକାଶ ପାଇବ ଯେ ସେ କନ୍ଦହାର ସକାଶ କାବୁଲର ଅମିର ହୋଇ ବଡ଼ ସହଜରେ ପ୍ରକୃତ ଅମିର ହେବାର ବାଟ ପରିଷ୍କାର କଲେ ଏପରି ବ୍ୟବସାୟ ମନ୍ଦ ନୁହଇ ।

ବମ୍ବେଇର ଟାଇମସ୍ ଅବ୍ ଇଣ୍ଡିଆଙ୍କ ନାମରେ ଯେଉଁ ମୋକଦ୍ଦମା ହୋଇଥିଲା ତାହା ଡିସମିସ ହୋଇଅଛି । ସମ୍ପାଦକ ଖରଚ ପାଇବା ଉତ୍ତାରୁ ଖେସାରତ ପାଇବାର ପ୍ରାର୍ଥନା କରିଥିଲେ ମାତ୍ର ତାହା ଗ୍ରାହ୍ୟ ହେଲା ନାହିଁ ।

ସମ୍ବଲପୁରର ଡେପୁଟି କମିଶ୍ନର ମେଜର ଟି, ଏ, ଷ୍ଟଟସାହେବ ନାଗପୁର ଡିବିଜନକୁ ବଦଳି ହୋଇଅଛନ୍ତି ଏବଂ ଡବଲିଉ, ଏ, ଣ୍ଡାମ ସାହେବ ସମ୍ବଲପୁରର ଡେପୁଟି କମିଶ୍ନରଙ୍କ ପଦରେ ଏକଟିଂ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ଡାକଘରର ମନିଅର୍ଡର ବନ୍ଦୋବସ୍ତ ଅତ୍ୟନ୍ତ ସଫଳ ହୋଇଅଛି । ସମ୍ପ୍ରତି ଲଙ୍କା, ମଣ୍ଡିଦ୍ୱୀପ, ଅଷ୍ଟ୍ରେଲିଆ ଏବଂ ଅନ୍ୟାନ୍ୟ ବିଦେଶକୁ ମନିଅର୍ଡର ଦିଆ ଯିବାର ନିୟମ ହେବାରୁ ତହିଁର ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି । ଗତ ମାର୍ଚ୍ଚ ମାସରେ ଶେଷ ହେବା ବର୍ଷରେ ପ୍ରାୟ ଏକ କୋଟି ଟଙ୍କାର ମନିଅର୍ଡର ଜାରି ହୋଇଥିଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



ଆସାମୀ ଚଳିବର୍ଷ ସଙ୍ଗେ ସଙ୍ଗେ ପ୍ରତିବର୍ଷ ଶତକଡ଼ା ଟ ୨୦୯ଙ୍କା ଲେଖାଏ ବନ୍ଦୋବସ୍ତ ଜମାରୁ ଘଟିବେବା ଜମିର ଯୋଗପ୍ରାର ଚଷା କଲେକ୍ଟରଙ୍କ ପ୍ରତି ବମ୍ବେଇ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି । ଉକ୍ତ ଜିଲ୍ଲାର ବନ୍ଦୋବସ୍ତ କଠିନ ହୋଇଥିବାରୁ ଏପରି ହୋଇଅଛି । ଏ ଜିଲ୍ଲାଟି ଗବର୍ଣ୍ଣମେଣ୍ଟଙ୍କର ଖାସମହାଲ ଅଟଇ । ଖାସମହାଲର ଅବସ୍ଥା ସମ୍ବନ୍ଧରେ ଏକସମାନ ଦେଖାଯାଏ ମାତ୍ର ବମ୍ବେଇର ଗବର୍ଣ୍ଣର ସର୍ ଜେମ୍ସ ଫର୍ଗୁସନ ସାହେବ ଏତକ ଦୟା କଲେ ସୁଖର ବିଷୟ ଅଟଇ । ଏ ଉତ୍ତରୁ ବୋଧ ହୁଅଇ ସେ ଜମା କମି କରିବାର ଆଦେଶ ଦେବେ ।

ବୃଟିସ୍ରାର ରାଜାଙ୍କୁ ବଧ କରିବା ନିମିତ୍ତ ଅତି ଏକ ଷଡ଼ଯନ୍ତ୍ର ହେଉଥିବାର ମାତ୍ର ପୁଲିସ ବଡ଼ କୌଶଳପୂର୍ବକ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ୍ତାର କରିଅଛନ୍ତି । ଏମାନେ ଜ ୨୧ ଣ ଏକତ୍ରରେ ବସି ପରାମର୍ଶ କରୁଥିବା କାଳରେ ଧରା ପଡିଲେ ।

ପୁରଣିଆ ଜିଲ୍ଲାର ଜମିଦାରମାନେ ରୋଡ୍‌ସେସ୍ ଓ ପ୍ରଦେଶୀୟ କରର ସମ୍ପୂର୍ଣ୍ଣ ଟଙ୍କା ପ୍ରଜାଙ୍କଠାରୁ ଆଦାୟ କରିଥିଲେ ଏବଂ ଜମା ସଙ୍ଗରେ ଅରୁଥକମାନ ନିଶାନ କାଗଜ ଦାଖଲ କରିଥିଲେ । ଗବର୍ଣ୍ଣମେଣ୍ଟ ତାହା ଜାଣିପାରି ପ୍ରଜାମାନଙ୍କୁ ବିଜ୍ଞାପନଦ୍ୱାରା ଜଣାଇଅଛନ୍ତି କି ସେମାନଙ୍କ ଜମି ଉପରେ ବସିଥିବା କରର କେବଳ ଅର୍ଦ୍ଧାଂଶ ସେମାନେ ଦେବାକୁ ବାଧ୍ୟ ଅନ୍ୟ ଅର୍ଦ୍ଧାଂଶ ସ୍ୱୟଂ ଜମିଦାର ଦେଣ ଅଟଇ । ଏପରି ଅନ୍ୟାୟ କାର୍ଯ୍ୟ ଅତିର ଅନେକ ସ୍ଥଳରେ ହେଉଅଛି ଏବଂ ଏହା ଥାନ୍ତ୍ର ବସାଇବା ଦୁର୍ଗୁଣ ଅଟଇ ।

ଗ୍ରେଟସ ପରଗଣା ଏବଂ ଯଶୋର ଏ ଦୁଇ ଜିଲ୍ଲାକୁ ଭଙ୍ଗି ତିନି ଜିଲ୍ଲା କରିବାର ପ୍ରସ୍ତାବ ପୁନର୍ବାର ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଆସିଅଛି । ଗ୍ରେଟସ ପରଗଣା ଜିଲ୍ଲାର କାର୍ଯ୍ୟ ଅତ୍ୟନ୍ତ ବୃଦ୍ଧି ହୋଇଥିବା ଏଥିର କାରଣ ଅଟଇ ।

ମାନ୍ୟବର ଆସଲି ଇଲବ ସାହେବ ଆଗାମୀ ମାସ ମଧ୍ୟଭାଗରେ ଡାର୍ଜିଲିଂରୁ କଲିକତାକୁ ଫେରି ଆସିବେ ଏବଂ କିଛିଦିନ ଏଠାରେ ରହି ପୂନାଶହରକୁ ଗସ୍ତ କରି ଯିବେ ।

କଥିତ ହୁଅଇ କି ହାଇକୋର୍ଟରେ ଯେଉଁ ଦୁଇଜଣ ଦେଶୀୟ ଜଜ ରହିବେ ତହିଁ ମଧ୍ୟରୁ ହାଇକୋର୍ଟର ଉକିଲ ବାବୁ ଚନ୍ଦ୍ରମାଧବ ଘୋଷଙ୍କୁ ଗୋଟିଏ ଜଜସ୍ଥାନ ସାବ୍ୟସ୍ତ ହୋଇଅଛି । ବାକି ଯେବେ ଅସମ୍ମତ ହେବେ ତେବେ ବାବୁ ମନ୍ମଥନାଥ ଘୋଷ ଅଥବା ବ୍ରଜେନ୍ଦ୍ରକୁମାର ଶୀଲଙ୍କୁ ଉକ୍ତ କର୍ମ ଦିଆଯିବ । ଅଲ ଏକ ସମ୍ବାଦପତ୍ରରୁ ଜଣାଯାଏ ଯେ ଆପାତତଃ ଦୁଇଜଣ ଜଜ ନ ରହି କେବଳ ଏକଜଣ ରହିବେ ଏବଂ ବଣହୁସ କରେଓ ପିଟସ ଉଭୟ ତହିଁର ବନ୍ଦୋବସ୍ତ ହେବ ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳ ଦୀପିକାସମ୍ପାଦକ ମହାଶୟ
ସମୀପେଷୁ ।

ସବିନୟ ନିବେଦନ ଏହିକି ନିମ୍ନଲିଖିତ ବିଷୟକୁ ଆପଣଙ୍କ ସୁବିଖ୍ୟାତ ଦୀପିକାରେ ସନ୍ନିବେଶିତପୂର୍ବକ ପ୍ରକାଶ କରି ଅଭିଳାଷ ସିଦ୍ଧି କରିବା ହେବେ ।

ମହାଶୟ ! ଅମ୍ଭମାନଙ୍କ ହିନ୍ଦୁଧର୍ମରେ (ଅର୍ଥାତ୍ ବେଦ ବିହିତ ଧର୍ମରେ ) ଏହା ଉଲ୍ଲେଖ ଅଛି କି ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ର ଏହି ୪ବର୍ଣ୍ଣ ଅର୍ଥାତ୍ ଜାତି ପ୍ରସିଦ୍ଧ । ଆଉ ଏତଦ୍ଭିନ୍ନ ଜାତୀୟମାନେ ଶଙ୍କର ଅର୍ଥାତ୍ ପିତା ଏକଜାତୀୟ ଓ ମାତା ଏକଜାତୀୟ ଏହିପରି ସଂଯୋଗରେ ସେମାନଙ୍କର ଉତ୍ପତ୍ତି, ଏହା ମନୁସଂହିତା ଓ ବ୍ରହ୍ମବୈବର୍ତ୍ତ ପୁରାଣାଦିରେ ସ୍ପଷ୍ଟରୂପେ ବର୍ଣ୍ଣିତ ହୋଇଅଛି ।

ଉକ୍ତ ଜାତିମାନଙ୍କ ମଧ୍ୟରେ ବ୍ରାହ୍ମଣ ଜାତି ସର୍ବଶ୍ରେଷ୍ଠ ଥିବାରୁ ବ୍ରାହ୍ମଣମାନେ ଅନ୍ୟଜାତୀୟମାନଙ୍କର ଗୁରୁ ଅର୍ଥାତ୍ ଇଷ୍ଟମନ୍ତ୍ରର ଉପଦେଶକ ହୋଇ ବର୍ଣ୍ଣିତ ଅଛନ୍ତି ଯଥା; " ବର୍ଣ୍ଣାନାଂ ବ୍ରାହ୍ମଣୋ ଗୁରୁଃ " ଆଉ ବ୍ରାହ୍ମଣର କର୍ତ୍ତବ୍ୟ ଏହି ଯେ ପ୍ରଥମାବସ୍ଥାରେ ଅର୍ଥାତ୍ ବାଲ୍ୟାବସ୍ଥା ଭିତରେ ଗୁରୁଙ୍କ ନିକଟରେ ଉପସ୍ଥିତ ରହି ବିଦ୍ୟାଶିକ୍ଷା କରିବ, ଦ୍ୱିତୀୟରେ ଯାଜ୍ଞପ୍ରତିଗ୍ରାହୀ ହୋଇ ଗୃହସ୍ଥାଶ୍ରମ କରିବ, ତୃତୀୟରେ ପୁତ୍ରଠାରେ ଗୃହର ଭାରାର୍ପଣ କରି ତୀର୍ଥାଟନାଦିଦ୍ୱାରା ବାନପ୍ରସ୍ଥାଶ୍ରମର ନିୟମ ପାଳନ କରିବ, ଚତୁର୍ଥରେ କର୍ମକାଣ୍ଡ ଧ୍ୱଂସପୂର୍ବକ ଜ୍ଞାନକାଣ୍ଡର ଉପାସନାଦ୍ୱାରା ସନ୍ନ୍ୟାସ ଓ ପରମହଂସ ବ୍ରତ ଧାରଣ କରି ଯୋଗସାଧନଦ୍ୱାରା ଜୀବନ ଅତିବାହିତ କରିବ । ଅତଏବ ସନ୍ନ୍ୟାସଧର୍ମ ପରମଧର୍ମ ଥିବାରୁ ସନ୍ନ୍ୟାସୀ ବ୍ରାହ୍ମଣର ଉପଦେଶକ ହେବ ଏବଂ ସନ୍ନ୍ୟାସୀ ଅଭାବରେ ଉପଯୁକ୍ତବିଦ୍ୟାସମ୍ପନ୍ନ ବ୍ରାହ୍ମଣଠାରୁ ବ୍ରାହ୍ମଣ ଉପଦେଶ ଗ୍ରହଣ କରିବ । ଏହିପରି ନିୟମ ଅନାଦିସିଦ୍ଧ ହୋଇ ଚଳି ଆସୁଅଛି । ଇତିମଧ୍ୟେ କେତେକ ସମୟ ହେଲା ଅର୍ଥାତ୍ ଚୈତନ୍ୟଧର୍ମର ଉଦ୍ଭବ ଦିନଠାରୁ ପରମାର୍ଥ ବୈଷ୍ଣବଧର୍ମ ଅବଲମ୍ବିମାନେ କଣ୍ଠୀ ତିଳକ ଗ୍ରହଣ କରୁ ନ ଥିବା ବ୍ୟକ୍ତିମାନଙ୍କଠାରୁ ( ଉତ୍ତମ ଜ୍ଞାନାପନ୍ନ ହୋଇଥିଲେ ସୁଦ୍ଧା) ଉପଦେଶ ଗ୍ରହଣ ନ କରି ନୀଚଜାତୀୟ ହୋଇ କଣ୍ଠୀ ତିଳକ ଗ୍ରହଣ କରିଥିଲେ ( ମହାମୂର୍ଖ ହୋଇଥିଲେ ସୁଦ୍ଧା ) ତାହାଠାରୁ ଭକ୍ତିପୂର୍ବକ ଉପଦେଶ ଗ୍ରହଣ କରୁଅଛନ୍ତି । କିନ୍ତୁ ଉକ୍ତ ଧର୍ମ ବିଶେଷରେ ଶୂଦ୍ରାଦି ନାନାବିଧ ଜାତିରେ ପ୍ରବର୍ତ୍ତି ଅଛି, ଆଉ କୌଣସି୨ ସ୍ଥଳରେ ବ୍ରାହ୍ମଣାଦି ଉଚ୍ଚଜାତିରେ ସଂଚରିବାର୍ ଦେଖା ଯାଏ ସତ୍ୟ କିନ୍ତୁ ଏହି ଉଚ୍ଚଜାତି ମଧ୍ୟରୁ କେହି କଣ୍ଠୀ ତିଳକ ଧାରଣ କଲେ ସେ ପ୍ରାୟ ଆପଣା ଜାତୀୟ ଗୋଷ୍ଠିରେ ମିଶି ପାରଇ ନାହିଁ; କାରଣ ବ୍ରାହ୍ମଣାଦି ଉଚ୍ଚ ଜାତୀୟମାନେ ସନ୍ଧ୍ୟାଦି ବେଦ ବିହିତ କ୍ରିୟା ପ୍ରତ୍ୟହ ନ କଲେ ଅନ୍ନଜଳ ଗ୍ରହଣ କରନ୍ତି ନାହିଁ, ଆଉ ଉକ୍ତ ଧର୍ମର ଅଗ୍ରର୍ପ୍ୟ ବ୍ରାହ୍ମଣାଦି ଜାତୀୟ ନୋହି ଥିବାରୁ ଏବଂ ସେହି ଧର୍ମର ଉପଦେଶକ ବ୍ରାହ୍ମଣାଦି ଜାତିତ୍ରୟ ଭିନ୍ନ ଥିବାରୁ ସେହି ଧର୍ମାବଲମ୍ବିମାନଙ୍କର ସନ୍ଧ୍ୟା ବନ୍ଦନାଦି କ୍ରିୟାରେ ଅଧିକାର ନାହିଁ । ଏହି ଯୋଗୁଁ ବ୍ରାହ୍ମଣାଦି ଜାତିତ୍ରୟ ଉକ୍ତ ଧର୍ମର ଉପାସକ କଦାପି ନୁହନ୍ତି ।

ଆଉ ମଧ୍ୟ ଦେଶ ବ୍ୟବହାରରେ ଉକ୍ତ ଧର୍ମାବଲମ୍ବିମାନେ ସ୍ୱୟଂ ଉଚ୍ଚଜାତୀୟ ହୋଇ ନୀଚଜାତୀୟଠାରୁ ( ବୈଷ୍ଣବ ହୋଇଥିଲେ ସୁଦ୍ଧା ) ଉପଦେଶ ଗ୍ରହଣ କରୁ ନ ଥିବାର ଦେଖା ଯାଏ । ଯଥା; ବାଉରିବୈଷ୍ଣବ କି ଚମାରବୈଷ୍ଣବଠାରୁ କରଣ କି ଖଣ୍ଡାଏତ ପ୍ରଭୃତି ଉଚ୍ଚଜାତୀୟମାନେ ଉପଦେଶ ଗ୍ରହଣ କରୁ ନାହାନ୍ତି । ଏପରି ସ୍ଥଳରେ ବ୍ରାହ୍ମଣମାନେ ଗୃହୀ ହେଉନ୍ତୁ ବା ବିହଙ୍ଗୀ ହେଉନ୍ତୁ କରଣବୈଷ୍ଣବ କି ଅନ୍ୟ ଶୌଣ୍ଡ଼ିପ୍ରଭୃତି ଜାତୀୟ ବୈଷ୍ଣବଠାରୁ ମନ୍ତ୍ରୋପଦେଶ ଗ୍ରହଣ କଲେ ସେମାନେ ପତିତ ଅର୍ଥାତ୍ ବ୍ରାହ୍ମଣ ଚଣ୍ଡାଳ ନୋହିବେ କାହିଁକି ? ଯେହେତୁ ବ୍ରାହ୍ମଣ ହୋଇ ଶୂଦ୍ରର ଶିଷ୍ୟ ହେବାରୁ ଗୁରୁଙ୍କର ପାଦ ସେବା ଓ ପାଦୋଦକ ସେବା ଏବଂ ଉକ୍ତ ଧର୍ମାନୁସାରେ ଗୁରୁଙ୍କର ଅଧରାମୃତ ସେବା ଏହା ଅବଶ୍ୟ କରିବାକୁ ହେବ, ଏପରି ହେଲେ ଶୂଦ୍ରୋଚ୍ଛିଷ୍ଟ ଓ ଶୂଦ୍ରପାଦୋଦକ ଗ୍ରହଣ ଓ ଭକ୍ଷଣଦ୍ୱାରା ବ୍ରାହ୍ମଣର ଧର୍ମର ସର୍ବନାଶ ହେଉଅଛି କି ନା ଏହା ଅବଶ୍ୟ ସମସ୍ତ ଜାତୀୟମାନେ କହି ପାରିବେ । ଇତି

। ନି ।

ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦ ଶର୍ମା ।
ଶ୍ରୀ ଶାସ୍ତ୍ରୀ ଚନ୍ଦ୍ରାମଣି ମିଶ୍ର ଶର୍ମା ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରବେଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଚଳିତ ଦରରେ ମିଳିପାରେ ଯଥା,—

ଡାକମାସୁଲ ସହିତ ୪ ଅଧଉନ୍ସକୁ ଟ ୬ଙ୍କା । ୮ ଅଉନ୍ସକୁ ଟ ୧୧ ଙ୍କା । ୧୬ ଅଉନ୍ସକୁ ଟ ୨୦୩ ଙ୍କା । ମୂଲ୍ୟ ନଗଦ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ କାଳକୃଷ୍ଣ ଚୌଧୁରି | ଜଗତସିଂହପୁର | [illegible] | ଟ ୬୯ |
| " ପ୍ରାଣନାଥ ଦତ୍ତ | ବାଲେଶ୍ୱର | " | ଟ ୧୦୯ |
| " ଗଦାଧରଉପାଧ୍ୟାୟ ଲେଡିପିଣ୍ଡି | [illegible] | | ଟ ୨ ୬ |
| " ଗିରିଧାରୀଲାଲ ମିତ୍ର | ଯାଜପୁର | [illegible] | ଟ ୬୯ |

ଏହି ଉତ୍କଳଦୀପିକା ସହର କଟକ ଉଡ଼ିଆବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ ।

Digitized by srujanika@gmail.com

Split by PDF Splitter



## ତାଳଚେର ରାଜାଙ୍କ ବକ୍ତୃତା ।

ହେ ତାଳଚେର ନିବାସୀ ଭାଇପୋ ଭଦ୍ରଲୋକ ଗଡ଼ନାଏକ ସରବରାକାର ଓ ଅନ୍ୟସବୁ ପ୍ରଜାମାନେ ଶ୍ରୀଛାମୁର ଆଜ୍ଞାନୁସାରେ ଆମ୍ଭେ ଜଣାଉଅଛୁଁ ଯେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ଉପଲକ୍ଷରେ ଆଜି ତୁମ୍ଭମାନଙ୍କୁ ଏହି ସଭାରେ ଉପସ୍ଥିତ ଦେଖି ଶ୍ରୀଛାମୁ ଅତି ସନ୍ତୁଷ୍ଟ ହେଲେ ।

ଏହି ବର୍ଷ ମଧ୍ୟରେ ତୁମ୍ଭମାନଙ୍କ ମଧ୍ୟରୁ ଅନେକଙ୍କ ଉପରେ ଆପଦ ପଡ଼ିଥିବାର ଶ୍ରୀ ଛାମୁ ଶ୍ରବଣ କରି ଦୁଃଖିତ ହେଲେ ମା ଶୀତଳା ବସନ୍ତ ରୋଗରେ ଅନେକ ପ୍ରାଣୀଙ୍କୁ ନାଶ କଲେ ମା ହିଙ୍ଗୁଳା ଅନେକ ଲୋକଙ୍କର ବାସଗୃହ ଅଗ୍ନିରେ ପୋଡିଦେଲେ ମାତ୍ର ଏଥିରେ କାହାର ଆୟତ୍ତ ଅଛି ଦୈବଦଣ୍ଡରେ ମନୁଷ୍ୟର ବଳ କି, ଯାହା ହେଉ ଏ ଦୁର୍ଘଟଣାରେ ଗରିବ ଓ ନିରାଶ୍ରୟ ଅନେକ ଲୋକଙ୍କୁ ତାଙ୍କର ବାସଗୃହ ତୟାର କରିବା ସକାଶେ ଶ୍ରୀଛାମୁ ସରକାରରୁ ସାହାଯ୍ୟ ଦେଇଅଛନ୍ତି ଓ ଗଡ଼ପଟଣାର ରଇତମାନଙ୍କୁ ମଧ୍ୟ ସନ ୧୨୮୮ ସାଲର ସରକାରି ଖଜଣା ଛାଡ ଦେବାକୁ ଆଜ୍ଞା ପ୍ରଦାନ କରିଅଛନ୍ତି ।

ତୁମ୍ଭମାନଙ୍କ ହିତ ସକାଶେ ଶ୍ରୀଛାମୁ ନାନା ପ୍ରକାର ଉପାୟ କ୍ରମେ କରୁଅଛନ୍ତି ଦେଖ ବର୍ତ୍ତମାନ ଗୋଟିଏ ସ୍କୁଲ ଅର୍ଥାତ ପାଠଶାଳା ସ୍ଥାପନ କରିଅଛନ୍ତି ତୁମ୍ଭେମାନେ ଆପଣା ଆପଣା ପିଲାମାନଙ୍କୁ ସେଠାରେ ପାଠପଢ଼ିବାକୁ ଛାଡ ଦିଅ ପରେ ଦେଖିପାରିବ ଯେ ତହିଁରୁ କି ଫଳ ଲାଭ ହେବ ପାଠ ପଢ଼ିଲେ ଲୋକେ ଜ୍ଞାନ ଉପାର୍ଜନ କରନ୍ତି ଏବଂ ସେହି ଜ୍ଞାନଦ୍ୱାରା ମନୁଷ୍ୟ ପୃଥିବୀରେ ଅନେକ ହିତକାର୍ଯ୍ୟ କରି ରାଜଦ୍ୱାରେ ଏବଂ ଜଗତରେ ପୂଜନୀୟ ଓ ଆଦରଣୀୟ ହୁଅନ୍ତି ଯେଉଁ ମନୁଷ୍ୟର ଜ୍ଞାନ ନାହିଁ ସେ ମନୁଷ୍ୟ ପଶୁବତ ହୁଏ ପୃଥିବୀରେ କୋ ୮୪ ଲ ଜୀବ ମଧ୍ୟରେ ପରମେଶ୍ୱର ମନୁଷ୍ୟଙ୍କୁ ସର୍ବଶ୍ରେଷ୍ଠ ଜୀବ କରିଅଛନ୍ତି ଅତଏବ ମନୁଷ୍ୟ ଏ ଦୁର୍ଲଭ ଜନ୍ମ ପାଇ ଯେବେ ସେ ପଶୁବତ ଆହାର ନିଦ୍ରା ଓ ମୈଥୁନରେ ମଗ୍ନ ରହିଲା ତେବେ ତାହାର ଆଉ ମନୁଷ୍ୟପଣିଆ କେଉଁଠାରେ ରହିଲା ।

ମନୁଷ୍ୟ ଖଣ୍ଡେ ଧୋବଲା ଲୁଗା ପିନ୍ଧି ଛତି ଫୁଲାଇ ବୁଲିଲେ ଯେ ସେ ବଡଲୋକ ହେଲା ଏପରି ନୁହେ ମନୁଷ୍ୟ ଆପଣା କାର୍ଯ୍ୟଦ୍ୱାରା ବଡଲୋକ ହୁଅନ୍ତି । ମନୁଷ୍ୟ ଆପଣା ସଦ୍‌ଗୁଣରେ ଜଗତରେ ପରିଚିତ ହୁଅନ୍ତି ଦେଖ ।

ଏହି କପୁରପାଳ ନଷ୍ଠାରେ କେତକୀଗଛ ଅଛି ଆଉ ଆଉ ହରେକ ରକମର ବଣୁଆ ବଡ ବଡ ଗଛମାନ ଅଛି ତେବେ କପାଁଇ କେତକୀର ନା ଏତେ ପଡ଼ିଅଛି ଆଉ ହରେକ ଗଛ କେତକୀଠାରୁ ବଡ ଉଚ୍ଚ ଥିଲେହେଁ ତାହାକୁ କେହି ଜାଣି ନାହିଁ କି ପଚରେ ନାହିଁ ଏହାର କାରଣ ଏହି ଯେ କେତକୀ ଆପଣା ସୁବାସ ଗୁଣଦ୍ୱାରା ନଷ୍ଠା ଭିତରେ ଥିଲେ ହେଁ ଗଡ଼ ଭିତରେ ବିଖ୍ୟାତ ହୋଇଅଛି ସେହି ପରି ମନୁଷ୍ୟର ଯେବେ ମନୁଷ୍ୟପଣିଆ ଥିବ ସଦ୍‌ଗୁଣ ଥିବ ତେବେ ତାହାର କେତକୀର ନ୍ୟାୟ ସୁବାସ ଚାରିଆଡେ ବାସିବ ଏବଂ ସେ ଜଣେ ବଡ଼ଲୋକ ହେବ ଅତଏବ ଅହେ ତାଳଚେର ନିବାସିମାନେ ତୁମ୍ଭମାନଙ୍କ ପ୍ରତି ଶ୍ରୀଛାମୁର ଏହି ଉପଦେଶ ଯେ ତୁମ୍ଭେମାନେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମରୂପେ ଶିକ୍ଷା ଦିଅ ଯେ ସେମାନେ ଭବିଷ୍ୟତରେ ଜ୍ଞାନ ଓ ଧର୍ମ ଉପାର୍ଜନ କରି ମନୁଷ୍ୟ ନାମର ଗୌରବ ରକ୍ଷିପାରିବେ ।

• ପୁଣି ଶ୍ରୀ ଛାମୁରୁ ତୁମ୍ଭମାନଙ୍କ ସକାଶେ ଗୋଟିଏ ଡାକ୍ତରଖାନା ସ୍ଥାପନ କରିବାର ଇଚ୍ଛା ପ୍ରକାଶ କରି ଅଛନ୍ତି ବର୍ତ୍ତମାନ ଶ୍ରୀ ଛାମୁର ଗୋଚରରେ ଆସିଅଛି ଯେ ଲୋକଙ୍କର ଦେହ ଦୁଃଖ ହେଲେ ଔଷଧ ବିନା ବଡ଼ କଷ୍ଟ ଭୋଗ କରନ୍ତି ମନୁଷ୍ୟର ବଞ୍ଚିବା ଓ ମରିବା ପରମେଶ୍ୱରଙ୍କ ଇଚ୍ଛା ମାତ୍ର ସେହି ଜଗତମାତା ଜଗତପିତା ରୋଗମାନ ସୃଷ୍ଟି କରି ତାହା ସାଙ୍ଗେ ସାଙ୍ଗେ ପୁଣି ଔଷଧ ଜଡି ବୁଟି ସୃଜନ କରି ଅଛନ୍ତି ସେ ସବୁ ଔଷଧର ଭେଦଯୁକ୍ତିକୁ ଡାକ୍ତର ଅବା ବୈଦ୍ୟ ଲୋଡା ଯାଏ ସେହିପରି ଡାକ୍ତର ଜଣେ ନିଯୁକ୍ତ କରି ତୁମ୍ଭମାନଙ୍କୁ ଯଥା ବିଧିରେ ସାହାଯ୍ୟ କରିବାକୁ ଶ୍ରୀଛାମୁରୁ ଆଜ୍ଞା ହୋଇଅଛି ଆହେ ପୁଅ ପ୍ରଜାମାନେ ତୁମ୍ଭେମାନେ ସକଳ ବାଟରେ ଚାଲି ଆପଣା ଆପଣା ଦୁଃଖ ଧନାରେ ସୁଖେ ଆପଣା ଆପଣା ପିଲା କୁଟୁମ୍ବ ଘେନି ରହିବ ତୁଷ୍ଟରେ ଫାଁ କରି ଏହାର ଜମିକୁ କପଟ ନେବ ତାହାର ବନଗଛ ଓ ମାଛ କପଟ ପାଇବ ଏହାକୁ ଫାଁ କରି କପଟ ଲୁଡ଼ାଇବ ତାହାକୁ ଫାଁ କରି କପଟ ଯବଦ କରିବ ଏହି ଚିନ୍ତା କରି ଯେବେ ତୁମ୍ଭେମାନେ ବୁଲୁଥିବ ତେବେ ତହିଁରେ କେବଳ ଆପଣା ଆପଣା ଦୁଃଖ ବୃଦ୍ଧି ହେବା ବ୍ୟତିରେକେ ଆଉ କିଛି ଲାଭ ନାହିଁ । ଏ ବର୍ଷରେ ଯେତେ ମାମଲା ମକଦ୍ଦମା ଶ୍ରୀଛାମୁ ଗୋଚରରେ ଆସିଅଛି ତହିଁରୁ ପ୍ରକାଶ ଯେ ତୁମ୍ଭମାନଙ୍କ ମଧ୍ୟରୁ ବହୁତ ଲୋକ କେବଳ ଫାଁ କରି ମାମଲା ମକଦ୍ଦମାରୁ ଯେରବାର ହୋଇ ଅଛନ୍ତି । ଦେଖ କୌଣସି ଏକ ଜଣା ଏକ ମୌଜାରେ ରାମ ଓ କୃଷ୍ଣ ଦୁଇ ଭାଇ ଥିଲେ ଦିନେ ଦୁଇ ଭାଇ ଭାଗବତ ଘରେ ବସି କାହାଣ ଖାଉ ଖାଉ ଦୁଃଖ ସୁଖ ହେଉଥିଲେ ଏମନ୍ତ ସମୟରେ ରାମ କୃଷ୍ଣକୁ କହିଲା ଆରେ କୃଷ୍ଣ ଆମର ନୂଆପଲ୍ଲି ଚକର ସିଆଁକୁ ଲାଗି ମୁରଲିଧରର ଏକ କିଆରି ଭଲ ଜମି ଅଛି ତାକୁ ଆମର ଜମି ସିଆଁ ଭିତରେ ମାଡିନେଲେ ଖାସା ହେବ ଚାଲ କିଛି ଚୂଡ଼ା ଗୁହୁଳ ଧରି ଗଡ଼କୁ ଯିବା ସେଠାରେ ଫିଟ ସିଂହ ମୁକ୍ତାର ସରବୁଡ଼ା ଅମିନ ସତ୍ୟାନାସିଆଁ କାରଜି ଏହି ତିନଙ୍କ ସହିତ ସଲା କରି ମୁରଲିଧର ଜମିକୁ ଆମର ମୁଣ୍ଡେ ଉଇଁଉଆଁରେ ଦରଜ କରାଇ ଖଣ୍ଡେ ଦରଖାସ୍ତ ରଜାଙ୍କ ଛାମୁରେ ପକାଇ ପଟ୍ଟା ନେଇ ଆସିବା ଏଥିରେ ନାଷ୍ଟ ଓ ଖର୍ଚ୍ଚା ଶହେ ପଚାଶ ଟଙ୍କା ଯାହା ହେବ ତାହା ଋଣ ବରମଣ୍ଡ କରି ଦେବା । ଏହି ପରି ବିଚାର କଲା ପରେ ରାମ କୃଷ୍ଣକୁ ଘେନି ଗଡକୁ ଆସି ପରଦ୍ରବ୍ୟ ନେବା ମତରେ ଫସିଲେ ଗଡର ମୋକ୍ତାର ଅମିନ ଓ କାରଜିର ଚକ୍ରରେ ପଡି ଶହେ ଟଙ୍କା ଜାଗାରେ ଋଣ କରି ଦୁଇଶ ଟଙ୍କା ଖରଚ କଲେ ଓ ମକଦ୍ଦମା ଖଡା କଲେ । ଅନେକ ନଡ଼ିଲେ ତାଙ୍କର ମୋକ୍ତାର ସନ୍ଧିପାତର ମନ୍ତ୍ରର ନ୍ୟାୟ କେତେଗୁଡିଏ ହାକିମଙ୍କଠାରେ ବକିଲେ । ମାତ୍ର ଧର୍ମଦାଣ୍ଡରେ ମିଛ କେତେଦିନ ରହିପାରେ ଯେତେ ନଡ଼ିଲେ ଯେତେ ଫିଟ କଲେ ଆଖିରି ମୁରଲିଧର ଜମିକୁ ସରକାରରୁ ପାଇଲେ ନାହିଁ ମକଦ୍ଦମା ହାରିଗଲେ ମୋକ୍ତାର ଅମିନ ଓ କାରଜି ଆପଣା ବାଟ ଦେଖିଲେ ରାମ କୃଷ୍ଣ ମୁଣ୍ଡ କଣ୍ଡେଇ ଗ୍ରାମକୁ ଲୌଟି ଗଲେ ଦେଖ ଫିଟରେ ରାମ କୃଷ୍ଣ ପ୍ରକୃତ କେତେ ହରବର ହେଲେ ତୁମ୍ଭେମାନେ ଯେବେ ରାମ କୃଷ୍ଣ ପରି ଫିଟ କରିବ ତେବେ ତାଙ୍କ ପରି ଦୁଃଖ ବିନା ଆଉ କେବେହେଁ ସୁଖ ପାଇବ ନାହିଁ ମନୁଷ୍ୟର ସୁଖ କେବଳ ଧର୍ମଦାଣ୍ଡରେ ଅଛି ମନୁଷ୍ୟ ଆପଣା ଯେ ପଣକ ଅଛି ତହିଁରେ ଖୁସି ହେଲେ ମହା ସୁଖ ପାଇବ ନଚେତ ଆଉ କାହିଁରେ ସୁଖ ପାଇବ ନାହିଁ ପରଦ୍ରବ୍ୟକୁ ଆଖି ଦେବ ନାହିଁ ସରକାରୀ ନିମକହରାମ ହେବ ନାହିଁ ତେବେ ମହାସୁଖ ପାଇବ ଅବଶେଷରେ ଶ୍ରୀଛାମୁ ଭରସା କରନ୍ତି ଭାଇପୋ ଭଦ୍ରଲୋକ ଗଡନାଏକ ଓ ସରବରାକାର ଓ ପୁଅ ପ୍ରଜାମାନେ ତୁମ୍ଭେ ଧର୍ମକୁ ଆଖି ସାମନାରେ ରଖି ସମସ୍ତ କାର୍ଯ୍ୟ କରି ଏବଂ ପିଲା କବଲା ନେଇ ଦେବ ପା କୁଶଳରେ ଥାଇ କାଳଯାପନ କର ଶ୍ରୀ ଜଗନ୍ନାଥ ମହାପ୍ରଭୁ ତୁମ୍ଭମାନଙ୍କୁ କୁଶଳରେ ରଖନ୍ତୁ ।

Digitized by srujanika@gmail.com

# ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଆମ୍ଭମାନଙ୍କର ଜମିଦାରୀ ଓଗେର ଭୂମିସମ୍ପତ୍ତି ମଧ୍ୟରୁ କେତେକ ବିକ୍ରୟ କରିବାର ଏବଂ କେତେକ ଇଜାରା ଦେବାକୁ ଇଚ୍ଛୁକ ଅଛୁଁ ଯେଉଁମାନଙ୍କର କ୍ରୟ କରିବାର କିମ୍ବା ଇଜାରା ନେବାର ଇଚ୍ଛା ହେବ ସେମାନେ ଆମ୍ଭ ସହିତ ସ୍ୱୟଂ ଅଥବା ପତ୍ରଦ୍ୱାରା ବନ୍ଦୋବସ୍ତ କରିବେ ।

ଯେ ସମସ୍ତ ଜମିଦାରୀ ଓଗେର ବିକ୍ରୟ ହେବ ତହିଁର ତାଲିକା ସଦରଜମା ସହିତ ନିମ୍ନେ ଲେଖାଗଲା ଏବଂ ଯେ ସମସ୍ତ ଇଜାରା ଦିଆଯିବ ତହିଁର ପୃଥକ୍ ତାଲିକା ମଧ୍ୟ ଦିଆଗଲା ।

ଏ ସମ୍ପର୍କରେ ସମସ୍ତ ଚିଠିପତ୍ର ଆମ୍ଭର ସଦର କଟକ କାଜିବଜାର ବସାକୁ ଏହି ବିଜ୍ଞାପନ ତାରିଖରୁ ଏକମାସ ମଧ୍ୟରେ ପଠାଇବାକୁ ହେବ । ଇତି ।

ବିକ୍ରୀ ହେବା ଜମିଦାରୀ ଓଗେରର ତାଲିକା ।

| ନାମ ପ୍ରଗନା | ନାମ ମଉଜା | ସଦରଜମା |
|---|---|---|
| ।ପ୍ର। ସୁଙ୍ଗଡ଼ା | ।ମୌ। ଲୁସୁମୀ।ଢ।ଟ୍ଠ୦୫⅛ | ଟ୍ଠ ୬୧୩। ୪ |
| ।ପ୍ର। ଏକଜନ | ।ମୌ। ମଡଙ୍ଗା | ଟ୍ଠ ୧୦୯୫[illegible] |
| ।ପ୍ର। ଏକଜନ | ।ମୌ। ନାରିଙ୍ଗଙ୍ଗ | ଟ୍ଠ ୩୦୫ ୪ |
| ।ପ୍ର। ଏକଜନ | ।ମୌ। ମିରଜାପୁର ।ଢା ଟ୍ଠ୦୫⅛ | ଟ୍ଠ୧୬୪[illegible]/୧୦ |
| ।ପ୍ର। ଏକଜନ | ।ମୌ। ବେଡ଼ା।ଢ।ଟ୍ଠ୦୫/ | ଟ୍ଠ୧୬୨୫[illegible] |
| ।ପ୍ର। ମାଇଛଇନଗର | ।ମୌ। ସୁନାଖଣ୍ଡି | ଟ୍ଠ ୬୭୮୧୯ |
| ।ପ୍ର। ଏକଜନ | ।ମୌ। ବଇଦୋ ।ଢା ଟ୍ଠ୦୫୯ | ଟ୍ଠ୬୦୪[illegible]/୧୧ |
| ।ପ୍ର। ଏକଜନ | ।ମୌ। ମାଲିକଇପୁର।ଢ। ଟ୍ଠ ୦୫/ ୬ | ଟ୍ଠ ୧⅛୫[illegible] |
| ।ପ୍ର। ଅଲଗି | ।ମୌ। ପଣସୁଆପାଲ ।ଢ।ଟ୍ଠ ୦[illegible] ୮ | ଟ୍ଠ ୩୬୧⅛୫ |
| ।ପ୍ର। ବରୁଆ | ।ମୌ। ଭଅରି ।ଢ। ଟ୍ଠ ୦[illegible]/୧୪ | ଟ୍ଠ ୭୮୫[illegible]୬ |
| ଓଂ | | |

| ନାମ ପ୍ରଗନା | ନାମ ମଉଜା | ସଦରଜମା |
|---|---|---|
| ।ପ୍ର। ପଦ୍ମପୁର | ।ଛା। ଜଗତ୍‌ପୁର।ଢ।ଟ୍ଠ ୦/ | ଟ୍ଠ ୬[illegible] |
| ।ଢ। ବସ୍ତନପୁର | ।ଢ। ବସ୍ତନପୁର।ଢ।ଟ୍ଠ ୦/ | ଟ୍ଠ ୧୧[illegible] |
| ଓଂ ଜମିଦାରୀ | | |
| ।ପ୍ର। ସୁସଡ଼ା | ମୌ। ମିରଜାପୁର ମକଦମି।ଢ।ଟ୍ଠ ୦। | ଟ୍ଠ ୯୪/୧୦। |
| ।ପ୍ର। ପଦ୍ମପୁର।ଛା। ଜଗତ୍‌ପୁର | ।ମୌ। ପଧାନପଡ଼ା।ଢ।ଟ୍ଠ୦/ | ଟ୍ଠ ୬୯[illegible] |
| ଓଂ ମକଦମି | | |
| ।ପ୍ର। ଅଲଗି ଥାନେ ଅଲମଗିର | ।ମୌ। ଦକ୍ଷିଣକୂଳ ସରବସ୍ୱାଇ।ଢ।ଟ୍ଠ ୦[illegible] | ଟ୍ଠ ୧[illegible] |
| ଓଂ | | |

ଇଜାରା ଦେବା ସମ୍ପତ୍ତିର ତାଲିକା ।

| ନାମ ପ୍ରଗନା | ନାମ ମାହାଲ |
|---|---|
| ।ପ୍ର। ସୁସଡ଼ା | ।ଛା। ଶ୍ରୀଏସିଙ୍ଗଡ଼ା |
| ।ପ୍ର। ବରୁଆଁ | ।ଛା। ଶ୍ୟାମୋହନ ପ୍ରସାଦ |
| ।ପ୍ର। ଉତ୍ତରଅଡ଼ଖଣ୍ଡର | ।ଛା। ପଦ୍ମଲଭପୁର |

| ନାମ ପ୍ରଗନା | ନାମ ମହାଲ |
|---|---|
| ।ପ୍ର। ଅଲଗି | ଥାନେ ଅଲମଗିର |
| ।ଢ। ହରଣପୁର | ।ଢ। ହରଣପୁର |
| ଓଂ | |

ପ୍ରକାଶଥାଉ କି ଇଜାରା ନେବା ବ୍ୟକ୍ତିମାନେ ମାହାଲଓ୍ୱାରୀ ଅର୍ଥାତ୍ ଏକ ଏକ ମାହାଲ ସମୁଦାୟ ଇଜାରା ନେବାକୁ ଇଚ୍ଛୁକ ନ ହେଲେ ତହିଁରେ କେତେକ ଅଂଶ କିମ୍ବା ଯେତେ ମଉଜ ଇଚ୍ଛା କରନ୍ତି ମଉଜାଓ୍ୱାରୀ ଇଜାରା ନେବା ପକ୍ଷରେ କୌଣସି ବାଧା ନାହିଁ । ତା ୫ ରଖ ମାହେ ଜୁଲାଇ ସନ ୧୮୮୧ ମସିହା ।

GOLOC CHUNDER BOSE'
GOPAL CHUNDER BOSE.

---

ସର୍ବ ମୁଦ୍ରଣ ହେଉ ।

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

ଭା ୧୬ ଗ
ସଂ ୩୧ ଖ୍ୟା

ତା ୩୦ ରିଖ ମାହେ ଜୁଲାଇ ସନ ୧୮୮୧ ମସିହା । ମୁ । ଶ୍ରାବଣ ଦ ୧୬ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲ୍‌ପାଇଁ ଡାକମାସୁଲ ଟ ୧୲୵

କାନ୍ଦାହାରର ସମ୍ବାଦ ଏହି ଯେ ଆୟୁବଖାନ ଆପଣାର ସମସ୍ତ ସେନା ଗେରିସ୍କଠାରେ ଆସି ପହୁଞ୍ଚି ଅଛନ୍ତି ଏବଂ ହାସେମ ଖାନ ଏବଂ ମହମ୍ମଦ ହସନ ଖାନ ଦଲାରାମଠାରେ ରସଦ ପ୍ରସ୍ତୁତ କରୁଅଛନ୍ତି । ଅମିରଙ୍କ କର୍ମଚାରୀମାନେ ଗିରିସ୍କ ନଗରଠାରେ ଶତ୍ରୁଙ୍କୁ ପ୍ରତିବାଧାକରଣ ସମସ୍ତ ଆୟୋଜନ କରୁଅଛନ୍ତି । ଗୋଲାମ ହୈଦରର ଅନେକ ଗୁଡ଼ିଏ ସୈନ୍ୟ ନେଇ ସେଠାକୁ ଯାତ୍ରା କରି ଅଛନ୍ତି ଏବଂ କାବୁଲରୁ ଆଉ ସୈନ୍ୟ କାନ୍ଦାହାରକୁ ଆସୁଅଛନ୍ତି । ଯୁଦ୍ଧ ହେବାର ଆଉ ଅଧିକ ବିଳମ୍ବ ନାହିଁ ।

---

ପୁରୀରେ ଏ ବର୍ଷ ଅନେକ ଯାତ୍ରୀ ହୋଇଥିଲେହେଁ ସେମାନେ ନଗର ମଧ୍ୟରେ ଥିବା ପର୍ଯ୍ୟନ୍ତ କୌଣସି ରୋଗର ପ୍ରାଦୁର୍ଭାବ ହୋଇ ନ ଥିଲା । ଯାତ୍ରି ବାହାର ଆସିଲା ଉତ୍ତାରୁ ସେଠାରେ ଓଲାଉଠା ଉପସ୍ଥିତ ହୋଇ ଏଣୁତେଣୁ କେତେ ଲୋକ କଷ୍ଟ ନେଲା ମାତ୍ର ମଡ଼କ ସ୍ୱରୂପ ଉପସ୍ଥିତ ହୋଇ ନାହିଁ । ରଥଯାତ୍ରାଟୀ ଅତି ସୁନ୍ଦର ରୂପେ ନିର୍ବାହ ହେଲା । ଏହି ମାସ ତା ୬ ରିଖରେ ବାହୁଡ଼ା ଦଶମୀ ହୋଇଥିଲା ମାତ୍ର ରଥମାନ ଦକ୍ଷିଣମୁଖୀ ହେବାକୁ ଗୁରୁଦିନ ବାହାର ଗଲା । ଠାକୁରମାନେ ତା ୧୦ ରିଖ ରବିବାର ରଥରୁ ବିଜେକରି ଅତି ଧୀରେ୨ ରଥ ଚଳାଇ ତା ୧୨ ରିଖ ମଙ୍ଗଳବାରେ ସିଂହଦ୍ୱାରଠାରେ ଆସି ପ୍ରବେଶ ହେଲେ ଏବଂ ସେହିଦିନ ରାତ୍ରି ଘ ୧୧ ଣ୍ଟା ସମୟରେ ନୀଳାଦ୍ରି ବିଜେକଲେ । ନିର୍ବିଘ୍ନରେ ଯାତ୍ରା ସମାପ୍ତ ହେଲା ଏଥିପାଇଁ ମାଜିଷ୍ଟ୍ରେଟ ଓ ପୁଲିସ ସାହେବ ପ୍ରଭୃତି ସୁଖ୍ୟାତିର ଭାଜନ ଅଟନ୍ତି ସନ୍ଦେହ ନାହିଁ ।

---

ବମ୍ବେଇର ବୈଷ୍ଣବ ସମ୍ପ୍ରଦାୟର ପ୍ରଧାନ ଗୁରୁ ଯାମ ନଗରର ମହାରାଜ ବ୍ରଜେଶଜି ବ୍ରଜନାଥଜି ଗୋଟିଏ ବାହାଙ୍ଗିଡ଼ାକ ଚୋରି ସଂସର୍ଗରେ ଅପରାଧୀ ସାବ୍ୟସ୍ତ ହେବାରୁ କାଠିଆୱାରର ଅସିଷ୍ଟାଣ୍ଟ ପୋଲିଟିକାଲ ଏଜେଣ୍ଟ ଏହାଙ୍କୁ ଦୁଇବର୍ଷ ବିନାପରିଶ୍ରମ କାରାବାସ ଏବଂ ଟ ୨୦୦୦୦ ଙ୍କା ଅର୍ଥଦଣ୍ଡ ଦେଇଅଛନ୍ତି । ବମ୍ବେଇ ବାସିମାନେ ଏଥିରେ ଭାରି ଦୁଃଖିତ ହୋଇ ଗବର୍ଣ୍ଣମେଣ୍ଟରେ ଅପିଲ କରି ଅଛନ୍ତି ଏବଂ ଶୋକ ପ୍ରକାଶ ସ୍ୱରୂପ ଦୋକାନ ବନ୍ଦ କରି ଏକଦିନ ଉପବାସ ରହି ଅଛନ୍ତି । ଗୁରୁ ମହାରାଜ ଦୃଢ଼ ହିନ୍ଦୁ ଥିବାରୁ ଜେଲଖାନାରେ ଖାଦ୍ୟ କିମ୍ବା ଜଳ ଗ୍ରହଣ କରିବେ ନାହିଁ ମାତ୍ର ତାହାଙ୍କୁ ପୃଥକ୍ ପାଚକ ଦିଆଗଲେ ତାହାଙ୍କର ଆପତ୍ତି ନାହିଁ । ଏ ପ୍ରାର୍ଥନା ଗବର୍ଣ୍ଣମେଣ୍ଟ ଅଗ୍ରାହ୍ୟ କରି ଭାରି ଅନ୍ୟାୟ କରି ଅଛନ୍ତି । କାରଣ ଏହାଦ୍ୱାରା ସ୍ପଷ୍ଟରୂପେ ହିନ୍ଦୁ ଧର୍ମରେ ଗବର୍ଣ୍ଣମେଣ୍ଟଙ୍କର ହସ୍ତକ୍ଷେପଣ ଅଥବା ଅବମାନନା ପ୍ରକାଶ ପାଉଅଛି । ମହାରାଜ ଯେବେ ଅକାର୍ଯ୍ୟ କରି ଅଛନ୍ତି ତେବେ ଅବଶ୍ୟ ଦଣ୍ଡ ପାଇବେ ତହିଁରେ ଆପତ୍ତି ନାହିଁ କିନ୍ତୁ ଏହା ବୋଲି ତାହାଙ୍କ ପରକାଳ ସୁଦ୍ଧା ନଷ୍ଟ କରିବା ଉଚିତ ନୁହଇ ।

---

ଦାରଜିଲିଂ ନଗର ବଙ୍ଗଳା ଲେପ୍ଟେନାଣ୍ଟଗବର୍ଣ୍ଣରଙ୍କର ଗ୍ରୀଷ୍ମାବାସ ବହୁଦିନରୁ ହୋଇଅଛି ଏବଂ ସେଠାର ଜଳବାୟୁ ଅତ୍ୟନ୍ତ ସ୍ୱାସ୍ଥ୍ୟକର ବୋଲି ଗ୍ରୀଷ୍ମକାଳରେ ବଡ଼ ଲୋକମାନେ ସେଠାକୁ ଯାଇ ଦିନାକେତେ ବାସ କରନ୍ତି ଓ ଶରୀର ଦମ୍ଭ କରି ଲେଉଟି ଆସନ୍ତି । ଏ ନଗରଟି ସମୁଦ୍ର ପତ୍ତନଠାରୁ ସାଢେ ସାତ ହଜାର ଫୁଟ ଉଚ୍ଚରେ ଅବସ୍ଥିତ କରଇ ସୁତରାଂ ଏଠାକୁ ଯିବା ବଡ଼ ସହଜ କଥା ନ ଥିଲା । ସମ୍ପ୍ରତି ଆମ୍ଭମାନଙ୍କ ଲେପ୍ଟେନାଣ୍ଟଗବର୍ଣ୍ଣର ସାହେବ ଏଠାକୁ ରେଲ ବାଟ ଫିଟାଇ ଦେଇ ବଡ଼ କାର୍ଯ୍ୟଟିଏ କରିଅଛନ୍ତି । ଏହି ମାସ ତା ୪, ରିଖରେ ଏ ବାଟ ଫିଟିଲା ଏବଂ ଏଥିପାଇଁ ଭାରି ସମାରୋହ ହୋଇଥିଲା । ଏ ରେଲ ବାଟ ହେବାରୁ କଲିକତାରୁ ଦାରଜିଲିଂ ଯିବାକୁ କେବଳ ଘ ୨୪ ଣ୍ଟା ସମୟ ଲାଗୁଅଛି । ପୁଣି ଆଶ୍ଚର୍ଯ୍ୟର ବିଷୟ ଏହି ଯେ ପଞ୍ଚାଶ ମାଇଲ ବାଟ ମଧ୍ୟରେ ରେଲବାଟଟି ସାତହଜାର ଫୁଟ ଉର୍ଦ୍ଧ୍ୱକୁ ଉଠି ଅଛି । ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣର ସାହେବ କହିଅଛନ୍ତି କି ଏତେ ଉଚ୍ଚ ସ୍ଥାନକୁ ରେଲବାଟ ନେବା ଅବଧି ଭାରତବର୍ଷରେ କାହିଁକି ପୃଥିବୀର ଅନ୍ୟ କୌଣସିଠାରେ ହୋଇ ନାହିଁ ଏ ବାଟ ନିର୍ମାଣରେ

Digitized by srujanika@gmail.com

Split by PDF Splitter



ବିଚକ୍ଷଣ ଶିଳ୍ପ ନୈପୁଣ୍ୟତା ପ୍ରଦର୍ଶିତ ହୋଇଅଛି ଯାହା କି ଅନ୍ୟ ସ୍ଥାନରେ ଆଦରଣୀୟ ହେବ । କଥିତ ହୁଅଇ ଯେ ଏଥି ମଧ୍ୟରେ ଏ ରେଲ ବାଟର ଉପଯୋଗିତା ଏତେ ବୃଦ୍ଧି ହେଉଅଛି ଯେ ବାଣିଜ୍ୟ ଦ୍ରବ୍ୟ ସମସ୍ତ ଆଣିବାକୁ ସମର୍ଥ ହେଉ ନାହିଁ । ଅତଏବ ବାଟଟି ଯେମନ୍ତ ଇଂରେଜର ତେମନ୍ତ ଫାନ୍‌ସୀୟ ଦେଶର ବାଣିଜ୍ୟ ଦ୍ରବ୍ୟ ସମସ୍ତ ଦେଶ ବିଦେଶକୁ ପ୍ରେରିତ କରିବାର ସୁବିଧାଜନକ ହୋଇଅଛି । ଏ ରେଲ ବାଟ ନିର୍ମାଣକର୍ତ୍ତା ଇଞ୍ଜିନୀୟର ପ୍ରେଷ୍ଟୋନ ସାହେବ ଭୂରି ପ୍ରଶଂସା ଲାଭ କରିଅଛନ୍ତି ।

—o*o—

## ଧୂମକେତୁ ।

ଧୂମକେତୁର ଉଦୟ ମହାବିପଦଶଙ୍କୁଳ ବୋଲି କେବଳ ଭାରତବର୍ଷ ବାସିମାନେ ବିଶ୍ୱାସ କରନ୍ତି ଏମନ୍ତ ନୁହେ ପୃଥିବୀର ନାନା ବିଭାଗର ପଣ୍ଡିତମାନେ ସମୟେ ସମୟେ ଧୂମକେତୁକୁ ଅଶୁଭ ଘଟନାର ପୂର୍ବ ଲକ୍ଷଣ ବୋଲି ବହୁକାଳରୁ ସ୍ଥିର କରିଅଛନ୍ତି ଏବଂ ତହିଁର ଉଦାହରଣ ମଧ୍ୟ ବିସ୍ତର ଦେଖାଇଅଛନ୍ତି । ଆଧୁନିକ ଜ୍ୟୋତିର୍ବିତ୍ ପଣ୍ଡିତମାନେ ଧୂମକେତୁ ସହିତ ଶୁଭାଶୁଭ ଘଟନାର କୌଣସି ସମ୍ବନ୍ଧ ଥିବାର ମାନନ୍ତି ନାହିଁ ଏବଂ ବାସ୍ତବରେ ସେପରି ସମ୍ବନ୍ଧ କୌଣସି ସଦ୍‌ଯୁକ୍ତିଦ୍ୱାରା ସଂସ୍ଥାପିତ ହୋଇ ନାହିଁ । ଅଥାଚ ଗତ ବ ୨୫ ବର୍ଷ ମଧ୍ୟରେ ଦୁଇଥର ଧୂମକେତୁ ଏ ଦେଶରେ ଦେଖା ଯାଇଥିଲା ଏବଂ ତହିଁ ସଙ୍ଗେ ସଙ୍ଗେ ଯୁଦ୍ଧ ଓ ଦୁର୍ଭିକ୍ଷ ଉପସ୍ଥିତ ହୋଇଥିବାରୁ ଲୋକଙ୍କର ଅମଙ୍ଗଳ ବିଶ୍ୱାସ ଟି ବଦ୍ଧମୂଳ ହୋଇଅଛି ଏବଂ ଏଥର ଧୂମକେତୁରେ କି ଉତ୍ପାତ ହେବ ସମସ୍ତେ ତାହା ଭାବୁଅଛନ୍ତି । ସମ୍ପ୍ରତି ଏଠାରେ ଯେଉଁ ଧୋଇ ହୋଇଅଛି ତାହା ଉକ୍ତ ଅମଙ୍ଗଳରୁ ଜାତ ହୋଇଅଛି ବୋଲି ଏଥି ମଧ୍ୟରେ କଥିତ ହେଲାଣି ଏବଂ ଭବିଷ୍ୟତକୁ ଦୁର୍ଭିକ୍ଷର ଭୟ ବହୁତ ଲୋକର ମନରେ ସ୍ଥାନଲାଭ କରୁଅଛି । ଯାହା ହେଉ ଆମ୍ଭେମାନେ ଆନନ୍ଦ ସହିତ ଏଡୁକେଶନ ଗଜେଟରେ ପାଠ କଲୁଁ କି ଧୂମକେତୁ ଏଥର ଅମଙ୍ଗଳର କାରଣ ନୁହଇ ଏହାଦ୍ୱାରା ମଙ୍ଗଳ ଫଳ ମଧ୍ୟ ଫଳି ପାରେ । ଉକ୍ତ ଗଜେଟରେ ଜଣେ ପତ୍ର ପ୍ରେରକ ସମ୍ପ୍ରତି ଉଦୟ ହୋଇଥିବା ଧୂମକେତୁକୁ ଶିଖୀ ଉଦୟ ବୋଲି ସ୍ଥିର କରିଅଛନ୍ତି । ସେ ବୋଲନ୍ତି କି ପୂର୍ବେ ଯେଉଁ ସମସ୍ତ ଧୂମକେତୁର ଉଦୟରେ ଦୁର୍ଭିକ୍ଷ ଜନ୍ମା ଯୁକ୍ତ ହୋଇଥିଲା ସେ ସମସ୍ତର ଅଧୋଦିକରେ (ଝଂଟାପର) ପୁଚ୍ଛ ବାହାରି ଥିଲା ଏବଂ ସେ ସମସ୍ତର ଆକୃତି ଭୟଙ୍କର ଏବଂ ଗତି ଦ୍ରୁତ ଥିଲା । ବର୍ତ୍ତମାନର ଧୂମକେତୁଟି ଶିଖା ବିଶିଷ୍ଟ ଅର୍ଥାତ୍ ଏହାର ମସ୍ତକ ଉପରେ ଗୋଟିଏ ବୃହତ୍ ଶିଖା ଏବଂ ତାହା ପ୍ରତିଚଦକକୁ ଉପରି ବଙ୍କ ହୋଇଅଛି । ଏହାର ଜ୍ୟୋତି ଅତିଶୟ ମ୍ଳାନ ଏବଂ ଗତି ମନ୍ଥର ଅଟଇ । ଅତଏବ ଲେଖକ ଅନୁମାନ କରନ୍ତି କି ଏହାଦ୍ୱାରା କୌଣସି ଅମଙ୍ଗଳ ନ ହୋଇ ମଙ୍ଗଳ ହେବ ଏବଂ ତହିଁର ପ୍ରମାଣ ସ୍ୱରୂପ ଏହି ବଚନଟି ଉଦ୍ଧୃତ କରିଅଛନ୍ତି ଯଥା— "ଶିଖା କରୋତି କଲ୍ୟାଣଂ ଅତି ବୃଷ୍ଟି ର୍ଧ୍ୱଜ ତଲେ । ସୁଭିକ୍ଷଂ କ୍ଷେମ ମାରୋଗ୍ୟଂ ଶସ୍ୟ ପୂର୍ଣ୍ଣ ବସୁନ୍ଧରା" ଆମ୍ଭେମାନେ ଆଶା କରୁଁ କି ଯେଉଁମାନେ ଧୂମକେତୁ ଦର୍ଶନରେ ଭୀତ ହୋଇଅଛନ୍ତି ସେମାନେ ଦମ୍ଭ ହେବେ ଏବଂ ଏଥି ମଧ୍ୟରେ ବୃଷ୍ଟି ଅଧିକ ହେବାରୁ ଉକ୍ତ ବଚନଟି ନିତାନ୍ତ ବ୍ୟର୍ଥ ହେବ ଏମନ୍ତ ଅନୁମାନ କରିବାର କାରଣ ନାହିଁ ।

———

## ରୋଗ ନିବାରଣର ଉପାୟ ।

ବଙ୍ଗ ପ୍ରଦେଶର ସ୍ୱାସ୍ଥ୍ୟ ବିଷୟକ ସନ ୧୮୮୦ ସାଲର ରିପୋର୍ଟ ଉପରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ଅଭିପ୍ରାୟ କଲିକତା ଗଜେଟରେ ବାହାରିଅଛି ତହିଁରୁ ଜଣାଯାଏ ଯେ ଉକ୍ତ ବର୍ଷ ବଙ୍ଗବାସିଙ୍କ ଶାରୀରିକ ଅବସ୍ଥା ଅନେକ ଉତ୍ତମ ଥିଲା । ମୃତ୍ୟୁର ମୂଳ ପ୍ରଧାନ କାରଣ ଓଲାଉଠା ଏବଂ ଜ୍ୱର ମଧ୍ୟରେ ଓଲାଉଠା ମୃତ୍ୟୁ ଅତ୍ୟନ୍ତ ଊଣା ଥିଲା ଯଥା; ସନ ୧୮୭୯ ସାଲରେ ୧୩୬୩୬୩ ସ୍ଥଳେ ସନ ୧୮୮୦ ସାଲରେ କେବଳ ୩୯୬୪୩ ମୃତ୍ୟୁ ଘଟଣା ହୋଇଥିଲା । ଜ୍ୱର ରୋଗର ପ୍ରକୋପ କିଛି ଅଧିକ ଥିଲା ଯଥା; ସନ ୧୮୭୯ ସାଲରେ ୬୨୨୨୬୦ ସ୍ଥଳେ ସନ ୧୮୮୦ ରେ ୬୮୯୬୦୫ ମୃତ୍ୟୁ ଘଟିଥିଲା । ଜ୍ୱର ରୋଗ ନବମ୍ବର ଏବଂ ଡିସମ୍ବର ମାସରେ ଏବଂ ଅନ୍ୟାନ୍ୟ ଜିଲ୍ଲାଠାରୁ ନଦୀୟାରେ ଅଧିକ ପ୍ରବଳ ହୋଇଥିଲା । ଉକ୍ତ ଜିଲ୍ଲାର ସ୍ୱାସ୍ଥ୍ୟ ଘଟିତ ଅବସ୍ଥାମାନ ଆଲୋଚନା କରି ଲେଫ୍‌ଟନେଣ୍ଟ ଗବର୍ଣ୍ଣର ନିଶ୍ଚୟ କରିଅଛନ୍ତି କି ଲୋକଙ୍କ ସ୍ୱାସ୍ଥ୍ୟ ଭଙ୍ଗର ପ୍ରଧାନ କାରଣ ଦୁଇଟି ଅଟଇ ଯଥା; ଉତ୍ତମ ପାନୀୟ ଜଳର ଅଭାବ ଏବଂ ବର୍ଷା ଜଳ ନିର୍ଗତ ହେବା ବାଟର ଅଭାବ ଅତଏବ ସାହେବ ପ୍ରଶଂସିତ ବୋଲନ୍ତି କି ଯେବେ ଜିଲ୍ଲା ହାକିମମାନେ ଆପଣା ଆପଣା ଇଲାକା ମଧ୍ୟରେ ବୃଷ୍ଟି ଜଳ ବାହାରି ଯିବାର ସୁବିଧା କରିଦେବେ ତେବେ ରୋଗ ଅତ୍ୟନ୍ତ ଊଣା ହେବ । ଏଥିର ସାମାନ୍ୟ ଉପାୟମାନ ଜମିଦାର ଏବଂ ଗ୍ରାମବାସିଙ୍କଦ୍ୱାରା ହୋଇପାରେ ଏବଂ ବୃହତ୍ କାର୍ଯ୍ୟ ନିମିତ୍ତ ଗବର୍ଣ୍ଣମେଣ୍ଟ ଡିଷ୍ଟ୍ରିକ୍ଟ କମିଟି ଏବଂ ଜିଲ୍ଲା ହାକିମଙ୍କୁ ସାହାଯ୍ୟ ଦେବାକୁ ପ୍ରସ୍ତୁତ ଅଛନ୍ତି । ଉତ୍ତମ ପାନୀୟଜଳ ଯୋଗାଇବା ବିଷୟରେ ମାନ୍ୟବରଙ୍କ ମତ ଏହି ଯେ ଏ କାର୍ଯ୍ୟ ଅପେକ୍ଷାକୃତ ସହଜ ଅଟଇ । ହାକିମମାନେ ଉଦ୍ୟମ କଲେ ପଙ୍କିଳ ଏବଂ ଦୁର୍ଗନ୍ଧମୟ ପୁଷ୍କରିଣୀମାନ ଅନାୟାସରେ ସଂସ୍କାର ହୋଇପାରେ । ଗ୍ରାମବାସିମାନଙ୍କୁ ଜିଲ୍ଲା ହାକିମମାନେ ବୁଝାଇଲେ ଅନେକ ସ୍ଥଳରେ ବିନାବ୍ୟୟରେ ଗ୍ରାମବାସିଙ୍କ କାୟିକ ପରିଶ୍ରମରେ ଏକାର୍ଯ୍ୟ ହୋଇପାରେ । ବାଙ୍କୁଡ଼ାର ମାଜିଷ୍ଟ୍ରେଟ ଏହି ଉପାୟଦ୍ୱାରା କେତେଗୁଡ଼ିଏ ପୁଷ୍କରିଣୀ ମରାମତି କରାଇ ଅଛନ୍ତି ଏବଂ ତାହାଙ୍କ ପ୍ରବର୍ତ୍ତନାରେ ଜମିଦାର ଓ ଲୋକମାନେ କେତୋଟି ପୁଷ୍କରିଣୀ କେବଳ ପାନ କରିବା ବ୍ୟବହାର ନିମିତ୍ତ ପୃଥକ୍ କରି ରଖିଅଛନ୍ତି ।

ପୂର୍ବକାଳର ହାକିମମାନେ ଜମିଦାର ଏବଂ ଲୋକଙ୍କ ସହିତ ଯେପରି ମିଶୁଥିଲେ ଯେବେ ବର୍ତ୍ତମାନର ହାକିମମାନେ ତାହା କରନ୍ତେ ତେବେ ଅବଶ୍ୟ ଅନେକ ଉପକାର ହୁଅନ୍ତା ସନ୍ଦେହ ନାହିଁ । ମାତ୍ର ହାକିମ ଏବଂ ଲୋକଙ୍କ ମଧ୍ୟରେ ସେପରି ସଦ୍ଭାବ ନାହିଁ ଏବଂ ନାନା ପ୍ରକାର ଟିକସ ବୃଦ୍ଧି ହେବାରୁ ଲୋକେ ଇଚ୍ଛାପୂର୍ବକ ଅଧିକ କାର୍ଯ୍ୟ କରିବାକୁ ମନ ବଳାଉ ନାହାନ୍ତି ।

———

## ବନ୍ୟା ଉପରେ ବନ୍ୟା ।

ବ୍ରାହ୍ମଣୀ ଓ ବୈତରଣୀ ନଦୀମାନଙ୍କ ବିଶେଷ ବୃଦ୍ଧି ଯୋଗେ ଘଟିଥିବା ବନ୍ୟାର ବୃତ୍ତାନ୍ତ ଯେପର୍ଯ୍ୟନ୍ତ ଅବଗତ ହୋଇଥିଲୁଁ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ସେ ବନ୍ୟା ସମ୍ପୂର୍ଣ୍ଣରୂପେ ନ ଘଟୁଣୁ ଆଉ ଏକବନ୍ୟା ଉପସ୍ଥିତ । ସେ ଥର ମହାନଦୀ ଆଦୌ ବୃଦ୍ଧି ହୋଇ ନ ଥିଲା ଏଥର ମହାନଦୀ ପ୍ରଭୃତି ଏ ଜିଲ୍ଲାର ସମସ୍ତ ନଦୀମାନ ବଢିଥିଲେ । ଏ ବଢି ଏମାସ ତା ୨୪ ରିଖରେ ଆରମ୍ଭ ହୋଇ ତା ୨୬ ରିଖରେ କାଠଯୋଡି ଫୁ ୨୩।୯ ଇଞ୍ଚ ପର୍ଯ୍ୟନ୍ତ ଉଠିଥିଲା ସେ ଦିନ ସନ୍ଧ୍ୟାକୁ ବଢି ଘଟିବାର ଆରମ୍ଭ ହେଲା ଓ ଦୁଇ-

Digitized by srujanika@gmail.com

ଦନରେ ଅନେକ ଖସି ଗଲା । ଏ ବନ୍ୟା ଯୋଗେ କେତେ କ୍ଷତି ହୋଇଅଛି ଏପର୍ଯ୍ୟନ୍ତ କିଛି ଜଣା ପଡ଼ ନାହିଁ ଶୁଣାଯାଏ ଯେ କାଠଯୋଡ଼ର କେତେକ ବନ୍ଧ ଭାଙ୍ଗି ଯାଇଅଛି । ବାଟଘାଟ ବନ୍ଦ ଥିବାର ନିଶ୍ଚୟ ସମ୍ବାଦ ମିଳ ନାହିଁ । ପ୍ରଥମ ବନ୍ୟାର ଆଉ କେତେକ ବୃତ୍ତାନ୍ତ ଅବଗତ ହୋଇ ପାଠକମାନଙ୍କୁ ନିମ୍ନେ ଜଣାଉଅଛୁଁ ଯଥା;—

ଯାଜପୁର ନଗର ମଧ୍ୟରେ ଦୁଇଦିଗରୁ ବଢ଼ିପାଣି ପ୍ରବେଶ ହେଲା ଓ କେତେକ ସ୍ଥାନରେ ଅନେକ ଫୁଟ ଉଚ୍ଚରେ ପାଣି ଠିଆ ହୋଇଥିଲା । ନଗରର ଉତ୍ତର ଦିଗରେ ଅନେକ ଘର ଓ ଦକ୍ଷିଣରେ କେବଳ ବାର ଗୋଟି ଘର ଭଗ୍ନ ହୋଇଅଛି ଓ ନଗର ମଧ୍ୟସ୍ଥ ସମୁଦାୟ ସଡ଼କ କ୍ଷତଗ୍ରସ୍ତ ହୋଇଅଛି ମାତ୍ର ସୁଖର ବିଷୟ ଏହି ଯେ କେହି ମନୁଷ୍ୟ ବା ଗୃହପଶୁ ନାଶ ହୋଇ ନାହାନ୍ତି । ଉକ୍ତ ନଗର ନିକଟସ୍ଥ ଗ୍ରାମମାନଙ୍କର ଦୁଇଶତ ଗୋଟା ଘର ନଷ୍ଟ ହୋଇଅଛି । ଏବଂ ଅହିୟାସ ଓ ସରଗଡ଼ା ପ୍ରଗନାମାନ ଏ ପର୍ଯ୍ୟନ୍ତ ଜଳମଗ୍ନ ହେବାରୁ ସେଠାରେ ଭାରୀ କ୍ଷତି ହେବାର ସମ୍ଭବ । ଯାଜପୁର ଉପଜିଲା ଇଲାକାର ସଡ଼କମାନ ଅନେକ ଜାଗାରେ କେତେକ ଗୋଟା ପୋଲ ସହିତ ଭାଙ୍ଗି ଯାଇଅଛି, କୁଆଖିଆ ସଡ଼କ ଏ ପର୍ଯ୍ୟନ୍ତ ଜଳରେ ବୁଡ଼ି ରହିଅଛି । ଖଣ୍ଡିତର ଓ ଅଖୁଆପଦା ମଧ୍ୟରେ ଜଗନ୍ନାଥ ସଡ଼କ ଅନେକ ସ୍ଥାନରେ ଭଗ୍ନ ହୋଇଅଛି ଓ ଏକସ୍ଥାନରେ ୧୫୦ ଫୁଟ ଓସାରରେ ଘାଇ ହୋଇଅଛି ଓ ଉଣା ନିକଟସ୍ଥ ପୋଲର ତଳ ସ୍ଥିରତା ନାହିଁ । ଦେଶାଇ ଘାଇ ଦୁଇବର୍ଷ ହେଲା ବହୁ ବ୍ୟୟରେ ବନ୍ଧା ହୋଇଥିଲା ସେ ବନ୍ଧ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଅଛି ଆହୁରି କେତେକ ବନ୍ଧ ଭାଙ୍ଗି ଯାଇଅଛି । ସତିପୁରରେ ୫୦ ଗୋଟା ଘର ଓ ମଲୁନପୁରରେ ୨୦ ଗୋଟା ଘର ଓ ଅନ୍ୟାନ୍ୟ ଗ୍ରାମରେ କେତେକ ଘର ଭସି ଯାଇଅଛି । ପ୍ରଥମ ବନ୍ୟାର ଜଳ ଛାଡ଼ିବା ବେଳକୁ ଦ୍ୱିତୀୟ ବନ୍ୟାର ଜଳ କ୍ଷେତରେ ପ୍ରବେଶ କରି ବିଆଲି ଓ ସାରଧ ଫସଲମାନଙ୍କୁ ପୁନର୍ବାର ବୁଡ଼ାଇ ଦେଇଅଛି ଏ ହେତୁ ବିଶେଷ କ୍ଷତିର ଆଶଙ୍କା ହୋଇଅଛି ମାତ୍ର ବନ୍ୟା ଜଳ କ୍ଷେତରୁ ଶୀଘ୍ର ବାହାରି ଗଲେ କିଛି ଫସଲ ରକ୍ଷା ପାଇ ପାରେ । ପ୍ରଥମ ଥର ବ୍ରାହ୍ମଣୀ ବୈତରଣୀ ଓ ଖରସ୍ରୁଆ ଯେପରି ବଢ଼ି ଥିଲେ ସେପରି ବଢ଼ି ଗତ ପନରବର୍ଷ ମଧ୍ୟରେ ହୋଇ ନ ଥିଲା ।

କେନ୍ଦ୍ରାପଡ଼ା ଉପଜିଲାରେ ପ୍ରଥମ ବଢ଼ି ଏମାସ ତା ୧୬ ରଖରେ ଆରମ୍ଭ ହୋଇ ତା ୧୯ ରଖରେ ସର୍ବୋଚ୍ଚ ହେଲା ଓ ସେହିଦିନ ନଦୀ ଛାଡ଼ିବାରେ ରହିଲା । ଉକ୍ତ କଣରେ ଦୁଇଗୋଟା ବନ୍ଧ ଓ କେତେକ ଗ୍ରାମରେ ଘରମାନ ଭାଙ୍ଗି ଯାଇଅଛି । ଅଳରେ ସର୍ବାପେକ୍ଷା ଅଧିକ କ୍ଷତି ହୋଇଅଛି । ତା-୧୯ ରଖ ପ୍ରଭାତରେ ଖରସ୍ରୁଆବନ୍ଧ ଅନେକ ସ୍ଥାନରେ ଭାଙ୍ଗିଯିବାରୁ ଗୃନବାଲ ସଡ଼କ ଓ ବନ୍ଧ ମଧ୍ୟସ୍ଥ ଭୂମିଖଣ୍ଡ ବୁଡ଼ିଯାଇ ରାତ୍ରରେ ସଡ଼କକୁ ଭାଙ୍ଗି ଦେଇ ଏପରି ଦୃଢ଼ଗତିରେ କଳ୍ପାରେ ପ୍ରବେଶ କଲା ଯେ, ଯେତେ କ୍ଷୁଦ୍ର ବନ୍ଧମାନ ତହିଁ ସମ୍ମୁଖରେ ପଡ଼ିଲେ ସମସ୍ତେ ଖଣ୍ଡ ଖଣ୍ଡ ହୋଇଗଲେ ଓ ସମୁଦାୟ କଳ୍ପା ଜଳକାବୃତ ଦୃଶ୍ୟ ହେଲା । କେତେକ ଘର ଭସି ଯାଇଅଛି ଓ ଅନେକ ଘର କ୍ଷତଗ୍ରସ୍ତ ହୋଇଅଛି । ସେ ଅଞ୍ଚଳରେ ବନ୍ୟା ଏତେ ପ୍ରବଳ ହେବାର ଅନ୍ୟତର କାରଣ ଏହି ଯେ ଭାରୀ ବତାସ ହେତୁ ସମୁଦ୍ର ଉଠିଥିଲା । ଯେତେ ଘର ଓ ବନ୍ଧମାନ ଭାଙ୍ଗିଅଛି ଓ ଫସଲ କପରିମାଣରେ ନଷ୍ଟ ହୋଇଅଛି ଏ ପର୍ଯ୍ୟନ୍ତ ନିଶ୍ଚୟ ହୋଇ ନାହିଁ କିନ୍ତୁ ଘାଇ ସମ୍ମୁଖସ୍ଥ ସ୍ଥାନମାନଙ୍କରେ ଫସଲ ସମ୍ପୂର୍ଣ୍ଣରୂପେ ଧୋଇ ହୋଇ ଯାଇଅଛି ଓ ସେଠାରେ ପୁନର୍ବାର ରୁଆ ହେଲେ ଫସଲ ହୋଇ ପାରେ ମାତ୍ର ଘାଇମାନ ବନ୍ଦ ନ ହେଲେ ରୁଆ ହୋଇ ନ ପାରେ । ଅତଏବ ଘାଇମାନ ବନ୍ଧାଇବା ପକ୍ଷରେ ଅଳର ରାଜା ଓ ଗବର୍ଣ୍ଣମେଣ୍ଟ ଉଭୟ ମନୋଯୋଗୀ ଓ ଉଦ୍‌ଯୋଗୀ ହେଉନ୍ତୁ ଓ ହେବା ଉଭୟଙ୍କର କର୍ତ୍ତବ୍ୟ କର୍ମ ଅଟଇ । ପଟ୍ଟାମୁଣ୍ଡାଇ ଜାଏବଙ୍କର ମଧ୍ୟ ଏ ବିଷୟରେ ଯତ୍ନ କରିବାର କର୍ତ୍ତବ୍ୟ । ସେମାନେ ଏଥି ପକ୍ଷରେ ତ୍ରୁଟି କଲେ ଯେ କେତେ କ୍ଷତି ହେବ ତାହା ବୋଲିବା ବାହୁଲ୍ୟ । କେନ୍ଦ୍ରାପଡ଼ା ଅଞ୍ଚଳରେ ଦ୍ୱିତୀୟ ବନ୍ୟା କିପ୍ରକାର ହୋଇଅଛି ତହିଁର ସମ୍ବାଦ ଆସି ନାହିଁ ।

ସଦର ସବ୍‌ଡିବିଜନରେ ନାଲ ବନ୍ଧମାନଙ୍କ ହେତୁ ବନ୍ୟା ପ୍ରଭବ ହୁଅଇ ନାହିଁ ମାତ୍ର ବିଶେଷ ବର୍ଷା ହୋଇ ସେହି ବନ୍ଧମାନଙ୍କ ଯୋଗେ ବର୍ଷା ଜଳ ଅଟକି ଫସଲ ପ୍ରତି ଅନିଷ୍ଟ କରେ । ପଟ୍ଟାମୁଣ୍ଡାଇ ନାଲଯୋଗେ ସୁକିନଇର ମୁହଁ ବନ୍ଦ ହୋଇଥିବାରୁ ତହିଁର ଜଳ ଗୋବରୀରେ ପଡ଼ି ଗତବର୍ଷ ଯେପରି ସୁଙ୍ଗଡ଼ା ମାଟକଦନଗର ଇତ୍ୟାଦି ସ୍ଥାନକୁ ପ୍ଲାବିତ କରିଥିଲା ଏବର୍ଷ ମଧ୍ୟ ପ୍ରଥମ ବନ୍ୟା ସମୟେ ବିଶେଷ ବର୍ଷା ହେତୁ ସେହିପରି ଘଟିଥିଲା ମାତ୍ର ବୃଷ୍ଟି ରୁଦ୍ଧ ହେବାରୁ କ୍ଷେତରୁ ଜଳ ଖସିଗଲା ଓ ଫସଲ ଗୁଡ଼ିକ ପାଞ୍ଚଦିନ ମାତ୍ର ବୁଡ଼ିରହି ଦୃଶ୍ୟ ହେଲା । ଏଥିରେ ତାଦୃଶ କ୍ଷତି ହେବାର ସମ୍ଭାବନା ନାହିଁ ଗମନାଗମନ ରୁଦ୍ଧ ଥିବାରୁ ସକଳ ସ୍ଥାନର ପ୍ରକୃତ ଅବସ୍ଥା ଏ ପର୍ଯ୍ୟନ୍ତ ଉତ୍ତମରୂପେ ଜଣାଯାଇ ନାହିଁ ଓ ଜାଣିଲେ ପାଠକମାନଙ୍କୁ ଜଣାଇବାର ମାନସ ରହିଲା ।

---

# ସାପ୍ତାହିକସଂବାଦ ।

ଅସ୍ମେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଏଠାର ଡେପୋଟୀ କଲେକ୍ଟର ଶ୍ରୀ ବାବୁ ଜଗନ୍ମୋହନ ରାୟ୍‌ପ୍ପ ବାଲେଶ୍ୱରକୁ ବଦଳ ହେଉଗଲେଛନ୍ତି ।

ଏ ସପ୍ତାହରେ ଏ ନଗରରେ ଅତି ସାମାନ୍ୟ ବୃଷ୍ଟି ହୋଇଅଛି ।

ଗତ ବୁଧବାର ସକାଳବେଳେ ଏ ନଗର ସୁତାହାଟ ଗଳିରେ ଗୋଟିଏ ସଦ୍ୟଜାତ ମୃତ ପିଲା କିଏ ପକାଇ ଦେଇ ଯାଇଥିଲା । ପୁଲିସ ତହିଁର ଅନୁସନ୍ଧାନ କରୁଅଛନ୍ତି ଅବଧି କିଛି ଠିକଣା ହୋଇ ନାହିଁ ।

ପୁଜା ଭେଡ଼ା ଉସୁଲ ସମ୍ପର୍କରେ ଯାଜପୁରର ଯେଉଁ ଭଣ୍ଡାରି ଏକ ବ୍ୟକ୍ତିକୁ ଶୁଳରେ ଆଘାତ କରିଥିଲା ଗତ ଦୌରାରେ ତାହା ପ୍ରତି ଗୃହବର୍ଷ କାରାବାସ ଦଣ୍ଡବିଧାନ ହୋଇଅଛି ।

ମାନ୍ଦ୍ରାଜରେ ଏ ବର୍ଷ ବୃଷ୍ଟିର ପରିମାଣ ଉଣା ଜଣାଯାଏ ଗତବର୍ଷ ଜୁଲାଇ ମାସ ମଧ୍ୟଭାଗ ପର୍ଯ୍ୟନ୍ତ ୭ ଇଞ୍ଚ ବୃଷ୍ଟି ହୋଇଥିଲା ଏ ବର୍ଷ କେବଳ ୩ ଇଞ୍ଚ ହୋଇଅଛି ।

ଖେଟ ଉଦେପୁରର ରାଜା ମହାରାଜା ଜତସିଂହ ଚଳିତ ମାସ ତା ୬ ରଖରେ ସ୍ୱର୍ଗାରୋହଣ କରି ଅଛନ୍ତି । ଏହାଙ୍କର ବୟଃକ୍ରମ ୪୮ ବର୍ଷ ହୋଇଥିଲା । ଏହାଙ୍କର ୧ ରାଣୀ ଏବଂ ୭ ପୁତ୍ର ଅଛନ୍ତି କେଉଁ ପୁତ୍ର ଗାଦିରେ ବସିବ ଅବଧି ସ୍ଥିର ହୋଇ ନାହିଁ । ରାଜ୍ୟର ସମସ୍ତ ଭାର ଦେବାନଙ୍କଠାରେ ପ୍ରଚଳିତ ପ୍ରଥାନୁସାରେ ରହି ଅଛି ।

ତିରିଜରେ ଏ ବର୍ଷ ନୂତନ ଅଫୀମ କଢ଼ାଇବୁ ଅଛି ଘଟିଛି କଥିତ ହୁଅଇ ଯେ ଏଠାରେ ଅଫୁର କୃଷ ଏମନ୍ତ ବୃଦ୍ଧି ହେଉଅଛି କି ପ୍ରତିବର୍ଷ ଦୁଇ ହଜାର ବାକସ ବିଦେଶକୁ ରପ୍ତାନି ହୋଇପାରେ ଏବଂ କ୍ଷେତକୁ ଜଳ ଯୋଗାଇବାର ଉପାୟ ହେଲେ ଆହୁରି ୧୫ ହଜାର ବାକସ ଅଧିକା ଉତ୍ପନ୍ନ ହୋଇପାରେ ।

ଗୁରୁଦାସପୁର ଜିଲ୍ଲାରେ ଉସ୍ୱଙ୍କର ପଶୁମଣ୍ଡଳ ହୋଇଅଛି ଅନୁସନ୍ଧାନଦ୍ୱାରା ଦେଖା ଯାଇ ଅଛି କି ୧୮୭୭ ପଶୁକୁ ରୋଗ ଧରିଥିଲା ତହିଁ ମଧ୍ୟରୁ ୧୩୧୭ ଗୋଟା ମରିଗଲେ ।

ସମ୍ବାଦ ପତ୍ରରେ ପାଠକଙ୍କୁ କି ମାନ୍ଦ୍ରାଜର ଏକଜଣ ହିନ୍ଦୁ କେତେବର୍ଷ ହେଲା ମାନସ କରିଥିଲା କି ଯେବେ ତାହାର ବାଞ୍ଛାପୂର୍ଣ୍ଣ ହେବ ତେବେ ସେ ଖ୍ରୀଷ୍ଟାନ ହେବ । ଯିଶୁଖ୍ରୀଷ୍ଟଙ୍କ କୃପାରୁ ତାହାର ବାଞ୍ଛା ପୂର୍ଣ୍ଣ ହେଲା ତହୁଁ ସେ ଅପେ ରୋମାନ କାଥଲିକ ପାଦ୍ରି ସାହେବଙ୍କ ନିକଟକୁ ଅସି ଖ୍ରୀଷ୍ଟାନ ହେଲେ । ହିନ୍ଦୁଧର୍ମର ତେବେ ଦୋଷ କିସ ହେଲା ? ପୃଥିବୀରେ କେତେ ନୂଆ କଥା ଶୁଣା ଯାଉଅଛି ।

Digitized by srujanika@gmail.com

Split by PDF Splitter



ମଧ୍ୟପ୍ରଦେଶର ବଙ୍ଗପତ୍ରରୁ ଜଣାଯାଏ ଯେ ସେଠାରେ ପ୍ରଚୁର ବୃଷ୍ଟି ହେବାରୁ କୃଷି କାର୍ଯ୍ୟର ବିଶେଷ ଉପକାର ହୋଇଅଛି ଏବଂ ଓଲାଉଠା ରୋଗ ଶାନ୍ତ ହୋଇଅଛି ।

ମସୂରିଠାରୁ ସମ୍ବାଦ ଆସିଅଛି କି କୁଚବେହାରର ମହାରାଣୀ ଛନ୍ଦନ ଉପଲକ୍ଷରେ ହୋଇଥିବା ସାହେବଙ୍କ ନାଚଶାଳା ସଭାରେ ପ୍ରକାଶ୍ୟରୂପେ ଉପସ୍ଥିତ ହୋଇଥିଲେ କେବଳ ନୃତ୍ୟ କରିନାହାନ୍ତି । ଏଥିରୁ ଅଧିକ ସଭ୍ୟତା ଅଉ କ ହୋଇପାରେ ।

କଲିକତା ଟାଉନହଲ ନାମକ ଅଟ୍ଟାଳିକାରେ ସେନସସ୍ ତାଲିକା ପ୍ରସ୍ତୁତ କରିବାର ମହକୁମା ବସିଅଛି । ଜଣେ ବଙ୍ଗ ବାବୁ ସଙ୍ଗେ ଏକଜଣ ପୁଲିସ କନଷ୍ଟବଲର କଳିଆ ହେବାରୁ ସେନସସ୍ କାରମାନେ ମିଶି କନଷ୍ଟବଲକୁ ପ୍ରହାର କଲେ ତହିଁରେ ତାହାର ସଙ୍ଗୀ କନଷ୍ଟବଲମାନେ ସେଠାରେ ଆସି ଜମା ହେବାରୁ ପୁଲିସ ଓ ବାବୁନଙ୍କ ମଧ୍ୟରେ ଉତ୍ତମ ମାରପିଟ ହେଲା । ପୁଲିସବାଲା ରୁଲରେ ମାରିଲେ ଏବଂ ବାବୁମାନେ ପ୍ରଥମେ ଛତା ଓ ଛତାରେ ଯୁଦ୍ଧ କରି ନଅଷ୍ଟ ହେବାରୁ ଚୌକି ଏବଂ ଟିପାଇ ବ୍ୟବହାର କଲେ । ଦୁଇ ତିନି ଜଣ ବାବୁର ମୁଣ୍ଡ ଫାଟି ଯାଇ ଅଛି । ପଛରେ ଇଂରେଜ ପୁଲିସ ଆସି ଦଙ୍ଗା ନିବାରଣ କଲେ ।

ବେହାରରେ ଏବର୍ଷ ବୃଷ୍ଟି ଅତ୍ୟନ୍ତ ଊଣା ହୋଇଅଛି । ଗତ ମାସ ତା୧୯ ରଖ ପର୍ଯ୍ୟନ୍ତ ବୃଷ୍ଟି ଅଭାବରୁ ଲୋକେ କାତର ଥିଲେ ଏବଂ ଗ୍ରୀଷ୍ମ ଅସହ୍ୟ ହୋଇଥିଲା ।

ବମ୍ବେ ଅଦାଲତରେ ବିସ୍ତର କାର୍ଯ୍ୟ ଜମା ହୋଇଥିବାରୁ ଜଣେ ଅତିରିକ୍ତ ଜଜ ନିଯୁକ୍ତ ହେବାର କଥା ଅଛି ।

ଲାହୋରରେ ସେଦିନ କେତେଜଣ ଚୋର ଜଣେ ବଣିକର ଗୃହ ବଣା କରି ଘର ଭିତରେ ପଶି ପ୍ରାୟ ଟ ୧୬୦୦ ଙ୍କାର ଦ୍ରବ୍ୟ ଚୋରି କରି ନେଇ ଅଛନ୍ତି । ଗୃହ ବଣା କରି ଚୋରି କରିବା କଥା ଶୁଣା ନ ଥିଲା ।

ଲକ୍ଷ୍ନୌର ଏକ ସମ୍ବାଦପତ୍ରରୁ ଅବଗତ ହୋଇଅଛୁଁ ଯେ ସେଠାର ପଦଚ୍ୟୁତ ନବାବ ଓ୍ୱାଯଦଅଲି ସାହଙ୍କ ପାଟରାଣୀ ନାଜ ବାବନୂରନ୍ଙ୍କେ ଯାହାନ ବେଗମ ୧୧୦ ବର୍ଷ ବୟସରେ ବର୍ତ୍ତମାନ ମରି ଯାଇ ଅଛନ୍ତି । କଥିତ ଅଛି ଯେ ସେ ଅଧିକୋଟି ଟଙ୍କାର କମ୍ପାନି କାଗଜ ରଖି ଯାଇ ଅଛନ୍ତି ଓ୍ୱାଯଦଅଲି ସାହଙ୍କ ଏ ଟଙ୍କାଗୁଡିକ ମିଳିଲେ ମାସେ ଦୁଇ ମାସ ତାହାଙ୍କର ଉଡ଼ର ବଡ଼ ସୁସାର ହେବ ।

ବଙ୍ଗଲା ଗବର୍ଣ୍ଣମେଣ୍ଟ ଘୋଷଣା ଦେଇ ଅଛନ୍ତି କି ପାସ ନେଇ ନ ଗଲେ କୌଣସି ଯାତ୍ରି ଯେଦା ଠାରେ ଉଠି ପାରିବେ ନାହିଁ ବୋଲି ଭୂରସ୍ଥ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇ ଅଛନ୍ତି । ସମସ୍ତ ଯାତ୍ରିଙ୍କୁ ପାଶ ନେବାକୁ ହେବ ଏବର୍ଷ ହାଇକୋର୍ଟରେ ନିକ୍ଷେପିତ ...

ଏବର୍ଷ ବାରିଷ୍ଟରମାନଙ୍କର ପଞ୍ଚମ ବୃହସ୍ପତି ହୋଇଗଲା । ଟଙ୍କାର ମୋକଦ୍ଦମାରେ ଏମାନଙ୍କ ଲାଭର କଥା ପୂର୍ବେ ଲେଖିଥିଲୁଁ ସମ୍ପ୍ରତି ଢାକାର ନବାବ ଅବଦୁଲଗନିଙ୍କ ପରିବାର ମଧ୍ୟରେ ମୋକଦ୍ଦମା ହେବାରୁ ବ୍ରାନସନସାହେବ ଏବଂ ଅମିର ଅଲିଙ୍କୁ ନବାବ ଟ ୧୦୦୦୦ଙ୍କା ଏବଂ ଟ୮୦୦୦ଙ୍କାରେ ନବାବ ନିଯୁକ୍ତ କରି ଅଛନ୍ତି ଅନ୍ୟ ପକ୍ଷରୁ ବାବୁ ଦୁର୍ଗାମୋହନଦାସ ଏବଂ ବ୍ରଜମୋହନଦାସ ବନାମ ଟ୧୦୦୦୦ଙ୍କା ଏବଂ ଟ୬୦୦୦ଙ୍କାରେ ନିଯୁକ୍ତ ହୋଇ ଅଛନ୍ତି । କାହାର ସର୍ବନାଶ କାହାର ପୁଷମାସ ସଂସାରର ଏହି ନିୟମ ଅଟଇ ।

ଫରାସୀଦେଶ ନିବାସିଙ୍କମଧ୍ୟରେ ଯେ ଭେଜିଟେରିଅନର ଏବେ ପକ୍ଷପାତୀ ହେଉଅଛନ୍ତି ତାହା ଦେଖି ଅମ୍ଭେମାନେ ବିସ୍ମୟାପନ୍ନ ହେଉଅଛୁଁ । ଜଣେ ପ୍ରସିଦ୍ଧ ଫରାସୀ ଲେଖିଅଛନ୍ତି ଯେ, " ମନୁଷ୍ୟମାନେ ତାହାଙ୍କ ପ୍ରକୃତିଗତ ଅତ୍ୟନ୍ତ ଲୋଚନୀୟ ଓ ଚଳାଚଳର ଦୁର୍ବଳତାହେତୁରୁ ଆହାର ପାଇ ଶୀତହରଣ୍ୟ କରନ୍ତି । ଏହି କୁଅଭ୍ୟାସ ମାନବ ପ୍ରକୃତିର ଅଧଃପତନ କରନ୍ତ ଅଭ୍ୟସ୍ତମାତ୍ର ଅଟଇ । ଏଥିରେ ତାହାଙ୍କର ମନ ଅନ୍ତର କଠୋର ଓ ନୀଚ ହୋଇଯାଏ " । ସେ ପଶୁମାନଙ୍କୁ ସୁନ୍ଦରପଦାର୍ଥ, ମନୁଷ୍ୟର ସହଯୋଗୀ, ସହାୟ ଓ ଭ୍ରାତା ଏବଂ ସ୍ନେହପାତ୍ରବୋଲି ସମ୍ବୋଧନ କରିଅଛନ୍ତି ଏବଂ କହିଅଛନ୍ତି " ସେମାନଙ୍କପ୍ରତି ନିର୍ଦ୍ଦୟହୋଇ ସେମାନଙ୍କୁ ବଧକରି ଆହାର କଲେ ଆମ୍ଭମାନଙ୍କର ପ୍ରକୃତି ପଶୁବତ୍ ହୋଇଯାଏ । " ସେହିଁ ସମସ୍ତ ଶତସହସ୍ର ଫରାସୀ ନିରାମିଷାହାର ଗ୍ରହଣ ଯେ ତାଙ୍କମାନଙ୍କର ଅତ୍ୟନ୍ତ ପ୍ରଶଂସା କରିଗଲେ । ସେମାନେମାଂସାହାର ନକରି ମଧ୍ୟ ସେ ସେତେଏନ୍ତ ବଳବାନ, ପରିଶ୍ରମୀ ଓ ଦୀର୍ଘଜୀବ ହୁଅନ୍ତି ତଦ୍ୱିଷୟ ଉଲ୍ଲେଖ କରିଅଛନ୍ତି ମଦ, ଗୋରୁ ମୁରଗୀ ଓ ଶୂକର ଭକ୍ଷଣ କରିବାର ଲକ୍ଷଣ ନା ମତ୍ସ୍ୟମାଂସ ବିନା ନିରାମିଷ ସାତ୍ତ୍ୱିକ ଆହାର କରିବାର ଲକ୍ଷଣ ସେବିଷୟ ଭଲେକଲେ ଜଣାଯାଏ ମଧ୍ୟ ଠିକକରି କାଣି ନାହାନ୍ତି ।

ସୁ, ସ,

ଏବର୍ଷ ଅନେଇକାରେ ସଞ୍ଚିତ ଏମନ୍ତ ଗ୍ରୀଷ୍ମ ହୋଇଅଛି ଯେ ଅଳ୍ପଦିନରେ ୫୬° ଜଣ କେବଳ ଅସହ୍ୟ ଗ୍ରୀଷ୍ମ ହେତୁ ମରିପଡ଼ି ଅଛନ୍ତି ।

ମହାମାନ୍ୟ ଶ୍ରୀମତି ଭିକ୍ଟୋରିଆଙ୍କ ଶରୀର ଅସୁସ୍ଥ ଥିବାରୁ ଡାକ୍ତର ମାନଙ୍କ ପରାମର୍ଶ ଅନୁସାରେ ସେ ଅସାମି ନବେମ୍ବରମାସରେ ବସନ୍ତକୁ ଯିବାର ବିଚାର କରୁଅଛନ୍ତି ।

## ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଅସ୍ମ୍ମାଦଙ୍କର ଅଶିକ୍ଷିତ ମାନେଜର ମାନ୍ୟବର ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି ପ୍ରାୟ ଏକବର୍ଷ ହେଲା ଗୁଳଗଞ୍ଜେନ୍ଦ୍ର ଓ ଚନ୍ଦନାଦି ନାନାପ୍ରକାର ତୈଳ ଆପଣା ବ୍ୟୟରେ ପ୍ରସ୍ତୁତ କରି ପୀଡ଼ାଗ୍ରସ୍ତ ଲୋକମାନଙ୍କୁ ବିନା ମୂଲ୍ୟରେ ମୁକ୍ତହସ୍ତରେ ବିତରଣ କରୁଅଛନ୍ତି । ଅତଃପର ଦୂରଦେଶୀୟ ପୀଡିତ ଲୋକମାନଙ୍କୁ ଆପଣା ଘରେ ଜାଗା ଦେଇ ସେମାନେ ଉତ୍ତମରୂପେ ଆରୋଗ୍ୟ ଲାଭ କରିବା ପର୍ଯ୍ୟନ୍ତ ବାବୁ ମହାଶୟଙ୍କର ଯଥୋଚିତ ଯତ୍ନ ଓ ପରିଶ୍ରମ କରିବାରେ ଲେଶମାତ୍ର କଷ୍ଟ ନାହିଁ । ଅହା! ଏ କାର୍ଯ୍ୟଟୀ ନିମିତ୍ତ ବାବୁ ମହାଶୟଙ୍କଠାରେ ଋଣୀ ହୋଇ ଈଶ୍ୱରଙ୍କ ନିକଟରେ ଚିରଦିନର ଧନ୍ୟବାଦ ଦେଉଅଛୁଁ ତାହା ଏକମୁଖରେ ପ୍ରକାଶ ହୋଇ ନ ପାରେ । ଏ କାର୍ଯ୍ୟଟି କେତେଦୂର ଉତ୍କୃଷ୍ଟ ଓ ପ୍ରଶଂସନୀୟ ତାହା ପାଠକେ ଅବଶ୍ୟ ଅନୁଭବ କରିବେ । ଜନସମାଜରେ ଅବସ୍ଥିତ କରି ଦେଶର ଉନ୍ନତି ଓ ଅପର ସାଧାରଣଙ୍କର ଉପକାରାର୍ଥ କରିବା ନିମନ୍ତେ ଚେଷ୍ଟା କରିବା ମନୁଷ୍ୟର ସର୍ବତୋଭାବରେ କର୍ତ୍ତବ୍ୟ । ଇତର ଜନ୍ତୁ ପରି କେବଳ ଆତ୍ମୋଦର ପରିପୂର୍ତ୍ତି ଓ ଆତ୍ମପରିବାର ଭରଣ ପୋଷଣ କରି ଶାନ୍ତ ରହିବା ମନୁଷ୍ୟର କର୍ମ ନୁହେ ।

ପରୋପକାରାୟ ସ୍ୱର୍ଗୀୟ । ଏହି ପଦଟିକୁ ସମୟରେ ମନୋମନ୍ଦିରରେ କାହିଁ ସ୍ଥାନ ଦେବା ଉଚିତ । ଏତଦ୍ୱାରା ଇହକାଳରେ ଯଶ ଓ ପରକାଳରେ ସ୍ୱର୍ଗ ଲାଭ ହୁଏ । ପରମ ମଙ୍ଗଳାକର ପରମେଶ୍ୱର ଭୂମଣ୍ଡଳସ୍ଥ ଅନ୍ୟାନ୍ୟ ସମସ୍ତ ଜନ୍ତୁ ଅପେକ୍ଷା ମନୁଷ୍ୟକୁ ଯେ ବିଶିଷ୍ଟରୂପେ ଶ୍ରେଷ୍ଠ କରିଅଛନ୍ତି । ତାହାଙ୍କର ଅଭିପ୍ରାୟ ଅନୁସାରେ କି କାର୍ଯ୍ୟ କରିଅଛୁଁ ଏହା ସମସ୍ତଙ୍କର ମଧ୍ୟ ଥରେ ଚିନ୍ତା କରିବା ଉଚିତ । ଆପଣା ଜୀବିକା ନିର୍ବାହର ଉପାୟ ଚିନ୍ତା କରିବା ଯେପ୍ରକାର ଆବଶ୍ୟକ, ସମସ୍ତେ ଏକତ୍ର ସମାଗତ ହୋଇ ସ୍ୱଦେଶର ଦୁଃଖବିମୋଚନ ଓ ସୁଖ ସମ୍ପାଦନାର୍ଥେ ଯତ୍ନ ଓ ଚେଷ୍ଟା କରିବା ମଧ୍ୟ ଏହିରୂପ ଆବଶ୍ୟକ । ଏହି ସବୁ କାର୍ଯ୍ୟ ବ୍ୟତୀତ ଧର୍ମୋପାର୍ଜନ କିମ୍ବା ସୁଖସମ୍ଭୋଗରେ କୌଣସି ମତେ ମନୁଷ୍ୟ ଅଧିକାରୀ ହୋଇ ପାରେ ନାହିଁ । ଯାହା ହେଉ ଉପସଂହାର ସ୍ଥଳେ ଜଗତ୍ପିତା ଜଗଦୀଶ୍ୱରଙ୍କୁ କାୟମନୋବାକ୍ୟରେ ପ୍ରାର୍ଥନା ଯେ ଉପରୋକ୍ତ ବାବୁ ମହାଶୟ ଚିରାୟୁ ହୋଇ ଏହି ପ୍ରକାର ବିପଦ୍‌ଗ୍ରସ୍ତ ଲୋକମାନଙ୍କୁ ବିପଦୁଦ୍ଧାର ଇତ୍ୟାଦି କର୍ତ୍ତବ୍ୟ କର୍ମ ନିର୍ବାହ କରିବାରେ ସୁଖସ୍ୱଚ୍ଛନ୍ଦରେ କାଳାତିପାତ କରନ୍ତୁ । ଏହିମାତ୍ର ଈଶ୍ୱରଙ୍କଠାରେ ଅସ୍ମ୍ମାନଙ୍କର ଏକାନ୍ତ ପ୍ରାର୍ଥନା । ଇତି ।

୧୭।୭।୮୯ } । ନି । ବ୍ରଜବନ୍ଧୁ ଦାସ
ଢେଙ୍କାନାଳ } ସମ୍ପାଦକ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସରୁ ଟ ୭ଙ୍କା । ୮ ଅଉନ୍ସରୁ ଟ ୧୧ ଙ୍କା । ୧୬ ଅଉନ୍ସରୁ ଟ ୨୦।୦ ଙ୍କା । ମୂଲ୍ୟ ନଗଦ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ଶ୍ରୀ ରଜା ବହେଲି | ଜୟପୁର | ବକେୟା | ଟ ୭ ୧ |
| ବାବୁ ମାଧବଚନ୍ଦ୍ର ଦାସ କାନୁଙ୍ଗ | ଅଗ୍ରିମ | | ଟ ୭ ୫ |
| ଶ୍ରୀ ଶ୍ରୀ ରଜା କହ୍ନି | ବାମଡ଼ା | ବକେୟା | ଟ ୭ ୫ |
| ବାବୁ ଚନ୍ଦ୍ରମଣି ମହାନ୍ତି | କେନ୍ଦ୍ରାପଡ଼ା | ଅଗ୍ରିମ | ଟ ୫ ୮ |

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଖଣ୍ଡ ୧୭ ଶ
ସଂ ୩୨ ସଂଖ୍ୟା

ତା ୬ ରଖ ମାହେଅଗଷ୍ଟ ସନ ୧୮୮୧ ମସିହା । ମୁ । ଶ୍ରାବଣ ର ୨୪ ଋ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲଙ୍କପାଇଁ ଡାକମାସୁଲ ଟ ୧୫୦

ବଙ୍ଗଲାର ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ଚଳିତମାସ ତା ୮ ରିଖରେ ପୂର୍ବ ଅଷ୍ଟ-ମଣ୍ଡ ସମସ୍ତ ନିମିତ୍ତ ଦାର୍ଜିଲିଂଠାରୁ ଯାତ୍ରା କରି-ବେ ଏବଂ ତା ୨୪ ରିଖ ସୁଦ୍ଧା କଲିକତାକୁ ଆସି ତହିଁ ଉତ୍ତାରୁ ମେଦନୀପୁର ଦର୍ଶନ କରିବାକୁ ଆସିବେ, ମେଦନୀପୁରରୁ ପରବାହାରେ କଲି-କତାକୁ ଫେରିଯିବେ ।

ଏ ନଗରରେ ଏ ସପ୍ତାହରେ ଓଲାଉଠାରୋ-ଗର ଶବ୍ଦ ଶୁଣା ନାହିଁ ଏବଂ ବିଶ୍ୱାସ ହେଉଅଛି ଯେ ଈଶ୍ୱରଙ୍କ ଅନୁଗ୍ରହରୁ ଏହା ଅନ୍ତର୍ଦ୍ଧାନ ହୋଇଅଛି । ଲୋକଙ୍କ ମନରୁ ଭୟ ନିବାରଣ ହେବାରୁ ଆଉ ପୂର୍ବ ପ୍ରାୟ ସନ୍ଧ୍ୟା ସମୟରୁ ଗୀତ ବାଦ୍ୟ ପଡାଇ ଦେଉ ନାହାନ୍ତି ଏବଂ ବିଦ୍ୟାଳୟ ମାନ ପୂର୍ବ ବାର ଆରମ୍ଭ ହେଲାଣି ଅଳ୍ପ ୨ ବୃଷ୍ଟି ଏବଂ ବାୟୁ ଶୀତଳ ହୋଇଥିବାରୁ ଏସପ୍ତାହରେ ପୀଡ଼ାର ପ୍ରକୋପ ଅଧିକ ଜଣା ପଡ଼ ନାହିଁ ।

ମହାରାଜା ତ୍ରୈଲୋକ୍ୟନାଥଙ୍କ ଭକ୍ତ ହିତୈଷିମାନେ କଟକ ଗବର୍ଣ୍ଣମେଣ୍ଟରେ ଯେସମସ୍ତ ଦରଖାସ୍ତ କରିଥିଲେ ତହିଁରେ କିଛି ଫଳ ହୋ-ଇ ନାହିଁ । ଦରଖାସ୍ତ ଦେବାପୂର୍ବରୁ ଗବର୍ଣ୍ଣମେଣ୍ଟ କର ଆଜ୍ଞାକ୍ରମେ ମହାରାଜଙ୍କର ଖାଦ୍ୟ ପ୍ରସ୍ତୁତ କରି ଦେବା ସକାଶେ ତାହାଙ୍କର ସ୍ୱଜାତୀୟ ଏକ ବ୍ୟକ୍ତି ଜେଲଖାନାକୁ ଯିବାର ଅନୁମତି ପା-ଇଥିଲା, ସୁତରାଂ ସେ ବିଷୟରେ ଦରଖାସ୍ତ ନିଷ୍ପ-ପ୍ରୟୋଜନ ହୋଇଗଲା ମାତ୍ର ଉକ୍ତ ଆଜ୍ଞା ହେବା ପୂର୍ବ ମହାରାଜ ୨ ୨ ଦିନ ଉପବାସ କରିଥିଲେ । ମହାରାଜଙ୍କର କାରାବାସଦଣ୍ଡ ରହିତ କରିବା ବିଷୟରେ ଯେଉଁ ଦରଖାସ୍ତ ହୋଇଥିଲା ତହିଁ ସମ୍ପର୍କରେ ଗବର୍ଣ୍ଣମେଣ୍ଟ କହୁଅଛନ୍ତି କି ଅପିଲ ନିଷ୍ପତ୍ତି ହେଲା ଉତ୍ତାରୁ ତହିଁର ଉତ୍ତମ ବିଚାର କରିବେ ।

ଏ ଜିଲ୍ଲାରେ ବନ୍ୟାଜନିତ ଖବର ଆଉ କିଛି ବିଶେଷ ବୃତ୍ତାନ୍ତ ଆମ୍ଭେମାନେ ଏ ପର୍ଯ୍ୟନ୍ତ ଅବଗତ ହୋଇ ନାହୁଁ । ବନ୍ଧ ସବୁରେ ଯେଉଁ ଘାଇମାନ ହୋଇଅଛି ସେ ସବୁ ଶୀଘ୍ର ବନ୍ଦ କରିବାର ଆବଶ୍ୟକ କାରଣ ନଦୀରେ ଜଳ କିଞ୍ଚିତ ଅଧିକ ହେଲେ କ୍ଷେତକୁ ପାଣି ଆସିବ ଓ ଫସଲ ପ୍ରତି ହାନିକର ହେବ । କିନ୍ତୁ ଏ ସମୟରେ ଘାଇମାନ ସମ୍ପୂର୍ଣ୍ଣରୂପେ ବନ୍ଦାଯାଇ ନ ପାରେ କେବଳ କିଛିକାଳ ସକାଶେ ଜଳ ଅବରୋଧ ହେବା ବନ୍ଧାଇ ଦେଲେ ଏ ବର୍ଷର ଫସଲ ଉତ୍ତୀର୍ଣ୍ଣ ହୋଇ ଯିବ । ଏ ବିଷୟରେ କର୍ତ୍ତୃପକ୍ଷମାନଙ୍କର ତତ୍ପର ଯତ୍ନ କରିବାର ଉଚିତ । ଶୁଣିଲୁଁ ଯେ ପୁରୀ ଜିଲ୍ଲାରେ ମଧ୍ୟ ବନ୍ୟା ଯୋଗେ କିଛି କ୍ଷତି ହୋଇଅଛି । ପୁରୀ ସଡ଼କ-ରେ ଦାମୋଦରପୁରର ପୋଷଡ଼ାପୁଲ ଭାଙ୍ଗି ଯାଇ ସେଠାରେ ପ୍ରଶସ୍ତ ଓ ଗମ୍ଭୀର ଖାଇ ହୋଇଅଛି । ସେଠାରେ ନାଉଥିରେ ପଥିକ-ମାନେ ପାର ହେବାର ହେଉଅଛନ୍ତି ମାତ୍ର ଗାଡ଼ି ପାଲିକି ପାର ହେବାର ବଡ଼ ଅସୁବିଧା ହୋଇ-ଅଛି । ଗତ ଶନିବାର ଜଣେ ପଥିକ ପୁରୀରୁ ଆସିଲେ ତାଙ୍କ ପ୍ରମୁଖାତ୍ ଶୁଣିଲୁଁ ଯେ ଦାମୋ-ଦରପୁରରୁ ପିପଲି ପର୍ଯ୍ୟନ୍ତ କ୍ଷେତ ସେ ଦିନ ପର୍ଯ୍ୟନ୍ତ ଜଳରେ ବୁଡ଼ି ରହିଥିଲା । ଏ ହେତୁ ସସ୍ୟର କିଛି କ୍ଷତି ହେବାର ଆଶଙ୍କା ହେଉ-ଅଛି । କୌଣସି ଗ୍ରାମରେ କେତେକ ଘର ଭାଙ୍ଗି ଯାଇଅଛି ଓ ଦୁଇଜଣ ମନୁଷ୍ୟ ବୁଡ଼ି ମରିଥିଲେ ।

ଉଡ଼ିଶାର ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ସ୍ମିଥ ସାହେବ ଗଡ଼ଜାତ ପୁଲିସ ସାହେବ ଏବଂ ଆପଣା ସିରସ୍ତାଦାରଙ୍କୁ ସଙ୍ଗେ ନେଇ ଗତ ବୁଧ-ବାର ମଧ୍ୟାହ୍ନକାଳରେ ପାଳଲହଡ଼ାକୁ ଯାତ୍ରା କଲେ । ସେଠାରେ ଗୋଟିଏ ନରହତ୍ୟା ଅପରାଧ ଘଟିଥିବାର ଜନରବ ଉଠିଅଛି । ତଦ୍ଭିନ୍ନ ଆଉ ନମରେ ଏ ନଗରର ଜଣେ ଭୂମ୍ୟଧିକାରୀ ମହାଜନର ପାଳଲହଡ଼ା ରାଜାଙ୍କ ଉପରେ କିଛି ଟଙ୍କା ପାଉଣା ଥିବାରୁ ତାହା ଉଶୁଲ କରିବା ନିମିତ୍ତ ସେ ଉକ୍ତ ଗଡ଼କୁ ଯାଇଥିଲା । କିଛିଦିନ ଉତ୍ତାରୁ ସେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ଏକ ଦରଖାସ୍ତ କଲା କି ରାଜା ତାହାକୁ ମାରିପ-କାଇବେ ବୋଲି ତାହାର ଭୟ ହେଉଅଛି ତହିଁର ଦୁଇ ଏକଦିନ ଉତ୍ତାରୁ ତାହାର ଚାକର କି ଅନ୍ୟ କେହି ଲେଖି ପଠାଇଲା କି ତଦ୍ଧ-ନିକର ମୃତ୍ୟୁ ହୋଇଅଛି । ମୃତ୍ୟୁ ହେବାର ପ୍ରାୟ ଦ ୧୫ ଦିନ ଗତ ହୋଇଅଛି । ଏହି ବିଷୟ

Digitized by srujanika@gmail.com

ଅନୁସନ୍ଧାନ ନିମିତ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଯାଇଅଛନ୍ତି । ସାହେବ ଫେରି ଆସିଲରୁ ମୋକଦମାର ପ୍ରକୃତ ଅବସ୍ଥା ଜଣା ପଡ଼ିବ ।

ଏହସ୍ତରୁ ଶୁଣିଲୁଁ ଯେ ଏ ନଗରର ପ୍ରଧାନ ବଣିକ ହାଜି ଅବଦୁଲରହମାନ ମୂସା ଏହି ରାଜାଙ୍କୁ ୧୯ ହଜାର ଟଙ୍କା ଧାର ଦେଇଥିବାରୁ ତାହା ଉସୁଲ ନିମିତ୍ତ ଜଣେ ପିଅଦା ପଠାଇଥିଲେ ସେ ପିଅଦା ନଷ୍ଟ ସେଠାରେ ମରିଯାଇ ଅଛି ଏବଂ ହାଜି ସାହେବ ସେ କଥା ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଜଣାଇ ଅଛନ୍ତି ।

---

ବଙ୍ଗଳାର ଆୟ ବ୍ୟୟ ବିଷୟର ଗୋଟିଏ ନିର୍ଦ୍ଧାରଣପତ୍ର କଲିକତା ଗଜେଟ ସଙ୍ଗେ ବାହାରିଅଛି । ତହିଁରୁ ଦେଖାଯାଏ ଯେ ସର ଆସ୍ଲି ଇଡେନ ସାହେବ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ସମୟରେ ବଙ୍ଗଳର ରାଜସ୍ୱ ଟ ୬୭୯୧୧୦୦୦ ଙ୍କା ଠାରୁ ଟ ୭୬୮୬୮୦୦୦ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି ଏବଂ ସମସ୍ତ ପ୍ରକାରର ଖର୍ଚ୍ଚ ଟ ୩,୦୮,୬୦୦୦୦ ଙ୍କାଠାରୁ ଟ ୪୪୦୯୫୦୦୦ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ରାଜସ୍ୱ ବୃଦ୍ଧି ହେବା ଏବଂ ତହିଁର ବ୍ୟୟଭାର ତାହାଙ୍କ ଉପରେ ଦିଆଯିବାରୁ ବର୍ତ୍ତମାନ ଲେଫ୍ଟନାଣ୍ଟଗବର୍ଣ୍ଣର ଏହି ପଦ ପାଇଲା ଦିନୁ ଅନେକ ପ୍ରକାର ଉନ୍ନତିସାଧନ କରି ଅଛନ୍ତି । ହାକିମଙ୍କ ସଂଖ୍ୟା ବୃଦ୍ଧି ହୋଇଅଛି । ଶିକ୍ଷା ନିମିତ୍ତ ଅଧିକ ଦାନ ଦିଆ ଯାଇଅଛି । ବିଦ୍ୟାଳୟ, ଚିକିତ୍ସାଳୟ, କଚେରୀ ଓ ଜେଲଖାନାମାନ ପକ୍କା ପ୍ରସ୍ତୁତ ହୋଇଅଛି ରେଲବାଟ ଓ ଧୂଆଁକଳ ଜାହାଜଦ୍ୱାରା ଗମନାଗମନର ସୁବିଧା ନିମିତ୍ତ ପ୍ରାୟ ପଚିଶଲକ୍ଷ ଟଙ୍କା ମଫସଲବାଟରେ ଦୁଇ ଲକ୍ଷ ଟଙ୍କା ଓଡ଼ିଶାର ନଅରରେ ୧୧ ଲକ୍ଷ ଟଙ୍କା, ଏବଂ ନୌକାପଥ ପରିଷ୍କାର ଏବଂ ଲୋକଙ୍କୁ ଉତ୍ତମଜଳ ଯୋଗାଇବାରେ ୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଅଛି । ବାସ୍ତବରେ ଇଡେନ ସାହେବଙ୍କ ରାଜତ୍ୱ ଏ ଅଂଶରେ ବିଶେଷ ପ୍ରଶଂସାର ବିଷୟ ହୋଇଅଛି । ଲୋକଙ୍କର ପାର୍ଥିବ ଏବଂ ମାନସିକ ଉନ୍ନତିର ଏତେ ଅଧିକ ଉପାୟ ଅନ୍ୟ କୌଣସି ଲେଫ୍ଟନାଣ୍ଟଗବର୍ଣ୍ଣରଙ୍କ ସମୟରେ ହୋଇ ନ ଥିଲା ।

---

ପାଠକମାନଙ୍କର ସ୍ମରଣ ଥିବ ଯେ ବାବୁ ନପିକାନ୍ତ ଚଟ୍ଟୋପାଧ୍ୟା ରୁଷିୟାର ରାଜଧାନୀ ସେଣ୍ଟପିଟର୍ସବର୍ଗରେ ବଙ୍ଗଳା ଏବଂ ହିନ୍ଦୀ ଭାଷାର ଅଧ୍ୟାପକ କାର୍ଯ୍ୟରେ ନିଯୁକ୍ତ ଥିଲେ ସେ ମନେ କରିଥିଲେ ଯେ ରୁଷିୟାର ରାଜନୀତି ଏବଂ ରାଜାନୁଶାସନ ଉତ୍ତମ ଅଟଇ କିନ୍ତୁ ସେଠାକୁ ଯାଇ ତହିଁର ବିପରୀତ ଦେଖିଲେ ଏବଂ ରୁଷୀୟମାନେ ତାହାଙ୍କୁ ଇଂରାଜଙ୍କର ଚର ମନେ କରି ଅବିଶ୍ୱାସ କରିବାକୁ ଆରମ୍ଭ କଲେ । ପରିଶେଷରେ ତାହାଙ୍କର ଏପରି କଷ୍ଟ ହେଲା ଯେ ସେ ସୁଯୋଗକ୍ରମେ ଖଣ୍ଡେ ଜାହାଜ ପାଲ ଜର୍ମନୀକୁ ପଳାଇ ଆସି ନାନା ଉଦ୍‌ବେଗ ଶଙ୍କାରୁ ତ୍ରାଣ ପାଇଲେ । ସେ ଖଣ୍ଡିଏ ପତ୍ରଦ୍ୱାରା ପଞ୍ଜାବର ଏକ ସମ୍ବାଦପତ୍ରରେ ରୁଷିୟାର ଶାସନ ପ୍ରଣାଳୀର ପରିଚୟ ଏହି ପ୍ରକାର ଦେଇଅଛନ୍ତି କି "ଯଦ୍ୟପି କେହି ଏ ଦେଶୀୟ ବ୍ୟକ୍ତି ରୁଷିୟା ଯାଇ ଦେଖିବେ ଯେ ସେଠା ଗବର୍ଣ୍ଣମେଣ୍ଟ ପ୍ରଜାଙ୍କ ସହିତ କି ପ୍ରକାର ବ୍ୟବହାର କରନ୍ତି, କର୍ଣ୍ଣାଥ ସମୟରେ କପଟ ଲୋକଙ୍କ କଏଦ କରନ୍ତି, ତ ପର ତାହାଙ୍କୁ ନିର୍ବାସିତ କରନ୍ତି, ତ ପର ସେମାନେ ଅତ୍ୟନ୍ତ ଏବଂ ଅଜ୍ଞାତ ସ୍ଥାନକୁ ଯାଇ ବରଫଦ୍ୱୀପର ବରଫାବୃତ୍ତ ଖଣି ଦିଆ ଆଗ୍ନେୟଗିରିମୟ ଉପଦ୍ୱୀପରେ କର୍ମ କରିବାକୁ ବାଧ୍ୟ ହୁଅନ୍ତି ଏବଂ ଅବଶେଷରେ ନାମ ମାତ୍ର ବିଚାର କରାଇ ସେମାନଙ୍କର ପ୍ରାଣ ଦଣ୍ଡ ହୁଅଇ ତାହା ହେଲେ ସେ ଜାଣି ପାରିବେ ଯେ ରୁଷିୟାର ଶାସନପ୍ରଣାଳୀ କି ପ୍ରକାର ଅଟଇ ଏବଂ ତେତେବେଳେ ସେ ଈଶ୍ୱରଙ୍କଠାରେ ଧନ୍ୟବାଦ ଦେବେ ଯେ ତାହାଙ୍କର ସୌଭାଗ୍ୟବଶତଃରୁ ସେ ବ୍ରିଟିଶ ଗବର୍ଣ୍ଣମେଣ୍ଟର ଅଧୀନରେ ରହିଅଛନ୍ତି ।"

---

ମାନ୍ଦ୍ରାଜପ୍ରଦେଶରେ ରାଜସ୍ୱ ଉସୁଲ ସମ୍ପର୍କରେ ହିନ୍ଦୁ ନାମକ ସମ୍ବାଦପତ୍ର ଖଣ୍ଡିଏ ତାଲିକା ପ୍ରସ୍ତୁତ କରି ସନ ୧୮୬୪ ସାଲଠାରୁ ସନ ୧୮୮୮ ସାଲ ପର୍ଯ୍ୟନ୍ତ ପ୍ରତିବର୍ଷ ଯେତେ ତଲବ ସମ୍ପତ୍ତି ରାଜସ୍ୱ ଅଦାୟ ନିମିତ୍ତ ନିଲାମ ହୋଇଅଛି ତହିଁର ମୂଲ୍ୟ ଦେଖାଇଅଛନ୍ତି । ତାଲିକାଟି ବିସ୍ମୟଜନକ ଅଟଇ । ସନ ୧୮୬୪ ସାଲରେ କେବଳ ଟ ୭୦୭୧ ଙ୍କା ସନ ୧୮୬୫ ସାଲରେ ଟ ୧୪୭୭୬ ଏବଂ ସନ ୧୮୬୬ ସାଲରେ ଟ ୨୫୭୯୧ ଙ୍କାର ସମ୍ପତ୍ତି ନିଲାମ ହୋଇଥିଲା । ସନ ୧୮୭୫ ସାଲ ପର୍ଯ୍ୟନ୍ତ ଏହିପରି ଉଣା ଅଧିକ ଚାଲୁଥିଲା । ସନ ୧୮୭୭ ସାଲରେ ଲକ୍ଷେ ଟଙ୍କା ପୂର୍ଣ୍ଣ ହେଲା ଏବଂ ସନ ୧୮୮୦ ସାଲଠାରୁ ସନ ୧୮୮୫ ସାଲ ପର୍ଯ୍ୟନ୍ତ ବର୍ଷକୁ ତିନିଗୁଣ ଲକ୍ଷ ଟଙ୍କା ଲେଖାଏଁ ହେଲା । ସନ ୧୮୮୮ ସାଲରେ ଟ ୬,୭୫,୦୯୧ ଙ୍କାର ତଲବ ସମ୍ପତ୍ତି ବିକ୍ରୟ ହୋଇଥିଲା । ସେଠାର ରେଭିନ୍ୟୁ ବୋର୍ଡ ଏପରି ଭୟଙ୍କର ବୃଦ୍ଧିର କାରଣ ଅନୁସନ୍ଧାନ ନିମିତ୍ତ ତଥା କଲେକ୍ଟରମାନଙ୍କୁ ଆଜ୍ଞା ଦେଇଅଛନ୍ତି ଏବଂ ତହିଁ ସଙ୍ଗେ ଆଦେଶ ଦେଇଅଛନ୍ତି କି ଯେଉଁସବୁ ଜିଲ୍ଲାରେ ଅଧିକ ନିଲାମ ହୋଇଅଛି ସେଠାର ଜଣେ ଜଣେ ଉପଯୁକ୍ତ ତହସିଲଦାରଙ୍କ ମତ ସହିତ କଲେକ୍ଟରମାନେ ଆପଣା ଆପଣା ମନ୍ତବ୍ୟ ଲେଖି ପଠାଇବେ । ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଏଥିର କାରଣ ସ୍ୱରୂପ ଦୁଇ ଏକ କଥା କଳ୍ପନା କରିଅଛନ୍ତି ଯଥା — ଫସଲର ମୂଲ୍ୟ ଅଧିକ ହେବାରୁ ସଙ୍ଗତିହୀନ ଲୋକମାନେ ଲୋଭରେ ପଡ଼ି ଧାରଧର ହୋଇ ଜମି ନେଇଅଛନ୍ତି ମାତ୍ର ଖଜଣା ଦେଇପାରୁ ନାହାନ୍ତି ପୂର୍ବପର ବର୍ତ୍ତମାନ ଶତ ଦିଆଯାଉ ନାହିଁ ଏବଂ ପରିସ୍ତକମିର ଖର୍ଚ୍ଚା ବୃଦ୍ଧି ହୋଇଅଛି ଇତ୍ୟାଦ । ଅମ୍ଭମାନଙ୍କର ସନ୍ଦେହ ହୁଅଇ ଯେ ଗବର୍ଣ୍ଣମେଣ୍ଟଙ୍କର ରାଜସ୍ୱ ବନ୍ଦୋବସ୍ତ କଠିନ ହୋଇଥିବା ଏଥିର ମୂଳକାରଣ ଅଟଇ ମାତ୍ର ଗବର୍ଣ୍ଣମେଣ୍ଟ ଆପଣା ଦୋଷ ଦେଖିବାକୁ ଅକ୍ଷମ । ଏହା ଶାସନପ୍ରଣାଳୀର ପ୍ରଧାନ ଦୁର୍ଗୁଣ ଅଟଇ ।

---

ୟାଉବ ଖାନଙ୍କ ଜୟ ।

ତାରଡାକ ଯୋଗେ ସମ୍ବାଦ ଆସିଅଛି କି ଗତ ମାସ ତା ୨୭ ଋଖରେ କନ୍ଦହାର ନିକଟ ସ୍ଥାନରେ କାବୁଲର ଅମୀର ଏବଂ ୟାଉବ ଖାନଙ୍କ ମଧ୍ୟରେ ଘୋର ଯୁଦ୍ଧ ହୋଇଥିଲା । ୟାଉବ ଖାନ ପ୍ରଥମରେ କାନ୍ଦାହାରକୁ ଶ୍ରେଷ୍ଠଭାବେ ନେଇ ଯିବାରୁ ଅମୀରଙ୍କ ଜେନେରଲମାନେ ବାଟ ଓଗାଳିବାକୁ ଚେଷ୍ଟା କଲେ । ଅତି ପ୍ରାତଃକାଳରେ ଯୁଦ୍ଧ ଆରମ୍ଭ ହୋଇ ସ ୧୧ ଘ' ବେଳ ପର୍ଯ୍ୟନ୍ତ ଲାଗିଥିଲା ସେହି କାଳରେ ଖାଲାବାଟ ପଲଟନ ଏବଂ କନ୍ଦାହାର ପ୍ରଜାମାନେ ୟାଉବଙ୍କ ପକ୍ଷକୁ ବାହାର ଯିବାରୁ ଅମୀରଙ୍କର ଅବଶିଷ୍ଟ ସୈନ୍ୟ ଇତସ୍ତତଃ ଛିନ୍ନଭିନ୍ନ ହୋଇ ଗଲେ । ଅଠର ଗୋଟା ତୋପ ନଗଦ ପାଞ୍ଚଲକ୍ଷ ଟଙ୍କା ଏବଂ ଛାଉଣିର ସମସ୍ତ ବୋଝବସ୍ତା ୟାଉବଙ୍କର ହସ୍ତଗତ ହେଲା । ଖାଲାବାଦ ପଲଟନର ଲୋକମାନେ କାବୁଲୀ ଅଟନ୍ତି ସେମାନେ ଉତ୍ତର-

Split by PDF Splitter

Digitized by srujanika@gmail.com

ସ୍ଥାନରେ ଥିଲେ ଏବଂ ଗତ ବର୍ଷ ଅମୀରଙ୍କ ସଙ୍ଗରେ କାବୁଲକୁ ଆସିଥିଲେ । ସେମାନେ ତାହାଁ ବ ବଗିଡଲେ କଛି ଜଣା ଯାଉ ନାହିଁ । କର୍ଣ୍ଣେଲ ସେଣ୍ଟଜାନ ଇଂରାଜଙ୍କ ପକ୍ଷରୁ ସବୁ ବିଷୟରେ ଦୃଷ୍ଟି ରଖିବା କାରଣ ତେମନକୁ ଯାଇଅଛନ୍ତି ।

ଏ ସଂବାଦ ସେନ ବଲାତରେ ଭାରି ଆନ୍ଦୋଳନ ଲଗିଅଛି । ରକ୍ଷଣଶୀଳ ସମ୍ପ୍ରଦାୟ ଗବର୍ଣ୍ଣମେଣ୍ଟଙ୍କର ଅଫଗାନସ୍ଥାନ ସମ୍ପର୍କୀୟ ରାଜନୀତିକୁ ଯଥୋଚିତ ନିନ୍ଦା କରୁଅଛନ୍ତି ଏବଂ ଲିବରଲ ସମ୍ପ୍ରଦାୟ ଓ ଭାରତର ପ୍ରଧାନ ସଂବାଦପତ୍ରମାନଙ୍କର ମତ ଏହି ଯେ ଯାଉବ ଖାନଙ୍କର ରାଜ୍ୟକାଳରେ ଇଂଲଣ୍ଡ ଅଥବା ଭାରତବର୍ଷର କିଛି ଶଙ୍କା ନାହିଁ । ଯାଉବ ଖାନ ଯେତେବେଳେ କାବୁଲର ଅମୀର ହେଉନ୍ତୁ ତହିଁରେ କ୍ଷତି ନାହିଁ କାରଣ ଯେପର୍ଯ୍ୟନ୍ତ ସୀମାପ୍ରଦେଶର କୌଣସି ଗାରଦ ପ୍ରତି ଆକ୍ରମଣ ହୋଇ ନାହିଁ ସେ ପର୍ଯ୍ୟନ୍ତ ଇଂରାଜମାନେ କେବଳ ଭୁନ ହୋଇ ସମସ୍ତ ଦେଖୁଥିବେ । ଯେବେ ଏପର ହେଲା ତେବେ ଅମୀର ଅବଦୁର ରହମାନଙ୍କୁ ଏତେ ସାହାଯ୍ୟ ଦେବାର କି ପ୍ରୟୋଜନ ଥିଲା ? ଅବଦୁର ରହମାନ ଖାନ ଅମୀର ହେବା ସମୟଠାରୁ ୭୯ ଲକ୍ଷ ଟଙ୍କା ନଗଦ ଓ ଯେତେ ଅସ୍ତ୍ର ଶସ୍ତ୍ର ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କଠାରୁ ନେଇଅଛନ୍ତି ସେ ସମସ୍ତ କେଉଁ କାର୍ଯ୍ୟରେ ଆସିଲା କେବଳ ଆମ୍ଭେମାନେ ଥଞ୍ଜ ହେଲୁ ଯାହା ହଉ ବଳ ହେଉଁ ଏଥିକ ପାରା ଏଥି ମଧ୍ୟରେ ଅମୀର ଆଉ ଜଣେ ଦୂତ ଭାରତ [illegible] ପ୍ରେରଣ କରଅଛନ୍ତି [illegible] ଲେ [illegible] ପହଞ୍ଚିଥିଲେ । [illegible] ଆଉ କିଛି ସାହାଯ୍ୟ ପ୍ରାର୍ଥନା କରଅଛନ୍ତି ଏବଂ [illegible] ଦେବେ କାହିଁକି ? ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ତାହାଙ୍କ ପକ୍ଷରେ କାଣ୍ଡାରୀ ହୋଇ ଅଛନ୍ତି ।

ଯାଉବ ଖାନ ବଡ଼ [illegible] ଯାତ୍ରା କରିଥିଲେ । ଏତେବେଳେ ସେ ଜାଣି ପାରିଲେ ଯେ କାବୁଲମାନେ ତାହାଙ୍କ ସପକ୍ଷରେ ଅଛନ୍ତି । ପୁଣି ପାଞ୍ଚଲକ୍ଷ ଟଙ୍କା ଓ ଅଠର ତୋପ ତାହାଙ୍କ ହାତରେ ପଡ଼ିବାରୁ ଇଂରାଜଙ୍କର ବଳ ଅନ୍ତର ସ୍ପଷ୍ଟ ହେଲା । ଏ ଉତ୍ତାରୁ ସେ କାନ୍ଦାହାର ଜୟ କର କାବୁଲକୁ ଆକ୍ରମଣ କରିବା ବଡ଼ତ ନୂତନ ।

---

### ଓଡ଼ିଶା ଗଡ଼ଜାତର ହାତିଙ୍କ ଉପରେ ଗବର୍ଣ୍ଣମେଣ୍ଟଙ୍କ ସ୍ୱତ୍ୱ ।

ଗତ ବର୍ଷ ପାଲଲହଡ଼ାର ରାଜା ୨୨ । ୨୩ ଗୋଟି ହାତୀ ଆପଣା ଜଙ୍ଗଲରୁ ଧରିଥିଲେ । ଗଡ଼ଜାତର ଅସିଷ୍ଟାଣ୍ଟ ସୁପରଣ୍ଟେଣ୍ଡେଣ୍ଟ ସେଠାକୁ ଗସ୍ତ କରିବାକୁ ଯାଇ ଉକ୍ତ ବିଷୟ ଅବଗତ ହେଲେ ଏବଂ ତାହା ନିୟମବିରୁଦ୍ଧ ଥିବାରୁ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଜଣାଇଲେ । ଯେଉଁ ନିୟମାବଳୀ ଅନୁସାରେ ରାଜାଙ୍କୁ ହାତୀ ଧରିବାର ନିଷେଧ ଅଛି ତହିଁର ଗୋଟିଏ ବିଧି ଏହି କି ବିନା ଅନୁମତିରେ ଯେ କେହି ହାତୀ ଧରିବ ତାହାକୁ ପ୍ରତ୍ୟେକ ହାତୀ ସକାଶେ ଏକ ହଜାର ଟଙ୍କା ଜରିମାନା ଦେବାକୁ ହେବ ଏବଂ ହାତୀମାନ ମଧ୍ୟ ଜବଦ ହେବ । ଏହି ନିୟମାନୁସାରେ କାର୍ଯ୍ୟ କଲେ ରାଜାଙ୍କର ସର୍ବନାଶ ହୁଅନ୍ତା ଏଥି ଯୋଗୁଁ ସୁପରିଣ୍ଟେଣ୍ଡେଣ୍ଟ ସାହେବ ରାଜାଙ୍କ ଅବସ୍ଥା ଏବଂ ଗଡ଼ଜାତରେ ଏ ନିୟମ ପ୍ରଥମଥର ଘଟିଥିବା ଦୃଷ୍ଟିରେ ତାହାଙ୍କ ଉପରେ ଗବର୍ଣ୍ଣମେଣ୍ଟଙ୍କ ଅନୁମତି ଅନୁସାରେ ୧୫ କି ୧୬ ଶତ ଟଙ୍କା ଜରିମାନା କରିଅଛନ୍ତି । ଓଡ଼ିଶା ଗଡ଼ଜାତର ହାତୀଙ୍କ ଉପରେ ଗବର୍ଣ୍ଣମେଣ୍ଟଙ୍କର କିପରି ଅଧିକାର ଜନ୍ମିଲା ଆମ୍ଭେମାନେ ସ୍ଥିର କରି ନ ପାରିବାରୁ ଏ କଥାକୁ ନ୍ୟାୟସଙ୍ଗତ ବୋଲି ପାରୁ ନାହୁଁ ଏବଂ ଏହାର ଉପଯୁକ୍ତ ଯେ ମୟୂରଭଞ୍ଜ ପତ୍ରିକା ସମ୍ପ୍ରତି ତାହି ଏ ପ୍ରସ୍ତାବର ଅବତାରଣା କରିଅଛନ୍ତି । ଉକ୍ତ ପତ୍ରିକାରେ ଯେ ସମସ୍ତ କଥା ଲେଖା ଅଛି ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ତହିଁର ଅନୁମୋଦନ କରୁ । [illegible] ସେହି ହାତୀ ଉପରେ ରାଜାଙ୍କର ସ୍ୱତ୍ୱ ନ ରହିଲେ କାହିଁ [illegible] ଉପରେ ଏବଂ ଅନ୍ୟ ଦଶ ଲୋକ ଉପରେ ଏହିପରି ଗବର୍ଣ୍ଣମେଣ୍ଟ ସ୍ୱତ୍ୱ ସ୍ଥାପନ କରି ଥାଆନ୍ତି ଏବଂ ହାତୀ ସୁନ୍ଦର ଜୀବ ବୋଲି ଯାହା [illegible] ଲେଖିଅଛନ୍ତି ସେଥି [illegible] ରେ କର୍ତ୍ତୃପକ୍ଷ ଯୁକ୍ତି [illegible] ସକାଶେ କାଳ [illegible] ଅଟଇ ଏବଂ ଲମ୍ବା ଓ ହାତ ରେଲର ପ୍ରଧାନ ଉପକରଣ ଅଟଇ । ବାସ୍ତବରେ ଆମ୍ଭେମାନେ ଏପରି କଦାଚ ଅନୁମାନ କରି ନ ପାରୁଁ ଯେ ଗବର୍ଣ୍ଣମେଣ୍ଟ ଆପଣା ପ୍ରୟୋଜନ ସକାଶେ ଅନ୍ୟର ସ୍ୱତ୍ୱପ୍ରତି ହସ୍ତକ୍ଷେପଣ କରିବେ । ସନ ୧୮୭୯ ସାଲର ଛଅ ଆଇନ ଯେସମସ୍ତ ପ୍ରଦେଶ ନିମିତ୍ତ ଜାରି ହୋଇଅଛି ସେଠାରେ ଗବର୍ଣ୍ଣମେଣ୍ଟଙ୍କର ଖାସ ଜଙ୍ଗଲମାନ ଅଛି ସୁତରାଂ ତହିଁରେ କାହାର ଆପତ୍ତି ନାହିଁ । ମଧ୍ୟପ୍ରଦେଶରେ ଏହି ଆଇନ ପ୍ରଚଳିତ ଅଛି ଅଥଚ ସେ ଅଞ୍ଚଳର ଗଡ଼ଜାତ ରାଜାମାନେ କି ଯାହାଙ୍କୁ ଫିଉଡେଟରି ଚିଫ ବୋଲାଯାଏ ଆପଣା୨ ଏଲାକାରେ ଅବାଧରୂପେ ହାତୀ ଧରୁଅଛନ୍ତି । ଏ ସ୍ଥଳେ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟ ଅନ୍ୟାୟରୂପେ କାହାରିକୁ ଆପଣା ସ୍ୱତ୍ୱରୁ ବଞ୍ଚିତ କରିବାକୁ ଇଚ୍ଛା ନ ରଖନ୍ତି । ତେବେ ଓଡ଼ିଶା ରାଜାଙ୍କ ପକ୍ଷରେ ଭିନ୍ନ ବ୍ୟବହାର କିପରି ହେଲା କିଛି ବୋଲାଯାଇ ନ ପାରେ । ଏମନ୍ତ ହୋଇ ପାରେ ଯେ କୌଣସି ନ୍ୟାୟରେ ଗବର୍ଣ୍ଣମେଣ୍ଟ ଓଡ଼ିଶାର ଜଙ୍ଗଲମାନଙ୍କରେ ଏପରି ଅଧିକାର ରଖୁଥିବାର ସିଦ୍ଧାନ୍ତ କରିଅଛନ୍ତି କିନ୍ତୁ ଯେ ସ୍ଥଳେ ପ୍ରବାଦ ଅଛି କି 'ହାତୀ ଜଙ୍ଗଲରେ ବଢ଼ିଲେ ରାଜାର' ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଧିକାରପ୍ରତି ପ୍ରଜାଙ୍କର ସନ୍ଦେହ ହେଉଅଛି ସେ ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କର ଉଚିତ ଯେ ରାଜାମାନଙ୍କୁ ଏଥିର କାରଣ ବୁଝାଇ ଦେଉନ୍ତୁ ଏବଂ ରାଜାମାନଙ୍କର ମଧ୍ୟ ଉଚିତ ଯେ ଗବର୍ଣ୍ଣମେଣ୍ଟରେ ଏଥିର ପ୍ରତିବାଦ କରନ୍ତୁ ।

---

## ସାପ୍ତାହିକସଂବାଦ ।

[illegible]

[illegible] ଯାଇଥିବ ।

ମଧ୍ୟପ୍ରଦେଶର କେତେ ସ୍ଥାନରେ ଯଥା; ସମ୍ବଲପୁର ମଣ୍ଡଲା ନରସିଂହପୁର ଏବଂ ନାଗପୁରରେ ଓଲାଉଠା ରୋଗର ବୃଦ୍ଧି ଦେଖାଯାଏ । ସମ୍ବଲପୁରରେ ଏ ରୋଗ ସାମାନ୍ୟ ରୂପେ ଲକ୍ଷିତ ହେଉଅଛି । ସିଉନିରେ ୫୨ ଜଣଙ୍କୁ ଏ ରୋଗ ଧରିଥିଲା ତହିଁ ମଧ୍ୟରୁ ୪୨ ଜଣ ମରି ଗଲେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ପାର୍ଲମେଣ୍ଟ ସଭାରେ ଗୋଟିଏ ଅଭାବର ପାଣ୍ଡୁଲିପି ଅଗତ ହୋଇଥିବା ମାତ୍ର ଗବର୍ଣ୍ଣମେଣ୍ଟଙ୍କ ଅପବିତ୍ରକେ ଅଧିକାଂଶ ସଭ୍ୟ ତହିଁର ସପକ୍ଷରେ ମତ ଦେଲେ ନାହିଁ । ପ୍ରାଣଦଣ୍ଡ ବାସ୍ତବରେ ବଡ ନିଷ୍ଠୁର ଏବଂ ଅନ୍ୟାୟ କାର୍ଯ୍ୟ ଅଟଇ । ଭରସା କରୁଅଛୁ ଅଳ୍ପ କାଳରେ ଇଂଲଣ୍ଡରୁ ଏହା ଉଠି ଯିବ ।

ଭାରତବର୍ଷରେ ବର୍ତ୍ତମାନ ଗୁ ଏବଂ କାଫି ଉତ୍ପନ୍ନ କରିବା କାରଣ ୨୭୪ ଗୋଟା କ୍ଷେତ ଅଛି । ଏଥିର ଭୂମି ପରିମାଣ ପ୍ରାୟ ୩୫୦୦୦ ଏକର ମାଣ ଅଟଇ ।

ଜାଞ୍ଜୀବରରେ ଗୋଟିଏ ଅତି ଉତ୍ତମ ନୀଳମଣି ସମ୍ପ୍ରତି ପ୍ରାପ୍ତ ହୋଇଅଛି । ଯେଉଁ ଭାଗ୍ୟବାନ୍ ବ୍ୟକ୍ତି ଏହାକୁ ପାଇଅଛି ସେ ଏହାର ମୂଲ୍ୟ ଏକଲକ୍ଷ ପଚିଶହଜାର ଟଙ୍କା ବୋଲି ଅନୁମାନ କରିଅଛି ।

କାଶୀର ସମ୍ଭ୍ରାନ୍ତ ହିନ୍ଦୁମାନେ ଭାରତବର୍ଷର ସଙ୍ଗତିରେ ଗୋବଧ ନିବାରଣ ପକ୍ଷରେ ଅତ୍ୟନ୍ତ ସଚେଷ୍ଟ ହୋଇଅଛନ୍ତି । ସେମାନଙ୍କର ଏ ବିଷୟରେ ଅନେକ ସଭା ହୋଇଥିଲା ଏବଂ ତହିଁରେ ସିଦ୍ଧାନ୍ତ ହୋଇଅଛି କି ଏ ବିଷୟରେ ସେମାନେ ପ୍ରଥମେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଏବଂ ପରେ ପାର୍ଲମେଣ୍ଟ ସଭାରେ ଆବେଦନ କରିବେ ।

ରେଭିନ୍ୟୁସରେ ପାଠ କଲୁଁ କି କଲିକତା ବେଙ୍ଗାଲ ଓ ବିହାରର ଏକାଉଂ ଇଞ୍ଜିନିୟର ଥମାସନ ସାହେବ ଲାଇବ୍ରେରୀରେ ଡିଷ୍ଟ୍ରିକ୍ଟ କୋଷ୍ଟବେନାଲ ଓର୍ଦ୍ଧକନର ଇଞ୍ଜିନିୟର ନିଯୁକ୍ତ ହୋଇଅଛନ୍ତି ମାତ୍ର ଆଗାମୀ ଅକ୍ଟୋବର ମାସ ପୂର୍ବରୁ ଏ କାର୍ଯ୍ୟଭାର ଗ୍ରହଣ କରି ପାରିବେ ନାହିଁ ।

ମହୀଶୂରର ଲୋକଙ୍କ ଉପରେ ବାର୍ଷିକ ଟ ୫୦୦୲ ଏବଂ ତତୋଧିକ ଆୟବାନ୍ ବ୍ୟକ୍ତିଙ୍କ ଉପରେ ଶତକଡ଼ା ଟ ୨୲ ଟଙ୍କା [illegible] ଟାକ୍ସ ବସାଇବାର ପ୍ରସ୍ତାବ ସେଠା [illegible]

[illegible]

ଗୁରୁବଳ ବିଶିଷ୍ଟ ଟଙ୍କା ବିଲଗ୍ରାହ କରୁଅଛନ୍ତି ଏବଂ ସେ ସମସ୍ତ ପରୀକ୍ଷା କରିବା ଟାଙ୍କଶାଳକୁ ପ୍ରେରିତ ହୋଇଅଛି ।

କଲିକତା ହାଇକୋର୍ଟରେ ଆଉ ଜଣେ ଦେଶୀୟ ବାରିଷ୍ଟର ରେଜିଷ୍ଟର ନିଯୁକ୍ତ ହୋଇଅଛନ୍ତି । ଏହାଙ୍କ ନାମ ସୈୟଦ ମହମ୍ମଦ ହୁସେନ ଅଟଇ । ଏ ମହାଶୟ ଗତବର୍ଷ ଇଂଲଣ୍ଡରେ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିଲେ ।

ଶୁଭସ୍ଥଳ କମିଶନରଙ୍କ ମଧ୍ୟରେ ବର୍ଦ୍ଧନାଦକାହ ପ୍ରଚଳନ ହେଉଅଛି । ଗତମାସ ତା ୨୩ ରିଖରେ ଗୋଟିଏ କଥିକା-ବକାହ ସଭାଦିଗରେ ଏମାନଙ୍କ ମଧ୍ୟରେ ଘଟଣା ହେଲା ଏବଂ ପ୍ରାୟ ନ ୧୦୦ ଶ ଲୋକ ତାହାର ଉତ୍ସବ ଏଥିରେ

ଯୋଗ ଦେଇଥିଲେ । ବଧବା ବିବାହ ସମ୍ବନ୍ଧରେ ଯେତେ ଶୀଘ୍ର ପ୍ରଚଳିତ ହୁଅଇ ସେତେ ଉତ୍ତମ ।

ନେପାଳର ନୂତନ ରାଜା ଆଗାମୀ ନବେମ୍ବର ମାସର ଆରମ୍ଭରେ ସିଂହାସନାରୋହଣ କରିବେ । ସେ ସମୟରେ ନେପାଳର ରାଜଧାନୀ କାଟମୁଣ୍ଡଠାରେ ଘୋର ସମାରୋହ ଏବଂ ଉତ୍ସବ ହେବ । ରାଜା ଏବଂ ଚୀନର ପ୍ରତିନିଧିମାନେ ଆସିବେ ଏବଂ ନେପାଳଦେଶୀୟ ୧୫୦୦୦ ସୈନ୍ୟ ସମବେତ ହେବେ । ଅନ୍ୟାନ୍ୟ ବ୍ୟୟ ମଧ୍ୟରେ କେବଳ ବ୍ରାହ୍ମଣ ଭୋଜନରେ କେତେଲକ୍ଷ ଟଙ୍କା ବ୍ୟୟ ହେବ । ତୁଳାଦାନ ହାତୀ ଘୋଡାର ତମାସା କରିବା ସ୍ଥିର ହେଉଅଛନ୍ତି ।

ଆମେରିକା ମହାପ୍ରଦର୍ଶନୀରେ ଗୋଟିଏ ରୋମହର୍ଷଣ କାଣ୍ଡ ହୋଇ ଯାଇଅଛି । ହଠାତ୍ ରେଜର୍ଭ ଭାଙ୍ଗିବାର ଫଳରେ (ଲୌହ ଓ ଚାଳ ନିର୍ମିତ ଆଲମାରି) ଭାଙ୍ଗି ସମସ୍ତ କାଗଜପତ୍ର ସହିତ କେତେକ ଜଣ ମନୁଷ୍ୟଙ୍କ ଉପରେ ପଡ଼ିଗଲା । ସର୍ବସୁଦ୍ଧା ୧୬ ଜଣ ଲୋକ ଥିଲେ । ୨ ଜଣ ମୋହରର ଓ ୧୦ ଜଣ କଏଦୀ । ଜଣେ କଏଦୀର ମୃତ୍ୟୁ ହୋଇଗଲା । ବାକି ଜଣେ ମୋହରର ଓ କଏଦୀମାନେ ଆଘାତ ପ୍ରାପ୍ତ ହୋଇ ଅଛନ୍ତି । କଏଦୀମାନେ ଉପର ଉପରେ ରେଜର୍ଭ ଖୋଲୁଥିଲେ ହଠାତ୍ ଏହି କାଣ୍ଡ ହେଲା । ମୋହରର ମୁଣ୍ଡର ଠାଏ ଫାଟି ଯାଇଅଛି । କଏଦୀମାନଙ୍କ ମଧ୍ୟରୁ ଜଣକର ୨ ହାତ ଗୋଡ ଓ ଛାତିରେ ଅତ୍ୟନ୍ତ ଗୁରୁତର ଆଘାତ ଲାଗିଅଛି । ଘଟଣାର ଅବ୍ୟବହିତ ପରେ ଏମାନଙ୍କ କାହାର କଥାଗନ୍ଧ କେହି ଜଣେ ମିଳିଲା ନାହିଁ । ବାହାରର ଲୋକମାନେ କେତେକ କାଳ ତାହାର ଶବ୍ଦ ଶୁଣି ପାଇଥିଲେ କିନ୍ତୁ ତାହା ଉପରେ ଏତେ କାଗଜ ପଡ଼ିଥିଲା ଯେ, ଘଟଣାର ସଂଜ୍ଞା କାହିଁ ତାହାକୁ କାଢ଼ିବା କାଗଜ ଟେକିଟେକି ତାହାର ପ୍ରାଣ ବାହାରି ଯାଇଥିଲା । କେତୋଟି କଏଦୀ ଭୟଙ୍କର ଆଘାତ ପାଇଅଛନ୍ତି ।

ଏଡ଼ଭୋକେଟ ଜେନେରାଲଙ୍କୁ ଅବଗତ ହେଲୁଁ ଯେ ଗତ ଶନିବା- [illegible]

[illegible]

ବାଳକମାନେ ତାହାର ମକଦମା ଉଠାଇବାକୁ ଇଚ୍ଛା ଦେଲେ ସୁନ୍ଦରସାହେବ ତ୍ରି ସ ଶବ୍ଦର ବଡ଼ଲୋକରେ ଅତ୍ୟନ୍ତ ରାଗର ସହିତ ମୋକଦମା ଚଳାଇଲେ ଏପକ୍ଷରେ ମଧ୍ୟ ମକଦମା ଅଗ୍ରୋଜନରେ ତ୍ରୁଟି ହୋଇ ନାହିଁ । ଦୁଃଖରେ ଏଥିସମ୍ବନ୍ଧରେ ମହା ଗୋଳମାଳ ଲାଗିଲା । ସାହେବଙ୍କ ବାଳକ ପ୍ରତି ସାବ୍ୟସ୍ତ ଅପରାଧ ପ୍ରମାଣ ହେଲା ନାହିଁ । ଆମ୍ଭେମାନେ ଆହ୍ଲାଦିତ ହୋଇଅଛୁଁ, ଉର୍ଦ୍ଦୋଣି ଓ ଅଳ୍ପବୟସ୍କ ବାଳକ ଖଲାସ ପାଇଅଛି । ଏହି ମକଦମାରେ ଗୋଟିଏ ଗୁରୁତର ପରିଚୟ ମିଳିଅଛି । କର୍ତ୍ତାଙ୍କ ମଧ୍ୟରେ କୌଣସି ବିଷୟରେ

ପ୍ରାୟ ଶିକ୍ଷା ହେବାର ଦେଖା ନ ଯାଏ ସ୍କୁଲର ବାଳକମାନେ ବର୍ତ୍ତମାନ୍ ଏତଦ୍ବିଷୟରେ ତତ୍ପର ହେବାର ଦିଶା କରୁଅଛନ୍ତି । ନିର୍ଜନ ନିଃସହାୟ ବାଳକର ଉଦ୍ଧାର ନିମନ୍ତେ ସେମାନଙ୍କର ଅନୁରାଗ ପ୍ରଶଂସାର ବିଷୟ ହୋଇଅଛି । ବାସ୍ତବିକ ପରକୀୟ ସାହାଯ୍ୟ ପାଇ ନ ଥିଲେ ଅଭିଯୁକ୍ତ ବାଳକ ନିର୍ଦ୍ଦୋଷିତା ପ୍ରମାଣ ହେବାର କଠିନ ହୋଇଥାନ୍ତା ।

ଏକାଲରେ ଲୋକମାନଙ୍କର ପ୍ରତାପ ଅଧିକ ବଢ଼ି ଅଛି ସେଦିନ ସଦରଆଲାର ସାମନାରୁ ପିଆଦା ଲୋକ ସହ ଯେବେ ଯାଉଥିଲେ, ପୁଣି ଗତ ମଙ୍ଗଳବାର ସହରେ ଏଠାର ଡେପୁଟି ମାଜିଷ୍ଟ୍ରେଟ ବାବୁ ଗୌରମୋହନ ସିଂହଙ୍କ ପରେ ପଣି ତାଙ୍କ ବୃଦ୍ଧପିତା ସନାତନ ସିଂହଙ୍କୁ ବାଡ଼ ପଡ଼ା ମୁହଁରେ ଲୁଗା ଦେଇ ଗୋଟିଏ କାଚ୍‌ରେ ଛଡ଼ାଇ ନେଇ ସବୁ ସୁନ୍ଦରଟଙ୍କା, ଉତ୍ତମ ପନର ଜୋଡ଼ା ମନୋହର କେତେଗୁଡ଼ିଏ ସୁନା ରୂପାର ଅଳଙ୍କାର ନେଇ ଗଲେ । ଆମ୍ଭେମାନେ ଅନୁରୋଧ କରୁଅଛୁଁ, ଆମ୍ଭମାନଙ୍କ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଟେମ୍ପଲ ସାହେବ ଲାଗୁଥିବ ପୋଲିସପ୍ରତି ବିଶେଷ ଦୃଷ୍ଟି ରଖନ୍ତୁ ଏବଂ ସଦରଥାନାରେ ଜଣେ ବହୁଦର୍ଶୀ ଏବଂ ଉପଯୁକ୍ତ ସବ୍ ଇନ୍‌ସ୍ପେକ୍ଟରଙ୍କ ନିଯୁକ୍ତ କରନ୍ତୁ ।

ସ, ଜା,

ସୁଲଭସମାଚାରରୁ ଅବଗତ ହେଲୁଁ ଯେ ବଙ୍ଗଦେଶ ମନୁଷ୍ୟମାନେ କେଉଁରେ ସ୍ତ୍ରୀ ବେଶ ମଦ ଖାଉଅଛନ୍ତି । ସମ୍ପ୍ରତି ମେଦିନୀପୁରରେ ଜଣେ ମନୁଷ୍ୟ ଅଧଭୋଜନରେ ଚମ୍ପଇ ପାଇ ତାହାର ସ୍ତ୍ରୀକୁ ବଳାତ୍କାର କରିଅଛି ଇଂଲଣ୍ଡର ମନୁଷ୍ୟମାନଙ୍କର ସ୍ତ୍ରୀ ବନ୍ଧକର ଗୋଟିଏ ଚାଲିବା ବାହାରିଅଛି । ତହିଁରୁ ପ୍ରକାଶ ପାଏ ଯେ, ଗୃହପେନସ୍‌ଠାରୁ ୫୦ ପାଉଣ୍ଡ ମୂଲ୍ୟରେ କେତେକ ବର୍ଷ ମଧ୍ୟରେ ଅନେକ ଗୁଡ଼ିଏ ସ୍ତ୍ରୀ ବିକ୍ରୟ ହୋଇ ଅଛନ୍ତି । ମତର ଅଶ୍ରୁର୍ଯ୍ୟଶଙ୍କ୍ତି ! ଏହା ଦେଖି ଲେ ମଧ୍ୟ ମନୁଷ୍ୟଙ୍କ ମନରେ କି ଟିକିଏ ଦୟା ହେଉ ନାହିଁ ।

କେନ୍ଦ୍ରଟ ହଡି ଲୋକେ ଯହିଁରେ ଆକାଶମାର୍ଗରେ ଉଡ଼ିରୂପେ ଗମନାଗମନ କରି ପାରିବେ, ସେହି ପାଇଁ କଳ [illegible]

[illegible]

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜଗବନ୍ଧୁ ଘୋଷ ଛାତ୍ର | କଟକ | ଟ ୫୲ |
| „ ଶ୍ୟାମସୁନ୍ଦର ଦାସ | „ | ଟ ୭୲ |
| ଶ୍ରୀ ପାତ୍ରୀ ବକଲ ସାହେବ କଟକ | ଅଙ୍ଗୁଳ | ଟ ୩୲ |
| ଶ୍ରୀ ରାଜା କୁଷ୍ଣ କଲିୟଂହମୁଲ | ବାଲେଶ୍ୱର | ଟ ୧୫୲ |
| ଶ୍ରୀ ରାଜା କୁଷ୍ଣ ଉଣସୁଭ | „ | ଟ ୨॥ |
| ବାବୁ ଜଗବନ୍ଧୁ ମହାପାତ୍ର ଚୌଧୁରୀ | „ | ଟ ୨॥ |
| „ ପଞ୍ଚାନନ ମହାନ୍ତି ପିପିଲି | ଅଙ୍ଗୁଳ | ଟ ୩/ |
| „ ଲକ୍ଷ୍ମୀନାଥ ଗୁର୍ଦ୍ଦ ଘୋଷ | ବାଲେଶ୍ୱର | ଟ ୬୲ |

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com